# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 41 • ISSUE-238 • BHUBANESWAR • THURSDAY • 22 FEBRUARY 2024 • PAGE-20 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୩୮ • ଭୁବନେଶ୍ୱର • ଗୁରୁବାର • ୨୨ ଫେବୃଆରୀ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦




ପ୍ରତ୍ୟାଶାଙ୍କୁ ୫ମ ପଦକ

▸କ୍ରୀଡ଼ା ପୃଷ୍ଠାରେ...




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-238 ♦BHUBANESWAR ♦THURSDAY ♦22 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୮ ♦ଭୁବନେଶ୍ବର ♦ଗୁରୁବାର ♦୨୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ପରଲୋକରେ ସମ୍ବିଧାନ ବିଶେଷଜ୍ଞ ନରିମାନ



**ମୁମ୍ବାଇ,୨୧।୨(ଏଜେନ୍ସି):** ଖ୍ୟାତନାମା ଆଇନଜ୍ଞ, ସମ୍ବିଧାନ ବିଶେଷଜ୍ଞ, ବରିଷ୍ଠ ସୁପ୍ରିମକୋର୍ଟ ଓକିଲ ଫଲି ନରିମାନଙ୍କ ଆଜି ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ୧୦ ଜାନୁଆରୀ ୧୯୨୯ରେ ରେଙ୍ଗୁନରେ ସେ ଜନ୍ମ ହୋଇଥିଲେ। ୧୯୫୦ରେ ସେ ବମ୍ବେ ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୧୯୬୧ରେ ସେ ବରିଷ୍ଠ ଓକିଲ ମାନ୍ୟତା ପାଇଥିଲେ। ୧୯୭୨ରେ ସୁପ୍ରିମ କୋର୍ଟରେ ଓକିଲାତି କରିବା ପାଇଁ ସେ ମୁମ୍ବାଇରୁ ଦିଲ୍ଲୀକୁ ଯାଇଥିଲେ। ସେ ୧୯୯୯ରେ ସେ ରାଜ୍ୟସଭାକୁ ମନୋନୀତ ହୋଇ ୨୦୦୫ ଯାଏ ସଦସ୍ୟ ଥିଲେ। ସେ ଦୀର୍ଘ ୭୦ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଓକିଲାତି କରିବା ଭିତରେ ନିଜ ଆତ୍ମଜୀବନୀ ସମେତ ଅନେକ ଉପାଦେୟ ତଥା ତଥ୍ୟସମୃଦ୍ଧ ପୁସ୍ତକ ମଧ୍ୟ ଲେଖିଛନ୍ତି। ୧୯୯୧ରେ ତାଙ୍କୁ ପଦ୍ମଭୂଷଣ ଓ ୨୦୦୭ରେ ପଦ୍ମବିଭୂଷଣ ସମ୍ମାନ ମିଳିଥିଲା। ଇନ୍ଦିରା ଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିବା ପ୍ରତିବାଦରେ ସେ ଜୁନ୍ ୧୯୭୫ରେ ଅତିରିକ୍ତ ସଲିସିଟର ଜେନେରାଲ ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସୁପ୍ରିମକୋର୍ଟ ପ୍ରଧାନବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ସଲିସିଟର ଜେନେରାଲ ତୁଷାର ମେହେଟା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

### କ୍ରୀଡ଼ା ବିକାଶ ପାଇଁ ସମର୍ପିତ ପାଣ୍ଡିଆନ

# ସକାଳେ ବାରବାଟୀ, ସଞ୍ଜରେ ବିର୍ସାମୁଣ୍ଡା





**ଭୁବନେଶ୍ବର,୨୧।୨(ସମିସ):** କେବଳ ଜଣେ କ୍ରୀଡ଼ାବିତ୍ ଭାବରେ ନୁହନ୍ତି, ଜଣେ କ୍ରୀଡ଼ା ଅନୁରାଗୀ ଓ ପୃଷ୍ଠପୋଷକ ଭାବରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚିତ। ରାଜ୍ୟରେ ବିଭିନ୍ନ ଆନ୍ତର୍ଜାତୀୟ କ୍ରୀଡ଼ା, ଫୁଟବଲ୍ ଓ ପୁରୁଷ ବିଶ୍ବକପ୍ ହକି ଆୟୋଜନ କ୍ଷେତ୍ରରେ ତାଙ୍କର ଭୂମିକା ସର୍ବଜନବିଦିତ। ଏହି ପରିପ୍ରେକ୍ଷୀରେ ଶ୍ରୀ ପାଣ୍ଡିଆନ ବୁଧବାର ନିଜର କ୍ରୀଡ଼ା ଅନୁରାଗର ଆଉ ଏକ ଦୃଷ୍ଟାନ୍ତ ଦେଇଛନ୍ତି। ସକାଳେ କଟକର ବାରବାଟୀ ଷ୍ଟାଡ଼ିୟମକୁ ଆନ୍ତର୍ଜାତୀୟମାନର କ୍ରୀଡ଼ା କମ୍ପ୍ଲେକ୍ସରେ ପରିଣତ କରିବା ନିମନ୍ତେ ଅନୁଧ୍ୟାନ କରିବା ସହ ଅଧିକାରୀ, ଓସିଏ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କ୍ରୀଡ଼ା ରୂପାନ୍ତରଣ ଅଧ୍ୟାୟରେ ବାରବାଟୀକୁ ସାମିଲ କରିବା ପାଇଁ ନକ୍ସା ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟ ଶେଷ ପରେ ସନ୍ଧ୍ୟାରେ ଶ୍ରୀ ପାଣ୍ଡିଆନ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡ଼ିଅମରେ ପୁରୁଷ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍ ପରିଚାଳନା କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।

ନିକଟ ଅତୀତରେ ପୁରୁଷ ବିଶ୍ବକପ୍ ହକି ଆୟୋଜନ ନିମନ୍ତେ ରାଉରକେଲାରେ ବିଶ୍ବର ସର୍ବବୃହତ୍ ହକି ଷ୍ଟାଡ଼ିଅମକୁ ମାତ୍ର ୧୫ ମାସ ମଧ୍ୟରେ ଶେଷ କରାଯାଇଥିଲା। ଏହି ବିଶ୍ବସ୍ତରୀୟ ଷ୍ଟାଡ଼ିଅମକୁ ସମଗ୍ର ବିଶ୍ବର ହକି ଖେଳାଳିମାନେ ବେଶ୍ ପ୍ରଶଂସା କରିଥିଲେ। ସମ୍ପ୍ରତି ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିଅମ ଦେଶର ହକି ଖେଳାଳିମାନଙ୍କର ପସନ୍ଦର କ୍ରୀଡ଼ା କମ୍ପ୍ଲେକ୍ସରେ ପରିଣତ ହୋଇଛି। ସମ୍ପ୍ରତି ରାଉରକେଲାରେ ପୁରୁଷ ଏଫ୍ଆଇଏଚ୍ର ପ୍ରୋ-ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେଉଛି। ବୁଧବାର ଭାରତ ଓ ନେଦରଲାଣ୍ଡ ମଧ୍ୟରେ ହକି ମ୍ୟାଚ୍ ଚାଲିଥିବାବେଳେ ଶ୍ରୀ ପାଣ୍ଡିଆନ ଏହି ଅବସରରେ ଖେଳାଳିମାନଙ୍କ ସହ ଷ୍ଟାଡ଼ିଅମର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି।

### ପ୍ରୋ-ଲିଗ୍ ଦଳ ଖେଳାଳିଙ୍କ ସହ ଆଲୋଚନା

'୫-ଟି' ଅଧ୍ୟକ୍ଷ କହିଛନ୍ତି ସୁନ୍ଦରଗଡ଼ରେ ହକି ବେଶ୍ ଲୋକପ୍ରିୟ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ବକପ୍ ମ୍ୟାଚ୍ ଆୟୋଜନ ପାଇଁ ରାଉରକେଲାରେ ବିଶ୍ବର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଷ୍ଟାଡିୟମ ସୁନ୍ଦରଗଡ଼ର ହକିପ୍ରେମୀଙ୍କ ସମ୍ମାନାର୍ଥେ ହୋଇଥିବା ବେଳେ ଏହା ରାଉରକେଲାକୁ ହକି କ୍ଷେତ୍ରରେ ଗ୍ଲୋବାଲ ହବ୍ ଭାବରେ ସ୍ଥାନିତ କରିଛି। ଏଠାକାର ଦର୍ଶକ ହକି ପାଇଁ ସର୍ବୋତ୍ତମ ପରିବେଶ ସୃଷ୍ଟି କରିଥାନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ଖୁବ୍ ଭଲ ଖେଳିବା ସହ ନିଜର ସାମର୍ଥ୍ୟତା ପ୍ରଦର୍ଶନ କରୁଛି। ସେହିପରି ଆମେ ସମସ୍ତେ କ୍ରୀଡ଼ା ପରିଚାଳନା କ୍ଷେତ୍ରରେ ଆମକୁ ଅଧିକ ବୃତ୍ତିଗତତା ଆଣିବା ଆବଶ୍ୟକ। କର୍ପୋରେଟ ସଂସ୍ଥାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ କରିବା ସହ ଏବଂ କ୍ରୀଡ଼ା ମହାସଂଘ ଏବଂ ସରକାରଙ୍କ ସହ ବୁଝାମଣା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରୋ ଲିଗ୍ରେ ଭାଗ ନେଇଥିବା ସମସ୍ତ ଟିମ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତେ ଓଡ଼ିଶାରୁ ଭଲ ଅନୁଭୂତି ନେଇ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ୫-ଟି ଅଧ୍ୟକ୍ଷ ଆଶା ପ୍ରକାଶ କରିଛନ୍ତି।

■ ଚିନ୍ତା ବଢ଼ାଇଲା ଟାଣ ଖରା

## ପୂର୍ବ ଏସ୍ଓପି ପାଳନ ପାଇଁ ସ୍ବାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ବର, ୨୧।୨(ସମିସ):** ରାଜ୍ୟରେ କ୍ରମାଗତ ଭାବେ ତାତି ଜାରି ରହିଛି। ମାଘ ମାସରେ ଏଭଳି ଖରା ଅନୁଭୂତ ହେଉଥିବାରୁ ସ୍ବାସ୍ଥ୍ୟ ବିଭାଗ ପାଇଁ ଚିନ୍ତା ବଢ଼ିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏ ବର୍ଷ ମାଘ ମାସରେ ଶୀତ ବଦଳରେ ତାପମାତ୍ରା ବୃଦ୍ଧି ହୋଇଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଖରା ଜନିତ ସମସ୍ୟାର ଆଶଙ୍କା ଦେଖାଦେଇନି, ତଥାପି ସ୍ବାସ୍ଥ୍ୟ ବିଭାଗ ସଚେତନ ଓ ପ୍ରସ୍ତୁତ ରହିଛି ବୋଲି ଜନସ୍ବାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ ପୂର୍ବରୁ ଅଂଶୁଘାତ ପାଇଁ ପ୍ରତି ଜିଲ୍ଲାକୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍ଓପି) ଜାରି ହୋଇଛି। ଆଗକୁ ଅଂଶୁଘାତ ଭଳି ସ୍ଥିତି ଆସିଲେ, ଆଉ ଥରେ ରିମାଇଣ୍ଡର ଦିଆଯିବ। ପୂର୍ବରୁ ଜାରି ହୋଇଥିବା ଏସ୍ଓପି ଅନୁଯାୟୀ ଲୋକଙ୍କୁ ସତର୍କ କରାଇବା ସହ ମେଡିକାଲ ପ୍ରସ୍ତୁତ ରଖିବା, ଆବଶ୍ୟକ ଔଷଧ ମହଜୁଦ ରଖିବା, ପ୍ରତି ହସ୍ପିଟାଲରେ ଅଂଶୁଘାତ ଲାଗି ଡେଡିକେଟେଡ୍ ବେଡ୍ ରଖାଯିବାକୁ ନିର୍ଦ୍ଦେଶନାମାରେ ରହିଥିବା ସେ କହିଛନ୍ତି। ସେହିପରି ଅଂଶୁଘାତ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଏସ୍ଓପିରେ ରହିଛି। ତେବେ ଆଗକୁ ଏନେଇ ପ୍ରତି ଜିଲ୍ଲାକୁ ପୁଣି ଥରେ ରିମାଇଣ୍ଡର ଦିଆଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି। ତେବେ ବରିଷ୍ଠ ନାଗରିକ, ମଦ୍ୟପାନ କରୁଥିବା ବ୍ୟକ୍ତି ଓ ରୋଗୀଙ୍କୁ ଅଂଶୁଘାତ ଆଶଙ୍କା ଅଧିକ ରହୁଥିବାରୁ ତେଣୁ ସେମାନେ ଅଧିକ ସତର୍କ ରହିବା ଆବଶ୍ୟକ ଡାକ୍ତର ମିଶ୍ର ପରାମର୍ଶ ଦେଇଛନ୍ତି।

■ ପେନସନ ମାମଲା ସମାଧାନରେ ଉଚ୍ଚଶିକ୍ଷା ବିଭାଗର ରେକର୍ଡ

## ବର୍ଷକରେ ସମାଧାନ ହେଲାଣି ୧୭୨୭ ମାମଲା

**ଭୁବନେଶ୍ବର, ୨୧।୨(ସମିସ):** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତବର୍ଷ ରେକର୍ଡ ସଂଖ୍ୟକ ପେନସନ ମାମଲା ସମାଧାନ କରାଯାଇଛି। ଜାନୁଆରୀ ୧ ତାରିଖରୁ ଡିସେମ୍ବର ୨୭ ତାରିଖ ମଧ୍ୟରେ ବିଭାଗ ପକ୍ଷରୁ ୧୭୨୭ଟି ପେନସନ୍ ମାମଲାର ସମାଧାନ କରାଯାଇଛି। ତନ୍ମଧ୍ୟରେ ୧୩୫୭ଟି ଅନଲାଇନ ଓ ୧୪୬ଟି ଅଫଲାଇନରେ ହୋଇଥିବା ମାମଲା ସମାଧାନ ହୋଇଛି। ଆବେଦନ ଅସମାପ୍ତ ଥିବାରୁ ୨୨୪ଟି ମାମଲାକୁ ପୁଣି କଲେଜକୁ ଫେରସ୍ତ କରାଯାଇଛି। ୩୧ ଜଣଙ୍କୁ ପ୍ରୋଭିଜିନାଲ୍ ପେନସନ ଓ ୨୮ ଜଣଙ୍କୁ ଏକ୍ସ ଗ୍ରାସିଆ ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ଅନୁମୋଦନ କରାଯାଇଛି।

ସେହିପରି ୩୨ଟି ମାମଲା ବିଚାରାଧିନ ରହିଛି। ଏହି ସଫଳତା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଅଧ୍ୟାପକ ଅଧ୍ୟାପିକାଙ୍କ ଦୀର୍ଘ ଦିନରୁ ପଡ଼ି ରହିଥିବା ପେନସନ ମାମଲାଗୁଡ଼ିକୁ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଥିଲା। ୫-ଟି ଅଧ୍ୟକ୍ଷ ମଧ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ତେଣୁ ବିଭାଗ ପକ୍ଷରୁ ସ୍ବତନ୍ତ୍ର ପେନସନ ସେଲ୍ଫ ଖୋଲାଯାଇ ସମାଧାନ କରାଯାଇଛି। ୧୭ଶହରୁ ଅଧିକ ମାମଲାକୁ ସମାଧାନ କରି ପେନସନ୍ ପ୍ରଦାନ କରିବାକୁ ଏକ ରେକର୍ଡ କହିବାସହ ବିଭାଗୀୟ ଅଧିକାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-238 ♦BHUBANESWAR ♦THURSDAY ♦22 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୮ ♦ଭୁବନେଶ୍ୱର ♦ଗୁରୁବାର ♦୨୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦




## ପରଲୋକରେ ରେଡ଼ିଓ ଗୁରୁ ଅମିନ ସାୟାନି

■ **ମୁମ୍ବାଇ, ୨୧।୨(ଏଜେନ୍ସି):** ପ୍ରଖ୍ୟାତ ରେଡିଓ ଉପସ୍ଥାପକ ଅମିନ ସାୟାନିଙ୍କ ମୁମ୍ବାଇର ଏକ ହସପିଟାଲରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ତାଙ୍କ ବିୟୋଗ ଖବର ପାଇ ମନୋରଞ୍ଜନ ଜଗତରେ ଶୋକର ଛାୟା ଖେଳିଯାଇଛି। ଅମିନ ସାୟାନି ମୁମ୍ବାଇରେ ୨୧ ଡିସେମ୍ବର ୧୯୩୨ରେ ଜନ୍ମଗ୍ରହଣ କରିଥିଲେ। ଡିସେମ୍ବର ୧୯୫୨ରେ 'ଗୀତମାଲା' କାର୍ଯ୍ୟକ୍ରମ ରେଡିଓରେ ପ୍ରସାରଣ ହେଲା ଓ ସେହି କାର୍ଯ୍ୟକ୍ରମର ଜନାଦୃତି ଏତେ ଅଧିକ ଥିଲା ଯେ ସାୟାନି କେବଳ ଭାରତରେ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଘରେ ଘରେ ପରିଚିତ ହୋଇ ଯାଇଥିଲେ। ଲୋକପ୍ରିୟତା ଦୃଷ୍ଟିରୁ ଶୀର୍ଷରେ ଥିବା ଏହି ଗୀତମାଲା ରେଡିଓ କାର୍ଯ୍ୟକ୍ରମ ୧୯୫୨ରୁ ଆରମ୍ଭ ହୋଇ ୧୯୯୪ ଯାଏ ଚାଲିଥିଲା। ପରେ ସାମାନ୍ୟ ପରିବର୍ତ୍ତନ ସହ ଏହି କାର୍ଯ୍ୟକ୍ରମ ୨୦୦୦ରୁ ୨୦୦୩ ଯାଏ ପ୍ରସାରିତ ହୋଇଥିଲା। ଯଥାର୍ଥରେ ସାୟାନି ଥିଲେ ରେଡିଓ ମାଇଷ୍ଟ୍ରୋ ବା ରେଡିଓ ଗୁରୁ। ଏକ ରେଡିଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଓ ତାହାକୁ ସଫଳତାର ସହ ଉପସ୍ଥାପନ କରିବାରେ ସାୟାନି ଥିଲେ ପ୍ରଥମ ଭାରତୀୟ।






# ଗାଁ ଗାଁରେ ବିକାଶର 'ଲକ୍ଷ୍ମୀ'

**ସମସ୍ତ ୩୦ ଜିଲ୍ଲାରେ ଗଡ଼ିଲା ୧୩୫୪ ଲକ୍ଷ୍ମୀ ବସ୍**

- ଲୋକଙ୍କ ଇଚ୍ଛା ଓ ପ୍ରସ୍ତାବ ଆଧାରରେ 'ଲକ୍ଷ୍ମୀ' ଯୋଜନା
- ୫ଜିଲ୍ଲାର ୧୦୫୭ ପଞ୍ଚାୟତରେ ଚାଲିଲା ୨୫୫ ବସ୍
- ୬୦୩୧ ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ
- ୯୫ ପ୍ରତିଶତ ପଞ୍ଚାୟତକୁ ବ୍ଲକ୍ ସହ ଯୋଡ଼ିଲା 'ଲକ୍ଷ୍ମୀ'
- ମହିଳା, ଛାତ୍ରଛାତ୍ରୀଙ୍କୁ ୫ ଟଙ୍କାରେ ଯାତ୍ରା ସୁଯୋଗ



ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ନୂଆପଡା, ବୌଦ୍ଧରେ ଗଡ଼ିଲା ଲକ୍ଷ୍ମୀ

**ଗ୍ରାମାଞ୍ଚଳରେ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗତିଶୀଳ କରିବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଆଣିବ ଲକ୍ଷ୍ମୀ: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୨୧।୨ (ସମିସ):** ରାଜ୍ୟରେ ସାଧାରଣ ଗମନାଗମନ କ୍ଷେତ୍ରରେ ଅଭୂତପୂର୍ବ ରୂପାନ୍ତରଣ ଆଣିଥିବା ଲକ୍ଷ୍ମୀ ବସ୍ ଯୋଜନାରେ ଆଜି ଯୋଡ଼ି ହୋଇଛି ଆଉ ୫ ଜିଲ୍ଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ନୂଆପଡା ଓ ବୌଦ୍ଧ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ଟି ଜିଲ୍ଲାର ୧୦୫୭ଟି ପଞ୍ଚାୟତ ସହ ବ୍ଲକକୁ ସଂଯୋଗ କରିବା ଲାଗି ୨୫୫ ବସ୍ ଚଳାଚଳ ଆରମ୍ଭ କରିଛି। ଆଜି ୫ଟି ଜିଲ୍ଲାରେ ଲକ୍ଷ୍ମୀ ବସ୍ ଚଳାଚଳ ପରେ ସମଗ୍ର ରାଜ୍ୟର ୩୦ ଜିଲ୍ଲାର ବିକାଶ ଯାତ୍ରା ଦ୍ରୁତତର ହୋଇଛି। ରାଜ୍ୟ ସାରା ୧୩୫୪ଟି ଲକ୍ଷ୍ମୀ ବସ୍ ୬୦୩୧ ପଞ୍ଚାୟତରେ ଚଳାଚଳ କରୁଛି ଏବଂ ଏହାଦ୍ୱାରା ରାଜ୍ୟର ୩.୬୪ କୋଟି ଲୋକ ଉପକୃତ ହୋଇଛନ୍ତି। ▸ପୃଷ୍ଠା-୭

## 'ଲକ୍ଷ୍ମୀ'ର ସୁରକ୍ଷା ଆମର ଦାୟିତ୍ୱ: '୫-ଟି' ଅଧ୍ୟକ୍ଷ

'ଲକ୍ଷ୍ମୀ' ବସ୍ କେବଳ ଆମର ଯାତାୟତର ମାଧ୍ୟମ ନୁହେଁ; ଏହା ଆମର ସମୃଦ୍ଧିର ପ୍ରତୀକ । ଏହା ଆମର ସମ୍ପତ୍ତି, ଆମ ଓଡ଼ିଶାର ସମ୍ପତ୍ତି । ତେଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ ଏଥିପାଇଁ ସାଧାରଣ ଲୋକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଲକ୍ଷ୍ମୀ ବସ୍ ଲୋକାର୍ପଣର ଅନ୍ତିମ ଅଧ୍ୟାୟର ସଂଯୋଜନା କରି ସେ କହିଛନ୍ତି ଯେ ତାଙ୍କ ଜିଲ୍ଲା ଗସ୍ତରୁ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନ ସଂକ୍ରାନ୍ତ ତଥ୍ୟ ମିଳିଥିଲା। ସାଧାରଣ ଲୋକମାନେ ସେମାନଙ୍କ ଯାତାୟତ ସମସ୍ୟା ସଂକ୍ରାନ୍ତରେ ମତ ରଖି ବସ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ମତାମତ ଅନୁଯାୟୀ ସେ ୨୦୨୩ ମସିହା ମଇ ମାସ ୯ ତାରିଖରେ ଜିଲ୍ଲାପାଳମାନଙ୍କ ସହିତ ▸ପୃଷ୍ଠା-୭

# ବିଶ୍ୱସ୍ତରୀୟ ହେବ 'ବାରବାଟୀ'

■ **ଭୁବନେଶ୍ୱର, ୨୧।୨ (ସମିସ):** ବଦଳିବ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମର ରୂପ । ଏହାକୁ ରୂପାନ୍ତରଣ କରାଯାଇ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମରେ ପରିଣତ କରାଯିବ ଏବଂ ଉନ୍ନତ କ୍ରୀଡ଼ା କମ୍ପ୍ଲେକ୍ସ ରୂପେ ବିକଶିତ କରାଯିବ। ଷ୍ଟାଡ଼ିଅମର ଆସନ କ୍ଷମତା ୬୦ ହଜାରକୁ ବୃଦ୍ଧି କରାଯିବ ଏବଂ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରସ୍ତୁତ ହେବ ଶ୍ରେଷ୍ଠ କ୍ରୀଡ଼ା ବାତାବରଣ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରିବା ସହ ଏହାକୁ ବିଶ୍ୱସ୍ତରୀୟ କରାଯିବା କ୍ଷେତ୍ରରେ କେଉଁକେଉଁ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଓସିଏ ଅଧ୍ୟକ୍ଷ ପ୍ରଣବପ୍ରକାଶ ଦାସ ଓ ବାରବାଟୀ ଷ୍ଟାଡ଼ିୟମ ସହ ସମ୍ପୃକ୍ତ ଅନ୍ୟ ଅଧିକାରୀଙ୍କ ସହ ଶ୍ରୀ ପାଣ୍ଡିଆନ ରୂପାନ୍ତରଣ କାର୍ଯ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି ।

ସୂଚନା ଅନୁଯାୟୀ ବାରବାଟୀରେ ବର୍ତ୍ତମାନ ଦର୍ଶକ ଧାରଣ କ୍ଷମତା ୪୨ ହଜାର ରହିଛି। ଏହାକୁ ୬୦ ହଜାରକୁ ବୃଦ୍ଧି କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ। ଅନୁରୂପ ଭାବରେ ଦର୍ଶକ ଯେପରି ଏଠାରେ ବିଶ୍ୱସ୍ତରୀୟମାନର ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେଥିନେଇ ବିଶେଷ ଧ୍ୟାନ ଦିଆଯିବ। ରାସ୍ତା, ପାର୍କିଂ ବ୍ୟବସ୍ଥା, ଗ୍ୟାଲେରୀ, ଫୁଡ କୋର୍ଟ, ଅତ୍ୟାଧୁନିକ ଶୌଚାଳୟର ବ୍ୟବସ୍ଥା କରାଯିବ। ଏହା ସହିତ ବାରବାଟୀ କ୍ୟାମ୍ପସରେ ଅନ୍ୟ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ପ୍ରଦାନ କରାଯିବ। ବାରବାଟୀ ▸ପୃଷ୍ଠା-୭

### କ୍ରୀଡ଼ା ରୂପାନ୍ତରଣରେ ନୂଆ ରୂପନେବ ଐତିହାସିକ ଷ୍ଟାଡିୟମ

- ୬୦ ହଜାରକୁ ବୃଦ୍ଧି କରାଯିବ ଷ୍ଟାଡିୟମର ଦର୍ଶକ କ୍ଷମତା
- ସରକାରଙ୍କ ସହ ମିଶି ଓସିଏ ଆୟୋଜନ କରିବ କ୍ରିକେଟ ଲିଗ୍
- ପୁରୀରେ ମହିଳା କ୍ରିକେଟ ଏକାଡେମୀ ଖୋଲାଯିବା ପ୍ରସ୍ତାବ
- କ୍ରୀଡ଼ାବିତ୍ ଓ କୋଚ୍‌ଙ୍କ ସହ '୫-ଟି' ଅଧ୍ୟକ୍ଷଙ୍କ ଆଲୋଚନା



## ପ୍ରତ୍ୟାହାର ହେବ ଜନଜାତିଙ୍କ ନାମରେ ରୁଜୁ ଛୋଟ ମାମଲା



**୪୮୦୧୮ ଜଙ୍ଗଲ ଓ ଅବକାରୀ ମାମଲା ପ୍ରତ୍ୟାହାର ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୧।୨ (ସମିସ):** ଜନଜାତି ଭାଇଭଉଣୀ ମାନଙ୍କ ଉପରେ ବିଭିନ୍ନ ସମୟରେ ରୁଜୁ ହୋଇଥିବା ଛୋଟ ଛୋଟ ମକଦ୍ଦମା ଗୁଡିକ ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ସମ୍ପୃକ୍ତ ଜନଜାତି ବର୍ଗର ଲୋକମାନେ ଅଦାଲତୀ ଝମେଲାରୁ ମୁକ୍ତି ପାଇବେ ଏବଂ କୋର୍ଟ ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ଚାପ ହ୍ରାସ ପାଇବ।

ଅଜ୍ଞାତସାରରେ ହେଉ ବା ଜାଣିଶୁଣି ବିଭାଗୀୟ ଆଇନ ଉଲ୍ଲଂଘନ ଅଭିଯୋଗରେ ଜନଜାତି ବର୍ଗର ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଉପରେ ଜଙ୍ଗଲ ଓ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। ଏହି ମାମଲାର ସଂଖ୍ୟା କ୍ରମଶଃ ଦିନକୁ ଦିନ ବୃଦ୍ଧି ହେଉଥିବାବେଳେ ଜନଜାତି ବର୍ଗର ଲୋକମାନେ ଅଦାଲତରେ ଚକ୍କର କାଟୁଛନ୍ତି। ତେଣୁ ସେମାନଙ୍କୁ ଏହି ଝମେଲାରୁ ମୁକ୍ତି ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜନଜାତି ବର୍ଗଙ୍କ ଉପରେ ଥିବା ମକଦ୍ଦମା ଗୁଡ଼ିକର ସମୀକ୍ଷା କରାଯାଇଛି। ମାମଲାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଉପରୋକ୍ତ ତିନୋଟି ବିଭାଗର ସମୁଦାୟ ୪୮୦୧୮ଟି ଜଙ୍ଗଲ ଓ ଅବକାରୀ ସଂକ୍ରାନ୍ତ ▸ପୃଷ୍ଠା-୭

## ହାତୀ ଦେହରେ ରେଡିଓକଲାର

**ଅସୁସ୍ଥ ଦନ୍ତା ହାତୀକୁ ଜଙ୍ଗଲରେ ଛାଡ଼ିଲା ବନବିଭାଗ**



■ **ଛେଣ୍ଡିପଦା, ୨୧।୨ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳରେ ଗତ କିଛିଦିନ ହେବ ଏକ ଗୋଠଛଡାଡ଼ା ଦନ୍ତାହାତୀ ଘୂରି ବୁଲୁଥିବା ବେଳେ ଗତ ୧୩ ତାରିଖରୁ ହାତୀଟି ଅସୁସ୍ଥ ଥିବା ବନବିଭାଗ ଜାଣିବାକୁ ପାଇଥିଲା । ଏ ନେଇ ଅନୁଗୋଳ ଡିଏଫଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅସୁସ୍ଥ ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ୪ ଦିନ ଚିକିତ୍ସା କରାଯାଇଥିଲା। ଟ୍ରାଙ୍କୁଲାଇଜ ପରେ ନନ୍ଦନକାନନ ଓ ଢେଙ୍କାନାଳ ଓ ଅନୁଗୋଳ ସାତକୋଶିଆ ଅଭୟାରଣ୍ୟରୁ ଆସିଥିବା ପ୍ରାଣୀ ଚିକିତ୍ସକମାନେ ହାତୀର ଚିକିତ୍ସା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ଅନୁସାରେ ଦନ୍ତା ହାତୀଟି ଗତ ୧୩ ତାରିଖରୁ ମୁଣ୍ଡରେ ଏକ ଗଭୀର କ୍ଷତ ହୋଇ ରକ୍ତ ଝରୁଥିବା ବେଳେ ବନ ବିଭାଗ ନଜର ରଖି ଇଞ୍ଜେକସନ ମାଧ୍ୟମରେ ଆଣ୍ଟିବାୟୋଟିକ ଦିଆଯାଇଥିଲା। ତେବେ ୧୭ ତାରିଖରେ ହାତୀଟିକୁ ସାପୋଇ ସାହି ନିକଟରେ ଟ୍ରାଙ୍କୁଲାଇଜ ▸ପୃଷ୍ଠା-୭

## ୪ ବିଭାଗରେ ୩୬୭ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୧।୨ (ସମିସ):** ରାଜ୍ୟରେ ଜାରି ରହିଥିବା ନିଯୁକ୍ତି ପର୍ବରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ୪ଟି ବିଭାଗରେ ୩୬୭ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ବୁଧବାର ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ନବନିଯୁକ୍ତଙ୍କ ମଧ୍ୟରେ ୮୦ଜଣ ଷ୍ଟାଫ୍ ନର୍ସ ରହିଥିବା ବେଳେ ୪୦ ଫାର୍ମାସିଷ୍ଟ, ୪୦ ଲ୍ୟାବ୍ ଟେକ୍ନିସିଆନ୍, ୮ ଏଏନ୍‌ଏମ୍, ୮ ଏକ୍ସ-ରେ ଟେକ୍ନିସିଆନ୍, ଇଏସ୍‌ଆଇ ନିର୍ଦ୍ଦେଶାଳୟ ପାଇଁ ୯ଜଣ ଓଟି ସହାୟକ, ୪୮ଜଣ ହସ୍ତତନ୍ତ ପ୍ରୋତ୍ସାହନ ଅଧିକାରୀ, ସମବାୟ ସମିତିର ୭ ଇନ୍ସପେକ୍ଟର, ହସ୍ତଶିଳ୍ପ ନିର୍ଦ୍ଦେଶାଳୟରେ ୩ ଅଡିଟର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ୧୧ଜୁନିଅର ଆସିଷ୍ଟାଣ୍ଟ, କାରଖାନା ଏବଂ ବାଷ୍ପୀତ ନିର୍ଦ୍ଦେଶାଳୟର ୯ ସହାୟକ ନିର୍ଦ୍ଦେଶକ ଏବଂ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ବିଭାଗରେ ୧୦୪ ଯୋଗାଣ ଇନ୍ସପେକ୍ଟର ରହିଛନ୍ତି। ନିଯୁକ୍ତପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅବସରରେ ନବନିଯୁକ୍ତ ▸ପୃଷ୍ଠା-୭



'୫-ଟି' ନୀତି ଅନୁସରଣ କରି ଏକ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ଆଜି ୫୭୬ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ମିଳିବ ନିଯୁକ୍ତିପତ୍ର

■ **ଭୁବନେଶ୍ୱର, ୨୧।୨ (ସମିସ):** ରାଜ୍ୟର ବିଦ୍ୟାଳୟ ଶିକ୍ଷାକୁ ଶ୍ରେଷ୍ଠକରି ଗଢିତୋଳିବା ସହିତ ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତିକୁ ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ୫୭୬ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇବେ। ଗୁରୁବାର ପୂର୍ବାହ୍ନ ୧୧.୩୦ରେ ଲୋକସେବା ▸ପୃଷ୍ଠା-୭

## ଲୋକକଥା



ଋଣ ଆଣି ଦେଶ ସମୃଦ୍ଧ ହୋଇବ
ଅର୍ଥନୀତି ହେବ ସଜ,
ଯେତେ କୋଟି ଲୋକ ଅଛନ୍ତି ଦେଶରେ
ସବୁ ମୁଣ୍ଡେ ଋଣ ବୋଝ !
ମୁଣ୍ଡିଆଳ ଆହେ ହେଜ,
ଏବେ ସିନା ବାହୋସ୍ଫୋଟ ମାରୁଅଛ
ଆଗକୁ ଆସୁଛି ଗୋଜ !!

**ଅସଲ ଚେହେରା ଦେଖାଇଲା ରାଜ୍ୟ ବିଜେପି**

# ଜନବିରୋଧୀ ପ୍ରଦୀପ ପାଣିଗ୍ରାହୀଙ୍କୁ କୋଳେଇନେଲା

**ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଠକିଥିବା ନେତା ଏବେ ରାଜ୍ୟ ବିଜେପିର ଗେହ୍ଲାପୁଅ**

■ **ଭୁବନେଶ୍ୱର, ୨୧।୨ (ସମିସ):** ଦୁର୍ନୀତି ଓ ଜନବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡିରୁ ବିତାଡ଼ିତ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳରେ ଆଶ୍ରୟ ଦେଇଛି ରାଜ୍ୟ ବିଜେପି । ନିଜର ଭାବୀ ଜ୍ୱାଇଁ ଆକାଶ ପାଠକ, ଭାବୀ ସମୁଦୀ ତଥା ବହିଷ୍କୃତ ଆଇଏଫ୍‌ଏସ୍ ଅଭୟ ପାଠକଙ୍କ ସହ ମିଶି ନିଜ ଅଞ୍ଚଳର ଗରିବ ଲୋକ ଓ ବେକାର ଯୁବକଙ୍କଠାରୁ ବିପୁଳ ଅର୍ଥ ଠକେଇରେ ସମ୍ପୃକ୍ତ ପ୍ରଦୀପ ପାଣିଗ୍ରାହୀଙ୍କୁ କୋଳେଇ ନେଇ ଓଡ଼ିଶା ବିଜେପି ନିଜର ଅସଲ ଚେହେରା ଦେଖାଇଛି ବୋଲି ବିଜେଡି କଟାକ୍ଷ କରିଛି । ଯେଉଁ ଲୋକ ଠକେଇ ଅଭିଯୋଗରେ ଜେଲ ଯାଇଥିଲେ, ଯାହାଙ୍କ ବିରୋଧରେ ଭିଜିଲାନ୍ସ ଠକେଇ ମାମଲାରେ ଚାର୍ଜସିଟ୍ କରିଛି; ସେହିପରି ବ୍ୟକ୍ତିଙ୍କୁ ନିଜ ଦଳରେ ସାମିଲ କରି ଓଡ଼ିଶା ବିଜେପି ନେତା କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଛି ବିଜେଡି । ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ପ୍ରଦୀପ ପାଣିଗ୍ରାହୀ ହେଉଛନ୍ତି ଏମିତି ଜଣେ ଜନବିରୋଧୀ ନେତା, ଯିଏ ନିଜ ଜ୍ୱାଇଁ ଆକାଶ ପାଠକ ଏବଂ ସମୁଦି ତଥା ପୂର୍ବତନ ଆଇଏଫଏସ ଅଧିକାରୀ ଅଭୟ ପାଠକ ସହ ମିଶି ଷଡ଼ଯନ୍ତ୍ର କରିଥିଲେ। ଚାକିରୀ ଦେବା ନାଁରେ ନିଜ ନିର୍ବାଚନମଣ୍ଡଳୀର ଗରିବ ସାଧାରଣ ଲୋକ ଓ ବେକାର ଯୁବକଙ୍କ ଠାରୁ ସେ ଲକ୍ଷ ଲକ୍ଷ ଟଙ୍କାର ଠକେଇ କରିଥିଲେ। ଭାବୀ ଜ୍ୱାଇଁଙ୍କୁ ଟାଟା ମୋଟର୍ସର ଏମଡି ଦର୍ଶାଇ ନିଜ ନିର୍ବାଚନ ମଣ୍ଡଳୀର ବେକାର ଗରିବ ଯୁବକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଠକିଥିଲେ। ଠକେଇ ମାମଲା ▸ପୃଷ୍ଠା-୭



- ଠକେଇ ଓ ଜନବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ତଡ଼ା ଖାଇଛନ୍ତି ପ୍ରଦୀପ
- ଠକେଇ ମାମଲାରେ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ କରିଛି ଚାର୍ଜଫ୍ରେମ୍
- ଦୂରେଇ ରହିଲେ ଧର୍ମେନ୍ଦ୍ର, ଯୋଗ ଦେବାକୁ ରାଜି ହେଲେନି ରାଜନାଥ ସିଂହ

**୩୫ ଡିଗ୍ରୀ ଉପରେ ୧୫ ଜିଲ୍ଲାର ତାପମାତ୍ରା**

## ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

**ଦିନକ ପରେ ହୋଇପାରେ ପାଗ ପରିବର୍ତ୍ତନ**

■ **ଭୁବନେଶ୍ୱର, ୨୧।୨ (ସମିସ):** ସାରା ରାଜ୍ୟରେ ବଢ଼ିବାରେ ଲାଗିଛି ତାତିର ପ୍ରକୋପ। ଗତ ତିନି ହେବ ରାଜ୍ୟର ଅଧିକାଂଶ ସ୍ଥାନରେ କ୍ରମାଗତ ଭାବେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ଯଦିଓ ମଙ୍ଗଳବାର ତୁଳନାରେ ବୁଧବାର ତାତି ସାମାନ୍ୟ ତଳକୁ ଖସିଛି, ହେଲେ ଆଜି ମଧ୍ୟ ରାଜ୍ୟର ୧୫ ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ବୁଧବାର ଭୁବନେଶ୍ୱରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଲଗାତାର ଦୁଇ ଦିନ ହେବ ରାଜଧାନୀ ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଉଦ୍ରକ ▸ପୃଷ୍ଠା-୭

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

## ପରିକ୍ରମା ମାର୍ଗ ବୁଲିଲେ ୧୦, ୮୨୦ ଶ୍ରଦ୍ଧାଳୁ

**ପୁରୀ, ୨୧।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଅଣାଯାଇ ପରିକ୍ରମା ମାର୍ଗର ଅନୁଭୂତି ପ୍ରଦାନ କରାଯାଉଛି। ଏହି କ୍ରମରେ ବୁଧବାର ୫ ଜିଲ୍ଲାର ୧୦, ୮୨୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ୧୦୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୫ଟି ବସ୍‌ରେ ୨, ୦୨୦ ଜଣ, ବରଗଡ଼ ଜିଲ୍ଲାର ୧୪୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୬୭ଟି ବସ୍‌ରେ ୨, ୯୮୦ ଜଣ, ଭଦ୍ରକ ଜିଲ୍ଲାର ୧୨୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୩ଟି ବସ୍‌ରେ ୨, ୪୨୦ଜଣ, ପୁରୀ ଜିଲ୍ଲାର ୧୧୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୦୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୬୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୭ଟି ବସ୍‌ରେ ୧, ୨୨୦ ଏହିପରି ମୋଟ ୧୦, ୮୨୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ସେହିପରି ଗୁରୁବାର ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ୨ଟି ଜିଲ୍ଲାରୁ ୩, ୩୬୦ ଶ୍ରଦ୍ଧାଳୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ବୋଲି ଜଣାପଡ଼ିଛି।

♦VOLUME- 41 ♦ISSUE-238 ♦BHUBANESWAR ♦THURSDAY ♦22 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୮ ♦ଭୁବନେଶ୍ୱର ♦ଗୁରୁବାର ♦୨୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦




# ପବିତ୍ର ମୋହନ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

**କଣିହା/ପବିତ୍ରନଗର,୨୧।୨(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ବିରୁ ପଞ୍ଚାୟତ ଅନ୍ତର୍ଗତ ସିଲିଂ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ବୁଧବାର ପୂର୍ବାହ୍ନରେ ସିଲିଂ ତାଳପଦା ପବିତ୍ର ମୋହନ ସେତୁର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣି ଓ ଇସ୍ପାତ ତଥା ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ସାଂସଦ ମହେଶ ସାହୁ, ବିଧାୟକ ପାଲଲହଡ଼ା ମୁକେଶ କୁମାର ପାଲ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ, କୁନବିହାରୀ ଦାସ, , ବ୍ଲକ ଅଧ୍ୟକ୍ଷ କଣିହାଁ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିତା ବେହେରା ଯୋଗଦେଇ କର କମଳରେ



ଗଡ଼ଜାତ ଆନ୍ଦୋଳନର ପୁରୋଧା ଆଜନ୍ମ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କ ନାମରେ ନାମିତ ହୋଇଥିବା ସେତୁର ଭୂମି ପୂଜନ କରିଥିଲେ। ଏଥିପାଇଁ ଆର୍ଥିକ ବର୍ଷ ୨୦୨୪ ଓ ୨୦୨୫ ବର୍ଷର ବ୍ୟୟ ଅଟକଳ ୬୨ କୋଟି ଟଙ୍କାର ପବିତ୍ର ମୋହନ ସେତୁ ପ୍ରକଳ୍ପ ୨ବର୍ଷ ୬ ମାସ ମଧ୍ୟରେ ୫୦୦ ମିଟର ଲମ୍ବ ସେତୁର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସେତୁ କାର୍ଯ୍ୟକ୍ଷମ ହେବା ପରେ ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫- ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଙ୍କୁ କୃତଜ୍ଞତା ଜଣାଇଥିଲେ। କଣିହା ବ୍ଲକର ସାଧାରଣ ସମ୍ପାଦକ ହିମାଞ୍ଚଳ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ତଥା ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। କଣିହା ବ୍ଲକ ଅଞ୍ଚଳର ସହସ୍ରାଧିକ ଜନସାଧାରଣ ଜନପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସୁବାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ କୃତଜ୍ଞତା ଜଣାଇ ଥିଲେ।

### ଦିବ୍ୟାଙ୍ଗଙ୍କ ଅଭିନୟ କରି ଭିକ୍ଷାବୃତ୍ତି

# ୪ ଅଣଓଡ଼ିଆ ଯୁବକ ଗିରଫ

**ବ୍ରହ୍ମପୁର, ୨୧।୨(ସମିସ):** ଦିବ୍ୟାଙ୍ଗଙ୍କ ଭଳି ଅଭିନୟ କରି ଭିକ୍ଷାବୃତ୍ତି କରିବା ଅଣଓଡିଆ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଘଟଣାରେ ରାଜ୍ୟ ବାହାରର ୪ଜଣ ଯୁବକଙ୍କୁ ବୁଧବାର ବୈଦ୍ୟନାଥପୁର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୪ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଜମଲପୁର ଅଞ୍ଚଳର ଅଜୟ କୁମାର(୨୮),



ଅନୀଲ କୁମାର, ମିରୋ(୩୨) ଓ ଯଶୱନ୍ତ କୁମାର(୨୦)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ନଗଦ ୮୬୦ଟଙ୍କା ସମେତ ଭିନ୍ନକ୍ଷମଙ୍କ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଅପରାହ୍ନ ସାଢ଼େ ୩ଟା ସମୟରେ ବୈଦ୍ୟନାଥପୁର ଥାନାର ଏଏସଆଇ ବିଜୟ କୁମାର ସୁନାଶଗଡ଼, ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା ଓ କନେଷ୍ଟବଳ କାହ୍ନା ଡାକୁଆ, ଓଏପିଏଫ ଏ. ଗମାଙ୍ଗ ଓ ଅନ୍ୟ ପୁଲିସ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ କମାପଲ୍ଲୀ ଛକରେ ଦୁଇଜଣ ଯୁବକ ମୁକ, ବଧିର ତଥା ଦିବ୍ୟାଙ୍ଗଙ୍କ ଅଭିନୟ କରି ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ଯୁବକଙ୍କ ଭିକ୍ଷାବୃତ୍ତି କରିବା ଶୈଳୀକୁ ନେଇ ପୁଲିସ ସନ୍ଦେହ ପ୍ରକାଶ କରିବା ପରେ ଉଭୟ ଯୁବକଙ୍କୁ ଅଟକାଇ ପଚରାଉଚରା କରିଥିଲା। ଜେରା ବେଳେ ଉଭୟ ଯୁବକ ଭିନ୍ନକ୍ଷମ ନୁହଁନ୍ତି ବରଂ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଥିଲା। ଏନେଇ ଅଧିକ ତଦନ୍ତ ପରେ ସେମାନଙ୍କର ଆଉ ଦୁଇଜଣ ସାଥି ସହରର ଟାଟାବେଞ୍ଚ ଛକ ନିକଟରେ ଏଭଳି ଭିନ୍ନକ୍ଷମ ବେଶରେ ଭିକ୍ଷାବୃତ୍ତି କରୁଥିବା ଜଣାପଡ଼ିଥିଲା। ଖବରପାଇ ବୈଦ୍ୟନାଥପୁର ଥାନା ପୁଲିସର ଆଉ ଏକ ଟିମ ସେହି ଦୁଇଜଣ ଯୁବକଙ୍କୁ ମଧ୍ୟ କାବୁ କରିଥିଲା। ଅଟକ ୪ ଜଣ ଯୁବକ ଉତ୍ତରପ୍ରଦେଶର ବୋଲି ପୁଲିସ ଜେରାବେଳେ ଜାଣିପାରିଥିଲା। ଏମାନେ ଉତ୍ତରପ୍ରଦେଶରୁ ଆସି ଜାତୀୟ ରାଜପଥ ୧୬ ନିକଟରେ ରହୁଥିଲେ। ସମସ୍ତ ୪ଜଣ ଯୁବକ ଠକ ଓ ଲୋକଙ୍କୁ ପ୍ରତାରଣା କରି ନିଜକୁ ଭିନ୍ନକ୍ଷମ ଦର୍ଶାଇ ଭିକ୍ଷାବୃତ୍ତି କରୁଥିଲେ। ଗିରଫ ଅଣଓଡିଆ ଯୁବକଙ୍କ ନାମରେ କୌଣସି ଅପରାଧିକ ମାମଲା ପୂର୍ବରୁ ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

## ସୀମାନ୍ତରେ ବୋମା ଖଞ୍ଜୁଥିବା ବେଳେ ଦୁଇ ମାଓବାଦୀ ଗିରଫ

**ମାଲକାନଗିରି,୨୧।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବୀଜାପୁରଠାରେ ମାଓ ସଂଗଠନର ଦୁଇଜଣ ଆରପିସି ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି ସୁରକ୍ଷା ବଳ। ପୁଲିସଠାରୁ ମିଳିଥିବା ସୂଚନାନୁଯାୟୀ, ଉସୁର ପୁଲିସ ଏବଂ ଡିଆର୍‌ଜି ଯବାନଙ୍କ ମିଳିତ ଦଳ ମାରୁଦବାକା ଅଞ୍ଚଳରେ ତଲାସି ଅଭିଯାନ କରୁଥିଲେ। ସେହି ସମୟରେ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ଦେଖି ସେଠାରୁ ଖସି ପାଳିବାକୁ ଉଦ୍ୟମ କରୁଥିବାବେଳେ ଯବାନମାନେ ତୁରନ୍ତ ସେମାନଙ୍କୁ କାବୁ କରି



ପଚରାଉଚରା କରିଥିଲେ। ଏହି ସମୟରେ ଉଭୟ ମାଓ ସଂଗଠନର ଆରପିସି ସଦସ୍ୟ କାକା ଲାଲାଇୟା ଏବଂ କାକା ରାମା ବୋଲି ଯବାନମାନଙ୍କୁ ନିଜର ପରିଚୟ ଦେଇଥିଲେ। ଏହି ଦୁଇଜଣ ମାଓ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ ଆଇଇଡି ବୋମା ଖଞ୍ଜିବା କାର୍ଯ୍ୟ କରୁଥିବା ମଧ୍ୟ ସ୍ୱୀକାର କରିଥିବା ବେଳେ ଉସୁର ପୁଲିସ ଥାନାରେ ସେମାନଙ୍କ ବିରୋଧରେ ଦୁଇଟି ସ୍ଥାୟୀ ୱାରେଣ୍ଟ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଏହା ଜାଣିବା ପରେ ସେମାନଙ୍କୁ ଯବାନମାନେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

## ପୋଖରୀରେ ବୁଡ଼ି ଭାଇ-ଭଉଣୀ ମୃତ



**ବୋରିଗୁମ୍ମା,୨୧।୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅଞ୍ଚଳା ପଞ୍ଚାୟତ ଅନ୍ତର୍ଗତ ବିରାହାଣ୍ଡି ଗାଁରେ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇ-ଭଉଣୀଙ୍କର ମୃତ୍ୟୁ ହୋଇଛି। ଦୁଇ ମୃତ ଶିଶୁ ହେଲେ ବିରାହାଣ୍ଡି ଗାଁର ଯୋଗେଶ୍ୱର ଅମୋନାତ୍ୟଙ୍କ ୫ ବର୍ଷର ଝିଅ ନାବିନା ଅମୋନାତ୍ୟ ଏବଂ ସଦନ ଅମୋନାତ୍ୟଙ୍କ ୫ ବର୍ଷର ପୁଅ ରାମକୃଷ୍ଣ ଅମୋନାତ୍ୟ। ଉଭୟେ ଶୌଚ ପାଇଁ ନିକଟରେ ଥିବା ପୋଖରୀକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଭାଇ-ଭଉଣୀ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କଲା ପରେ ଅନ୍ୟ ଜଣେ ଶିଶୁଠୁ ସୂଚନା ପାଇ ପୋଖରୀରେ ବୁଡ଼ି ଯାଇଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ପାଣିରୁ ଉଦ୍ଧାର କରିବା ବେଳକୁ ଦୁଇ ଜଣ ଶିଶୁଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁଇ ଜଣଙ୍କ ମୃତଦେହକୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଦୁଇ ଶିଶୁଙ୍କ ମୃତ୍ୟୁକୁ ନେଇ ପରିବାର ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଦୁଃଖଦ ଘଟଣାକୁ ନେଇ ସମଗ୍ର ବିରାହାଣ୍ଡି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭାଇକୁ ହତ୍ୟା ମାମଲାରେ ଭଉଣୀକୁ ଆଜୀବନ କାରାଦଣ୍ଡ

**ଜୟପୁର,୨୧।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଦୌରାଜଜ୍ କୋର୍ଟରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ମହିଳାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଜିଲ୍ଲା ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର ଏହି ମାମଲାର ବିଚାରଣ କରିବା ସହିତ ରାୟରେ ନିଜ ଭାଇକୁ ହତ୍ୟା କରିବା ମାମଲାରେ ଅଭିଯୁକ୍ତା ଭଉଣୀ ରଇଲା ଖରା (୩୭)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲା ଅନୁଯାୟୀ, ୨୦୧୭ ଅଗଷ୍ଟ ୧୩ ତାରିଖରେ ଜୟପୁର ଟାଉନ ଥାନା ଅଧୀନସ୍ଥ ହାତ୍ମାଗୁଡ଼ାଠାରେ ଅପରାହ୍ଣରେ ଭାଇ ମୃତକ ରତନ ଜାନୀ (୩୨)ଙ୍କୁ ଶୋଇବା ଅବସ୍ଥାରେ କୁରାଢ଼ୀରେ ୧୪ ଥର ଚୋଟ ମାରି ନିର୍ମମ ଭାବେ ହତ୍ୟା କରିଥିଲେ। ଟାଉନ ଥାନା ପୁଲିସ ସୂଚନା ପାଇବା ପରେ ଶବ ଜବତ କରିବା ସହ ଏହାର ପରଦିନ ଶବ ବ୍ୟବଚ୍ଛେଦ କରାଯାଇଥିଲା ଏବଂ ୧୫ ତାରିଖରେ ଅଭିଯୁକ୍ତା ଭଉଣୀ ରଇଲାକୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିଲା। ପୁଲିସ ପଚରାଉଚରା ବେଳେ ଅଭିଯୁକ୍ତା ରଇଲା ତା'ର ମାଆ ଘରକୁ ଆସି ରହୁଥିଲା। ତାଙ୍କ ବାପାଙ୍କ ପେନସନରେ ଉଭୟ ମାଆ, ବିବାହିତ ଝିଅ ଏବଂ ତାଙ୍କ ଛୁଆ ପିଲା ଜୀବନ ନିର୍ବାହ କରୁଥିବା ଯୋଗୁଁ ଉକ୍ତ ସାହିରେ ରହୁଥିବା ଭାଇ ମୃତକ ରତନ ବାରମ୍ବାର ବିରୋଧ କରୁଥିଲେ। ଉଭୟ ଭାଇ ଓ ଭଉଣୀଙ୍କ ମଧ୍ୟରେ ଏହି କଥାକୁ ନେଇ ବାରମ୍ବାର ଗଣ୍ଡଗୋଳ ହେଉଥିଲା। ହତ୍ୟାକାଣ୍ଡ ଦିନ ମଧ୍ୟ ମୃତକ ରତନ ଅନ୍ୟ ଜଣେ ବାହାରର ବ୍ୟକ୍ତିଙ୍କୁ ଆଣି ଭଉଣୀ ରଇଲାଙ୍କ ସହିତ ଗଣ୍ଡଗୋଳ କରିଥିଲେ। ବାହାର ଲୋକଙ୍କୁ ଆଣି ଗଣ୍ଡଗୋଳ କରୁଥିବା ନେଇ ଭଉଣୀ ଅଭିଯୋଗ କରିବା ସହିତ ଜୋରଦାର ଗଣ୍ଡଗୋଳ ହୋଇଥିଲା। ଅପରାହ୍ଣରେ ଭାଇ ରତନ ଘର ବାରଣ୍ଡାରେ ଶୋଇଥିଲେ। ଏହାର ସୁଯୋଗ ନେଇ ହତ୍ୟାକାରିଣୀ ଭଉଣୀ ରଇଲା ଏକ କୁରାଢ଼ୀ ଆଣି ତାଙ୍କ ରତନଙ୍କୁ ହାଣିଦେଇଥିଲା। ଫଳରେ ଭାଇ ରତନଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ପାଟିତୁଣ୍ଡ ଶୁଣି ସାହି ପଡ଼ିଶା ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତାଙ୍କ ନାବାଳିକା ଝିଅ ତାଙ୍କ ମାଆ କୁରାଢ଼ୀରେ ତାଙ୍କ ମାମୁଙ୍କୁ ହାଣିଥିବା ନେଇ କହିଥିଲା। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ଅଭିଯୁକ୍ତା ରଇଲାକୁ ହେପାଜତରେ ନେଇ ହତ୍ୟାରେ ବ୍ୟବହୃତ କୁରାଢ଼ୀକୁ ଜବତ କରିଥିଲା। ଏହି ମାମଲାରେ ନାବାଳିକା ମୁଖ୍ୟ ସାକ୍ଷୀ ରହିଥିଲେ ସୁଦ୍ଧା କୋର୍ଟ ସମ୍ମୁଖରେ ସାକ୍ଷୀ ଦେଇ ନ ଥିଲା। କୋର୍ଟରେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରାଯାଇ ଅଭିଯୁକ୍ତାକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ପି.ପି ଶୈଳଜା ପଟ୍ଟନାୟକ ପରିଚାଳନା କରିଥିବାବେଳେ ତତ୍କାଳୀନ ଟାଉନ ଥାନା ଅଧିକାରୀ ତଥା ବର୍ତ୍ତମାନ ମାଲକାନଗିରି ଜିଲ୍ଲା ଅତିରିକ୍ତ ଏସପି ତପନ ନାରାୟଣ ରଥ ତଦନ୍ତ କରିଥିଲେ।

**ନାବାଳିକା ଦୁଷ୍କର୍ମ ମାମଲା**

## ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ, ୫ ହଜାର ଜରିମାନା

**ଯାଜପୁର, ୨୧।୨(ସମିସ):** ନିଜ ସମ୍ପର୍କୀୟ ଭାଇ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କୁ ନ୍ୟାୟ ମିଳିଛି। ଯାଜପୁର ଆଡହକ ଏଡିଜେ, ପୋକସୋ ଅଦାଲତ ଆଜି ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ରାୟ ଶୁଣାଇବା ସହିତ ୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ମାନ୍ୟବର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୨୦ ସେପ୍ଟେମ୍ବର ମାସ ୩୦ ତାରିଖ ସନ୍ଧ୍ୟାରେ କାଳିଆପାଣି ଥାନା ଅଞ୍ଚଳରେ ୧୩ ବର୍ଷୀୟ ନାବାଳିକାକୁ ନିଜ ଦାଦାପୁଅ ଭାଇ ଘରେ କେହି ନ ଥିବା ସୁଯୋଗ ନେଇ ଭାଉଜ ଦେହ ଅସୁସ୍ଥ ଅଛି ଡାକ୍ତରଖାନା ଯିବାକୁ ବାଧ କରିଥିଲା। ନାବାଳିକା ଅରାଜି ହେବାରୁ ତାକୁ ଜୋର୍ ଜବରଦସ୍ତ ସାଇକଲରେ ନେଇ ଭାଲୁକିପାଟଲା ଜଙ୍ଗଲରେ ଦୁଷ୍କର୍ମ କରିଥିଲା। ଏ ଘଟଣା ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଘଟଣାର ୩ ଦିନ ପରେ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଅଭିଯୁକ୍ତ ମହ୍ଲାରସାହି ଗାଁର ଜିସବ ମାଙ୍କେଡିଆ ଓରଫ ଅରିକୁ ଗିରଫ କରି ପକସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି (କେସ ନଂ ୯୪/୨୦୨୦) କୋର୍ଟ ଚାଲାଣ କରିଥିଲା। ଆଜି ଉକ୍ତ ମାମଲାର ବିଚାର କରି ଅଦାଲତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ଦଣ୍ଡବିଧାନ ସହିତ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ପରିଚାଳନା କରୁଥିଲେ।



PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-238 ◆BHUBANESWAR ◆THURSDAY ◆22 FEBRUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୩୮ ◆ଭୁବନେଶ୍ୱର ◆ଗୁରୁବାର ◆୨୨ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ଅାଗ୍ନିକଙ୍କ ଆନ୍ଦୋଳନ ଉପରେ 'ଏସ୍ମା'

**ଭୁବନେଶ୍ୱର, ୨୧।୨(ସମିସ):** ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ଅତ୍ୟାବଶ୍ୟକ ସେବା ଆଇନ୍ ବା ଏସ୍ମା ଲଗାଇଛନ୍ତି ରାଜ୍ୟ ସରକାର। ଏହି ନିର୍ଦ୍ଦେଶ ଆଗାମୀ ୬ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଗୃହ ବିଭାଗ (ସ୍ୱତନ୍ତ୍ର ସେକ୍ସନ) ବିଜ୍ଞପ୍ତି ଜାରି କରିଛି। ସାଧାରଣରେ ଜୀବନ ରକ୍ଷାକାରୀ ସେବା ପ୍ରଦାନରେ ଅଗ୍ନିଶମ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଧନଜୀବନ ରକ୍ଷାରେ ନେତୃତ୍ୱ ନେଇ ଜନସାଧାରଣଙ୍କୁ ସହାୟତାର ହାତ ବଢ଼ାଇଥାନ୍ତି। ମାତ୍ର ଇତିମଧ୍ୟରେ ଦୁଇ ଦଫା ଦାବି ନେଇ ରାଜ୍ୟର ସମସ୍ତ ଅଗ୍ନିଶମ ସେବା କାର୍ଯ୍ୟାଳୟରେ ଆଗ୍ନିକ, ମୁଖ୍ୟ ଆଗ୍ନିକ ଓ ଆଗ୍ନିକ ଡ୍ରାଇଭରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ପୁଲିସ କନଷ୍ଟେବଲ ଓ ହାବିଲଦାରଙ୍କ ଭଳି ସମାନ୍ ମାନ୍ୟତା ଓ ଦରମା ପ୍ରଦାନ ଏବଂ ଅଗ୍ନିଶମ କର୍ମଚାରୀଙ୍କ ସରକାରୀ ସଂଘ ମାନ୍ୟତା ଦାବି ନେଇ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ବୁଧବାର ଠାରୁ ସମସ୍ତ ୩୫୦ଟି କେନ୍ଦ୍ରର ୫ହଜାର କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ଅତ୍ୟାବଶ୍ୟକ ସେବା ଆଇନ ଅନୁସାରେ ଏସ୍ମା ଲାଗୁ କରିଛନ୍ତି।

**ଜାରିହେଲା ଗ୍ରୀଷ୍ମ ପ୍ରବାହ ମାର୍ଗଦର୍ଶିକା**

# ମୁକାବିଲା ପାଇଁ ୨୪ ସୂତ୍ରୀ ଯୋଜନା

- ଜିଲ୍ଲାପାଳଙ୍କୁ ସତର୍କ କଲେ ଏସ୍ଆରସି
- ମାର୍ଗଦର୍ଶିକା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୨(ସମିସ):** ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଗ୍ରୀଷ୍ମ ମୁକାବିଲା ପାଇଁ ରାଜ୍ୟ ସରକାର ଏକ ୨୪ ସୂତ୍ରୀ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ଏହାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆର୍ସି) ସତ୍ୟବ୍ରତ ସାହୁ ବୁଧବାର ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଛନ୍ତି।

ଗ୍ରୀଷ୍ମ ପ୍ରବାହଜନିତ ବିପଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଅଭିଯାନ ଆରମ୍ଭ କରିବାକୁ ଏସ୍ଆର୍ସି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିର ଅଭାବ ଅନେକ ସମୟରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସହିତ ଜଡିତ ହେଉଥିବାରୁ ଏହି ଦିଗକୁ ଧ୍ୟାନ ଦେବା ଏବଂ ଜଳ ଅଭାବ ଅଞ୍ଚଳକୁ ଚିହ୍ନଟ ସହ ସମ୍ପୃକ୍ତ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ନଳକୂପ ଓ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବଜାର, ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସମାବେଶ ସ୍ଥଳରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା/ ଗ୍ରାମ ପଞ୍ଚାୟତ ପକ୍ଷରୁ ପାନୀୟଜଳ ସେବାକେନ୍ଦ୍ର ଖୋଲାଯିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସହରାଞ୍ଚଳ ଆଶ୍ରୟସ୍ଥଳୀ, ଗୋଷ୍ଠୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନଗୁଡ଼ିକୁ ବାସହୀନ/ ଅସହାୟ ଲୋକଙ୍କ ପାଇଁ ଦିନ ସମୟରେ ବିଶ୍ରାମ ପାଇଁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

ନିର୍ଦ୍ଦେଶ ଅନୁସାରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଗ୍ରୀଷ୍ମ ଋତୁରେ ପଶୁମାନଙ୍କର ଯତ୍ନ ପାଇଁ ସତର୍କ ସୂଚନା ଜାରି କରିବ। ଆବଶ୍ୟକସ୍ଥଳେ ବିଦ୍ୟାଳୟ ପରିସରରେ ଥିବା ନଳକୂପ ମରାମତି କରାଯାଇ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ। ଛାତ୍ରଛାତ୍ରୀମାନେ ଯେପରି ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆଉଟଡୋର କାର୍ଯ୍ୟକଳାପ ଉପରେ କଟକଣା ଲାଗୁ କରାଯିବ। ଅଙ୍ଗନୱାଡି କେନ୍ଦ୍ର କେବଳ ସକାଳ ସମୟରେ ଖୋଲା ରହିବ ଓ ପାଣିର ଉପଲବ୍ଧତା ଯାଞ୍ଚ ଏବଂ ସୁନିଶ୍ଚିତ କରାଯିବ। ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ପାଖରେ ପର୍ଯ୍ୟାପ୍ତ ଓଆରଏସ୍ ପ୍ୟାକେଟ୍ ଉପଲବ୍ଧ ରହିବ। ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିସପେନ୍ସରୀ, ପିଏଚ୍ସି., ସିଏଚ୍ସି ଏବଂ ଉପଖଣ୍ଡ/ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ, ସାଲାଇନ୍, ଓଆରଏସ୍ ସଂରକ୍ଷଣ କରାଯିବ। ବିଭିନ୍ନ ହସ୍ପିଟାଲରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଅଲଗା ଅଲଗା ୱାର୍ଡ/ ଶଯ୍ୟା ବ୍ୟବସ୍ଥା କରାଯିବ।

ସମସ୍ତ ସାର୍ବଜନୀନ ପରିବହନ ଯାନରେ ଯାତ୍ରା କରୁଥିବା ଯାତ୍ରୀ/ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ବିଶୁଦ୍ଧ ପାଣି ଏବଂ ଓଆରଏସ୍ ପ୍ୟାକେଟ୍ ରହିବ। ଅଣ-ବାତାନୁକୂଳିତ ସାର୍ବଜନୀନ ପରିବହନ ସେବାର ସମୟ ଓ କାର୍ଯ୍ୟସ୍ଥଳୀରେ ଶ୍ରମିକଙ୍କ ନିୟୋଜିତ ହେବାର ସମୟ ପରିବର୍ତ୍ତନ କରାଯିବା। ଗ୍ରୀଷ୍ମ ପ୍ରବାହ ସମୟରେ ଶ୍ରମିକମାନେ ବାହାରେ କାର୍ଯ୍ୟ କରିବେ ନାହିଁ। ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ବଜାୟ ରଖିବା ପାଇଁ ଶକ୍ତି ବିଭାଗ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯିବ। ମେଡିକାଲ ଅନୁଷ୍ଠାନ, ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ର ଇତ୍ୟାଦିରେ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରିବେ ବୋଲି ଏସ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି।

**■ 'ମୋ ସ୍କୁଲ' କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

## ୧୫୮୯ ପ୍ରକଳ୍ପ ପାଇଁ ୩୧ କୋଟି ବ୍ୟୟ ଅଟକଳ

**ଉଚ୍ଚ ବିଦ୍ୟାଳୟରେ ହେବ ୨୮୩୭ ଅତିରିକ୍ତ ସ୍ମାର୍ଟ ଶ୍ରେଣୀଗୃହ**

**ଭୁବନେଶ୍ୱର, ୨୧।୨(ସମିସ):** ଉଚ୍ଚ ବିଦ୍ୟାଳୟରେ ଆକାଂକ୍ଷୀ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ସହାୟକ ପୁସ୍ତିକା ପ୍ରସ୍ତୁତ କରି ପ୍ରଥମ ପର୍ଯ୍ୟାୟରେ ରାଜ୍ୟସ୍ତରରେ ୧୨୫୬ ଜଣ ଶିକ୍ଷକଙ୍କୁ ଅପ୍ରେଲ ଶେଷ ସପ୍ତାହରୁ ପ୍ରଶିକ୍ଷଣ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାସ୍ତରରେ ୩୪, ୭୨୦ ଜଣ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେହିପରି ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀପାଇଁ ୨୮୩୭ଟି ଅତିରିକ୍ତ ସ୍ମାର୍ଟ ଶ୍ରେଣୀଗୃହ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଦିଆଯିବ। ବିଜ୍ଞାନ ଏବଂ ଗଣିତ ଶିକ୍ଷକଙ୍କୁ ଅଧିକ ଦକ୍ଷ କରିବା ପାଇଁ ବିଭିନ୍ନ ଜାତୀୟସ୍ତରୀୟ ଅନୁଷ୍ଠାନ ସହାୟତାରେ ରାଜ୍ୟ ସାଧନକର୍ମୀ ଦଳ ଗଠନ କରି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି 'ମୋ ସ୍କୁଲ ଅଭିଯାନ'ର ୪୬ ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଚୟନ ହୋଇଥିବା ୫ଶହ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତା ପ୍ରଦାନ କରାଯିବ। ନବମ ଏବଂ ଦଶମ ଶ୍ରେଣୀ ପାଇଁ ଓଡ଼ିଆରେ ପ୍ରସ୍ତୁତ ହେଉଥିବା ଗଣିତ ପୁସ୍ତକ ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।

ସୂଚନା ଅନୁଯାୟୀ, ବିଭିନ୍ନ ଜିଲ୍ଲା ଓ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ଦ୍ୱାରା ଆଗତ ପ୍ରସ୍ତାବଗୁଡ଼ିକୁ ଯାଞ୍ଚ ପରେ ୨୮ ଜିଲ୍ଲାର ମୋଟ୍ ୧୦୭୨ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହାସହ ମୋଟ୍ ୧୫୮୯ଟି ପ୍ରକଳ୍ପ ପାଇଁ ୩୧ କୋଟି ୮୧ ଲକ୍ଷ ୫୯ ହଜାର ଟଙ୍କା ପରିଷଦ ଅନୁମୋଦନ କରିଛି। ଏହି ବୈଠକରେ କାର୍ଯ୍ୟନିର୍ବାହୀ ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଅଶ୍ୱଥୀ ଏସ୍ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଭାରପ୍ରାପ୍ତ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ପ୍ରମୁଖ ବୈଠକରେ ଯୋଗ ଦେଇଛନ୍ତି।

## ବିଜେଡିରେ ଯୋଗଦେଲେ ସୁକାନ୍ତ ପାଣିଗ୍ରାହୀ

**ଭୁବନେଶ୍ୱର, ୨୧।୨(ସମିସ):** ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ବରିଷ୍ଠ ଆକାଉଣ୍ଟ ଅଫିସର ତଥା ପୂର୍ବତନ ଭାରତୀୟ ଭଲିବଲ ଓ ସନ୍ତୋଷ ଟ୍ରଫି ଖେଳାଳି ସୁକାନ୍ତ କୁମାର ପାଣିଗ୍ରାହୀ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ଶଙ୍ଖଭବନଠାରେ ରାଜ୍ୟ ହାଉସିଂ ବୋର୍ଡ କର୍ପୋରେସନର ଅଧ୍ୟକ୍ଷ ତଥା ବଲାଙ୍ଗୀରର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ଉପଢୌକନ ଦେଇ ଶ୍ରୀ ସିଂହଦେଓ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶ୍ରୀ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ କହିଛନ୍ତି



ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆହୁରି ତିନି ବର୍ଷ ଚାକିରୀ ଥିଲେ ହେଁ ସେଥିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗ ଦେଲି। ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଆସିନାହିଁ। ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ମୁଁ ନିଷ୍ଠାର ସହ ତୁଲାଇବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ମିଶ୍ରଣ ପର୍ବରେ ବଲାଙ୍ଗୀର ଅଞ୍ଚଳର କଂଗ୍ରେସ ନେତା ବୈଶାଖୁ ଗଡ଼ତିଆ, ତୁଷାରକାନ୍ତ ଗଡ଼ତିଆ, ଆନନ୍ଦ କୁମାର ପ୍ରଧାନ, ରୋଷନ କୁମାର ପ୍ରଧାନ, ସୁଶୀଲ ବାଗ୍ ଏବଂ ବିଜେପିର ଆଶୀଷ କୁମାର ଦୋରା, ଗଙ୍ଗାଧର ମାଝୀ, ଜନ୍ମେଜୟ ଶତପଥୀ, ମଧୁ ପଡ଼ା, ରାଧାଶ୍ୟାମ ବିଶି, ଧ୍ରୁବ ବାଗ୍, ନରୋତ୍ତମ ପାଣିଗ୍ରାହୀ ଏବଂ ରାଜେଶ ପ୍ରଧାନଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକିଶୋର ଦାସଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ

**ଭୁବନେଶ୍ୱର, ୨୧।୨(ସମିସ):** ଦେବଗଡ଼ ଜିଲ୍ଲାର ବିଜେଡି ନେତା ରାଜକିଶୋର ଦାସଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ଦଳ ପକ୍ଷରୁ ପ୍ରେସ ରିଲିଜ ମାଧ୍ୟମରେ ଅବଗତ କରାଯାଇଛି।




# ତାଣ୍ଡାବାଇ ପଞ୍ଚାୟତ ଅଫିସରୁ କୋଭିଡ୍ ସାମଗ୍ରୀ ଚୋରି

## ● ମୋବାଇଲରୁ ମୋବାଇଲ ଘୂରି ବୁଲୁଛି ଭିଡିଓ

ଏମଭି୭ ୯,(ସମିସ)୨୧।୨

ଗତ ୩ରୁ ୪ ବର୍ଷ ପୂର୍ବେ କରୋନା ମହାମାରୀ ସାରା ଦେଶରେ ନିଜ କାୟା ବିସ୍ତାର କରିଥିଲା। ଯାହା ଫଳରେ ଏହି ମହାମାରୀକୁ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ବାହାରୁ ଆସୁଥିବା ଲୋକେ କିପରି କ୍ୱାରେଣ୍ଟାଇନ କେନ୍ଦ୍ରରେ ସୁରକ୍ଷିତ ରହିବେ, ସେଥିପାଇଁ କୋଭିଡ୍ କେନ୍ଦ୍ର କରିଥିଲେ। ଏହି କେନ୍ଦ୍ରଗୁଡ଼ିକରେ ଖଟ, ଗଦି, ବିଶୁଦ୍ଧ ପାନୀୟ ଜଳ ସହ ଲୋକଙ୍କ ପାଇଁ ବିଭିନ୍ନ ସରଞ୍ଜାମର ବ୍ୟବସ୍ଥା କରି ରଖାଯାଇଥିଲା। କରୋନା ମହାମାରୀର ପ୍ରକୋପ ବର୍ତ୍ତମାନ ସରିଛି, କିନ୍ତୁ ସେହି ସମୟରେ ପଞ୍ଚାୟତକୁ ଆସିଥିବା ସାମଗ୍ରୀ କଥା ସମସ୍ତେ ଭୁଲିଗଲେ। ରାଜ୍ୟ ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ କ୍ରୟ ହୋଇଥିବା ଏହି ସାମଗ୍ରୀଗୁଡ଼ିକ କିଛି ପଞ୍ଚାୟତର ଗୋଦାମ ଘରେ ଗଚ୍ଛିତ ହୋଇ ପଡ଼ି ରହିଥିବାବେଳେ କେତେକ ସ୍ଥାନରେ ଏଣେତେଣେ ପଡ଼ିବା ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ବର୍ତ୍ତମାନ ମାଲକାନଗିରି ଜିଲ୍ଲା ତାଣ୍ଡାବାଇ ଗ୍ରାମରେ ଏହି ସାମଗ୍ରୀଗୁଡ଼ିକର କିଛି ଅଲଗା ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଜିଲ୍ଲାର କାଲିମେଳା ବ୍ଲକ୍ ଅନ୍ତର୍ଗତ ତାଣ୍ଡାବାଇ ପଞ୍ଚାୟତରେ ଏହି ସାମଗ୍ରୀଗୁଡ଼ିକର ହେଉଛି ଚୋରି, ଯାହାର ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଥିବା ଦେଖିବା ପାଇଁ ମିଳିଛି। ଯେଉଁଥିରେ ଗୋଟିଏ ମୋଟର ସାଇକଲ ଓ ଏକ ଟ୍ରାକ୍ଟରରେ କୋଭିଡ୍ ସମୟରେ ପଞ୍ଚାୟତକୁ ଆସିଥିବା ସାମଗ୍ରୀ ରହିଛି।

ପଞ୍ଚାୟତରେ ରହି ରହି ଏହି ସାମଗ୍ରୀଗୁଡ଼ିକୁ ସମସ୍ତେ ଭୁଲି ଯାଇଥିବାବେଳେ କିଛି ଦୁର୍ବୃତ୍ତ ଏହାକୁ ପଞ୍ଚାୟତରୁ ଖୋଲାଖୋଲି ଭାବେ ଚୋରି କରିବା ସହ ଚାଲାଣ କରିବାରେ ଲାଗିଛନ୍ତି। ଏ ସମ୍ବନ୍ଧରେ ତଣ୍ଡାବାଇ ପଞ୍ଚାୟତର ସରପଞ୍ଚଙ୍କୁ ପଚାରିବାରୁ ସେ ସର୍ବ ସମ୍ମୁଖରେ କିଛି କହିବାକୁ ମନା କରିଥିଲେ ମଧ୍ୟ କିଛି ବ୍ୟକ୍ତି ଏହି ଜିନିଷ ଚୋରି କରିଥିବା ସେ ମାନିଥିଲେ। ତେବେ ଏହି ଘଟଣାକୁ ନେଇ ଗ୍ରାମରେ ଏକ ବୈଠକ କରି ୭୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ସ୍ଥାନୀୟ ସରପଞ୍ଚ ମଧ୍ୟ ସ୍ୱୀକାର କରିଥିବାବେଳେ ଚୋରି କରିଥିବା ଲୋକଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ସମୟ ସାପେକ୍ଷ। ଏହି ବିଷୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଷୟରେ ସେ ଅବଗତ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ପଞ୍ଚାୟତରେ ଥିବା ସାମଗ୍ରୀ କିପରି ଓ କିଏ ଚୋରି କରିବାରେ ସହାୟକ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏହାର ସୁରକ୍ଷା ଦାୟିତ୍ୱ କାହାର ବୋଲି ମଧ୍ୟ ଲୋକେ ପିଆରଏସଏନ କରିଛନ୍ତି। ଏହାର ତୁରନ୍ତ ସମାଧାନ କରିବା ସହ ଚୋରି କରିଥିବା ଲୋକଙ୍କୁ ଉପଯୁକ୍ତ ଶାସ୍ତି ମିଳୁ ବୋଲି ସାଧାରଣରେ ଦାବି ହେଉଛି।

# ଅମ୍ବାଦଳା ସେବାଶ୍ରମର ବାର୍ଷିକ ଉତ୍ସବ




**ମୁନିଗୁଡ଼ା,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ସେବାଶ୍ରମରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ପି ଲଳିତା କୁମାରୀଙ୍କ ଆବାହକ ଓ ପରିଚାଳନା କମିଟି ସଭାପତି ଡାଲିମ୍ବ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଆରସିସି ବ୍ରଜବନ୍ଧୁ ହିଆଲ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଭାରତୀୟ ନୌସେନାର ଅବସରପ୍ରାପ୍ତ ଅଧିକାରୀ ସୁରଜିତ ହୋତା,ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରତାପ ଜେନା, ଶିକ୍ଷୟିତ୍ରୀ ମାଳବିକା ମୁଖାର୍ଜୀ, ଶିକ୍ଷକ ବିବେକାନନ୍ଦ ନନ୍ଦ, ଶିକ୍ଷକ କାମେଶ୍ୱର ନାୟକ, ଶିକ୍ଷକ ଗୌରାଙ୍ଗ ଦାସ, ସିଆରସିସି ଅକ୍ଷୟ କୁମାର ରଥ ଓ ଶିକ୍ଷକ ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପ୍ରତ୍ୟେକ କ୍ଲଷ୍ଟର ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସେବାଶ୍ରମର ଶିକ୍ଷକ ଏମ.ମୁରଲୀ କ୍ରୀଷ୍ଣା ମଞ୍ଚ ପରିଚାଳନା ଏବଂ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ପି.ଲଳିତା କୁମାରୀ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ପ୍ରଧାନଶିକ୍ଷୟିତ୍ରୀ ଲଳିତା କୁମାରୀଙ୍କ ଆୟୋଜନରେ ହୋଇଥିବା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ହୋତା ପ୍ରଚଳିତ ଶିକ୍ଷା ସହ ପ୍ରାଚୀନ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଜାଣିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଶେଷ

# 'ଶିକ୍ଷାକୁ ଆପଣାଇଲେ ରାଜ୍ୟର ପ୍ରଗତି ସମ୍ଭବ'

### ଚାଷୀଙ୍କ ନିମନ୍ତେ ଶୀତଳ ଭଣ୍ଡାର ନେଇ ସରକାରଙ୍କୁ ନିବେଦନ





କୁନ୍ଦୁରା,୨୧।୨(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ୧୬ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମସ୍ତ ଲୋକ ପ୍ରତିନିଧି, ସମସ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଚାଲିଥିବା ବ୍ଲକସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ସଚେତନତା କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ସମସ୍ତ ଯୁବ ବର୍ଗ ଓ ଛାତ୍ରଛାତ୍ରୀ ଶିକ୍ଷାକୁ ଅପଣାଇଲେ ରାଜ୍ୟର ପ୍ରଗତି ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ସଚେତନ କରିଥିଲେ। ଶିକ୍ଷାକୁ ନେଇ ଗତ ଦିନରେ ଯେଉଁ ଭଳି ଭାବେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡୁଥିଲେ ତାହା ଆଜିର ଦିନରେ ଦେଖିବାକୁ ଆଉ ମିଳୁନାହିଁ ବୋଲି ଅତିଥିମାନେ କହିଥିଲେ। ପ୍ରତି ଗାଁ, ପ୍ରତି ଗ୍ରାମ ପଞ୍ଚାୟତ ଏବଂ ପ୍ରତି ବ୍ଲକସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକ ନିର୍ମାଣ କରିଛନ୍ତି। ଏହାସହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ କରିଛନ୍ତି। ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଦୁଇ ଯୋଡ଼ା ପୋଷାକ ଓ ଶନିବାର ଦିନ ନିମନ୍ତେ ଏକ ରଙ୍ଗୀନ ପୋଷାକ ବଣ୍ଟନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ବେଞ୍ଚ ପ୍ରଦାନ କରିଛନ୍ତି। ଯାହାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଭିତରେ ପାଠ ପଢ଼ିବା ପାଇଁ ବର୍ତ୍ତମାନ ଏକ ଇଚ୍ଛାଶକ୍ତି ଜାଗ୍ରତ ହୋଇଥିବା ଦେଖିବାକୁ ମିଳୁଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଲୋକାଭିମୁଖୀ ଯୋଜନାର ଏକ ପୁସ୍ତକ ସଚେତନତା ଶିବିରରେ ଉନ୍ମୋଚନ କରାଯାଇଥିଲା। ଏହି ସଚେତନତା ଶିବିରରେ ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃଷି ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କୃଷକମାନଙ୍କ ନିମନ୍ତେ ରହିଥିବା କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ କୃଷକମାନେ ଯୋଗଦେଇ ଶୀତଳ ଭଣ୍ଡାର କରିବା ନିମନ୍ତେ ସରକାରଙ୍କ ନିକଟରେ ନିବେଦନ କରିଥିଲେ। ଗତ ଦିନରେ ଚାଷୀମାନଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଧାନ ଖଳା ଏବଂ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଅନୁରୋଧ କରାଯାଇଥିବାବେଳେ ଚାଷୀଙ୍କ ଦୁଃଖ ବୁଝିଲେ ସରକାର। ସରକାରୀ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡୀ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ପ୍ରତିନିଧି ରମାକାନ୍ତ ମିଶ୍ର, ଯୁବ ସଭାପତି ବିକ୍ରମ ବେହେରା, ଜିଲ୍ଲା ପରିଷଦ ସଭ୍ୟ କନକଲତା ପେଣ୍ଠିଆ, ଏବିଡିଓ ରାମ ପ୍ରସାଦ ଦୋରା, ଜିପିଇଓ ସୁଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଣ୍ଠାପୁଟ ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୀତମ ପାଢ଼ି ବିଜେଡି ସରକାରଙ୍କ ଦ୍ୱାରା ଏବେ ଉନ୍ନତି ଘଟିଛି ବୋଲି କହିବା ସହ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେଇଥିବା ସେ ସୂଚନା ଦେଇଥିଲେ। ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷା ଶିବା ବାଙ୍ଗାରି, ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଧାୟକ ପ୍ରତିନିଧି ଅନନ୍ତରାମ ମାଟାମ, ବିଜେଡି ଜିଲ୍ଲା ସଂଯୋଜିକା ଲତା ରାୟ, ସିଡିପିଓ ବିନୋଦିନୀ ବେହେରାଙ୍କ ସମେତ ଜନପ୍ରତିନିଧିମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ। ଗୁଣ୍ଠାପୁଟ ସରପଞ୍ଚ ବଳଭଦ୍ରବରା ପିଓ ମୋହନ ଖରା, ଦୁଧାରୀ ସରୋପଞ୍ଚ ମାଧବ ନନ୍ଦିବାଲି, ନାଏବ ସରପଞ୍ଚ ମାଳତି ମୁଠାଇ, ସମିତିସଭ୍ୟ ପୂର୍ବ କୁଳଦୀପ, ସମାଜସେବୀ ସୁନାମ ହନ୍ତାଳଙ୍କ ସମେତ ପଞ୍ଚାୟତ ଅଧିକାରୀମାନେ ଯୋଗଦେଇଥିଲେ। ସେହିପରି କୁନ୍ଦୁଲିରେ ମଧ୍ୟ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ମହିଳା ସଂଯାଜକ ଲତା ରାୟ, ବ୍ଲକ୍ ଉପାଧ୍ୟକ୍ଷା ଶିବା ବାଙ୍ଗାରି ଯୋଗଦେଇଥିଲେ। କୁନ୍ଦୁଲି ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଭିଡିଓ ପ୍ରୋଜେକ୍ଟର ମାଧ୍ୟମରେ ସେମିଳିଗୁଡ଼ା ବ୍ଲକରେ ରାଜ୍ୟ ସରକାରଙ୍କ ବିକାଶ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା।

# କ୍ଷୀରଚୋରା ଗୋପୀନାଥ ମନ୍ଦିରର ପ୍ରତିଷ୍ଠା ଦିବସ

**ଦାମନଯୋଡ଼ି,୨୧।୨(ସମିସ):** ନାଲକୋ ଟାଉନ୍ ସିପ୍ ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅବସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଓ ବିଗ୍ରହଙ୍କ ପ୍ରଥମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜାନୀତି ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଅଜୟ କୁମାର ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ପୂଜକ ବିଜୟ କୁମାର ପଣ୍ଡା ଓ ଅମୀୟ କୁମାର ସାମନ୍ତରାୟଙ୍କ ସହିତ ସୁଶାନ୍ତ କୁମାର ଦାଶ ଓ ବିଜୟ କୁମାର ଆଚାର୍ଯ୍ୟ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଦୁର୍ଗାପ୍ରସାଦ ପାତ୍ର ଓ ପତ୍ନୀ ଯଶୋବନ୍ତୀ ପାତ୍ର ଏବଂ ପ୍ରଦୋଷ କୁମାର ଆଚାର୍ଯ୍ୟ ଓ ପତ୍ନୀ ରଶ୍ମିବାଳା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଦୁଇ ଦମ୍ପତି ମଧ୍ୟ ଗତବର୍ଷ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ରାଜେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାଶ, କୈଳାସ ଚନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାରଣା, ସୁଶାନ୍ତ କୁମାର ପଣ୍ଡା, ବଳରାମ ପାଣି, ଡ. ଅଶୋକ କୁମାର ମହାନ୍ତି, ରବିନ୍ଦ୍ର ନାଥ ମୁଦୁଲି, ଖଦାଳ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ■ ଜିଲ୍ଲା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ

# ୫୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ମାଲକାନଗିରି,୨୧।୨(ସମିସ):



ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗମ୍ପାକୋଣ୍ଡା ଗ୍ରାମ ପଞ୍ଚାୟତଠାରେ ବୁଧବାର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ କଲ୍ୟାଣ କାର୍ଯ୍ୟଗୁଡ଼ିକୁ ସମ୍ମାନ ସହ ନୂଆ ଓଡ଼ିଶା ଗଠନରେ ଭାଗିଦାର ହେବା ସହ ଲୋକଙ୍କ ପାଇଁ କାମ କରିବା ଲକ୍ଷ୍ୟ ନେଇ ଗମ୍ପାକୋଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମପିଭି ୨୬, ଏମପିଭି ୨୫, ଏମପିଭି ୨୭, ଏମପିଭି ୨୪, ଏମଭି ୬୬ ଓ ଏରାକୁଣ୍ଡା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଦଳର ସକ୍ରିୟ କର୍ମକର୍ତ୍ତା ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ଏହି ଅବସରରେ ଦଳକୁ ଆହୁରି ଅଧିକ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନରେ ଦଳକୁ ସଫଳ କରିବା ପାଇଁ ଏକ ବୈଠକ କରି ରଣନୀତି ପ୍ରସ୍ତୁତ କରଯାଇଥିଲା। ଏହି ଅବସରରେ ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଦଳୀୟନେତୃମଣ୍ଡଳୀ ବୁନା ରାଓ, ତପନ ସାନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ




**କୋରାପୁଟ,୨୧।୨(ସମିସ):** ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟଠାରେ ଦେଶିଆ ଭାଷା ସମ୍ମିଳନୀ ତରଫରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରୁ ବିଭିନ୍ନ ଭାଷାପ୍ରେମୀମାନେ ଯୋଗଦେଇଥିଲେ। ନିଜ ନିଜ ମାତୃଭାଷାକୁ ସମ୍ମାନ ଦେବା ଓ କୋରାପୁଟର ଦେଶିଆ ଭାଷାର ବିକାଶ, ସମୃଦ୍ଧି କରିବା ସହିତ ଅନ୍ତର୍ଜାତୀୟସ୍ତରରେ ଲୋକଲୋଚନକୁ ଆଣିବା ଓ ବିଭିନ୍ନ ପୁସ୍ତକ ଏବଂ ପତ୍ର ପତ୍ରିକା ପ୍ରସ୍ତୁତି କରିବା ଦିବସ ପାଳନ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ନିଶାଣି ମୁଣ୍ଡା ହୁଣ୍ଡି ଠାକୁରାଣୀଠାରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ପ୍ରାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ସଦାନନ୍ଦ ଅଡ଼ାରୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଭାଷା ହିଁ ଆମ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଲେଖକ ସାଇମନ ବିଡ଼ିକା ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ଜାତି ତଥା ଜନଜାତି ଏବଂ ସେମାନଙ୍କ ବ୍ୟାବହାରିକ ଭାଷା, ଓଡ଼ିଶାରେ ବସବାସ କରୁଥିବା ଜନଜାତି ଏବଂ ତାଙ୍କ ବ୍ୟାବହାରିକ ଭାଷା ଏବଂ ସାରା ଭାରତ ବର୍ଷର ବିଭିନ୍ନ ପ୍ରକାର ଜନଜାତି ତାଙ୍କର ଭାଷା ଉପରେ ଆଲୋକପାତ କରିଥିଲେ। ଜେମାମଣି ବିଶୋଇ ଦେଶିଆ ଭାଷା, ଢେମସା, ନାଚ ଗୀତ, ଚଇତି ପରବ, ପୁଷ୍ ପରବ ଏବଂ ବାଲାଇ ମାତାନି ଇତ୍ୟାଦି ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଦେଶିଆ ଭାଷା ସମ୍ମିଳନୀର ସଭାପତି ଗୁପ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ଗୀତକୁଡ଼ିଆନି ମଣିମା ଶୁକ୍ରି, ଲେଖକ ଡ. ରାଜେନ୍ଦ୍ର ପାଢ଼ୀ, ଜଗନ୍ନାଥ ପଟ୍ଟନାୟକ, ବିଦ୍ୟାଧର ଉପାଧ୍ୟାୟ ଏବଂ ଅଧ୍ୟାପକ ଡ. ସଦାନନ୍ଦ ଅଡ଼ାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସନ୍ୟାସୀ ପୂଜାରୀ, ଜଗନ୍ନାଥ ନାୟକ, ଅମିତ କୁମାର ନାୟକ, ଘାସିରାମ ଖରା ଏବଂ ଶଶି ଭୂଷଣ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋରାପୁଟ,୨୧।୨(ସମିସ):** ସ୍ଥାନୀୟ ଆରଟିଓ ଅଫିସ ନିକଟ ପଡ଼ିଆରେ କୋରାପୁଟ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଡ୍ରିମ୍ ଷ୍ଟାର କ୍ଲବ୍ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ଡମ୍ବରୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କୋରାପୁଟ ସହରର ୬ଟି ଟିମ୍ ଏଥିରେ ଅଂଶ ଗ୍ରହଣ କରିଥିବାବେଳେ ଆସନ୍ତା ମାସ ୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଜଣାପଡ଼ିଛି।

## ଆନ୍ଦୋଳନରେ ଗ୍ରାମ୍ୟ କୃଷି କର୍ମଚାରୀ

# ପୋକଲାଗି ନଷ୍ଟ ହେଉଛି ବାଦାମ ଚାଷ; ଚିନ୍ତାରେ ଚାଷୀ



**ମାଲକାନଗିରି,୨୧।୨(ସମିସ):** ମାଲକାନଗିରି ଜିଲ୍ଲାରେ ଅନେକ ଲୋକ ଚାଷ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟଉଥିବାବେଳେ ଜିଲ୍ଲାରେ ଅନେକ ଚାଷ ମଧ୍ୟରେ ଅନ୍ୟତମ ଓ ଲାଭଦାୟକ ଚାଷ ହେଉଛି ଚିନାବାଦାମ ଫସଲ। ପ୍ରତି ବର୍ଷ ପରି ଚଳିତ ବର୍ଷ ଏହି ଫସଲ ମଧ୍ୟ ଭଲ ହୋଇଛି। କିନ୍ତୁ ଏହି ଫସଲରେ ପୋକ ଆକ୍ରାନ୍ତ ଯୋଗୁଁ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ନଷ୍ଟ ହେବାକୁ ବସିଛି ଶହ ଶହ ଏକର ଚିନାବାଦାମ ଚାଷ। ଚାଷ ଉପରେ ନିର୍ଭର କରି ବଞ୍ଚୁଥିବା ଚାଷୀମାନଙ୍କର ବର୍ଷକର ଆୟ ବୁଡ଼ିବାକୁ ବସିଛି। ସେପେଟେ ଗ୍ରାମ୍ୟ କୃଷୀ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି ଚାଷିକୁଳ।

ସୂଚନା ଅନୁଯାୟୀ, ଜିଲ୍ଲାର କାଲିମେଳା ବ୍ଲକ୍ ଅନ୍ତର୍ଗତ ଗୁମୁକା ଗ୍ରାମ ପଞ୍ଚାୟତର ଚାଷୀମାନେ କିଛି ଏପରି ଅଭିଯୋଗ ଆଣିଛନ୍ତି। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍, ଗୁମୁକା ଗ୍ରାମ ପଞ୍ଚାୟତର ଏମପିଭି-୧୪ ଏବଂ ଏମପିଭି-୧୫ ଗ୍ରାମର ଚାଷୀମାନେ ୫୦୦ ଏକରରୁ ଅଧିକ ଜମିରେ ଚିନାବାଦାମ ଚାଷ କରିଛନ୍ତି। ସେଥିରୁ ସେମାନଙ୍କ ଭଲ ଉପାର୍ଜନ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ସେମାନଙ୍କ ଚିନାବାଦାମ ଫସଲରେ ଅଜଣା ପୋକ ଲାଗିଥିବାରୁ ଗଛଗୁଡ଼ିକ ହଳଦିଆ ହେବା ସହ ଗଛ ମୂଳରେ ବାଦାମ ଆସିବା ପୂର୍ବରୁ ଫସଲ ନଷ୍ଟ ହେବାରେ ଲାଗିଥିବା ଚାଷୀ ପ୍ରକାଶ କରିଛନ୍ତି। ତେବେ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀମାନେ ବାହାର ଦୋକାନରୁ କୀଟନାଶକ ଔଷଧ ଆଣି ସିଞ୍ଚନ କରୁଥିଲେ ମଧ୍ୟ କୀଟ ଦମନ ହେବାର କୌଣସି ଆଭାସ ମିଳୁନାହିଁ। ଏଣୁ ଚାଷୀମାନେ ଉପାୟଶୂନ୍ୟ ହୋଇ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ଗ୍ରାମ୍ୟ କୃଷି କର୍ମଚାରୀମାନେ ଛୁଟିରେ ରହି ଆନ୍ଦୋଳନରେ ଯୋଗଦେଇଥିବା କହି ଚାଷୀମାନଙ୍କ ସମସ୍ୟାକୁ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଚାଷୀମାନେ ଚାଷ କରିବା ପାଇଁ ବ୍ୟାଙ୍କ ଓ ଅନ୍ୟ ସୂତ୍ରରୁ ଋଣ କରିଛନ୍ତି। ଏଭଳି ସ୍ଥିତିରେ ଏହି ଅଜଣା ପୋକକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଯଦି ଚିନାବାଦାମ ଫସଲ ନଷ୍ଟ ହୋଇଯିବ, ତେବେ ସେମାନଙ୍କ ଅମଳ ସମ୍ପୂର୍ଣ୍ଣ ହ୍ରାସ ହୋଇଯିବ। ତେଣୁ ସେମାନେ ଆଣିଥିବା ଋଣ କିଭଳି ସୁଝିବେ ବୋଲି ଅଭିଯୋଗ କରିବା ସହ ଯଦି ଏହି ସମୟରେ କୃଷି ବିଭାଗର କର୍ମଚାରୀମାନେ ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ଫସଲକୁ ପୋକ ଦାଉରୁ ନ ବଞ୍ଚାଇବେ ତେବେ ସେମାନେ କିପରି ବଞ୍ଚିବେ ବୋଲି ଅଭିଯୋଗ କରିଛନ୍ତି। ସେପଟେ ଏନେଇ ଗ୍ରାମ୍ୟ କୃଷି କର୍ମଚାରୀମାନେ କହିଛନ୍ତି ଯେ ଚାଷୀମାନଙ୍କର ଯେଉଁ ସମସ୍ୟା ହେଉଛି ସେଥିପାଇଁ ସେମାନେ ଦୁଃଖିତ ଥିବା ପ୍ରକାଶ କରିଛନ୍ତି। ତେବେ ଦୀର୍ଘଦିନ ହେବ ସେମାନେ ୭ ଦଫା ଦାବିକୁ ନେଇ ଆନ୍ଦୋଳନ କରୁଥିବାରୁ ଯେପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ନ ଶୁଣିଛନ୍ତି ସେମାନେ ଏମିତି ଧାରଣାରେ ବସିରହିବେ ଓ କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଏ ପରିସ୍ଥିତିରେ ହରଡ଼ଘଣାରେ ଚାଷୀ ରହି ଅଧିକ ଚିନ୍ତାରେ ପଡ଼ି ଯାଇଥିବାବେଳେ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ନେହୁରା ହୋଇଛନ୍ତି।



# ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାରଙ୍କୁ ୨ ବର୍ଷ ଜେଲ୍

**ସୁନ୍ଦରଗଡ଼/ରାଉରକେଲା, ୨୧।୨ (ସମିସ):** ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡ ସ୍ୱରୂପ ଇତିମଧ୍ୟରେ ଅବସର ଗ୍ରହଣ କରିଥିବା କୁଆଁରମୁଣ୍ଡା ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର କପିଳେନ୍ଦ୍ର ନାୟକ (୭୬)ଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ସେହିପରି ଅନ୍ୟ ଏକ ମାମଲାରେ କୋର୍ଟ ତାଙ୍କୁ ୧ ବର୍ଷ ଜେଲ୍ ଓ ୨ ହଜାର ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇମାସ ଜେଲ୍ ଦଣ୍ଡ ପ୍ରଦାନ କରାଯାଇଛି। ଦୁଇଟିଯାକ ଦଣ୍ଡ ସେ ଏକକାଳୀନ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ବିବରଣୀରୁ ପ୍ରକାଶ ଯେ ୨୦୦୪ରେ କୁଆଁରମୁଣ୍ଡା ତହସିଲ କାର୍ଯ୍ୟାଳୟର ତତ୍କାଳୀନ ଅତିରିକ୍ତ ତହସିଲଦାର କପିଳେନ୍ଦ୍ର ନାୟକ ଏବଂ କନିଷ୍ଠ କିରାଣି ବୁଦ୍ଧିବାମନ ପଟ୍ଟନାୟକ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳିଙ୍ଗର ବୈରାଗୀ କିସାନଙ୍କୁ ତାଙ୍କ ଖରିଦ ଜମିର ମ୍ୟୁଟେସନ ପାଇଁ ଲାଞ୍ଚ ମାଗିଥିଲେ। ବୈରାଗୀ ଲାଞ୍ଚ ନ ଦେବାରୁ ସେମାନେ ତାଙ୍କୁ ପଟ୍ଟା ପ୍ରଦାନ କରି ନ ଥିଲେ। ବୈରାଗୀ ଏ ନେଇ ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଦୁର୍ନୀତି ନିବାରଣ ବିଭାଗ ଅଧିକାରୀ ଏହି ଦୁଇ ଲାଞ୍ଚୁଆ କର୍ମଚାରୀଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ଉକ୍ତ ବର୍ଷ ଡିସେମ୍ବର ୨୬ରେ ଅଭିଯୁକ୍ତମାନେ ବୈରାଗୀଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ୪ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତ କନିଷ୍ଠ କିରାଣିଙ୍କର ୨୦୧୫ ମେ ୫ରେ ମୃତ୍ୟୁ ହୋଇଥିବା ବେଳେ ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର କପିଳେନ୍ଦ୍ର ନାୟକଙ୍କୁ ଦଣ୍ଡବିଧାନ କରାଯାଇଛି। ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ଏହି ମାମଲା ପରିଚାଳନା କରିଥିଲେ। ଅନ୍ୟପଟେ ଭିଜିଲାନ୍ସ ବିଭାଗ ପକ୍ଷରୁ କପିଳେନ୍ଦ୍ରଙ୍କ ପେନସନ ବନ୍ଦ କରିବା ପାଇଁ ସରକାରଙ୍କୁ ସୁପାରିସ କରାଯିବ ବୋଲି କୁହାଯାଇଛି।

# ସୌମେନ୍ଦ୍ର କୁମାର ରାଜଗୁରୁ ଓରିଏଟ୍‌ର ନ୍ୟାୟିକ ସଦସ୍ୟ

ଭୁବନେଶ୍ୱର, ୨୧।୨(ସମିସ): ଅବସରପ୍ରାପ୍ତ ବିଚାରପତି ସୌମେନ୍ଦ୍ର କୁମାର ରାଜଗୁରୁ ଓଡ଼ିଶା ରିୟଲ ଇଷ୍ଟେଟ୍ ଆପିଲିଏଟ୍ ଟ୍ରିବ୍ୟୁନାଲ୍ (ଓରିଏଟ୍)ର ନ୍ୟାୟିକ ସଦସ୍ୟ ହୋଇଛନ୍ତି। ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ୍ ଆକ୍ଟ-୨୦୧୬ ଓ ଓଡ଼ିଶା ରିୟଲ ଇଷ୍ଟେଟ୍ ନୟମ-୨୦୧୭ ଅନୁଯାୟୀ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶ୍ରୀ ରାଜଗୁରୁଙ୍କୁ ଏହି ନୁଯୁକ୍ତି ଦେଇଛନ୍ତି। ଏନେଇ ବୁଧବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

# କାରଖାନା ସୁରକ୍ଷା ଅଧିକାରୀଙ୍କ ପାଇଁ ରାଜ୍ୟ ଶ୍ରମ ସଂସ୍ଥାନରେ ତାଲିମ କର୍ମଶାଳା

**ଭୁବନେଶ୍ୱର, ୨୧।୨(ସମିସ):** ରାଜ୍ୟର ବିଭିନ୍ନ କାରଖାନାମାନଙ୍କରେ ନିୟୋଜିତ ସୁରକ୍ଷା ଅଧିକାରୀମାନଙ୍କୁ ନେଇ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ଏକ ଦିନିକିଆ ତାଲିମ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାକୁ ସଂସ୍ଥାନ ଉପାଧକ୍ଷ ଏବଂ ଶ୍ରମ ବିଭାଗର କମିଶନର ତଥା ଶାସନ ସଚିବ ଆର. ସନ୍ଥ ଗୋପାଳନ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ବୃତ୍ତିଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇଥିଲେ। ଏହାସହ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ସୁରକ୍ଷା ଅଧିକାରୀମାନେ ପାରଦର୍ଶିତାର ସହିତ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସମ୍ଭବ ହେଲେ ରାଜ୍ୟ ସରକାରଙ୍କ ଶିଳ୍ପ ସୁରକ୍ଷା ନୀତି ସଫଳ ହେବ ବୋଲି ଶ୍ରୀ ଗୋପାଳନ କହିଥିଲେ। ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତି ରଞ୍ଜନ ସେନ୍ ଏବଂ କାରଖାନା ତଥା ବାଷ୍ପିତ୍ର ଉପନିର୍ଦ୍ଦେଶକ ସୁରକ୍ଷା ଡ. ମଳୟ କୁମାର ପ୍ରଧାନ ସୁରକ୍ଷା ଅଧିକାରୀମାନେ ସୁରକ୍ଷା ସମ୍ବନ୍ଧୀୟ ନିୟାମକ ଉପରେ ଯଥେଷ୍ଟ ଜ୍ଞାନ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୪୮ ଜଣ ସୁରକ୍ଷା ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟର ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ଅନ୍ୟାନ୍ୟ ବୃହତ କାରଖାନାମାନଙ୍କରେ ଅବସ୍ଥାପିତ ବାଷ୍ପୀୟ ପ୍ଲାଣ୍ଟ ଗୁଡିକର ନିୟୋଜିତ ପ୍ରଚାଳନ ଯନ୍ତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

## ଅବଶିଷ୍ଟାଂଶ...

### ଗାଁ ଗାଁରେ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଆଜି ୫ଟି ଜିଲ୍ଲାର ୧୦୫୭ଟି ପଞ୍ଚାୟତରେ ୨୫୫ଟି ବସ୍ ଚଳାଚଳ ଆରମ୍ଭ କରିଛି ଓ ଏହାଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାର ୩୧୫ଟି ପଞ୍ଚାୟତରେ ୪୮ଟି ବସ୍ ଚଳାଚଳ କରିଛି ଏବଂ ଏହାଦ୍ୱାରା ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ନୂଆପଡାର ୧୨୩ଟି ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୫.୭୪ ଲକ୍ଷ, ବୌଦ୍ଧର ୫୫ଟି ପଞ୍ଚାୟତରେ ୧୦ଟି ବସ୍ ଚଳାଚଳ ଦ୍ୱାରା ୩.୫୩ ଲକ୍ଷ, ଗଞ୍ଜାମର ୪୩୩ଟି ପଞ୍ଚାୟତରେ ୧୩୦ ବସ୍ ଚଳାଚଳ ଯୋଗୁଁ ୩୪.୪୭ ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ଅନୁରୂପ ଭାବରେ ଜଗତସିଂହପୁରର ୧୩୧ଟି ପଞ୍ଚାୟତରେ ୪୨ଟି ବସ୍ ଚାଲିବା ସହିତ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି। ରାଜ୍ୟର ସବୁ ପଞ୍ଚାୟତରେ ସମୁଦାୟ ୧୭୪୫ଟି ବସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ। ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ। ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି। '୫-ଟି' ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିପରି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି। ଗାଁର ରୂପାନ୍ତର ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜାରି ରହିଛି। ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ, ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ଲକ୍ଷ୍ମୀ ବସ୍ ସହିତ ସଂପୃକ୍ତ ସମସ୍ତ ବିଭାଗ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବୌଦ୍ଧଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ପ୍ରତି ଘରେ ସମୃଦ୍ଧି ଆଣିବ। ପିଲାମାନଙ୍କ ପାଠପଢାରେ ସାହାଯ୍ୟ କରି ପରିବାରର ବିକାଶ ଘଟାଇବ। ସେହିପରି ବାଲେଶ୍ୱରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସ୍ୱରୂପ କୁମାର ଦାସ, ନୂଆପଡାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲା ପରିଷଦ ସଭାପତି ଡଲି ମାଝୀ, ବୌଦ୍ଧରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ମହୀଧର ରଣା, ଗଞ୍ଜାମରେ ବିଧାୟିକା ଲତିକା ପ୍ରଧାନ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜଗତସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ସାଂସଦ ରାଜଶ୍ରୀ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଗ୍ରାମାଞ୍ଚଳର ବିକାଶ ଜରିଆରେ ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ କାର୍ଯ୍ୟରେ ପରିଣତ କରି ମୁଖ୍ୟମନ୍ତ୍ରୀ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମସ୍ତ ଜିଲ୍ଲାରେ ବହୁ ଜନ ସମାଗମ ହୋଇଥିଲା।

### ବିଶ୍ୱସ୍ତରୀୟ ହେବ...

ଷ୍ଟାଡିୟମକୁ ଲାଗି ଥିବା ଅଞ୍ଚଳର ଉନ୍ନତିକରଣ କରାଯାଇ ସେଠାରେ ଅତ୍ୟାଧୁନିକ ବ୍ୟବସାୟିକ ପ୍ରତିଷ୍ଠାନ (ରିଟେଲ ମଲ), ପଞ୍ଚ ତାରକା ହୋଟେଲ ଏବଂ ବିଭିନ୍ନ କାର୍ଯ୍ୟାଳୟ ପାଇଁ ବ୍ୟବସ୍ଥା କରାଯିବ। ସେହିପରି ଷ୍ଟାଡିୟମର ସମ୍ମୁଖ ଭାଗକୁ ଏକ ପବ୍ଲିକ ପ୍ଲାଜା ଭାବେ ବିକଶିତ କରାଯିବ। କଟକ ସହରବାସୀଙ୍କ ପାଇଁ ଏହା ଏକ ଓପନ ପବ୍ଲିକ ପ୍ଲେସ ଭାବେ ପରିଗଣିତ ହେବ।

ଏହି ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ ଖେଳାଳି ଓ କୋଚ୍‌ମାନଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଅଧିନରେ କ୍ରିକେଟର ବିକାଶକୁ ପ୍ରାଥମିକତା ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟବ୍ୟାପୀ କ୍ରିକେଟ ତାଲିମ କେନ୍ଦ୍ର ସହ ଉତ୍କୃଷ୍ଟ ତାଲିମ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯିବ। କ୍ରିକେଟ କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ ଉଦୀୟମାନ ରାଜ୍ୟଭାବେ ପରିଗଣିତ କରିବା ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସେହିପରି ରାଜ୍ୟର କ୍ରିକେଟ ଖେଳାଳୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତାମୂଳକ ମନୋଭାବ ବୃଦ୍ଧି ନିମନ୍ତେ ଉପଯୁକ୍ତ ପ୍ରସାରଣ ସୁବିଧା ସହ ଏକ ଉଚ୍ଚମାନର ରାଜ୍ୟସ୍ତରୀୟ କ୍ରିକେଟ ଲିଗ୍ ଆୟୋଜନ ପରାମର୍ଶ ଦେଇଛନ୍ତି। ଏପରି ପଦକ୍ଷେପ ଯୁବ କ୍ରିକେଟରମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ସହ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ।

'୫-ଟି' ଅଧ୍ୟକ୍ଷ ଏହି ଅବସରରେ ରାଜ୍ୟରେ ମହିଳା କ୍ରିକେଟର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଏପରି ମହିଳା କ୍ରିକେଟର ଅଛନ୍ତି ଯେଉଁମାନେ ଜାତୀୟ ସ୍ତରରେ ନିଜର ଅସାଧାରଣ ପ୍ରତିଭାର ପ୍ରଦର୍ଶନ କରିପାରିଛନ୍ତି। ମହିଳା କ୍ରିକେଟର ବିକାଶ ଏବଂ ପ୍ରୋତ୍ସାହନ ଦେବା ପାଇଁ ଖୁବଶୀଘ୍ର ପୁରୀରେ ଏକ ମହିଳା କ୍ରିକେଟ ଏକାଡେମୀ ଖୋଲାଯିବ। ଏହାସହ କଟକସ୍ଥିତ ଓଡ଼ିଶା କ୍ରିକେଟ ଏକାଡେମୀର ମଧ୍ୟ ଉନ୍ନତିକରଣ କରାଯିବା ସହ ଏଠାରେ ସବୁ ବୟସର କ୍ରିକେଟରଙ୍କୁ ଶ୍ରେଷ୍ଠ ତାଲିମ ସୁବିଧା ପ୍ରଦାନ କରାଯିବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ସିଡିଏ ଅଧ୍ୟକ୍ଷ ଅନିଲ୍ ସାମଲ, କଟକ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରତ୍ୟାହାର ହେବ...

ମାମଲା ପ୍ରତ୍ୟାହାର ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅବକାରୀ ବିଭାଗ ଅଧୀନରେ ସର୍ବାଧିକ ୩୬୫୮୧ ମାମଲା ପ୍ରତ୍ୟାହାର ନିମନ୍ତେ ନିଷ୍ପତ୍ତି ହୋଇଥିବାବେଳେ ଗୃହ ବିଭାଗ ଅଧୀନରେ ୯୮୪୬, ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ୧୫୯୧ ମାମଲା ପ୍ରତ୍ୟାହାର କରାଯିବାକୁ ସ୍ଥିର କରାଯାଇଛି।

### ହାତୀ ଦେହରେ...

କରି ଅଧିକ ଚିକିତ୍ସା କରି କରାଯାଇଥିଲା। ପରେ ହାତୀର ମୁଣ୍ଡରେ ୭ଟି ଗଭୀର କ୍ଷତଥିବା ଦେଖିବାକୁ ମିଳିଥିଲା। ଏ ନେଇ ଡାକ୍ତରୀ ଦଳ ହାତୀ ମୁଣ୍ଡରେ ଗୁଳିଥିବା ସନ୍ଦେହ କରି ମେଟାଲ ଡିଟେକ୍ଟର ମାଧ୍ୟମରେ ନିରୀକ୍ଷଣ କରିଥିବା ବେଳେ ଡାକ୍ତରୀ ଦଳ ହାତୀଟିର ଚିକିତ୍ସା ଚଲାଇଥିଲେ। ପ୍ରାଥମିକ ତଦନ୍ତରୁ ହାତୀ ମୁଣ୍ଡରେ ଛେଲା ବନ୍ଧୁକ ଗୁଳି ବାଜି ହାତୀ ଆହତ ହୋଇଥିବା ସନ୍ଦେହ କରାଯାଉଥିବା ନେଇ ଅନୁଗୋଳ ଡିଏଫଓ ସୂଚନା ଦେଇଥିଲେ। ତେବେ ହାତୀଟିକୁ ୪ଦିନ ଧରି ଚିକିତ୍ସା ପରେ ଆଜି ଶେଷରେ ଚିକିତ୍ସା କରି ହାତୀ ଦେହରେ ଏକ ରେଡିଓ କଲାର ଲଗାଇ ଜଙ୍ଗଲକୁ ଛଡ଼ାଯାଇଥିବା ଅନୁଗୋଳ ଡିଏଫଓ ବିବେକ କୁମାର ସୂଚନା ଦେଇଛନ୍ତି।

### ୪ ବିଭାଗରେ...

କର୍ମଚାରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ସେବା କରିବା ସମସ୍ତଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ। ସମସ୍ତେ ବିଭିନ୍ନ ମାଧ୍ୟମରେ କାମ କରିବେ, କିନ୍ତୁ ଶେଷରେ ସମସ୍ତେ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସମସ୍ତଙ୍କର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡିଶାର ସାଢ଼େ ଚାରି କୋଟି ଲୋକ ତାଙ୍କ ପରିବାର ସଦସ୍ୟ ବୋଲି କହିବା ସହ ପ୍ରତିଟି ନାଗରିକଙ୍କୁ ସେମାନଙ୍କ ପରିବାର ସଦସ୍ୟ ଭାବେ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମସ୍ତନାଗରିକଙ୍କୁ ସେମାନଙ୍କ ଅଧିକାର ଭାବେ ସମ୍ମାନ ପ୍ରଦାନ କରି ସେବା ଯୋଗାଇଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡିଶାକୁ ଏକ ଆତ୍ମବିଶ୍ୱାସ ପ୍ରବଣ ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର କାର୍ଯ୍ୟ କରିଛନ୍ତି। '୫-ଟି' ପଦକ୍ଷେପ ସହିତ ରାଜ୍ୟ ଶାସନରେ ଅଧିକ ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ସମୟାନୁବର୍ତ୍ତୀତା ସୁନିଶ୍ଚିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ନିଜ ନିଜ କ୍ଷେତ୍ରରେ ଆବଶ୍ୟକ ପରିବର୍ତ୍ତନ ହାସଲ କରିବାକୁ '୫-ଟି' ପଦକ୍ଷେପ ଅନୁସରଣ କରିବାକୁ ନୂତନ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆମେ ସମସ୍ତେ ଏକ ହୋଇ କାର୍ଯ୍ୟ କଲେ ଏହା ସମ୍ଭବ ହୋଇପାରିବ ବୋଲି କହିଛନ୍ତି। 'ସଶକ୍ତ ଓଡିଶା, ନୂତନ ଓଡ଼ିଶା' ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଶ୍ରମ ତଥା ଇଏସଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ କହିଛନ୍ତି ଯେ ଓଡ଼ିଶା ଏବେ ବିଭିନ୍ନ କ୍ଷେତ୍ରରେ ଏକ ନମ୍ବର ସ୍ଥାନରେ ରହିଛି। ରାଜ୍ୟର ରୂପାନ୍ତରଣ ଯୋଗୁଁ ରାଜ୍ୟବାସୀ ଅନେକ ସୁବିଧା ପାଇପାରୁଛନ୍ତି। ତେଣୁ '୫-ଟି' ନୀତି ଆଧାରରେ କାର୍ଯ୍ୟ କରିବା ପାଇଁ ଦୁଇ ମନ୍ତ୍ରୀ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ବିଭାଗରେ ଯୋଗ ଦେଇଥିବା ଅଧିକାରୀମାନେ '୫-ଟି' ନୀତି ଅନୁସରଣ କରି ଉତ୍ସର୍ଗୀକୃତ ଭାବେ ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ।

### ଆଜି ୫୭୬ ହିନ୍ଦୀ...

ଭବନର କନ୍‌ଭେନସନ୍ ସେଣ୍ଟରରେ ହେବାକୁ ଥିବା ନବନିଯୁକ୍ତ ଶିକ୍ଷକମାନଙ୍କ ରାଜ୍ୟସ୍ତରୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଭାଗୀୟ ସଚିବ ଅଶ୍ୱଥୀ ଏସ୍. ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ନିଯୁକ୍ତି ପାଇବାକୁ ଥିବା ସମସ୍ତ ଶିକ୍ଷକଙ୍କ ମଧ୍ୟରେ ୩୬୮ ଜଣ ହିନ୍ଦୀ ଏବଂ ୨୦୮ ଜଣ ସଂସ୍କୃତ ଶିକ୍ଷକ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୪୦ ଜଣ, କଟକରେ ୩୫, ଗଞ୍ଜାମରେ ୩୭, କୋରାପୁଟରେ ୩୪, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ୩୩ ଜଣ ଲେଖାଏଁ ଶିକ୍ଷକ ନିଯୁକ୍ତି ପାଇବେ। ସେହିପରି ପୁରୀରେ ୨୭, ମୟୂରଭଞ୍ଜରେ ୨୬ ଜଣ, ଜଗତସଂହପୁରରେ ୨୫ ଜଣ ଓ ଅନୁଗୋଳରେ ୧୭ଜଣଙ୍କୁ ନିଯୁକ୍ତି ଦିଆଯିବ।

### ଜନବିରୋଧୀ ପ୍ରଦୀପ...

ଧରା ପଡିବା ପରେ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ ବାପା-ପୁଅ ଗିରଫ ହୋଇଥିଲେ ଏବଂ ମାସ ମାସ ଧରି ଜେଲରେ ଥିଲେ। ଠକେଇ ଅର୍ଥରେ ଚାର୍ଟାଡର୍ ଫ୍ଲାଇଟ୍ ବୁକିଂ କରି ଦେଶସାରା ବୁଲିଥିଲେ ଓ ବଡ଼ବଡ଼ ହୋଟେଲରେ ରାତି କାଟିଥିଲେ। ଏହି ସବୁ ସେତେବେଳେ ଘଟିଥିଲା, ଯେତେବେଳେ କି କୋଭିଡ୍ ମହାମାରୀ ସାରା ଦେଶକୁ କବଳିତ କରିଥିଲା। କୋଭିଡ ସମୟରେ ଗଞ୍ଜାମକୁ ଫେରୁଥିବା ଲୋକଙ୍କୁ କିଭଳି ସୁରକ୍ଷିତ ରଖାଯିବ ଓ କିଭଳି ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ, ସେନେଇ ଜନ ପ୍ରତିନିଧି ଓ ପ୍ରଶାସନ ତତ୍ପରତା ଦେଖାଉଥିଲେ। ଆଉ ସେହି ସମୟରେ ଲୋକଙ୍କୁ ଠକି ଉପାର୍ଜନ ଅର୍ଥରେ ମଉଜ କରୁଥିଲେ ପ୍ରଦୀପ ପାଣିଗ୍ରାହୀ। ଠକେଇ ଓ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ପେଶାଲ ଭିଜିଲାନସ କୋର୍ଟ ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ମଧ୍ୟ କରିସାରିଛନ୍ତି। ପ୍ରଦୀପ ପାଣିଗ୍ରାହୀଙ୍କ ଏଭଳି ଜନବିରୋଧୀ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ପ୍ରଦୀପ ପାଣିଗ୍ରାହୀଙ୍କ ଭାବୀ ସମ୍ଭୁଦି ତଥା ଦୁର୍ନୀତିଗ୍ରସ୍ତ ଆଇଏଫଏସ ଅଧିକାରୀ ଅଭୟ ପାଠକଙ୍କ ପାଖରୁ ବିପୁଳ ସମ୍ପତ୍ତି ମିଳିବା ପରେ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ କେନ୍ଦ୍ରକୁ ସୁପାରିଶ କରିଥିଲେ ମୁଖ୍ୟମନ୍ତ୍ରୀ। ସର୍ବଭାରତୀୟ ସେବାର ଜଣେ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦେଇ ମୁଖ୍ୟମନ୍ତ୍ରୀ ଉଦାହରଣ ସୃଷ୍ଟି କରିଥିଲେ ବୋଲି ଇପ୍‌ସିତା କହିଛନ୍ତି।

ସେ ପୁଣି କହିଛନ୍ତି ଯେ ପ୍ରଦୀପ ପାଣିଗ୍ରାହୀଙ୍କୁ ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଭର୍ତ୍ସନା କରିଥିଲେ। ତାଙ୍କୁ ଜଣେ ଠକ ଏବଂ ଲୋକଙ୍କ ପଇସା ଲୁଟିଥିବା ଜଣେ ଲମ୍ପଟ ବୋଲି କଟାକ୍ଷ କରିଥିଲେ। ମାତ୍ର କେନ୍ଦ୍ରମନ୍ତ୍ରୀ ଯାହାକୁ ଗାଳି କରୁଥିଲେ, ଆଜି ସେହି ବ୍ୟକ୍ତିଙ୍କୁ ତାଙ୍କ ଦଳ କୋଳେଇ ନେଇଛି। ଶୁଣାଯାଉଛି ଯେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ଶ୍ରୀ ପାଣିଗ୍ରାହୀ କୁଆଡ଼େ ବିଜେପିରେ ମିଶିବାକୁ ଆଗ୍ରହୀ ଥିଲେ। ମାତ୍ର ଶ୍ରୀ ପାଣିଗ୍ରାହୀଙ୍କ କୁକାର୍ଯ୍ୟ ସମ୍ପର୍କରେ ଅବଗତ ହେବା ପରେ ରାଜନାଥ ସିଂହ ସିଧାସିଧା ଏଥିପାଇଁ ଅସମ୍ମତ ହୋଇଥିଲେ। ତେଣୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ତରବରିଆ ମିଶ୍ରଣ ପର୍ବ ଆୟୋଜନ କରି ପ୍ରଦୀପଙ୍କୁ ଦଳରେ ମିଶାଗଲା। ଏପରିକି ଯେଉଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଦୀପଙ୍କୁ କୋଳେଇ ନେବାକୁ ବ୍ୟଗ୍ର ଥିଲେ, ସେ ମଧ୍ୟ ମିଶ୍ରଣ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖିଲେ। ପ୍ରଦୀପଙ୍କ ଯୋଗଦାନ ଓଡ଼ିଶା ବିଜେପିର ସାଂଗଠନିକ କ୍ଷେତ୍ରରେ ଦୟନୀୟ ଚିତ୍ରକୁ ସ୍ପଷ୍ଟ କରି ଦେଇଛି। ନୂଆ ନେତା ସୃଷ୍ଟି କରିବାରେ ବିଫଳ ରାଜ୍ୟ ବିଜେପି ପ୍ରଦୀପ ପାଣିଗ୍ରାହୀ ଭଳି ତଡାଖିଆ ଏବଂ ଜନବିରୋଧୀ ନେତାଙ୍କୁ ଆଶ୍ରା କରିଛି। ନିଜ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଠକିଥିବା ଓ ଧୋକା ଦେଇଥିବା ନେତାଙ୍କୁ ଓଡିଶା ବିଜେପି ଆଜି କୋଳେଇ ନେଇଛି। ଏଭଳି ଅସାଧୁ ବୁଝାମଣାକୁ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଥିଲେ, ଏବଂ ଆଗକୁ ମଧ୍ୟ କରିବେ ବୋଲି ଇପ୍‌ସିତା କହିଛନ୍ତି।

### ଭୁବନେଶ୍ୱର ସବୁଠୁ...

ଓ ଚାନ୍ଦବାଲିରେ ୩୫.୮, ଝାରସୁଗୁଡ଼ା ୩୫.୭, ସୋନପୁର ୩୫.୫, ବଲାଙ୍ଗିର ୩୫.୪ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପକ୍ଷରେ କଟକ, ଅନୁଗୋଳ, ମାଲକାନଗିରି ଓ ତାଳଚେରର ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ତାତି ଜାରି ରହିବ। ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ଦିନ ସମୟରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ଲାଗିରହିବାର ସମ୍ଭାବନା ରହିବାକୁ ଥିବାରୁ ଉପକୂଳ ଓଡିଶାରେ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ। ସେହିଭଳି ଆଭ୍ୟନ୍ତରୀଣ ଓଡିଶା ବା ପଶ୍ଚିମ ଓଡିଶାର କିଛି ଜିଲ୍ଲାରେ ମଧ୍ୟ ପ୍ରବଳ ତାତି ଅନୁଭୂତ ହେବ। କାଲି ସନ୍ଧ୍ୟା ପରଠାରୁ ରାଜ୍ୟର ପାଗ ପରିବର୍ତ୍ତନ ହେବ। ପଶ୍ଚିମା ଝଡ଼ ପ୍ରଭାବରେ ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ହାଲୁକା ବର୍ଷା ହେବ। ଫଳରେ ତାପମାତ୍ରା ସାମାନ୍ୟ କମିପାରେ। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର କେନ୍ଦୁଝର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି। ଶୁକ୍ରବାରଠାରୁ ବର୍ଷାର ପ୍ରଭାବ ଅଧିକ ଜିଲ୍ଲାରେ ଅନୁଭୂତ ହେବା ସହ ଅଧିକାଂଶ ସ୍ଥାନରେ ପାଗ କୋହଲା ରହିବ।

### 'ଲକ୍ଷ୍ମୀ'ର ସୁରକ୍ଷା...

ଆଲୋଚନା ହୋଇଥିଲା ଏବଂ ଅକ୍ଟୋବର ୧୨ରେ ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ୍। ଆଜି ସୁଦ୍ଧା ୩୦ଟି ଜିଲ୍ଲାର ୯୫ ପ୍ରତିଶତ ପଞ୍ଚାୟତ ଏଥିରେ ଅନ୍ତର୍ଭୁକ୍ତ ହୋଇଛି।

ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମା'ମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରି କହିଛନ୍ତି ଯେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍‌ରେ ମା'ମାନଙ୍କ ପାଇଁ ଟିକେଟର ମୂଲ୍ୟ ୫ ଟଙ୍କା ରଖିଛନ୍ତି। ମିଶନ ଶକ୍ତି ମା'ମାନଙ୍କ ୟୁନିଫର୍ମ ପାଇଁ ୧୦୦୦ ଟଙ୍କା ପ୍ରଦାନ କରିଛନ୍ତି। ମମତା ଯୋଜନାରେ ମା'ମାନଙ୍କୁ ଆଗରୁ ୫ ହଜାର ଟଙ୍କା ମିଳୁଥିଲା। ଏବେ ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ନୂଆ-ଓ ଛାତ୍ରବୃତ୍ତିରେ ପରିବାରର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଝିଅ ମାନଙ୍କ ପାଇଁ ୧୦ ହଜାର ଟଙ୍କା ବ୍ୟବସ୍ଥା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରିଛନ୍ତି। ମିଶନ ଶକ୍ତି ମା'ମାନଙ୍କ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।


**MUNICIPAL COUNCIL: RAIRANGPUR** C-

Phone No.- 06794-222054, Email : rairangpurn.hud@ori.nic.in/rrpurnac@gmail.com

e-PROCUREMENT NOTICE

**TENDER CALL NOTICE NO.: 160/dt 16.02.2024**

BID IDENTIFICATION NO.: T7RRP2023-24

1. Name of the Work :Civil Works
2. Total No works :6No
3. Estimated Cost : 9 to 33 lacks
4. Class of Contractors : As per DTCN
5. Period of Completion : As per DTCN
6. Availability of Tender Online for bidding :17.02.2024 at 11:AM to 23.2.2024 up to 5:00PM
7. Tender Box Offline documents Dropping :26.02.2024 up to 5:00PM
8. Date & Time of opening of Tender :27.02.2024 at 11:00AM

other detail can be seen fromthe website www.tendersorissa.gov.in

Authority reserves the right to reject any of all the tenders without assigning any reasons thereof.

Executive Officer
Rairangpur Municipality

OIPR-13106/11/0019/2324



**GOVT. OF ODISHA** O-2552

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**

Email id: eerw_anandapur@yahoo.com

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**Online-18/SERW/AND/2023-24**

**Additional AMP Road Works**

No. 1761 Date 19.02.2024

Superintending Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for 07 nos. Road Work under Additional AMP (Less tender premium of Additional AMP) through e-Procurement as per annexure. The bid should be submitted on-line in the website **www.tendersorissa.gov.in** by eligible class of contractors of Government of Odisha or of equivalent class of other State Government/ Railways/ CPWD/ MES. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender in O/o S.E. R.W Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-Online 18/SERW/AND/ 2023-24 | 21.02.2024 at 10.00 AM | 28.02.2024 upto 5.00 PM | 27.02.2024 upto 1.00 PM | 01.03.2024 at 11.00 AM |

Sd/- Superintending Engineer
R.W. Division, Anandapur

OIPR-25055/11/0021/2324




ଛାୟାଗୀତି

# ଅର୍ଥହୀନ ଶବ୍ଦର ସଂଯୋଗ



ସୂର୍ଯ୍ୟ ଦେଓ

୧୯୬୨ ମସିହାର ଅନ୍ୟାନ୍ୟ ଚଳଚ୍ଚିତ୍ର ହେଉଛି 'ଶ୍ରୀଶ୍ରୀ ପତିତପାବନ', 'ନୂଆବୋଉ', 'ଲକ୍ଷ୍ମୀ' ଓ 'ସୂର୍ଯ୍ୟମୁଖୀ'। 'ଶ୍ରୀଶ୍ରୀ ପତିତପାବନ' ଥିଲା ଓଡ଼ିଆ ଚଳଚ୍ଚିତ୍ର ସଂଗୀତ ଇତିହାସରେ ଏକ ପରୀକ୍ଷା ମୂଳକ ସଂଯୋଜନା। ପଚାଶ ଓ ଷାଠିଏ ଦଶକରେ ହିନ୍ଦୀ ଚଳଚ୍ଚିତ୍ର ଗୀତ ରଚନା କ୍ଷେତ୍ରରେ ସୂତ୍ରପାତ ହୋଇଥିବା 'ଗୀତରେ ଅର୍ଥହୀନ ଶବ୍ଦର ସଂଯୋଗୀକରଣ' ପ୍ରକ୍ରିୟା 'ଶ୍ରୀଶ୍ରୀ ପତିତପାବନ'ରୁ ଓଡ଼ିଆ ଚଳଚ୍ଚିତ୍ରକୁ ସଂଚାରିତ ହେଲା। ୧୯୩୩ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ହାତିମ୍‌ତାଇ'ରେ 'ଡୋଙ୍ଗା ଡୋଙ୍ଗା ଡମ୍ ଡମ୍/ ଡାକା ଆଦାମ୍ ବକା/ ମାସମ୍ ବକା' ଆଦି ଅର୍ଥହୀନ ଶବ୍ଦ ଥିବା ଗୀତ ସଂଯୁକ୍ତ ହୋଇଥିଲା। ଜି. ଆର୍ ସେଠୀଙ୍କ ରଚିତ ଏହି ଗୀତ ସମୂହ ଗାନ ଭାବରେ ସଂଯୋଜିତ ହୋଇଥିଲା। ପରେ ପରେ ୧୯୪୯ରେ ହିନ୍ଦୀ ଚଳଚ୍ଚିତ୍ର 'ଏକ୍ ଥୀ ଲଡ୍‌କୀ'ରେ ଅଜିଜ୍ କାଶ୍ମିରୀଙ୍କ ରଚିତ 'ଲାରେ ଲାପା ଲାରେ ଲାପା ଲାଇ ଲପଟା', ୧୯୫୦ରେ 'ବାୱରେ ନୈନ୍' ଚଳଚ୍ଚିତ୍ର ପାଇଁ କେଦାର ଶର୍ମାଙ୍କ ରଚିତ 'ଏୟ ଇଚକ୍ ବିଚକ୍ ଛୁର୍', ୧୯୫୭ରେ 'ଆଶା' ଚଳଚ୍ଚିତ୍ର ପାଇଁ ରାଜେନ୍ଦ୍ର କୃଷ୍ଣଙ୍କ ରଚିତ 'ଇନା ମୀନା ଡିକା' ଗୀତସବୁ ଚର୍ଚ୍ଚିତ ଓ ଲୋକପ୍ରିୟ ହୋଇଥିଲା। ସମୟାନୁସାରେ ଅର୍ଥହୀନ ଶବ୍ଦ ଥିବା ଏହି ଗୀତସବୁ ପ୍ରାନ୍ତୀୟ ଚଳଚ୍ଚିତ୍ର ଗୀତକୁ ମଧ୍ୟ ଆକ୍ରାନ୍ତ କଲା। 'ଶ୍ରୀଶ୍ରୀ ପତିତପାବନ'ରୁ ଓଡ଼ିଆ ଚଳଚ୍ଚିତ୍ର ଗୀତରେ 'ଅର୍ଥହୀନ ଶବ୍ଦ'ର ସଂଯୋଗ ହେଲା। ହରିହର ମିଶ୍ରଙ୍କ ରଚିତ 'ଝିଙ୍କିରି ଝିଙ୍କା/ ଝୁମ୍ ଝୁମ୍‌ତେ ଝିଙ୍କିରି ଝିଙ୍କା/ ସା ସା କୋଏ ଗମ୍‌ତେ/ ଡମରୁ ନାନା ହୋ' ଆଦିବାସୀ ସଙ୍ଗୀତ ଭାବରେ ଚଳଚ୍ଚିତ୍ରରେ ବ୍ୟବହୃତ ହେଲା। ତେବେ ଅର୍ଥହୀନ ଶବ୍ଦର ସଂଯୋଗ ସହିତ ଓଡ଼ିଆ ଲୋକଗୀତ ପରମ୍ପରାର ଛନ୍ଦ ଓ ଭାବକୁ ହରିହର ମିଶ୍ର 'ଶ୍ରୀଶ୍ରୀ ପତିତପାବନ' ଚଳଚ୍ଚିତ୍ର ଗୀତରେ ଯେମିତି ବ୍ୟାପନ କଲେ, ତାହା ଥିଲା ଓଡ଼ିଆ ଚଳଚ୍ଚିତ୍ର ଗୀତଧାରାର ଅନ୍ୟତମ ପରୀକ୍ଷାମୂଳକ ସଂଯୋଜନ। 'ବନର ଫୁଲେ ଡାଲିଆ ଖୋସା/ ସଜାଇ ଦେବି ଲୋ/ ଫଟା ରସିକ ପୀରତି ଫାନ୍ଦେ ମତେଇ ଦେଲା ଲୋ/ ଶପଥ ନେବା ଦୁଇଜନ ଆମେ/ ଇନ୍ ଦେବତା ପାଶେ/ ଜାଙ୍ଗୁଲୁ ଜାଙ୍ଗୁଲୁ କାଙ୍ଗୁଲ ରାତି/ ବନର ଶୁଆ ଡାକେ/ ତବତବତା ବାଉଲା ଆଖି/ ଆଖିରେ ମୋର ଲାଖେ'। ଏହି ଉଦ୍ଧୃତିରୁ ସ୍ପଷ୍ଟ ହେଉଛି ଯେ, ଓଡ଼ିଆ ଲୋକଗୀତ ପରମ୍ପରାରେ ଯେମିତି ସ୍ପଷ୍ଟ ଭାବରେ ଆକୁଳ ଅନ୍ତରକୁ ଭାରମୁକ୍ତ କରି ପ୍ରେମ ଭାବ ପ୍ରକାଶ କରାଯାଏ, ସେହି ଧାରାକୁ ଚଳଚ୍ଚିତ୍ର 'ଶ୍ରୀଶ୍ରୀ ପତିତପାବନ'ର ଗୀତରେ ସିଧାସଳଖ ପ୍ରୟୋଗ କରାଯାଇଛି।

ଯେମିତି ଅର୍ଥହୀନ ଶବ୍ଦର ସଂଯୋଗ ହିନ୍ଦୀ ଚଳଚ୍ଚିତ୍ର ଗୀତରୁ ଓଡ଼ିଆ ଚଳଚ୍ଚିତ୍ର ଗୀତକୁ 'ଶ୍ରୀଶ୍ରୀ ପତିତପାବନ' ଦେଇ ଆସିଲା, ସେମିତି ଅଦ୍ଭୁତ ଭାବରେ ହିନ୍ଦୀ ଚଳଚ୍ଚିତ୍ର ନାମକୁ ନେଇ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତର ସ୍ୱରରେ ଦୁଇଟି ପରୀକ୍ଷାମୂଳକ ସଂଯୋଜନା 'ନୂଆବୋଉ' ଚଳଚ୍ଚିତ୍ରରେ ହୋଇଥିଲା। 'ଶ୍ରୀଶ୍ରୀ ପତିତପାବନ'ର ପରବର୍ତ୍ତୀ ଚଳଚ୍ଚିତ୍ର 'ନୂଆବୋଉ'। ଚଳଚ୍ଚିତ୍ର ଶେଷରେ ନାୟକ ନାୟିକାର ମିଳନାତ୍ମକ ଦୃଶ୍ୟକୁ ସୂଚିତ କରିବାକୁ ବିଭିନ୍ନ ହିନ୍ଦୀ ଚଳଚ୍ଚିତ୍ର ନାମକୁ ଯୋଡ଼ି ଗୁରୁକୃଷ୍ଣ ଗୋସ୍ୱାମୀ ରଚନା କରିଥିଲେ ଏକ ଅଦ୍ଭୁତ ଗୀତ 'ଆହା 'ଗୁଞ୍ଜ ଉଠି ସେହେନାଇ'ରେ/ 'ମିଆଁ ବିବି' ରାଜି/ 'ନବରଙ୍ଗ'ରେ ସାଜି/ ଦେଖ 'ସୁହାଗରାତ୍' ଆଜ୍ ଆଇରେ/ ଆହା 'ଗୁଞ୍ଜ ଉଠି ସେହେନାଇ'ରେ'। ହିନ୍ଦୀ, ବଙ୍ଗଳା ଓ ଉର୍ଦ୍ଦୁ ଶବ୍ଦର ସମ୍ମିଶ୍ରଣରେ ରଚିତ ଏହି ଓଡ଼ିଆ ଗୀତର ଅନ୍ତରାରେ ମଧ୍ୟ ପରୀକ୍ଷାନିରୀକ୍ଷାର ଏକ ସଫଳ ସଂଯୋଜନ ହୋଇଥିଲା, ଉଦାହରଣ ସ୍ୱରୂପ ଅନ୍ତରାର ଏକ ଧାଡ଼ିକୁ ଲକ୍ଷ୍ୟ କରାଯାଇପାରେ: 'ନୀଳ ଆକାଶର ନୀଚେ/ ମୋର ଆନନ୍ଦେ ମୋନ୍ ଆଜି/ ମାନେନା ମାନା/ ନା ନା ନା ମାନେନା ମାନା/ ମୋର 'ସୋନେ କୀ ଚିଡ଼ିୟା'/ ଗାଏ 'ମିଲନ୍' କୀ ଯେ 'ତରାନା'/ ଚମ୍ପା ହେଲା 'ବହୂରାନୀ'/ ଯିବ ପ୍ରୀତି 'ନଦୀୟା କେ ପାର୍'/ 'ଶ୍ରୀଜଗନ୍ନାଥ' ଜିନ୍ଦା ରଖ/ ତା'ର 'ଅନୋଖା ପ୍ୟାର୍'/ 'ଶ୍ରୀଲୋକନାଥ' ଆଜି ଏ ଶାଦୀରେ/ ତୁମେ ଆଶିଷ ଯାଅ ଦେଇରେ'। ସେହିପରି 'ନୂଆବୋଉ' ଚଳଚ୍ଚିତ୍ର ପାଇଁ ତତ୍କାଳୀନ ବିଭିନ୍ନ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର ଗୀତ ସ୍ୱରରେ ବନ୍ଧା ନରସିଂହ ମହାପାତ୍ରଙ୍କ ରଚିତ 'ନା ଉଠନା କର ମୋ' ଗୁହାରି ଘେନା/ଆଉ ଟିକେ ବସିଯାଅ/ କଥା ମୋର ଶୁଣିଯାଅ/ ନା ଉଠନା' ଏକ ଭିନ୍ନ ହାସ୍ୟରସ ସୂତ୍ରର ଅବତାରଣା କରିଥିଲା। 'ନୂଆବୋଉ' ଚଳଚ୍ଚିତ୍ରରେ ହାସ୍ୟରସ ପରୀକ୍ଷାନିରୀକ୍ଷାର ଆଉ ଏକ ଗୀତ ହେଉଛି 'ଦିଲ୍ ଦେବି ଦେବି ଦିଲ୍ ଦେବିରେ/ ବସାଇବି ନେଇ ମୋତେ ଦିଲ୍ ମଞ୍ଜିଲ୍‌ରେ'। ଏହି ଗୀତରୁ ଓଡ଼ିଆ ଚଳଚ୍ଚିତ୍ର ଗୀତକୁ 'ଦିଲ୍, ମଞ୍ଜିଲ୍' ଭଳି ଉର୍ଦ୍ଦୁ ଶବ୍ଦର ପ୍ରବେଶ ହେଲା। ଏହି ଗୀତରୁ ନାରାୟଣ ପ୍ରସାଦ ସିଂହ ଓଡ଼ିଆ ଚଳଚ୍ଚିତ୍ରକୁ ପ୍ରବେଶ କଲେ। 'ନୂଆବୋଉ'ରେ ତାଙ୍କର ରଚିତ ଆଉ ଏକ ଗୀତ ଥିଲା 'ରଥ ଯା ଗଡ଼ି ଯା, ଚକ ଗଡ଼ିଯା'ରେ'। ଯେଉଁ ଚଳଚ୍ଚିତ୍ର ଗୀତ ଚରିତ୍ର ବା ପରିବେଶ ସହିତ ତାଦାତ୍ମ୍ୟ ଭାବନାରୁ ସଂଜାତ, ତାହା ସଫଳ ପର୍ଯ୍ୟାୟ ଭୁକ୍ତ ହେବ: ଏହି ତତ୍ତ୍ୱକୁ ନାରାୟଣ ପ୍ରସାଦ ସିଂହ ପ୍ରଥମେ ପ୍ରମାଣିତ କଲେ। ଉଲ୍ଲେଖଯୋଗ୍ୟ ଯେ 'ନୂଆବୋଉ'ରେ ତାଙ୍କ ରଚିତ ଦୁଇଟି ଗୀତ ଥିଲା ହାସ୍ୟ ପରିବେଶ ପର୍ଯ୍ୟାୟଭୁକ୍ତ ଓ କିଶୋର ଉପଯୋଗୀ ଗୀତ। ■



ପରଦା ପଛର କାହାଣୀ

# 'ମେରି ସପ୍‌ନୋ କି ରାନୀ' ଗୀତରେ ଶର୍ମିଳା ଧରିଥିଲେ ଏହି ପୁସ୍ତକ






ବଲିଉଡ୍‌ରେ ଏପରି କିଛି ଫିଲ୍ମ ନିର୍ମାଣ ହୋଇଛି, ଯାହାକୁ ଦର୍ଶକଙ୍କୁ ବୁଝିବା ପାଇଁ ଭାଷାର ଆବଶ୍ୟକତା ପଡ଼ିନାହିଁ। କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଏହି ଫିଲ୍ମଗୁଡ଼ିକ ବେଶ୍ ଭଲ ନାଁ କମାଇଛି। ସେହିଭଳି ଏକ ଫିଲ୍ମ ଥିଲା ବଲିଉଡ୍ ସୁପରଷ୍ଟାର୍ ରାଜେଶ ଖାନ୍ନାଙ୍କ 'ଆରାଧନା'। ଏହାକୁ କେବଳ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ନୁହେଁ, ସାଉଥ୍‌ରେ ମଧ୍ୟ ବେଶ୍ ପସନ୍ଦ କରାଯାଇଥିଲା। ରାଜେଶ ତାଙ୍କ କ୍ୟାରିୟର୍‌ରେ ଲଗାତାର ୧୭ଟି ହିଟ୍ ଫିଲ୍ମ ଦେଇଥିଲେ। ତନ୍ମଧ୍ୟରେ 'ଆରାଧନା' ଥିଲା। ଏଥିରେ ତାଙ୍କ ବିପକ୍ଷରେ ଦେଖାଯାଇଥିଲେ ଅଭିନେତ୍ରୀ ଶର୍ମିଳା ଟାଗୋର୍। 'ଆରାଧନା' ୨୭ ସେପ୍ଟେମ୍ବର, ୧୯୬୯ରେ ରିଲିଜ୍ ହୋଇଥିଲା। ଶକ୍ତି ସାମନ୍ତ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହି ଫିଲ୍ମ ପାଇଁ ଶର୍ମିଳାଙ୍କୁ ଫିଲ୍ମଫେୟାର୍ ପକ୍ଷରୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଥିଲା। 'ଆରାଧନା'କୁ ମଧ୍ୟ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏହି ଫିଲ୍ମର ଏକ ହିଟ୍ ଗୀତ, 'ମେରେ ସପନୋ କି ରାନୀ କବ ଆଏଗି ତୁ' (ଯାହାକୁ କିଶୋର କୁମାର ଗାଇଥିଲେ) ଆଜିବି ଲୋକେ ଗାଉଥିବାର ଦେଖାଯାଏ। ଏହି ଗୀତରେ ରାଜେଶ ତାଙ୍କ ସାଙ୍ଗ ସୁଜିତ୍ କୁମାରଙ୍କ ସହ ଗାଡ଼ିରେ ଏହି ଗୀତଟି ଶର୍ମିଳାଙ୍କ ଉଦ୍ଦେଶ୍ୟରେ ଗାଉଥିବାର ଦେଖାଯାଇଥିଲା। ଏହି ସମୟରେ ଟୟ ଟ୍ରେନ୍‌ରେ ବସିଥିବା ଶର୍ମିଳା ଏକ ପୁସ୍ତକ ଧରି ପଢୁଥିବାର ଦେଖାଯାଇଛି। ତେବେ ଶର୍ମିଳା କେଉଁ ପୁସ୍ତକଟିକୁ ଧରି ପଢୁଥିଲେ ତାହା ବିଷୟରେ ଜାଣିବାର ଆଗ୍ରହ ଦର୍ଶକଙ୍କର ଅଦ୍ୟାବଧି ରହିଛି। ଏହି ବହି ମାଧ୍ୟମରେ ଶର୍ମିଳା ରାଜେଶଙ୍କ ପ୍ରତି ଆଡ଼ ନଜର ଦେଉଥିବା ଗୀତରେ ଦେଖାଯାଇଛି। ଅନେକ ଲୋକ ଗୁଗଲ୍ ଓ ୟୁଟ୍ୟୁବ୍‌ରେ ମଧ୍ୟ ବହିଟି ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛନ୍ତି। ପ୍ରକୃତରେ ଶର୍ମିଳାଙ୍କ ହାତରେ ଯେଉଁ ବହିଟି ଥିଲା ତା'ର ନାମ 'ହ୍ୱେନ୍ ଏଇଟ୍ ବେଲ୍‌ସ ଟୋଲ୍'। ସ୍କଟିଶ୍ ଲେଖକ ଏଲିଷ୍ଟେର୍ ମ୍ୟାକ୍‌ଲିନ୍‌ଙ୍କର ଏହା ଏକ ଲୋକପ୍ରିୟ ଉପନ୍ୟାସ। ■

# ପ୍ରୀତିଙ୍କ ଲେଉଟାଣି

ରାଜକୁମାର ସନ୍ତୋଷୀଙ୍କ ଆଗାମୀ ସିନେମା 'ଲାହୋର ୧୯୪୭' ମାଧ୍ୟମରେ ଦୀର୍ଘ ଦିନ ବ୍ୟବଧାନରେ ଡିମ୍ପଲ ଗାର୍ଲ ପ୍ରୀତି ଜିଣ୍ଟା ବଲିଉଡ୍‌କୁ ଫେରୁଛନ୍ତି। କେବଳ ସେତିକି ନୁହେଁ, ଏଥିରେ ପ୍ରୀତି ଓ ସନ୍ନି ଦେଓଲଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ମିଳିବ। ସେହିପରି ପ୍ରୀତି ଓ ସନ୍ନିଙ୍କ ଅନସ୍କ୍ରିନ୍ ଯୋଡ଼ିକୁ ଦର୍ଶକେ ପସନ୍ଦ କରି ଆସିଥିବା ବେଳେ ପୁଣି ଥରେ ଦୁହିଁଙ୍କୁ ଏକାଠି ଦେଖିବା ନେଇ ସେମାନଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି। ଏଥିରେ ପ୍ରୀତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପଟେ ଏହି ସିନେମାରେ ପ୍ରୀତି, ସନ୍ନିଙ୍କ ସହ ସାମିଲ ହୋଇଛନ୍ତି ବର୍ଷିଆନ୍ ଅଭିନେତ୍ରୀ ଶବାନା ଆଜମୀ। ଫେବୃଆରୀ ୧୨ରୁ ଏହି ସିନେମାର ସୁଟିଂ ଆରମ୍ଭ ହୋଇଛି। ■



# କିୟାରାଙ୍କ ସହ ରଣବୀରଙ୍କ ରୋମାନ୍ସ



ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଡନ୍-୩' ଲଗାତାର ବି-ଟାଉନ୍‌ରେ ଚର୍ଚ୍ଚାରେ ରହି ଆସିଛି। ତେବେ ଏ ଫିଲ୍ମରେ ଶାହରୁଖ୍ ଖାନ୍‌ଙ୍କ ସ୍ଥାନରେ ରଣବୀର ସିଂହ ନଜର ଆସିବେ ବୋଲି ସ୍ପଷ୍ଟ ହୋଇଛି। ସେହିପରି ରଣବୀରଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀଙ୍କୁ ଦେଖିବାକୁ ମିଳିବ, ସେନେଇ ଅପେକ୍ଷାର ଅନ୍ତ ଘଟିଛି। ଏଥିରେ ରଣବୀରଙ୍କ ସହ ମୁଖ୍ୟ ଚରିତ୍ରରେ କିୟାରା ଆଡଭାନୀ ନଜର ଆସିବେ। ତା'ସହ ଏହି ସିନେମା ମାଧ୍ୟମରେ ପ୍ରଥମ ଥର ପାଇଁ ରଣବୀର ଓ କିୟାରାଙ୍କ ରୋମାନ୍ସ ବଡ଼ ପରଦାରେ ଦେଖିବାକୁ ମିଳିବ। ଏନେଇ ଏକ ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଅବଶ୍ୟ ରଣବୀର ଓ କିୟାରାଙ୍କ ଏକାଠି ଦେଖିବା ଖବର ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି। ତେବେ ଏ ସିନେମାର ସୁଟିଂ ଅଗଷ୍ଟ ମାସରେ ଆରମ୍ଭ ହେବ। ■

# ଫିଲ୍ମ ସେଟ୍ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ

ଗୋଟିଏ ଗୋଟିଏ ସିନେମା ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଏ। ତା' ଭିତରେ ଥାଏ ସେଟ୍ ନିର୍ମାଣ ବାବଦ ବ୍ୟୟ। ବିଭିନ୍ନ ସମୟରେ ଫିଲ୍ମ ସେଟ୍ ପାଇଁ ବହୁଳ ଅର୍ଥ ବ୍ୟୟ କରାଯାଇଛି। ବଲିଉଡ୍‌ରେ କିଛି ଭବ୍ୟ ଫିଲ୍ମ ସେଟ୍ ଏଭଳି ରହିଛି, ଯାହାକୁ ତିଆରି କରିବା ପାଇଁ ମାସାଧିକ ସମୟ ଲାଗିଥିବା ବେଳେ ଏ ବାବଦରେ କୋଟି କୋଟି ଟଙ୍କା ଫିଲ୍ମ ନିର୍ମାତାମାନେ ଖର୍ଚ୍ଚ କରିବାକୁ ପଛାଇ ନାହାନ୍ତି।

## ବମ୍ବେ ଭେଲ୍‌ଭେଟ୍

'ବମ୍ବେ ଭେଲଭେଟ୍' ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ଅଭିନେତା ରଣବୀର କପୁର। ୬୦ ଦଶକର ବମ୍ବେ ସହିତ ଦର୍ଶକଙ୍କୁ ପରିଚିତ କରିବାକୁ ଏହି ଫିଲ୍ମ ମାଧ୍ୟମରେ ପ୍ରୟାସ କରିଥିଲେ ଏହାର ନିର୍ଦ୍ଦେଶକ ଅନୁରାଗ କଶ୍ୟପ। ଏହି କାରଣ ଯୋଗୁଁ ସେ ଫିଲ୍ମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଛାଇ ନ ଥିଲେ। ପୂରା ଫିଲ୍ମର ସୁଟିଂ ଶ୍ରୀଲଙ୍କାର ରାଜଧାନୀ କୋଲମ୍ବୋରେ କରାଯାଇଥିଲା। ଏଠାରେ ପୁରୁଣା ବମ୍ବେକୁ ଦେଖାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଯେଉଁଥିପାଇଁ ଫିଲ୍ମର ବଜେଟ୍ ୧୨୦ କୋଟିରେ ପହଞ୍ଚିଥିଲା। ଅନ୍ୟପଟେ ଫିଲ୍ମର ସେଟ୍ ତିଆରି ପାଇଁ ୧୧ ମାସ ଲାଗିଥିଲା।

## ଦେବଦାସ

ଦେବଦାସ ଏବଂ ପାରୋର ପ୍ରେମ କାହାଣୀକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବା ପାଇଁ ଏଥିରେ ଫିଲ୍ମ ନିର୍ମାତାଙ୍କଠାରୁ ଆରମ୍ଭ କରି କଳାକାରମାନେ ଖୁବ୍ ପରିଶ୍ରମ କରିଥିଲେ। ସଞ୍ଜୟ ଲୀଳା ଭଂସାଲୀଙ୍କ ନିର୍ଦ୍ଦେଶିତ 'ଦେବଦାସ'ରେ ଶାହରୁଖ ଖାନ୍, ଐଶ୍ୱର୍ଯ୍ୟା, ମାଧୁରୀଙ୍କ ଦମ୍‌ଦାମ ଅଭିନୟ ବି ଦେଖିବାକୁ ମିଳିଥିଲା। କଳାକାରଙ୍କ ଭଳି ଏହାର ସେଟ୍‌କୁ ଡିଜାଇନ୍ କରିବା ପାଇଁ ନଅ ମାସ ଲାଗିଥିଲା। ତା'ସହ ଏ ଲାଗି ଖର୍ଚ୍ଚ ହୋଇଥିଲା ୨୦ କୋଟି ଟଙ୍କା। ତେବେ କେବଳ ଚନ୍ଦ୍ରମୁଖୀର କୋଠା ତିଆରି କରିବାକୁ ୧୨ କୋଟି ଖର୍ଚ୍ଚ ହୋଇଥିଲା।

## ପ୍ରେମ୍ ରତନ୍ ଧନ୍ ପାୟୋ

'ପ୍ରେମ ରତନ ଧନ ପାୟୋ' ଫିଲ୍ମର କାହାଣୀକୁ ଦୃଷ୍ଟିରେ ରଖି ଏହାକୁ ରାଜକୀୟ ଶୈଳୀରେ ଦେଖାଇବାକୁ ପ୍ରୟାସ କରିଥିଲେ ଫିଲ୍ମ ନିର୍ଦ୍ଦେଶକ ସୁରଜ ବଡଜାତ୍ୟା। ୯୦ କୋଟି ବଜେଟ୍‌ରେ ତିଆରି ଏହି ଫିଲ୍ମରେ ସବୁଠୁ ଅଧିକ ଖର୍ଚ୍ଚ ରାଜସ୍ଥାନର ବିଶାଳ ଦୁର୍ଗ ଏବଂ ଅଲଗା ଅଲଗା ସ୍ଥାନରେ ସୁଟିଂ କରିବାରେ ଖର୍ଚ୍ଚ ହୋଇଥିଲା। ତେବେ କେବଳ ଏହାର ସୁଟିଂ ସେଟ୍ ପାଇଁ ଫିଲ୍ମ ନିର୍ମାତା ୧୩-୧୫ କୋଟି ଟଙ୍କା ବ୍ୟୟ କରିଥିଲେ।

## ମୁଗଲ୍-ଏ-ଆଜମ୍

କେ. ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ୍-ଏ- ଆଜମ' ସିନେମାରେ ଦିଲୀପ କୁମାର, ମଧୁବାଲା ଏବଂ ପୃଥ୍ୱୀରାଜ କପୁରଙ୍କ ଚମତ୍କାର ଅଭିନୟକୁ ଦର୍ଶକେ ଆଜି ବି ମନେ ରଖିଛନ୍ତି। ତେବେ ଏ ଫିଲ୍ମ ପାଇଁ ସେତେବେଳେ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିରେ 'ପ୍ୟାର୍ କିୟା ତୋ ଡରନା କ୍ୟା' ପାଇଁ ୧୫ ଲକ୍ଷ ଟଙ୍କାର ସେଟ୍ ତିଆରି କରାଯାଇଥିଲା। ■








## ଗଗନଯାନ ପାଇଁ କ୍ରାୟୋ ଇଞ୍ଜିନର ସଫଳ ପରୀକ୍ଷଣ




ବେଙ୍ଗାଲୁରୁ,୨୧।୨(ଏଜେନ୍ସି): ମହାକାଶକୁ ମାନବ ପ୍ରେରଣ ପାଇଁ ଉଦ୍ଦିଷ୍ଟ ଗଗନଯାନ ମିଶନରେ ଏଲଭିଏମ-୩ ଲଞ୍ଚ ଭେଇକିଲରେ ବ୍ୟବହାର ହେବାକୁ ଥିବା କ୍ରାୟୋଜେନିକ୍ ଇଞ୍ଜିନର ପରୀକ୍ଷଣ ସଫଳ ହୋଇଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। କ୍ରାୟୋ ଇଞ୍ଜିନ ମହାକାଶକୁ ମାନବ ପ୍ରେରଣ ମିଶନରେ ବ୍ୟବହାର ହେବାକୁ ଯୋଗ୍ୟ ଘୋଷିତ ହୋଇ ଆବଶ୍ୟକ ପ୍ରମାଣପତ୍ର ହାସଲ କରିଛି। ଗଗନଯାନ ହେଉଛି ଭାରତର ପ୍ରଥମ ମାନବ ଉଡ଼ାଣ ମିଶନ ଯାହା ୩ଜଣ ମହାକାଶଚାରୀଙ୍କୁ ଭୂପୃଷ୍ଠରୁ ୪୦୦ କିଲୋମିଟର ଉଚ୍ଚକୁ ନେଇ ପୃଥିବୀର କକ୍ଷପଥରେ ୩ ଦିନ ବିତାଇବା ପରେ ପୃଥିବୀକୁ ଫେରିବ। ୨୦୨୪ ଜୁନ୍-ଜୁଲାଇ ବେଳକୁ ମାନବବିହୀନ ଗଗନଯାନ-୧ ଫ୍ଲାଇଟ ମିଶନ ପାଇଁ ଆପାତତଃ କାର୍ଯ୍ୟସୂଚୀ ରହିଛି। ମହାକାଶ ଯାନ କ୍ରାୟୋଜେନିକ୍ ଷ୍ଟେଜରେ ଉଡ଼ାଣ ଭରିବାବେଳେ କ୍ରାୟୋଜେନିକ୍ ଇଞ୍ଜିନରୁ ଶକ୍ତି ପାଇଥାଏ। ଗଗନଯାନର କ୍ରାୟୋଜେନିକ୍ ଇଞ୍ଜିନକୁ ସିଇ-୨୦ କୁହାଯାଇଛି। ତାମିଲନାଡୁର ମହେନ୍ଦ୍ରଗିରିରେ ଥିବା ଇସ୍ରୋର ହାଇ ଅଲଟିଚ୍ୟୁଡ୍ ଟେଷ୍ଟ ଫାସିଲିଟିରେ କ୍ରାୟୋ ଇଞ୍ଜିନର ୭ମ ଭକ୍ୟୁମ ଟେଷ୍ଟ ଗତ ୧୪ ତାରିଖରେ ସଫଳତାର ସହ ସମ୍ପନ୍ନ ହୋଇଛି।

## ଦୁର୍ଘଟଣାରେ ଡ୍ରାଇଭର ସମେତ ୯ ଛାତ୍ରଙ୍କ ମୃତ୍ୟୁ

ଲକ୍ଷ୍ମୀସରାୟ, ୨୧।୨ (ଏଜେନ୍ସି): ବିହାର ଲକ୍ଷ୍ମୀସରାୟ ଝଲାନ ଗ୍ରାମ ଦେଇ ଯାଇଥିବା ଏନ୍‌ଏଚ୍-୩୦ରେ ମଙ୍ଗଳବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ନିୟମ ଉଲ୍ଲଙ୍ଘନ କରି ବିପରୀତ ଦିଗରେ ଆସୁଥିବା ଟ୍ରକ୍ ଅଟୋକୁ ଧକ୍କା ଦେଇଛି। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତର ରହିଛି। ସଦର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ଦେବା ପରେ ସମସ୍ତଙ୍କୁ ପାଟନା ପିଏମସିଏଚକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ଅଟୋ ଡ୍ରାଇଭର ଏବଂ ୮ ଛାତ୍ର ସାମିଲ ଅଛନ୍ତି। ଏହି ଛାତ୍ର ନିଜ ଗୁଜରାଣ ମେଣ୍ଟାଇବା ପାଇଁ କ୍ୟାଟରିଂ କାମ କରୁଥିଲେ। ସମସ୍ତଙ୍କ ବୟସ ୧୮ରୁ ୨୪ ମଧ୍ୟରେ ଥିଲା। ଏହି ଅଟୋରେ ମୋଟ ୧୪ ଜଣ ଯାତ୍ରା କରୁଥିଲେ। ସମସ୍ତେ ମୁଙ୍ଗେର ଜିଲ୍ଲା ଜମାଲପୁରର ବାସିନ୍ଦା ଥିଲେ। ସିକନ୍ଦରାରୁ କ୍ୟାଟରିଂ କାମ ଶେଷ କରି ଲକ୍ଷ୍ମୀସରାୟ ରେଳ ଷ୍ଟେସନ ଅଭିମୁଖେ ବାହାରି ଥିଲେ। ଏଠାରୁ ଟ୍ରେନ୍‌ରେ ନିଜ ଘରକୁ ଯାଇଥାନ୍ତେ। ଦୁର୍ଘଟଣାରେ ଅଟୋଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।



### ଶମ୍ଭୁ-ଖନୌରି ସୀମାରେ ଯୁଦ୍ଧ ଭଳି ସ୍ଥିତି

# ପୁଲିସ-ଚାଷୀ ମୁହାଁମୁହିଁ: ଜଣେ ଚାଷୀ, ଏସ୍‌ଆଇଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି):

ଚାଷୀ ଆନ୍ଦୋଳନ ବୁଧବାର ନବମ ଦିନରେ ପହଞ୍ଚିଛି। ଦିଲ୍ଲୀ ସୀମାରେ ଚାଷୀ ଅଟକି ରହିଛନ୍ତି। ଚାଷୀ ଦିଲ୍ଲୀରେ ପ୍ରବେଶ କରିବାକୁ ଚାହୁଁଥିବାବେଳେ ପୁଲିସ ଏପରି କରିବାକୁ ଦେଉନାହିଁ। ଏହାକୁ ନେଇ ଖନୌରି, ଦାତାସିଂହୱାଲା ଏବଂ ଶମ୍ଭୁ ସୀମାରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ଚାଷୀ ଏବଂ ସୁରକ୍ଷାବାହିନୀ ମୁହାଁମୁହିଁ ହୋଇଛନ୍ତି। ଏହି ସଂଘର୍ଷରେ ଜଣେ ଚାଷୀ, ଜଣେ ଏସ୍‌ଆଇଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ପୁଲିସ କାର୍ଯ୍ୟାନୁଷ୍ଠାନରେ ଚାଷୀଙ୍କ ମୃତ୍ୟୁ ହୋଇଥିବା ନେଇ (ଅଲ ଇଣ୍ଡିଆ କିଶାନ ସଭା) କରିଥିବା ଅଭିଯୋଗକୁ ହରିୟାଣା ପୁଲିସ ପକ୍ଷରୁ ଖାରଜ କରିଦିଆଯାଇଛି। ଖନୌରି ସୀମାରେ ଚାଷୀଙ୍କ ମୃତ୍ୟୁ ଏବଂ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦେଖି ପଞ୍ଜାବ ଚାଷୀ ଶମ୍ଭୁ ଏବଂ ଖନୌରି ସୀମା ଦେଇ ଦିଲ୍ଲୀ ଯାତ୍ରା ଯୋଜନାକୁ ଦୁଇ ଦିନ ପାଇଁ ସ୍ଥଗିତ ରଖିଦେଇଛନ୍ତି। ମାତ୍ର ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ। ଏହି ସମୟରେ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଚାଷୀ ନେତା ସରବଣ ପନ୍ଧେର କହିଛନ୍ତି। ସେହିପରି ଖନୌରି-ଦାତାସିଂହୱାଲା ସୀମାରେ ଚାଷୀ ଧଳା ପତାକା ଉଡ଼ାଇ ଦିଲ୍ଲୀ ଚଲୋ ଯାତ୍ରାକୁ ବନ୍ଦ ରଖିଛନ୍ତି।

ଆଜି ଦିନ ତମାମ ଶମ୍ଭୁ ଏବଂ ଖନୌରି ସୀମାରେ ଚାଷୀ ଏବଂ ପୁଲିସ ମଧ୍ୟରେ ସଂଘର୍ଷ ଚାଲିଥିଲା। ପୁଲିସ ରବର ବୁଲେଟ ମାଡ଼ କରିବା ସହ ଲୁହବୁହା ଗୋଳା ଛାଡ଼ି ଥିଲେ। ଉଭୟ ପରସ୍ପର ସଂସ୍ପର୍ଶରେ ଆସିବାରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହାକୁ ନେଇ ସୀମାରେ ଭୟର ବାତାବରଣ ଖେଳି ଯାଇଥିଲା। ଏଠାରେ ପୁଲିସ ଦିନ ଯାକ ଚାଷୀଙ୍କୁ ଅଟକାଇ ରଖିଥିଲା। ଅନ୍ୟପକ୍ଷରେ ଖନୌରିରେ ପ୍ରାଣ ହରାଇଥିବା ଯୁବ ଚାଷୀ ପଞ୍ଜାବ ବଠିଣ୍ଡାର ବାସିନ୍ଦା ବୋଲି ଜଣାପଡ଼ିଛି। ଏହା ସହିତ ୧୨ ଚାଷୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପଟିୟାଲା ହସ୍ପିଟାଲର ଡାକ୍ତର ଶୁଭ କରନ ସିଂହ କହିଛନ୍ତି ଯେ ଚାଷୀଙ୍କ ମୁଣ୍ଡରେ ବୁଲେଟ ଜନିତ କ୍ଷତ ଚିହ୍ନ ଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବୁଲେଟର ଆକାର ବିଷୟରେ ଜଣାପଡ଼ିବ। ଏହି ମୃତ୍ୟୁକୁ ନେଇ ଚାଷୀ ସଂଗଠନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସେହିପରି ଟୋହାନା ସୀମାରେ ମୁତୟନ ଏସ୍‌ଆଇ ବିଜୟ କୁମାର ସ୍ୱାସ୍ଥ୍ୟାବସ୍ଥା ଅଚାନକ ବିଗିଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଜିନ୍ଦ ପୁଲିସ ଅଧିକ୍ଷକ ସୁମିତ କୁମାର କହିଛନ୍ତି ଯେ ଆନ୍ଦୋଳନ ସମୟରେ କିଛି ଲୋକ ପାଳରେ ନିଆଁ ଲଗାଇ ଲଙ୍କା ପକାଇ ଦେଇଥିଲେ। ଏହା ପରେ ଅସ୍ତ୍ରଶସ୍ତ୍ର ଧରି ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୨ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଶମ୍ଭୁ ସୀମାରେ କ୍ରମାଗତ ଭାବେ ଲୁହବୁହା ଗ୍ୟାସ୍ ଛଡ଼ାଯିବାରୁ ଆନ୍ଦୋଳନର ସଂଯୋଜକ ସରବଣ ପନ୍ଧେର ଏବଂ ଜଗଜିତ ଡଲ୍ଲେୱାଲ ଅସୁସ୍ଥ ହୋଇଛନ୍ତି। ଏହା ମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ପୁଣିଥରେ ଆଲୋଚନା ପାଇଁ ଚାଷୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଏହା ପୂର୍ବରୁ ୪ ଥର ବୈଠକ ହୋଇଥିଲେ ମଧ୍ୟ କୌଣସି ଫଳାଫଳ ବାହାରି ପାରିନାହିଁ। ଏ ପର୍ଯ୍ୟନ୍ତ ଅଲଗା ଅଲଗା କାରଣରୁ ୩ ପୁଲିସ କର୍ମଚାରୀଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହେଲାଣି।

ଏପରି ସମୟରେ ଚାଷୀ ଆନ୍ଦୋଳନକୁ ନେଇ ପଞ୍ଜାବ ଏବଂ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ଜାଣିଶୁଣି ଚାଷୀଙ୍କୁ ସୀମାରେ ଏକାଠି ହେବାକୁ ଦେଉଛି। ଏଥିଯୋଗୁଁ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଏହାର ଜବାବରେ ପଞ୍ଜାବ ମୁଖ୍ୟ ସଚିବ ଚିଠି ଲେଖି କେନ୍ଦ୍ରକୁ ଜବାବ ଦେଇଛନ୍ତି। ଆନ୍ଦୋଳନ କରିବାକୁ ଚାଷୀ ଯାଉଥିଲେ। ମାତ୍ର କଟକଣା ଲାଗିଥିବାରୁ ସୀମାରେ ଅଟକି ରହିଛନ୍ତି ବୋଲି କୁହାଯାଇଛି। ହରିୟାଣା ପୁଲିସ ଚାଷୀଙ୍କୁ ଅଟକାଇବା ପାଇଁ ବ୍ୟବହାର କରୁଥିବା ଉପକରଣ ଦ୍ୱାରା ୧୬୦ରୁ ଅଧିକ ଚାଷୀ ଆହତ ହୋଇଥିବା ମଧ୍ୟ କୁହାଯାଇଛି।

ଲଙ୍କା ପାଉଡର ଜଳାଇ ପୁଲିସକୁ ଚାଷୀଙ୍କ ଜବାବ | ପୁଲିସ ଉପରେ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ; ୧୨ ଆହତ | 'ଦିଲ୍ଲୀ ଚଲୋ' ଯାତ୍ରା ୨ ଦିନ ପାଇଁ ସ୍ଥଗିତ | ପଞ୍ଜାବ-କେନ୍ଦ୍ର ସରକାର ମୁହାଁମୁହିଁ



## ପାକିସ୍ତାନ ପ୍ରଧାନମନ୍ତ୍ରୀ ହେବେ ଶାହବାଜ

### ଜର୍ଦ୍ଦାରୀ ହେବେ ରାଷ୍ଟ୍ରପତି



ଇସଲାମାବାଦ,୨୧।୨(ଏଜେନ୍ସି): ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଓ ପାକିସ୍ତାନ ମୁସଲିମ ଲିଗ-ନୱାଜ(ପିଏମଏଲ-ଏନ) ମିଶି ଗଠବନ୍ଧନ ସରକାର ଗଢ଼ିବାକୁ ଏକମତ ହୋଇଛନ୍ତି। ପାକିସ୍ତାନ ପିପୁଲ୍ସ ପାର୍ଟିର ଅସିଫ ଅଲ୍ଲୀ ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ ଓ ଶାହବାଜ ସରିଫ ହେବେ ପ୍ରଧାନମନ୍ତ୍ରୀ। ଗତକାଲି ବିଳମ୍ବିତ ରାତ୍ରରେ ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ପିପିପି ଅଧ୍ୟକ୍ଷ ବିଲାବଲ ଭୁଟ୍ଟୋ ଜର୍ଦ୍ଦାରୀ କହିଥିଲେ ଯେ ପିଏମଏଲ-ଏନ ସଭାପତି ଶାହବାଜ ସରିଫ ମିଳିତ ସରକାରରେ ପ୍ରଧାନମନ୍ତ୍ରୀ ହେବେ। ସେହିଭଳି ପିପିପି ଯୁଗ୍ମ ଅଧ୍ୟକ୍ଷ ଅସିଫ ଅଲ୍ଲୀ ଜର୍ଦ୍ଦାରୀ ଦେଶର ରାଷ୍ଟ୍ରପତି ହେବେ। ପିଏମଏଲ-ଏନ ସଭାପତି ଶାହବାଜ କହିଥିଲେ ଯେ ପିପିପି ସହ ତାଙ୍କ ଦଳର ଗଠବନ୍ଧନ ପରେ ସରକାର ଗଢ଼ିବାକୁ ଆବଶ୍ୟକ ସଂଖ୍ୟା ତାଙ୍କ ପାଖରେ ରହିଛି। ପାକ୍ ନ୍ୟାସନାଲ ଆସେମ୍ବ୍ଲିରେ ଇମରାନ ଖାନଙ୍କ ପାକିସ୍ତାନ ତେହରିକ୍-ଇ-ଇନସାଫ(ପିଟିଆଇ) ସମର୍ଥିତ ନିର୍ବାଚିତ ସ୍ୱାଧୀନ ସଦସ୍ୟଙ୍କ ସଂଖ୍ୟା ହେଉଛି ୯୩। ନ୍ୟାସନାଲ ଆସେମ୍ବ୍ଲିକୁ ପିଏମଏଲ-ଏନର ୭୫ ସଦସ୍ୟ ଓ ପିପିପିର ୫୪ସଦସ୍ୟ ନିର୍ବାଚିତ ହୋଇଛନ୍ତି। ମୁତାହିଦା କ୍ୱାମୀ ମୁଭମେଣ୍ଟ ପାକିସ୍ତାନ (ଏମକ୍ୟୁଏମ-ପି)ର ନିର୍ବାଚିତ ୧୭ ସଦସ୍ୟ ପିଏମଏଲ-ଏନ ଓ ପିପିପିର ମେଣ୍ଟକୁ ସମର୍ଥନ ଦେବାକୁ ରାଜି ହୋଇଛନ୍ତି। ପାକ୍ ନ୍ୟାସନାଲ ଆସେମ୍ବ୍ଲିର ମୋଟ ସଦସ୍ୟ ସଂଖ୍ୟା ହେଉଛି ୨୬୬। ସେଥିରୁ ୨୬୫ ଆସନରେ ନିର୍ବାଚନ ହୋଇଥିଲା। ତେଣୁ ଯେଉଁ ମେଣ୍ଟ ୧୩୩ ସଦସ୍ୟଙ୍କ ସମର୍ଥନ ପାଉଥିବ ସେହି ମେଣ୍ଟ ସରକାର ଗଢ଼ିପାରିବ। ପିଏମଏଲ-ଏନ ଓ ପିପିପିର ମେଣ୍ଟକୁ ୧୪୬ ସଦସ୍ୟଙ୍କ ସମର୍ଥନ ମିଳୁଥିବାରୁ ଏହି ମେଣ୍ଟ ଅନାୟସରେ ସରକାର ଗଢ଼ିବ। ନ୍ୟାସନାଲ ଆସେମ୍ବ୍ଲି ହେଉଛି ପାକିସ୍ତାନର ନିମ୍ନ ସଦନ।

## ଶଶୀ ଥରୁରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନ



ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ଲେଖକ ତଥା କୂଟନୈତିକରୁ ରାଜନେତା ପାଲଟିଥିବା କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନ 'ଚେଭାଲିୟର ଡେ ଲେଜିଅନ ଡି'ଅନର' ମିଳିଛି। ଏଥିପାଇଁ ଫ୍ରେଞ୍ଚ ଦୂତାବାସରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫ୍ରେଞ୍ଚ ସିନେଟର ଅଧ୍ୟକ୍ଷ ଗେରାର୍ଡ ଲାର୍ଚର ଶଶୀ ଥରୁରଙ୍କୁ ସମ୍ମାନିତ କରିଥିଲେ। ଏହି ପୁରସ୍କାର ଦେବା ପାଇଁ ୨୦୨୨ ଅଗଷ୍ଟରେ ଫ୍ରାନ୍ସ ସରକାର ଘୋଷଣା କରିଥିଲେ। ମାତ୍ର ଏବେ ତାହା ପ୍ରଦାନ କରାଗଲା। ଅନ୍ତର୍ଜାତୀୟ ଶାନ୍ତି ଏବଂ ସହଯୋଗ ପ୍ରତି ପ୍ରତିବଦ୍ଧତା, ଭାରତ-ଫ୍ରାନ୍ସ ସମ୍ପର୍କକୁ ମଜବୁତ କରିବାରେ ଅବଦାନ ପାଇଁ ଥରୁରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି ବୋଲି ଫ୍ରାନ୍ସ ଦୂତାବାସ ପକ୍ଷରୁ କୁହାଯାଇଛି।

## କେରଳ ସରକାର-ପିଏଫ୍‌ଆଇ ମଧ୍ୟରେ ରହିଛି ଭିତିରି ସମ୍ପର୍କ: ରାଜ୍ୟପାଳ



ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ଆତଙ୍କନିରୋଧୀ ଆଇନ ୟୁଏପିଏ ଅଧୀନରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିଷିଦ୍ଧ ଘୋଷିତ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫଆଇ)ର କର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ କେରଳ ସରକାର ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ବୋଲି କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଦୋଷାରୋପ କରିଛନ୍ତି। କେରଳରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ସିପିଏମ ସରକାର କ୍ଷମତାରେ ରହିଛି। ଷ୍ଟୁଡେଣ୍ଟସ ଫେଡେରେସନ ଅଫ୍ ଇଣ୍ଡିଆ (ଏସଏଫଆଇ) ହେଉଛି ସିପିଏମର ଛାତ୍ର ଶାଖା। ରାଜ୍ୟପାଳ ଖାନ୍ କହିଛନ୍ତି, କେରଳ ପ୍ରଶାସନ ଦିନରେ ଏସଏଫଆଇ ଓ ରାତିରେ ପିଏଫଆଇ ପାଇଁ କାର୍ଯ୍ୟ କରୁଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଗୁଡ଼ିକ ଏହା ଜାଣିଲେଣି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟପାଳ ଖାନ୍ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର ଏକ୍ସ-ଅଫିସୋ ଚାନ୍ସଲର ହୋଇଥିବାର ସୁଯୋଗ ନେଇ ସେଗୁଡ଼ିକର ଉଚ୍ଚପଦରେ ଆରଏସଏସ-ବିଜେପି ନୋମିନିଙ୍କୁ ବସାଉଛନ୍ତି ବୋଲି ଏସଏଫଆଇ ଅଭିଯୋଗ କରୁଛି। ତେଣୁ ରାଜ୍ୟପାଳଙ୍କ ଏତାଦୃଶ ପଦକ୍ଷେପକୁ ବିରୋଧ କରି ଏସଏଫଆଇ ତାଙ୍କ କାର୍ଯ୍ୟକ୍ରମଗୁଡ଼ିକରେ ବିଭ୍ରାଟ ସୃଷ୍ଟି କରୁଛି। ଗତ ମାସରେ କୋଳର କୋଲମ ଜିଲ୍ଲାରେ ରାଜ୍ୟପାଳ ଖାନଙ୍କୁ ଏସଏଫଆଇ କର୍ମୀମାନେ କଳାପତାକା ଦେଖାଇ ତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ରାଜ୍ୟପାଳ ଖାନ୍ ଗାଡ଼ିରୁ ଓହ୍ଲାଇ ବିକ୍ଷୋଭକାରୀଙ୍କ ସାମନା କରିଥିଲେ। ସେ ଘଟଣାରେ ପୁଲିସ୍ ୧୫ଜଣଙ୍କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ରାଜ୍ୟପାଳଙ୍କୁ ବିରୋଧ କରି ଗିରଫ ହୋଇଥିବା ୧୫ ଜଣ ବିକ୍ଷୋଭକାରୀଙ୍କ ମଧ୍ୟରୁ ଅନେକ ଥିଲେ ନିଷିଦ୍ଧ ଘୋଷିତ ସଂଗଠନ ପିଏଫଆଇର ସକ୍ରିୟ ସଦସ୍ୟ। ଏଥିରୁ ଜଣାପଡ଼ିଥିଲା ଯେ ସିପିଏମ୍ ଛାତ୍ର ଶାଖା ଏସଏଫଆଇ ଓ ନିଷିଦ୍ଧ ସଂଗଠନ ପିଏଫଆଇ ମଧ୍ୟରେ ମିତ୍ରତା ରହିଛି ଓ ଉଭୟ ସଂଗଠନ ପିନରାଇ ବିଜୟନଙ୍କ ସିପିଏମ ସରକାରର ଛତ୍ରଛାୟାରେ ରହିଛନ୍ତି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ବିବାହ ପାଇଁ ମହିଳାଙ୍କୁ ଚାକିରିରୁ ବାହାର କରିବା ଲିଙ୍ଗଗତ ଅସମାନତା

ନୂଆଦିଲ୍ଲୀ,୨୧।୨(ଏଜେନ୍ସି): ସେନା ବାହିନୀର ଜଣେ ନର୍ସ ବିବାହ କରନ୍ତେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ମାମଲାର ବିଚାର କରି ସୁପ୍ରିମକୋର୍ଟ ବିଚାରପତି ସଞ୍ଜିବ ଖାନ୍ନା ଓ ବିଚାରପତି ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଲିଙ୍ଗଗତ ଭେଦଭାବ ଓ ଅସମାନତା ଗ୍ରହଣୀୟ ନୁହେଁ ବୋଲି ମତ ଦେଇଛନ୍ତି। ଦେବା ସହ ତାଙ୍କୁ ୬୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାଟି ଏହିପରି। ସାଲିନା ଜନ୍ ଆର୍ମିରେ ନର୍ସ ଥିଲେ। ୧୯୮୮ରେ ବିବାହ କରିବାରୁ ତାଙ୍କୁ ଆର୍ମିରୁ ବରଖାସ୍ତ କରାଯାଇଥିଲା। ୨୦୧୨ରେ ସେ ନ୍ୟାୟ ପାଇଁ ଆର୍ମଡ ଫୋର୍ସେସ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ତାଙ୍କ ସପକ୍ଷରେ ରାୟ ଦେଇ ତାଙ୍କୁ ଚାକିରିରେ ପୁନଃନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ରେ କିନ୍ତୁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ। ଏହି ମାମଲାରେ ସୁପ୍ରିମ କୋର୍ଟ ଖଣ୍ଡପୀଠ କହିଛନ୍ତି, ଲିଙ୍ଗଗତ ଭେଦଭାବ ଅଗ୍ରହଣୀୟ କାରଣ ତାହା ଅସାମ୍ବିଧାନିକ। ଟ୍ରିବ୍ୟୁନାଲ ନର୍ସ ସାଲିନାଙ୍କୁ ଚାକିରିରେ ପୁନଃନିଯୁକ୍ତି ଦେବାକୁ ଯାହା ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ ତାହାକୁ ବଦଳାଇ ତାଙ୍କୁ ୮ ସପ୍ତାହ ମଧ୍ୟରେ ୬୦ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ମହିଳାଙ୍କୁ ୬୦ ଲକ୍ଷ ଟଙ୍କା ଦେବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

## ଦିଲ୍ଲୀ-ପୁଣେରୁ ୩୫୦୦ କୋଟିର ଡ୍ରଗ୍ସ ଜବତ; ୮ ଗିରଫ

ପୁଣେ, ୨୧।୨ (ଏଜେନ୍ସି): ପୁଣେ ପୁଲିସ ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଛି। ଗତ ତିନି ଦିନରେ ପୁଣେ ଏବଂ ଦିଲ୍ଲୀରୁ ୧,୭୦୦ କେଜି ମେଫେଡ୍ରୋନ ଡ୍ରଗ୍ସ ଜବତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୩,୫୦୦ କୋଟି ଟଙ୍କା ହେବ। ଏହି ମାମଲାରେ ୮ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସ୍ଥାନୀୟ ଭାଷାରେ ମେଫେଡ୍ରୋନକୁ 'ମେଉ ମେଉ' କୁହାଯାଇଥାଏ ବୋଲି ପୁଣେ ପୁଲିସ ପକ୍ଷରୁ କୁହାଯାଇଛି। ପୁଣେ ସିଟି ପୁଲିସ କମିଶନର ଅମିତେଶ କୁମାର ବୁଧବାର କହିଛନ୍ତି ଯେ ପୁଣେର ବିଭିନ୍ନ ସ୍ଥାନରୁ ପ୍ରାୟ ୭୨୦ କେଜି ଏବଂ ଦିଲ୍ଲୀରୁ ୯୭୦ କେଜି ଡ୍ରଗ୍ସ ଜବତ କରାଯାଇଥିଲା। ଏହି ଡ୍ରଗ୍ସ ନେଟୱର୍କ ପଛରେ ଏକ କୋରିୟର ଏଜେନ୍ସି ସାମିଲ ଥିଲା। ଏହା ଖାଦ୍ୟ ପ୍ୟାକେଟରେ ଡ୍ରଗ୍ସ ଯୋଗାଣ କରୁଥିଲା। କିଛି କୋରିୟର ଲଣ୍ଡନ ମଧ୍ୟ ପଠା ଯାଇଥିଲା। ପୁଲିସ ପ୍ରଥମେ ୧୯ ତାରିଖରେ ପୁଣେର ଭୈରବନଗର ଏବଂ ବିଶ୍ରାନ୍ତୱାଡ଼ି ଅଞ୍ଚଳରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଥିଲା। ପରେ ଦିଲ୍ଲୀ ସହିତ ଅନ୍ୟ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହା ପରେ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଅନିଲ ସାବଲେ ସାମିଲ ଥିଲା। ଅନିଲର ପୁଣେ ସ୍ଥିତ କାରଖାନାରେ ଏହି ଡ୍ରଗ୍ସ ରଖାଯାଇଥିଲା।

### ଖାଦ୍ୟ ସାମଗ୍ରୀ ପ୍ୟାକେଟରେ ହେଉଥିଲା ଚାଲାଣ

### ■ ପୂର୍ବରୁ ହୋଇସାରିଥିଲା ନଭଲନିଙ୍କ ମୃତ୍ୟୁ

## ପ୍ରମାଣ ନଷ୍ଟ କରିଛନ୍ତି ଜେଲ୍ ଅଧିକାରୀ

ମସ୍କୋ, ୨୧।୨ (ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସବୁଠାରୁ ବଡ଼ ବିରୋଧୀ ଆଲେକ୍ସି ନଭଲନି ଗତ ୧୬ ତାରିଖରେ ପ୍ରାଣ ହରାଇ ଥିଲେ ବୋଲି ରୁଷ ସରକାରୀ ଏଜେନ୍ସି ଦାବି କରିଥିଲା। ମାତ୍ର ଏବେ ରୁଷ୍ ଉପରେ ନଜର ରଖୁଥିବା ୱେବସାଇଟ 'ନୋଭାୟା ୟୁରୋପ' ନଭଲନିଙ୍କ ସହ ଜେଲ୍‌ରେ ଥିବା ଜଣେ କଏଦୀଙ୍କ ସୂଚନା ଆଧାରରେ ବଡ଼ ଦାବି କରିଛି। ଫେବୃଆରୀ ୧୬ର ବହୁ ପୂର୍ବରୁ ନଭଲନିଙ୍କ ମୃତ୍ୟୁ ହୋଇଥିଲା। ପ୍ରଥମେ ଜେଲ୍‌ରୁ ସମସ୍ତ ପ୍ରମାଣକୁ ନଷ୍ଟ କରାଯାଇଥିଲା। ଏହା ପରେ ବିଶ୍ୱକୁ ସୂଚନା ଦିଆଯାଇଥିଲା। ଏହା ପୂର୍ବ ରାତିରେ ସମ୍ପୂର୍ଣ୍ଣ ସ୍ଥିତି ବଦଳି ଯାଇଥିଲା।୧୫ ତାରିଖ ରାତିରେ ରୁଷ ଅଧିକାରୀ ଆସି ସବୁକିଛି ହଟାଇ ଦେଇଥିଲେ। ସେହିଦିନ କଏଦୀଙ୍କ ମଧ୍ୟ ଗଣନା କରାଯାଇ ନ ଥିଲା। ସମସ୍ତଙ୍କୁ ବାରାକରେ ବନ୍ଦ କରି ବାହାର ଲାଇଟ ଲିଭାଇ ଦିଆଯାଇଥିଲା। ପ୍ରତି ବାରାକ ବାହରେ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲା। ହଠାତ୍ ଅନେକ ଗାଡ଼ି ଆସିବାର ଶବ୍ଦ ଶୁଭି ଥିଲା। କେବଳ ସକାଳେ ଆମ୍ବୁଲାନ୍ସର ସାଇରନ ବାଜି ଥିଲା। ଏହାର କିଛି ସମୟ ପରେ ନଭଲନିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ମାତ୍ର ସ୍ଥିତି ଦେଖିଲେ ବହୁପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡୁଥିଲା। ନଭଲନିଙ୍କ ମୃତ୍ୟୁ ଘୋଷଣା ପରେ ଜେଲ୍ ମୁଖ୍ୟ ୱାର୍ଡନ ଏବଂ ସିକ୍ୟୁରିଟି ଅପରେସନ ମୁଖ୍ୟ ଭୟଭୀତ ଥିଲେ।

### କଂଗ୍ରେସର ଅଭିଯୋଗ

## ୬୫ କୋଟି ଟଙ୍କା ଜବତ କରିଛି ଆଇଟି ବିଭାଗ

ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ଆୟକର ବିଭାଗ (ଆଇଟି) ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ଦଳର ବ୍ୟାଙ୍କ ଖାତାରୁ ଆଇଟି ବିଭାଗ ୬୫ କୋଟି ଟଙ୍କା ଉଠାଇ ନେଇଥିବା କୁହାଯାଇଛି। କଂଗ୍ରେସ ଉପରେ ୧୧୫ କୋଟି ଟଙ୍କାର ଟିକସ ବକେୟା ଥିଲା। ଏବେ ଟିକସ ରିଟର୍ଣ୍ଣ ମାମଲା ଇନକମ୍ ଟ୍ୟାକ୍ସ ଅପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ପାଖରେ ବିଚାରାଧୀନ ରହିଛି। ଏପରି ସ୍ଥଳେ ଅଗଣତାନ୍ତ୍ରିକ ଭାବେ ମଙ୍ଗଳବାର ଦଳର ଖାତାରୁ ଟଙ୍କା କାଢ଼ି ନିଆଯାଇଛି। ସୂଚନାଯୋଗ୍ୟ ଯେ କଂଗ୍ରେସ ଉପରେ ୧୧୫ କୋଟି ଟଙ୍କାର ଟିକସ ବକେୟା ଥିଲା। କଂଗ୍ରେସ ଏହାକୁ ନେଇ ଆଇଟି ଅପିଲେଟ ଟ୍ରିବ୍ୟୁନାଲରେ ଅଭିଯୋଗ କରିଛି। ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ନିବେଦନ କରିଛି। ଦଳର କୋଷାଧ୍ୟକ୍ଷ ଅଜୟ ମାକନ କହିଛନ୍ତି ଯେ ଯଦି ଯାଞ୍ଚ ଏଜେନ୍ସିର କାର୍ଯ୍ୟାନୁଷ୍ଠାନ ନିୟନ୍ତ୍ରଣ ବାହାରକୁ ଚାଲିଯିବ ତେବେ ଗଣତନ୍ତ୍ର ଶେଷ ହୋଇଯିବ। ନ୍ୟାୟପାଳିକା ଉପରେ କଂଗ୍ରେସର ସମ୍ପୂର୍ଣ୍ଣ ଭରସା ଅଛି। ଏହା ପୂର୍ବରୁ ଗତ ୧୬ ତାରିଖରେ ଆଇଟି ବିଭାଗ ଦଳର ବ୍ୟାଙ୍କ ଆକାଉଣ୍ଟ ଜବତ କରି ନେଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ୟୁଥ୍ କଂଗ୍ରେସ ଏବଂ କଂଗ୍ରେସ ଦଳକୁ ୨୧୦ କୋଟି ଟଙ୍କା ପୈଠ କରିବାକୁ କହିଥିଲା। ଏହାର କିଛି ଘଣ୍ଟା ପରେ ଇନକମ୍ ଟ୍ୟାକ୍ସ ଅପିଲେଟ ଟ୍ରିବ୍ୟୁନାଲ କଂଗ୍ରେସର ଖାତା ଉପରୁ କଟକଣା ହଟାଇ ଦେଇଥିଲେ।

କାର୍ଯ୍ୟାନୁଷ୍ଠାନ ଗଣତନ୍ତ୍ର ବିରୋଧୀ



ଆମକୁ ସର୍ବପ୍ରଥମେ କୃଷିକ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ଓ ବିପଦ ଆଶଙ୍କାକୁ ହ୍ରାସ କରିବାର ଉପାୟ ଆବିଷ୍କାର କରିବାକୁ ପଡ଼ିବ।
-ଏମ୍ ଏସ୍ ସ୍ୱାମୀନାଥନ୍



ସକାଳ
THE SAKALA

## ଦିଲ୍ଲୀ ସୀମାରେ ଅଶାନ୍ତି ଜାରି

# କୃଷକ ସାମ୍ମୁଖ୍ୟ ଆନ୍ଦୋଳନ ଜିଦ୍‌ରେ ଅଟଳ !

କୌଣସି ବିକାଶଶୀଳ ଗଣତନ୍ତ୍ର ତା'ର କୃଷକ ସମୁଦାୟକୁ ଅସନ୍ତୁଷ୍ଟ ବା ଆନ୍ଦୋଳିତ ଅବସ୍ଥାରେ ରଖି ବାସ୍ତବ ପ୍ରଗତି ହାସଲ କରିପାରିବ ନାହିଁ। ଯଦିବା କୌଣସି ରାଷ୍ଟ୍ରରେ କୃଷକ ସମୁଦାୟ ଆନୁଷ୍ଠାନିକ ଭାବେ ସଂଗଠିତ ହୋଇ ନଥା'ନ୍ତି, ତଥାପି ସେମାନଙ୍କର ସମସ୍ୟା, ଦେଶର ଅର୍ଥନୀତି ଯେ ସେମାନଙ୍କ ପ୍ରତି ଉଚିତ ନ୍ୟାୟ କରୁନାହିଁ ତାହାର ସୂଚନା ଦେଇଥାଏ। ତେଣୁ କୃଷିପ୍ରଧାନ ଅର୍ଥନୀତିରେ କୃଷକ ଓ ଶ୍ରମିକଙ୍କ ନ୍ୟାଯ୍ୟ ଦାବି ଶୁଣାଣି ପାଇଁ ଶାସନତନ୍ତ୍ର ସବୁବେଳେ ପ୍ରସ୍ତୁତ ରହିଥାଏ। କୃଷକଙ୍କର ସମ୍ପୃକ୍ତ ସମସ୍ୟାଗୁଡ଼ିକର ସମୟୋଚିତ ସମାଧାନ ନ ହେଲେ ଏହା ଆନ୍ଦୋଳନର ରୂପ ଧାରଣ କରିଥାଏ। ଏହାସହିତ ଅନ୍ୟ ଅସନ୍ତୁଷ୍ଟ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଭିନ୍ନ ଉଦ୍ଦେଶ୍ୟ ନେଇ କୃଷକ କଲ୍ୟାଣ ଆଳରେ ଏକଜୁଟ ହୋଇଯିବାର ସମ୍ଭାବନା ରହେ।

ଆମ ଦେଶରେ ପ୍ରାୟ ଦୁଇବର୍ଷର ବ୍ୟବଧାନ ପରେ ପୁଣି ଥରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ପଞ୍ଜାବ ଓ ହରିଆଣାର କିଛି କୃଷକ ସଂଘ 'ସଂଯୁକ୍ତ କିଷାନ୍ ମୋର୍ଚ୍ଚା'(ଅଣ-ରାଜନୈତିକ) ପତାକା ତଳେ 'ଦିଲ୍ଲୀ ଚଲୋ' ଡାକରା ଦେଇ ଏକଜୁଟ୍ ହୋଇଛନ୍ତି ଏବଂ ହରିଆଣା ଭିତର ଦେଇ ଦିଲ୍ଲୀ ସୀମାନ୍ତ ଶମ୍ଭୁ, ଖନୌରି ଓ ଟିକ୍ରି ଆଦି ରାଜମାର୍ଗ ଦେଇ ରାଜଧାନୀ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି। ଆଉ ତିନିମାସ ଭିତରେ ହେବାକୁ ଯାଉଥିବା ଦେଶର ସାଧାରଣ ନିର୍ବାଚନ ପୃଷ୍ଠଭୂମିରେ ଏହି ଆନ୍ଦୋଳନର ପ୍ରଭାବ ଦୂରଗାମୀ ହେବାର କ୍ଷମତା ରଖେ। ପ୍ରଥମଥରର ଆନ୍ଦୋଳନ ଏକବର୍ଷରୁ ଅଧିକ ଚାଲିବା ପରେ ଶେଷ ପର୍ଯ୍ୟାୟରେ କିଛିଟା ହିଂସ୍ରକ ହୋଇଥିଲା ଏବଂ ଅନେକ ନିରୀହ ଆନ୍ଦୋଳନକାରୀଙ୍କ ପ୍ରାଣ ଯିବାର ଦୁଃଖଦ ଘଟଣା ଦେଖାଯାଇଥିଲା। କୃଷକ ସଂଘଙ୍କ ସହିତ ବହୁପର୍ଯ୍ୟାୟ ସରକାରୀସ୍ତରୀୟ ଆଲୋଚନା ତଥା ସର୍ବୋଚ୍ଚ ଅଦାଲତର ପରାମର୍ଶ ବିଫଳ ହେବାରୁ ତତ୍କାଳୀନ କେନ୍ଦ୍ର ସରକାର ତିନିଟି ନୂଆ କୃଷି ସମ୍ବନ୍ଧୀୟ ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ ହୋଇଥିଲେ। କାରଣ ସେତେବେଳେ ଉତ୍ତରପ୍ରଦେଶ ସମେତ ଆଉକେତୋଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ନିର୍ବାଚନ ପାଖେଇ ଆସୁଥିଲା। ଏଥରର କୃଷକ ସଂଘର ଦାବିଗୁଡ଼ିକ ମଧ୍ୟରୁ ଗୋଟିଏ ଦୁଇଟି ନ୍ୟାୟୋଚିତ ଜଣାପଡୁଥିଲେ ମଧ୍ୟ ତା'ସହିତ ଆଉ କେତୋଟି ଦାବିକୁ ସମ୍ମିଳିତ କରି ସଂଘଟିତ କୃଷକ ଆନ୍ଦୋଳନ କେତେକାଂଶରେ ରାଜନୈତିକ ଅଭିସନ୍ଧିମୂଳକ ବୋଲି ପର୍ଯ୍ୟବେକ୍ଷକଙ୍କ ମତ।

ଏହି ଆନ୍ଦୋଳନର ମୂଳ ମଞ୍ଜି ବିଷୟଟି ହେଲା କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ବ୍ୟବସ୍ଥା ଓ ସେଥିରେ ଉପୁଜୁଥିବା କେତେକ ସମସ୍ୟା। ଏଥର କୃଷକ ସାମ୍ମୁଖ୍ୟ ଦାବି କରୁଛନ୍ତି ଯେ ଏମ୍‌ଏସ୍‌ପି ବ୍ୟବସ୍ଥାକୁ ଆଇନର ସ୍ୱରୂପ ଦିଆଯାଉ। ତା' ହେଲେ ଏହା ସମକାଳୀନ ଶାସକ ଦଳର ଅନୁକମ୍ପାରେ ପର୍ଯ୍ୟବସିତ ନ ହୋଇ ଆଇନଗତ ନିର୍ଣ୍ଣୟ ବ୍ୟବସ୍ଥା ଅନୁସାରେ ପରିଚାଳିତ ହେବ ଏବଂ ସରକାର ଚାଷୀଙ୍କର ସବୁ ବିକ୍ରିୟଯୋଗ୍ୟ ବଳକା ଶସ୍ୟ ବାଧ୍ୟତାମୂଳକ ଭାବରେ ଖରିଦ କରିବେ। ଏଥର ଆନ୍ଦୋଳନ ଘୋଷଣା ପୂର୍ବରୁ ହିଁ କେନ୍ଦ୍ର ଓ ପଞ୍ଜାବ ସରକାର କୃଷକ ମୋର୍ଚ୍ଚା ସହ ଚାରି ପର୍ଯ୍ୟାୟରେ ଆଲୋଚନା କରିସାରିଲେଣି। ଚତୁର୍ଥ ପର୍ଯ୍ୟାୟରେ କିଛିଟା ସହମତି ହାସଲ ହେବା ପରେ ଆଶା ଦେଖାଯାଉଥିଲା ଯେ ଏମ୍‌ଏସ୍‌ପିକୁ ନେଇ ଉଭୟ ପକ୍ଷରୁ ରାଜିନାମା ହେବ ଏବଂ ଆନ୍ଦୋଳନ ଟଳି ଯିବ ଅଥବା ସ୍ଥଗିତ ହେବ। ଉଭୟ ସରକାରୀ ପକ୍ଷ ଓ କୃଷକ ମୋର୍ଚ୍ଚା ଏ କଥା ସାମ୍ବାଦିକଙ୍କ ଆଗରେ ଘୋଷଣା ମଧ୍ୟ କରିଥିଲେ। ସହମତି ଅନୁସାରେ ଏମ୍‌ଏସ୍‌ପି ପାଇଁ ଆଇନ ପ୍ରଣୟନ ପରିବର୍ତ୍ତେ ଏନ୍‌ସିସିଏଫ୍ ଓ ନାଫେଡ୍ ଭଳି କେତେକ କେନ୍ଦ୍ରୀୟ ସରକାରୀ ଓ ସହକାରୀ ସଂସ୍ଥା ଏକ ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟରେ ଡାଲିଜାତୀୟ ଶସ୍ୟ, ତେଲବୀଜ, ମକା ଓ କପା ସିଧାସଳଖ କିଣିବେ। ଏହି ବ୍ୟବସ୍ଥା ପାଞ୍ଚବର୍ଷ ପାଇଁ ଲାଗୁ ହେବ। ଏହାଦ୍ୱାରା କୃଷକମାନେ ଧାନ ଓ ଗହମ ଫସଲରୁ ଓହରି ଉପରୋକ୍ତ ଅର୍ଥକରୀ ଫସଲ ପ୍ରତି ଆଗ୍ରହୀ ହେବେ, ଯାହାର କି ଭାରତୀୟ ବଜାରରେ ଯଥେଷ୍ଟ ଚାହିଦା ରହିଛି। ଏକ ପ୍ରତିଶ୍ରୁତିବଦ୍ଧ ପାଞ୍ଚବର୍ଷିଆ ଚୁକ୍ତିନାମା ବଳରେ ଚାଷୀମାନେ ମଧ୍ୟ ଦୀର୍ଘକାଳୀନ ଚାଷ ଯୋଜନା କାର୍ଯ୍ୟକାରୀ କରିପାରିବେ। ଏହାସହିତ ଅନ୍ୟ କେତେକ ବିନ୍ଦୁରେ ମଧ୍ୟ ସହମତି ହୋଇଥିଲା ବୋଲି ଜଣାପଡ଼ିଥିଲା। ଏହାର ବିଚାର ପାଇଁ କୃଷକ ସାମ୍ମୁଖ୍ୟ ଦୁଇଦିନ ସମୟ ମାଗିଥିଲେ ଏବଂ 'ଦିଲ୍ଲୀ ଚଲୋ' ଅଭିଯାନ ସ୍ଥଗିତ ହେଲା ବୋଲି କହିଥିଲେ। କିନ୍ତୁ ଦୁଃଖର କଥା ଗତକାଲି ସରକାରୀ ସୂତ୍ରରୁ ଜଣାପଡ଼ିଲା ଯେ କୃଷକ ସାମ୍ମୁଖ୍ୟ ତାଙ୍କର ଆନ୍ଦୋଳନ ଜାରି ରଖି ଦିଲ୍ଲୀ ଯାତ୍ରା ପ୍ରସ୍ତୁତି ଅବ୍ୟାହତ ରଖିଛନ୍ତି। କୃଷକ ମୋର୍ଚ୍ଚା ସୂତ୍ରରୁ ଚତୁର୍ଥ ପର୍ଯ୍ୟାୟ ଆଲୋଚନାରେ ସହମତି କଥାକୁ ମଧ୍ୟ ଅସ୍ୱୀକାର କରାଯାଉଛି। ତେଣୁ ଦିଲ୍ଲୀ ସୀମାନ୍ତ ଆଡ଼କୁ କୃଷକ ମୋର୍ଚ୍ଚାର ଟ୍ରାକ୍ଟର, ବସ୍ ଓ ଯାନବାହନ ବାହିନୀ ବଳପୂର୍ବକ ଆଗେଇବାକୁ ଚେଷ୍ଟା କରୁଛନ୍ତି ଏବଂ କେତେକ ସ୍ଥାନରେ ପୁଲିସ୍‌କୁ ଲାଠି ଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିବାକୁ ପଡ଼ିଛି। ସରକାରଙ୍କ ପକ୍ଷ ଆଶାବାଦୀ ଥିଲେ ମଧ୍ୟ ଏହି ଆନ୍ଦୋଳନ ଧୀରେ ଧୀରେ ଗତଥର ପରି ହିଂସ୍ରକ ହେବାର ସବୁ ଆଶଙ୍କା ବୃଦ୍ଧି ପାଉଛି।

କୃଷକ ଆନ୍ଦୋଳନ କୃଷିଭିତ୍ତିକ ବା ଅର୍ଥନୈତିକ ସମସ୍ୟା ସମାଧାନର ଆଉ ମଞ୍ଚ ହୋଇ ରହି ନାହିଁ ବୋଲି ଜଣାପଡୁଛି। ଏହି ଆନ୍ଦୋଳନର ନିଆଁରେ ନିର୍ବାଚନୀ ରୁଟି ସେକା ଗଲେ କୃଷକମାନଙ୍କର ବା ଦେଶର କ'ଣ ଯେ ଲାଭ ହେବ ତାହା ଭଗବାନଙ୍କୁ ଜଣା। ଯାହା ବୁଝା ପଡୁଛି ଯେ ଗତ ଥର ପରି ଏ ଥରର ଆନ୍ଦୋଳନ ମଧ୍ୟ ଅନେକାଂଶରେ ପ୍ରାୟୋଜିତ ତଥା ଦେଶବିରୋଧୀ ତତ୍ତ୍ୱମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ତଥା ଅପ୍ରତ୍ୟକ୍ଷ ସମର୍ଥନ ପ୍ରାପ୍ତ। ନ ହେଲେ କି ଆନ୍ଦୋଳନକାରୀମାନେ ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ଛଅମାସର ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହୃତ ଜିନିଷ ଟ୍ରାକ୍ଟର ଓ ଟ୍ରକ୍‌ରେ ଲଦି ଦିଲ୍ଲୀ ସୀମାକୁ ଲଂଘିବାକୁ ଆସନ୍ତେ? ତେଣେ ପଞ୍ଜାବ ସରକାର ଖୋଲାଖୋଲି ଆନ୍ଦୋଳନକାରୀମାନଙ୍କୁ ସମର୍ଥନ ଯୋଗାଉଥିବାରୁ ଘଟଣା ଆହୁରି ଏକତରଫା ହେଉଛି। ସତରେ କ'ଣ କ୍ଷୁଦ୍ର ତଥା ନାମକୁମାତ୍ର ଚାଷୀ ତଥା କୃଷି ଶ୍ରମିକ ଆଦିଙ୍କ ସମସ୍ୟା ସମାଧାନ ପାଇଁ ଏହି ଆନ୍ଦୋଳନ ଉଦ୍ଦିଷ୍ଟ? ଏ କଥା ସତ ଯେ ନିର୍ବାଚନ ଇସ୍ତାହାରରେ କେନ୍ଦ୍ର ଶାସକ ଦଳ ସ୍ୱାମୀନାଥନ୍ କମିଟିର ସୁପାରିସକୁ ଅଗ୍ରାଧିକାର ଦେବେ ବୋଲି କହିଥିଲେ। କିନ୍ତୁ ଗତ ଦଶବର୍ଷ ମଧ୍ୟରେ କୃଷିର ବିକାଶ ଓ କୃଷକ କଲ୍ୟାଣ ନିମନ୍ତେ ଯେଉଁ ପ୍ରଭାବୀ ପଦକ୍ଷେପ ନିଆଯାଇଛି ତାହାକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ସମୀଚୀନ ନୁହେଁ। ଏହା ମଧ୍ୟ ଏକ ଜଣାଶୁଣା କଥା ଯେ ପଞ୍ଜାବ, ହରିଆଣା ଆଦି ଅନେକ କୃଷିସମ୍ପନ୍ନ ରାଜ୍ୟରେ ଏମ୍‌ଏସ୍‌ପି ବ୍ୟବସ୍ଥା ତଥା ନିୟନ୍ତ୍ରିତ ବଜାର ବ୍ୟବସ୍ଥା ଅଣକୃଷକ ତଥା ରାଜନୈତିକ ତତ୍ତ୍ୱଙ୍କ କବ୍‌ଜାରେ ରହିଛି। ଦୁର୍ବଳ ଶ୍ରେଣୀର କୃଷକମାନେ ମଧ୍ୟସ୍ଥି ବେପାରୀମାନଙ୍କୁ ଏମ୍‌ଏସ୍‌ପିଠାରୁ ବହୁ କମ୍ ମୂଲ୍ୟରେ ଶସ୍ୟ ବିକ୍ରୟ କରିବା ପାଇଁ ବାଧ ହେଉଛନ୍ତି। ପନିପରିବା, ଫଳ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ କିଣିବା ପାଇଁ ଜଣେ ସାଧାରଣ ଖାଉଟି ସହରାଞ୍ଚଳରେ ଯେଉଁଳି ମଧ୍ୟସ୍ଥିଙ୍କ ଶୋଷଣର ଶିକାର ହେଉଛି ତାହା କାହାରିକୁ ଅଜଣା ନାହିଁ। ସମ୍ପ୍ରତି ପିଆଜ, ରସୁଣ ଓ ଟମାଟୋ ଆଦିର ମୂଲ୍ୟରେ ଅଚାନକ ବୃଦ୍ଧି ଓ ହ୍ରାସ ଉଭୟ ଚାଷୀ ଓ ଖାଉଟିଙ୍କୁ ହନ୍ତସନ୍ତ କରି ପକାଇଛି। ଏ ପର୍ଯ୍ୟନ୍ତ ଯାହା ହେଉଛି ଦୁଇପକ୍ଷ କଳିରେ ତୃତୀୟ ପକ୍ଷ ବାଜି ମାରୁଛି। ଉଭୟ ଚାଷୀ ଓ ଖାଉଟି ବାପୁଡ଼ା ଦାନ୍ତଚିପି ଅତ୍ୟାଚାର ସହୁଛନ୍ତି। କେତେକ ସ୍ତରରେ ପ୍ରଶ୍ନ ଉଠୁଛି କୃଷକଙ୍କୁ ଓ ବିଶେଷକରି କୃଷି ବଜାରର କ୍ଷମତାଶାଳୀ ମଧ୍ୟସ୍ଥିଙ୍କୁ ଲାଭ ଦେବା ନାଁରେ ଆନ୍ଦୋଳନ ମାଧ୍ୟମରେ ସରକାରମାନଙ୍କୁ ଯେପରି ଚାପଗ୍ରସ୍ତ କରାଯାଉଛି, ସେହିଭଳି ଖାଉଟିମାନେ ଯଦି ସଂଗଠିତ ହୋଇ ଆଇନ ମାଧ୍ୟମରେ ନିୟନ୍ତ୍ରିତ ବଜାର ବ୍ୟବସ୍ଥା ପାଇଁ ଦାବିରେ ଆନ୍ଦୋଳନ କରନ୍ତି ତାହା ହେଲେ ସମାଧାନର ପନ୍ଥା କ'ଣ ହେବ?

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଶାରେ ବିକାଶୋନ୍ମୁଖୀ ପାଇଁ ସୁଶାସନ



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ବିକାଶର ଉପଯୁକ୍ତ ସଂଜ୍ଞା କ'ଣ? ସମାଜବିଜ୍ଞାନୀଙ୍କ ମତରେ ବିକାଶ ହେଉଛି ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ପ୍ରଗତିର ଏକ ସୁସଙ୍ଗତ ଓ ସନ୍ତୁଳିତ ମିଶ୍ରଣ। କିନ୍ତୁ ଏକବିଂଶ ଶତାବ୍ଦୀରେ ବିକାଶର ବର୍ଣ୍ଣନା ଟିକେ ଅଲଗା। କେବଳ ସମାଜବିଜ୍ଞାନୀଙ୍କ ଦ୍ୱାରା ଦିଆଯାଇଥିବା ଦୁଇଟି ଉପାଦାନ ଉପରେ ଏହା ନିର୍ଭରଶୀଳ ନୁହେଁ। ବିକାଶର ସଂଜ୍ଞା ଓ ମାପଦଣ୍ଡ ଏବେ ମିଳିତ ଜାତିସଂଘ ଦ୍ୱାରା ସ୍ଥିର ହୋଇଥିବା 'ସ୍ଥାୟୀ ବିକାଶ ଲକ୍ଷ୍ୟ' ବା 'ସଷ୍ଟେନେବଲ ଡେଭେଲପମେଣ୍ଟ ଗୋଲ୍' (ଏସ୍‌ଡିଜି) ଉପରେ ସଂଯୁକ୍ତ ଓ ନିର୍ଦ୍ଧାରିତ। ପ୍ରକୃତିଠାରୁ ଆରମ୍ଭ କରି ନିଯୁକ୍ତି, ଖାଦ୍ୟଠାରୁ ଗୋଷ୍ଠୀ ଓ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶାନ୍ତି ଭଳି ଅନେକ ଉପାଦାନ ଏହା ମଧ୍ୟରେ ରହିଛି। ସେ ମଧ୍ୟରେ ସୁଶାସନ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ।

ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାରଙ୍କ ଅଧୀନରେ ନିଆଯାଇଥିବା ନୀତି ଏବଂ କାର୍ଯ୍ୟଗୁଡ଼ିକ କିପରି ପ୍ରଭାବଶାଳୀ ଏବଂ ଉତ୍ତରଦାୟୀ ହେବ ତାହା ରାଷ୍ଟ୍ରର ସୁଶାସନ ଉପରେ ନିର୍ଭର କରେ। ଏହାବ୍ୟତୀତ ଅବହେଳିତ ଏବଂ ଦୁର୍ବଳ ଗୋଷ୍ଠୀର ଅଂଶଗ୍ରହଣ, ପ୍ରତିନିଧିତ୍ୱ ଏବଂ ସଶକ୍ତୀକରଣ ସହ ସ୍ୱଚ୍ଛତା, ସମ୍ବଳର ବ୍ୟବହାର, ସମାନତା ଏବଂ ମାନବିକ ଅଧିକାର ଭଳି ପ୍ରସଙ୍ଗଗୁଡ଼ିକ ଉଭୟ ସୁଶାସନ ଏବଂ ଆଧୁନିକ ବିକାଶ ମଧ୍ୟରେ ସାଧାରଣ ଉପାଦାନ। ମିଳିତ ଜାତିସଙ୍ଘର 'ଏସ୍‌ଡିଜି' ହେଉଛି ୧୭ଟି ବିଶ୍ୱସ୍ତରୀୟ ଲକ୍ଷ୍ୟର ଏକ ସମାହାର। ଏହି ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ନେତୃତ୍ୱ ସହ ସୁଶାସନର ଆବଶ୍ୟକତା ରହିଛି। ସୁଶାସନର ସକାରାତ୍ମକ ପ୍ରୟୋଗ ଓ ବିକାଶର ଲକ୍ଷ୍ୟକୁ ଆଧାର କରି ଅନେକ ଅଧ୍ୟୟନ ରହିଛି। 'ସୁଶାସନ ଏକ ମାର୍ଗ ଏବଂ ନିରନ୍ତର ବିକାଶ ହେଉଛି ଲକ୍ଷ୍ୟ' - ଏହା ହିଁ ସମସ୍ତ ଅଧ୍ୟୟନର ମୂଳପିଣ୍ଡ। 'ଗଲ୍ ବିଜିନେସ୍'ରେ ପ୍ରକାଶିତ ଏକ ପ୍ରବନ୍ଧରେ ବର୍ଣ୍ଣନା କରାଯାଇଛି ଯେ ସୁଶାସନ ନିରପେକ୍ଷ ପ୍ରତିଯୋଗିତା, ସମ୍ବଳର ଉପଯୋଗ, ନିଯୁକ୍ତି ସୁଯୋଗ ଏବଂ ପୁଞ୍ଜି ବଜାର ବିକାଶକୁ ପ୍ରୋତ୍ସାହିତ କରେ। ଏ ସବୁ ନିରନ୍ତର ବିକାଶର ପ୍ରମୁଖ ଲକ୍ଷ୍ୟ। ସେହିପରି ନୋରିଚିକା କାନି ଏବଂ ଫ୍ରାଙ୍କ ବାୟର୍ମନ୍‌ଙ୍କ ଦ୍ୱାରା ରଚିତ ପୁସ୍ତକ 'ଗଭର୍ଣ୍ଣିଙ୍ଗ ଥ୍ରୁ ଗୋଲ୍ସ'ରେ ଉଲ୍ଲେଖ ଅଛି ଯେ ଏସ୍‌ଡିଜି ହେଉଛି ସୁଶାସନର ଏକ ଅଭିନବ ରୂପ। ସୁଶାସନ ପାଇଁ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଅଂଶଗ୍ରହଣ ଏବଂ ଦକ୍ଷତା ଅତ୍ୟନ୍ତ ଆବଶ୍ୟକ। ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ 'ଏସ୍‌ଡିଜି' ସହ ପ୍ରଶାସନିକ ଅଭ୍ୟାସକୁ ଯୋଡ଼ିବା ଦିଗରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ଓଡ଼ିଶାର ସୁଶାସନର ମାପଦଣ୍ଡ କେବଳ ନିର୍ବାଚନ ଜିତିବା ନୁହେଁ, ବରଂ ଭାଗିଦାରୀ ଶାସନ, ପ୍ରଶାସନରେ ବୈଷୟିକ ଦକ୍ଷତା, ଲୋକାଭିମୁଖୀ ନେତୃତ୍ୱ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ଯୋଡ଼ି ହୋଇଯାଇଛି। ଏଠି ଆମକୁ ମନେ ରଖିବାକୁ ହେବ ଯେ ଭାରତରେ 'ଏସ୍‌ଡିଜି'କୁ ଗ୍ରହଣ କରିବା ସହ ଏହାର ନୀତି ଓ କାର୍ଯ୍ୟକ୍ରମକୁ ଶାସନ ସହ ଯୋଡ଼ିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

ସ୍ଥାୟୀ ବିକାଶ ଏବଂ ସୁଶାସନ ହେଉଛି ସମାଜ, ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଆଚରଣର ଏକ ଜଟିଳ ଢାଞ୍ଚା। ଏଥିରେ ନେତୃତ୍ୱ ହେଉଛି ଏକ ଯୋଗସୂତ୍ର, ଯାହା ବିକାଶ ଏବଂ ଲୋକଙ୍କୁ ଯୋଡ଼ିଥାଏ। ନବୀନ ସରକାରରେ ନେତୃତ୍ୱ 'ପାଥ୍-ଗୋଲ୍ ଥିଓରୀ'ଉପରେ ପର୍ଯ୍ୟବସିତ। ଏହି ସିଦ୍ଧାନ୍ତ ଅନୁଯାୟୀ, ଲକ୍ଷ୍ୟ ହାସଲର ମାର୍ଗ ସୃଷ୍ଟି କରିବାରେ ନେତୃତ୍ୱ ହିଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ଏବଂ ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ନାଗରିକଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ ସହଯୋଗ ମଧ୍ୟ କରିଥାଏ। ଓଡ଼ିଶାବାସୀଙ୍କୁ ବିକାଶରେ ସାମିଲ ହେବା ପାଇଁ ଜନପ୍ରିୟ ନେତା ଭାବେ ନବୀନଙ୍କ ଡାକରା ଥିଲା 'ଏକାଠି ଆମେ କରିପାରିବା ଏବଂ ଏକାଠି ଆମେ କରିବୁ(ଟୁଗେଦର ୱି କ୍ୟାନ୍। ଟୁଗେଦର ୱି ୱିଲ୍)।' ଏହାପଛରେ ନବୀନ ପଟ୍ଟନାୟକଙ୍କ ତିନୋଟି ମୁଖ୍ୟ ଧାରଣା ଥିଲା। ଯଥା ନିରନ୍ତର ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ଜିଲ୍ଲାସ୍ତରରେ ଅନ୍ତର୍ଭୁକ୍ତୀକରଣ ଓ ସମାନ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏକ ସମାବେଶୀ ପରିବେଶ ଗଠନ।

ନିକଟରେ ଓଡ଼ିଶା ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ ବା ଓଡ଼ିଶା ନିରନ୍ତର ବିକାଶ ଲକ୍ଷ୍ୟ ସୂଚକ ଢାଞ୍ଚା ୨.୦ ସିରିଜ୍ ପ୍ରକାଶ ପାଇଛି। ଏହାର ପ୍ରଥମ ସଂକଳନ ୨୦୧୯ରେ ପ୍ରକାଶିତ ହୋଇଥିଲା। ଜାତିସଂଘର 'ଏସ୍‌ଡିଜି' ଅନୁଯାୟୀ ଓଡ଼ିଶା ବିକାଶର ବିଶ୍ଳେଷଣ ପାଇଁ ଏହି ଢାଞ୍ଚା ପ୍ରସ୍ତୁତ କରାଯାଇଥିଲା। ନିୟମିତ ବ୍ୟବଧାନରେ ଜାତୀୟ ସୂଚକ ଢାଞ୍ଚା ଏବଂ ନିତି ଆୟୋଗ ବିକାଶ ସୂଚକାଙ୍କରେ ପରିବର୍ତ୍ତନ କରୁଛନ୍ତି। ତେଣୁ ପରିବର୍ତ୍ତିତ ସୂଚକାଙ୍କ ସହ ମେଳ ଖାଇବା ପାଇଁ ଓଡ଼ିଶା ସରକାର ଦ୍ୱିତୀୟ ବିଜ୍ଞପ୍ତି ଜାରି କରିଛନ୍ତି। ସଂକ୍ଷିପ୍ତରେ କହିବାକୁ ଗଲେ ଓଡ଼ିଶା ଢାଞ୍ଚାରେ ୩୧୧ଟି ସୂଚକାଙ୍କ, ୨୯୩ଟି ଅନନ୍ୟ ସୂଚକ ଓ ୧୮ ଟି ପୁନରାବୃତ୍ତି ସୂଚକ ରହିଛି। ୧୪୨ଟି ସୂଚକାଙ୍କ ନୂତନ ଭାବେ ଯୋଡ଼ାଯାଇଛି ଏବଂ ୧୬୯ଟି ପୂର୍ବଢାଞ୍ଚାକୁ ବଜାୟ ରଖାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା, ମିଶନ ଶକ୍ତି, କାଳିଆ, ଓଡ଼ିଶା ମିଲେଟ୍ ମିଶନ, ଲକ୍ଷ୍ମୀ, ବସୁଧା, ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତି କାର୍ଯ୍ୟକ୍ରମ ଭଳି ଅନେକ ପଦକ୍ଷେପ 'ଏସ୍‌ଡିଜି' ଲକ୍ଷ୍ୟ ହାସଲରେ ସହାୟକ ହେଉଛି।

ନିରନ୍ତର ବିକାଶ ଲକ୍ଷ୍ୟ ଏବଂ ସୁଶାସନର ସମ୍ପର୍କକୁ ବୁଝିବା ପାଇଁ ସମାଜବିଜ୍ଞାନରେ କେତେକ ସିଦ୍ଧାନ୍ତ ଅଛି। ଗୋଟିଏ ଆଭିମୁଖ୍ୟ ହେଉଛି ଷ୍ଟ୍ରକ୍‌ଚରେସନ ଥିଓରୀ ବା ଗଠନ ତତ୍ତ୍ୱ। ଯାହା ସୂଚିତ କରେ ଯେ ନାଗରିକମାନେ ସେମାନଙ୍କ ଚାରିପାଖରେ ଥିବା ପ୍ରଶାସନିକ ଓ ସାମାଜିକ ଢାଞ୍ଚା ଦ୍ୱାରା ପ୍ରଭାବିତ ହୁଅନ୍ତି। ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ ଉଦାହରଣ ହେଉଛି ଭାଗିଦାରୀ ଶାସନ। ଏଭଳି ଶାସନ ମଡେଲକୁ ନବୀନ ସରକାର ଗୁରୁତ୍ୱ ଦେଉଛନ୍ତି। ଚୁମ୍ବକରେ କହିବାକୁ ଗଲେ, ରାଜ୍ୟ ସରକାର ଅବହେଳିତ ସମ୍ପ୍ରଦାୟ ଓ ସମସ୍ତ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କର ନିଷ୍ପତ୍ତି ନେବାର କ୍ଷମତା ବଢ଼ାଇବା ହେଉଛି ଭାଗିଦାରୀ ଶାସନର ଉଦ୍ଦେଶ୍ୟ। ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଓ ଜୀବିକା କାର୍ଯ୍ୟକ୍ରମ ଏବଂ ଓଡ଼ିଶା ଜୀବିକା ମିଶନ ଭଳି କାର୍ଯ୍ୟକ୍ରମ ସ୍ଥାନୀୟ ସମୁଦାୟ, ବିଶେଷକରି ଆଦିବାସୀ ଗୋଷ୍ଠୀମାନଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ ଓ ସଶକ୍ତ କରିଛି।

ଓଡ଼ିଶା ସରକାରଙ୍କ 'ଜାଗା ମିଶନ'କୁ ମିଳିତ ଜାତିସଂଘ ମାନବ ବସତିର ଅନ୍ୟତମ ଶ୍ରେଷ୍ଠ ଅଭ୍ୟାସ ଭାବେ ମାନ୍ୟତା ଦେଇସାରିଛି। ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ସମ୍ପତ୍ତି ଅଧିକାର ଓ ମୌଳିକ ସେବା ଯୋଗାଇଦେବା ପାଇଁ ଏହା ଏକ ନିଆରା ଯୋଜନା। ସେହିପରି ଓଡ଼ିଶା ପୌର ଆଇନ (ସଂଶୋଧନ) ବିଲ୍ ୨୦୨୩ ସହରାଞ୍ଚଳ ଶାସନ ପାଇଁ ଏକ ବୈପ୍ଳବିକ ପଦକ୍ଷେପ। ସମ୍ବଳ ଆବଣ୍ଟନ କ୍ଷେତ୍ରରେ ସମାନତା ଆଣିବା ଓ ଶାସନର ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରି ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ହିଁ ଏହାର ଲକ୍ଷ୍ୟ। ସେହିପରି ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନବୀନ ସରକାରଙ୍କ ଆଭିମୁଖ୍ୟ ଅଭୂତପୂର୍ବ ଏବଂ ଉଦାହରଣୀୟ।

ଅନ୍ୟ ଏକ ପ୍ରାସଙ୍ଗିକ ସମାଜବିଜ୍ଞାନ ସିଦ୍ଧାନ୍ତ ହେଉଛି ଆନୁଷ୍ଠାନିକ ସିଦ୍ଧାନ୍ତ ବା ଇନଷ୍ଟିଚୁନାଲ ଥିଓରୀ। ଏହା ଆଚରଣ ଓ ଫଳାଫଳକୁ ଆକାର ଦେବାରେ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱ ଦିଏ। ଉଭୟଆନୁଷ୍ଠାନିକ ଓ ଅନୌପଚାରିକ ଅନୁଷ୍ଠାନଗୁଡ଼ିକ କିପରି ସ୍ଥାୟୀ ବିକାଶ ସମ୍ବନ୍ଧୀୟ ପ୍ରଶାସନିକ ଅଭ୍ୟାସକୁ ପ୍ରଭାବିତ କରନ୍ତି ତାହା ବୁଝିବା ପାଇଁ ଏହି ସିଦ୍ଧାନ୍ତ ପ୍ରୟୋଗ କରାଯାଇପାରେ। ବିକାଶର ଲକ୍ଷ୍ୟ ଓ ଏହାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଏହାର ପ୍ରଶାସନିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛି। ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏବଂ ଅମଲାତାନ୍ତ୍ରିକ ପ୍ରତିବନ୍ଧକକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନଲାଇନ ସେବା ଏବଂ ଡିଜିଟାଲ ପେମେଣ୍ଟ ସିଷ୍ଟମ ଭଳି ଅନେକ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ମୋ ସରକାର, ସାମ୍ସ ପୋର୍ଟାଲ, ଇ-ପ୍ରୋକ୍ୟୁରମେଣ୍ଟ, ଇ-ଡିଷ୍ଟ୍ରିକ୍ଟ ଓ ଏଚ.ଏମ. ଆଇ.ଏସ ଭଳି ଅନେକ ଇ-ଗଭର୍ଣ୍ଣାନ୍ସ ରାଜ୍ୟର ପ୍ରଶାସନିକ ଦକ୍ଷତାକୁ ବୃଦ୍ଧି କରୁଛି। ଉନ୍ନତ ଶାସନ ଏବଂ ସେବା ପ୍ରଦାନ ପାଇଁ ଟେକ୍ନୋଲୋଜିର ଉପଯୋଗ କରିବା ଓଡ଼ିଶା ସରକାରଙ୍କ ଅଙ୍ଗୀକାରବଦ୍ଧତାର ପ୍ରତିଫଳନ। 'ଏସ୍‌ଡିଜି' ହାସଲ କରିବା ପାଇଁ ସକ୍ରିୟ ଇ-ଗଭର୍ଣ୍ଣାନ୍ସ ଅତ୍ୟନ୍ତ ଜରୁରୀ। ଇ-ଗଭର୍ଣ୍ଣାନ୍ସକୁ ପ୍ରଭାବଶାଳୀ ଭାବରେ ଉପଯୋଗ କରି ଓଡ଼ିଶା ସରକାର 'ଏସ୍‌ଡିଜି'ର ଅଗ୍ରଗତିକୁ ତ୍ୱରାନ୍ୱିତ କରିପାରିବେ ବୋଲି ଆଶା।

ଓଡ଼ିଶାରେ ଜାତିସଂଘର 'ଏସ୍‌ଡିଜି' ଉପରେ ଅନେକ ବ୍ୟକ୍ତିଗତ ଓ ଗୋଷ୍ଠୀଭିତ୍ତିକ ଅଧ୍ୟୟନ ଅଛି, ଯାହା ରାଜ୍ୟର ବିକାଶମୂଳକ ପଦକ୍ଷେପର ଉପଲବ୍ଧିକୁ ଦର୍ଶାଏ। ଉଦାହରଣସ୍ୱରୂପ, 'ଏସ୍‌ଡିଜି'-୧ (ଦାରିଦ୍ର୍ୟ ନିରୋଧ) ଉପରେ ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) କିପରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ମାଇକ୍ରୋଫାଇନାନ୍ସ, ଦକ୍ଷତା ବିକାଶ ଏବଂ ବଜାର ସଂଯୋଗ ମାଧ୍ୟମରେ ସତୁରି ଲକ୍ଷରୁ ଅଧିକ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିଛି। 'ଏସ୍‌ଡିଜି'-୨ (ବୁଭୁକ୍ଷୁ ସମ୍ପୂର୍ଣ୍ଣ ବିଲୋପ) ଉପରେ ହୋଇଥିବା ଏକ କେସ୍‌ଷ୍ଟଡିରେ ଓଡ଼ିଶା ମିଲେଟ୍ ମିଶନ (ଓଏମ୍‌ଏମ୍), ମାଣ୍ଡିଆ ଚାଷ ଓ ସେବନକୁ କିପରି ପ୍ରୋତ୍ସାହିତ କରିଛି, ତାହା ଦର୍ଶାଯାଇଛି। ସେହିପରି 'ଏସ୍‌ଡିଜି'- ୩ (ଉତ୍ତମ ସ୍ୱାସ୍ଥ୍ୟ ଓ କଲ୍ୟାଣ) ଉପରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) କିପରି ଓଡ଼ିଶାର ଏକ କୋଟିରୁ ଅଧିକ ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିଛି। ଏହି ସବୁ ଲକ୍ଷ୍ୟ ସହ ଓଡ଼ିଶା 'ଏସ୍‌ଡିଜି' ସୂଚକ ଢାଞ୍ଚା ୨.୦ ସିରିଜରେ ଏସଡିଜି- ୫( ଲିଙ୍ଗଗତ ସମାନତା), ଏସଡିଜି- ୮( ଅର୍ଥନୈତିକ ବୃଦ୍ଧି), ଏସଡିଜି-୧୧(ସ୍ଥାୟୀ ସହର ଏବଂ ସମ୍ପ୍ରଦାୟ), ଏସଡିଜି- ୧୬ (ନ୍ୟାୟ ଓ ଶାନ୍ତି)କୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ପ୍ରଗତି ସତ୍ତ୍ୱେ ଦାରିଦ୍ର୍ୟ, ପୁଷ୍ଟିହୀନତା ଏବଂ ପରିବେଶ ଅବକ୍ଷୟ ଭଳି ଆହ୍ୱାନ ଓଡ଼ିଶା ସମ୍ମୁଖୀନ ହେଉଛି। ଏହି ଆହ୍ୱାନର ମୁକାବିଲା ପାଇଁ ଅଂଶୀଦାରମାନଙ୍କ ସହ ସହଯୋଗ ବୃଦ୍ଧି ଏବଂ ସମ୍ବଳକୁ ପ୍ରଭାବଶାଳୀ ଭାବରେ ସଂଗଠିତ କରିବାର ଆବଶ୍ୟକତା ରହିଛି। ସୁଶାସନ ଓ ନିରନ୍ତର ବିକାଶ ଲକ୍ଷ୍ୟ ପ୍ରତି ଓଡ଼ିଶାର ଅଙ୍ଗୀକାରବଦ୍ଧତା ପ୍ରଶଂସନୀୟ। ଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଅଂଶଗ୍ରହଣ ଏବଂ ଦକ୍ଷତାକୁ ପ୍ରାଥମିକତା ଦେଇ ଓଡ଼ିଶା ନିରନ୍ତର ବିକାଶ ସହ ନାଗରିକଙ୍କ ଜୀବନରେ ଉନ୍ନତି ଆଣିପାରିବ ବୋଲି ବିଶ୍ୱାସ।

# ମାତୃଭାଷା ଓ ମହାତ୍ମା ଗାନ୍ଧୀ



ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୨୬୪୨୪୬୪

ଗାନ୍ଧିଜୀ କେବଳ ସ୍ୱାଧୀନତା ଆଣିବା ପାଇଁ ସଂଗ୍ରାମ କରୁନଥିଲେ। ସେ ଚିନ୍ତା କରୁଥିଲେ ଦେଶର ସାମଗ୍ରିକ ବିକାଶ କଥା। ସେ ଥିଲେ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନଶୀଳତାର ପ୍ରତୀକ। ଆମେ ସ୍ୱାଧୀନତା ପାଇଲା ବେଳକୁ ରାଜନୀତି ଓ ଅର୍ଥନୀତି ଯେମିତି ବିପଦରେ ପଡ଼ିଥିଲା, ସେମିତି ବିପଦର ଭଉଁରୀଭିତରେ ପଡ଼ିଯାଇଥିଲା ଭାଷା କ୍ଷେତ୍ରଟି। ଗାନ୍ଧିଜୀ ଜାଣିଥିଲେ ପରାଧୀନତା କାରଣରୁ ଉତ୍ପନ୍ନ ପରାଧୀନ ମାନସିକତା ଜାତି ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ମାନସିକତାରୁ ମୁକ୍ତି ପାଇଁ ପ୍ରୟୋଜନ ସ୍ୱଦେଶୀ ଦୃଷ୍ଟିସମ୍ପନ୍ନ ଉଚ୍ଚାରଣ ଓ ଆଚରଣ। ତାଙ୍କ ମତରେ ମାତୃସ୍ତନ୍ୟ ଯେପରି ଶିଶୁର ପ୍ରିୟ, ମାତୃଭାଷା ସେମିତି ସମସ୍ତଙ୍କର ପ୍ରିୟ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଏକ ଭାଷଣରେ (୬.୦୨.୧୯୧୬) ସେ କହିଥିଲେ - ମାତୃଭାଷା ପ୍ରତି ଉଦାସୀନତା ଜାତୀୟ ପ୍ରଗତିର ବାଧକ। ଅଥଚ କିଛି ଲୋକ ଭାବୁଛନ୍ତି କେବଳ ଇଂରେଜ ପଢୁଆ ବାବୁମାନଙ୍କ ଦ୍ୱାରା ଦେଶର ସ୍ୱାଧୀନତା ପ୍ରାପ୍ତି ଓ ପ୍ରଗତି ସମ୍ଭବ। ଏଭଳି ଭ୍ରାନ୍ତ ଧାରଣା ଯୋଗୁଁ ଦୁର୍ବଳ ହୋଇପଡୁଛି ମାତୃଭାଷାର ସ୍ଥିତି। ୧୯୧୭ରେ ଏକ ପୁସ୍ତକର ମୁଖବନ୍ଧରେ ସେ ଲେଖିଥିଲେ - ମାତୃଭାଷା ପ୍ରତି ଅବହେଳା ପ୍ରଦର୍ଶନ କରିବା ଜାତିପକ୍ଷେ ଆତ୍ମହତ୍ୟା ସହିତ ସମାନ।

ଗାନ୍ଧିଜୀଙ୍କ ମତରେ ସ୍ୱାଧୀନତା ଅର୍ଥ ନିଜ ଭାଷାରେ ଲୋକଙ୍କୁ ଶାସନ। ଏହି ମର୍ମରେ ସେ ଏକ ଭାଷଣ ପ୍ରସଙ୍ଗରେ କହିଛନ୍ତି (୨୪.୦୩.୧୯୧୭) ଯେଉଁ ପର୍ଯ୍ୟନ୍ତ ଆମ ଇଂରେଜ ପ୍ରେମ ନ ସରିଛି, ଆମେ ପ୍ରକୃତ 'ସ୍ୱରାଜ' ପାଇ ପାରିବା ନାହିଁ। ଆମ ନିୟୁତ ନିୟୁତ ଦେଶବାସୀ ଭାଇଭଉଣୀ ଯେଉଁମାନେ ଇଂରେଜ ପାଠୁଆ ହୋଇପାରିବେ ନାହିଁ, ସେମାନେ ଦାସ ହୋଇ ରହିଯିବେ ଏବଂ ଇଂରେଜ ପାଠୁଆଙ୍କଠାରୁ ବଢ଼ି ବଢ଼ି ଚାଲିବ ସେମାନଙ୍କ ବ୍ୟବଧାନ। ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ (୨୩.୦୩.୧୯୨୧) ଅବସରରେ ଇଂରାଜୀ ଶିକ୍ଷାର ଅସାରତା ଓ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ସେ କଟକ ସଭାରେ ଯେଉଁ ବକ୍ତବ୍ୟ ରଖିଥିଲେ, ତାହା ପ୍ରକାଶ ପାଇଥିଲା 'ୟଙ୍ଗ ଇଣ୍ଡିଆ' ଏପ୍ରିଲ ୧୯୨୧ ସଂଖ୍ୟାରେ। ତା'ର ମର୍ମାର୍ଥ ଥିଲା ଦେଶରେ ଯେଉଁଭଳି ଭାବରେ ଇଂରାଜୀ ଶିକ୍ଷା ଦିଆଯାଉଛି, ତାହା କେବଳ ଭାରତୀୟଙ୍କ ଭିତରେ ଗୋଲାମୀ ମାନସିକତା ବୃଦ୍ଧି କରିବା ନିମନ୍ତେ ଅଭିପ୍ରେତ। ଏହି ମର୍ମବାଣୀର ସତ୍ୟତା ସ୍ୱାଧୀନତା ପରେ ବହୁଭାବରେ ପ୍ରତିଫଳିତ ହେଲା, ଯାହାକୁ ପ୍ରତ୍ୟକ୍ଷ ଅନୁଭବ କରି ସେ ଖୁବ୍ କ୍ଷୋଭ ପ୍ରକାଶ କରିଥିଲେ ଏକ ସଭାମଞ୍ଚରେ।

ସେଦିନ ଥିଲା କାଶୀ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ମହାତ୍ମା ଗାନ୍ଧୀ। ସଜ୍ଜନ ମଣ୍ଡଳୀ ଓ ବିଦ୍ୟାର୍ଥୀଙ୍କ ସମ୍ମୁଖରେ ନିଜ ନିଜ ବିଦ୍‌ବତ୍ତାର ପରିଚୟ ଦେବାକୁ ଯାଇ ଇଂରାଜୀ ଭାଷାରେ ଅଭିଭାଷଣ ରଖୁଥାଆନ୍ତି ଜଣକ ପରେ ଜଣେ ବକ୍ତା। ମନରେ ଖୁବ୍ ବିଷଣ୍ଣ ଭାବ ନେଇ ଗାନ୍ଧିଜୀ ଏହାକୁ ଲକ୍ଷ୍ୟ କରୁଥିଲେ ଏବଂ ତାଙ୍କ ପ୍ରାଣକୁ ଖୁବ୍ ଆଘାତ କରୁଥିଲା ନିଜର ବାଗ୍ମିତା ପ୍ରଦର୍ଶନ କରୁଥିବା ବିଦ୍ୱାନମାନଙ୍କର ଅବିମୃଶ୍ୟକାରିତା। ଏହାକୁ ମନେମନେ ଧିକ୍କାର କରୁଥିବା ଗାନ୍ଧିଜୀ ଯେତେବେଳେ ନିଜେ ଉଦ୍‌ବୋଧନ ଦେବାକୁ ଉଠିଲେ, ସେତେବେଳେ ଛାତ୍ରଛାତ୍ରୀ ତଥା ସଜ୍ଜନ ମଣ୍ଡଳୀ ଉଦ୍ଦେଶ୍ୟରେ କହିଲେ - 'ଗୋରା ସରକାର ଶାସନ କରୁଥିବା ବେଳେ ମନଇଚ୍ଛା ଅତ୍ୟାଚାର କରୁଥିଲେ ଏବଂ ସେଥିପାଇଁ ତାଙ୍କ ଭିତରେ ଭରି ଯାଇଥିଲା ଅହଂକାର। କାରଣ ବେପାର ଉଦ୍ଦେଶ୍ୟରେ ସାତ ସମୁଦ୍ର ତେର ନଈ ସେପାରିରୁ ଆସି ଭାରତୀୟମାନଙ୍କୁ ସେମାନେ ଗୋଲାମ କରି ରଖିବାରେ ସକ୍ଷମ ହୋଇ ପାରିଥିଲେ ନିଜର 'ଭାଗ ଭାଗ କରି ଶାସନ କର' (ଡିଭାଇଡ୍ ଆଣ୍ଡ ରୁଲ୍) ନୀତି ବଳରେ। ଦୁଃଖର କଥା, ସେମାନେ ଦେଶଛାଡ଼ି ଚାଲିଗଲା ପରେ ବି ଆମ ଭିତରୁ ଗଲାନି ଗୋଲାମ ହୋଇ ରହିବା ମାନସିକତା। ସେହି କାରଣରୁ ସ୍ୱାଧୀନ ହେଲା ପରେ ବି ଆମେ ଆଜି ପାଲଟି ଯାଇଛୁ ଇଂରାଜୀ ଭାଷାର ଗୋଲାମ। ଇଂରେଜମାନେ ସିନା ହିନ୍ଦୁସ୍ଥାନକୁ ଗୋଲାମ ବନେଇଥିଲେ, ହେଲେ ଆମକୁ ଇଂରାଜୀ ଭାଷାର ଗୋଲାମ ବନେଇଲା କିଏ? ଭାବିଲେ ଦେଖି ଆମେ ଆଜି କେତେ ପରିଶ୍ରମ ନ କରୁଛୁ ନିଜେ ଇଂରାଜୀ ଶିଖିବା ପାଇଁ ଓ ପିଲାଙ୍କୁ ଶିଖାଇବା ପାଇଁ! ଯଦି ଆମକୁ କେହି କହୁଛି ତମେ ଇଂରେଜଙ୍କ ଭଳି ଇଂରାଜୀ କହିପାରୁଛ, ତେବେ କ'ଣ ଗର୍ବରେ ଫାଟି ପଡୁନି ଆମ ଛାତି? ଏହାଠାରୁ ବଳି ଦୟନୀୟ ଗୋଲାମୀ ମାନସିକତା ଆଉ କ'ଣ ହୋଇପାରେ ? ଇଂରାଜୀ ଭାଷା ପ୍ରତି ସେହିଭଳି ମୋହ ଯୋଗୁଁ ଆମ ଲୋକମାନେ ଚୁପ୍‌ଚାପ୍ ବସି ଭାଷଣ ଶୁଣୁଛନ୍ତି ଏବଂ ଏଥିରେ ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି ଇଂରାଜୀରେ ଅନର୍ଗଳ କହୁଥିବା ବିଦ୍ୱାନମାନେ। ମୁଁ ଜାଣିଛି ସେମାନଙ୍କ ପାଣ୍ଡିତ୍ୟର ପଟାନ୍ତର ନାହିଁ। ମାତ୍ର ଯେଉଁ ମହତ୍ତ୍ୱପୂର୍ଣ୍ଣ କଥାଗୁଡ଼ିକ ସେ ଇଂରାଜୀରେ କହିଗଲେ, ସେଥିରେ ସାଧାରଣ ଲୋକଙ୍କର କି ଲାଭ?' ଗାନ୍ଧିଜୀଙ୍କଠାରୁ ଏହା ଶୁଣିଲା ପରେ ସେଦିନ ମନେମନେ ଲଜ୍ଜା ଅନୁଭବ କରିଥିଲେ ବକ୍ତାମାନେ।



ଭାଷା ହେଉଛି ପ୍ରତ୍ୟେକ ବ୍ୟକ୍ତିର ପରିଚୟ ଏବଂ ନିଜ ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ଅନ୍ୟପକ୍ଷରେ ନିଜ କଥିତ ଭାଷାକୁ ହତାଦର କରି ବିଦେଶୀ ଭାଷାକୁ ଆପଣେଇ ନେବା ହେଉଛି ବିଜାତୀୟ ଭାବଧାରାର ପ୍ରତୀକ। ଆପଣା ସୁନାକୁ ଯିଏ ଭେଣ୍ଡି ବୋଲି ଭାବେ, ପର ଭେଣ୍ଡି ତା'କୁ ସୁନା ଭଳି ଦିଶେ। ଗାନ୍ଧିଜୀ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ କହୁଥିଲେ, 'ପାଠର ଅସଲ ଉଦ୍ଦେଶ୍ୟ ହେଉଛି ଭିତର କଥା ସହିତ ବାହାର କଥାକୁ ଯୋଡ଼ି ନିଜକୁ ଜାଗ୍ରତ କରିବା। ଆମେ ଯେଉଁ ମୁହୂର୍ତ୍ତରେ ଆମର ମୌଳିକ ଭାଷାଠାରୁ ଦୂରେଇ ଯାଉ ସେତେବେଳେ ଆଉ ରହି ପାରେନି ଭିତରର କଥା ଓ ବାହାରର କଥା ମଧ୍ୟରେ ସମନ୍ୱୟ। ବିଦେଶୀ ଭାଷାରେ ଶିକ୍ଷା ଦିଆଗଲେ ଛାତ୍ରମାନଙ୍କର ସିଂହଭାଗ ଶକ୍ତି ବିନିଯୋଗ ହେବ କେବଳ ଭାଷା ଶିଖିବାରେ। ମୌଳିକ ଚିନ୍ତା କରିବା ପାଇଁ ସେମାନଙ୍କ ପାଖରେ ନଥିବ ଅବଶିଷ୍ଟ ଶକ୍ତି। କାରଣ ନୂତନ କିଛି ସୃଷ୍ଟି କରିବା ପରିବର୍ତ୍ତେ ସେମାନେ ଅନୁକରଣ କରିବେ। ଯେଉଁ ଖାଦ୍ୟକୁ ଚୋବେଇ ନପାରି ଗିଳି ଦିଆଯାଏ, ସେଥିରେ ପେଟ ଭରିହୁଏ ସତ କିନ୍ତୁ, ରକ୍ତସଞ୍ଚାର ହୋଇପାରେନି। ଇଂରାଜୀ ଭାଷା ଆମ ପିଲାଙ୍କ ଭିତରେ ସେମିତି ଅଜୀର୍ଣ୍ଣ ରୋଗ ସୃଷ୍ଟି କରିଛି। ନିଜ ଭାଷାରେ ଗବେଷଣା ହେଲେ ଲୋକେ ତା'ର ଫାଇଦା ପାଇବେ। କିନ୍ତୁ ଇଂରାଜୀ ଭାଷାରେ ଗବେଷଣା ହେଉଥିବାରୁ ଲୋକେ ତା'ର ଫାଇଦା ପାଉନାହାନ୍ତି। ମୋର ଯଦି ଜଣେ ଏକଛତ୍ର ଶାସକର ଶକ୍ତି ଥାଆନ୍ତା ତେବେ ବିଦେଶୀ ଭାଷା ମାଧ୍ୟମରେ ପ୍ରଚଳିତ ଏହି ଶିକ୍ଷାକୁ ମୁଁ ଏହି ମୁହୂର୍ତ୍ତରେ ବନ୍ଦ କରି ଦିଅନ୍ତି। ବିଦେଶୀ ଭାଷାକୁ ବଦଳାଇ ସ୍ୱଦେଶୀ ଭାଷାରେ କାର୍ଯ୍ୟ ଆରମ୍ଭ ବେଳେ ସାମୟିକ କିଛି ବିଶୃଙ୍ଖଳା ହୋଇପାରେ, ଯାହାକୁ ସହି ହେବ। କିନ୍ତୁ ବିଦେଶୀ ଭାଷା ମାଧ୍ୟମରେ ଶିକ୍ଷା ଦେବା ଫଳରେ ପ୍ରତିଦିନ ଯେତେ କ୍ଷତି ହେଉଛି ତାହା ଦେଶ ପାଇଁ ଅସହ୍ୟ।'

୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ଅବସରରେ କଟକରେ ଅନୁଷ୍ଠିତ ସଭାରେ ଜଣେ ବ୍ୟକ୍ତି ଗାନ୍ଧିଜୀଙ୍କୁ ପ୍ରଶ୍ନ କରିଥିଲେ, 'ଆପଣ ମାତୃଭାଷା ଉପରେ ଗୁରୁତ୍ୱ ଦେବାକୁ କହୁଛନ୍ତି; ଅଥଚ ଆପଣ ନିଜେ ଇଂରାଜୀ ଶିକ୍ଷାରେ ଶିକ୍ଷିତ ଏବଂ ଜଣେ ବାରିଷ୍ଟର। ରାଜା ରାମମୋହନ ରାୟ ବିଲାତରେ ପାଠ ପଢ଼ି ଇଂରାଜୀ ଶିକ୍ଷା ଆହରଣ କରିବା ଫଳରେ ତାଙ୍କ ଭିତରେ ସଞ୍ଚାର ହୋଇ ପାରିଲା ପରିବର୍ତ୍ତନର ସ୍ୱର। ସେ ରାଜା ରାମମୋହନ ହୁଅନ୍ତୁ କି ବାଲ ଗଙ୍ଗାଧର ତିଳକ ହୁଅନ୍ତୁ ଇଂରାଜୀ ଭାଷାର ଦକ୍ଷତା ଯୋଗୁଁ ଆପଣମାନେ ଏତେ ଉଚ୍ଚକୁ ଯାଇଛନ୍ତି।' ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ, 'ମୋ କଥା ଛାଡ଼ନ୍ତୁ, ରାମମୋହନ ରାୟ ଓ ବାଲ ଗଙ୍ଗାଧର ତିଳକ ଇଂରାଜୀ ଶିକ୍ଷାଲାଭ ବଳରେ ସଫଳତା ପାଇଛନ୍ତି - ଏହା ସତ୍ୟ। କିନ୍ତୁ ଶଙ୍କର, ନାନକ, କବୀର, ଶ୍ରୀଚୈତନ୍ୟ - ଏମାନେ କେହି ଇଂରାଜୀ ଭାଷା ମାଧ୍ୟମରେ ନିଜକୁ ଉତ୍ତରିତ କରିନଥିଲେ; ଅଥଚ ସେମାନେ ବହୁ ଉଚ୍ଚକୁ ଯାଇ ପାରିଛନ୍ତି। ତିଳକ ଓ ରାଜା ରାମମୋହନ ରାୟ ଯଦି ନିଜ ଭାଷା ମାଧ୍ୟମରେ ଚେଷ୍ଟା କରିଥା'ନ୍ତେ ତେବେ ଆହୁରି ଉଚ୍ଚକୁ ଯାଇ ପାରିଥା'ନ୍ତା ଆମ ଭିତରର ଭାବନା।'

ଖୋଲିଲା ରହସ୍ୟ

# ମାଟି ତଳୁ ବାହାରିଲା 'ସତ'

ସତ କେବେ ଲୁଚି ରହେନି। ମାଟି ତଳେ ଥିଲେ ବି ତାହା ଦିନେ ନା ଦିନେ ଫୁଟି ବାହାରି ଆସିଥାଏ। ୨୪ ଦିନ ପରେ ସ୍ୱାମୀଙ୍କୁ ହତ୍ୟା ଘଟଣାର ସତ ସାମ୍ନାକୁ ଆସିଲା। ପୁଲିସ ମାଟି ତଳୁ ମୃତଦେହ ଉଦ୍ଧାର କଲା। ନିଜ ସ୍ୱାମୀ ମାରି ମାଟି ତଳେ ପୋତି ଦେଇଥିଲା ପତ୍ନୀ। ଏଭଳି ଜଘନ୍ୟ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ବଡ଼ସାହିରେ। ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟଣାର ପୁଲିସ ଗୁମର ଖୋଲିଥିବା ବେଳେ ଆହୁରି ଅନେକ ରହସ୍ୟକୁ ଘଣ୍ଟ ଘୋଡ଼ାଇ ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

**ଓଡ଼ଗାଁରୁ ସାରସ କୁମାର ମିଶ୍ର**



## ପ୍ରଚ୍ଛନ୍ନରେ ପ୍ରତାପ !

ଓଡ଼ଗାଁ ଥାନା ପୁଲିସ ଏହି ହତ୍ୟାକାଣ୍ଡ ଘଟଣାରେ ୩ୟ ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଇଥିବା ନେଇ ଓଡ଼ଗାଁ ଅଞ୍ଚଳରେ ଆଲୋଚନା ହେବା ସହ ଅସନ୍ତୋଷ ସୃଷ୍ଟି କରିଛି। ହତ୍ୟାକାରୀ ଜ୍ୟୋତ୍ସ୍ନା ନାୟକଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ପୁଲିସ ଉକ୍ତ ଦିନ ଅଟକ ରଖିଥିବା ବେଳେ କାହିଁକି ତାଙ୍କୁ ଗିରଫ କଲାନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ସୂଚନାନୁସାରେ, ପ୍ରତାପ ସାମଲଙ୍କ ସହ ଜ୍ୟୋତ୍ସ୍ନାର ଦୀର୍ଘଦିନର ସମ୍ପର୍କ ରହିଥିଲା। ସ୍ୱାମୀ ପ୍ରକାଶ ଏହାକୁ ନେଇ ସବୁବେଳେ ବିରୋଧ କରି ଆସୁଥିଲେ। ଯାହାକୁ ନେଇ ସ୍ୱାମୀଙ୍କୁ ଯୋଜନାବଦ୍ଧ ହତ୍ୟା କରିଥିବା ଅଭିଯୋଗ ହେଉଛି। ହତ୍ୟାକାଣ୍ଡ ପରଠାରୁ ପ୍ରତାପ ଫେରାର ହୋଇଯାଇଥିଲେ। ପ୍ରକାଶ ନିଖୋଜ ନେଇ ପୁଲିସ ଅଭିଯୋଗ ପାଇବା ଏବଂ ହତ୍ୟା କରାଯାଇଥିବା ନେଇ ସ୍ପଷ୍ଟ ହେବା ପରେ ଜିଲ୍ଲା କିଛି ବରିଷ୍ଠ ପୁଲିସ ଅଧିକାରୀଙ୍କ ସହଯୋଗରେ ପ୍ରତାପକୁ ଧରିବା ପାଇଁ ଛାନ୍ଭିନ୍ ଆରମ୍ଭ ହୋଇଥିଲା। ଉକ୍ତ ଦିନ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଛିପଡ଼ା ଗ୍ରାମର ପ୍ରତାପଙ୍କ ମାଉସୀ ଘରୁ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ପ୍ରତାପ ନିଜ ରୂପ ବଦଳେଇବା ପାଇଁ ଲଣ୍ଡା ହୋଇଯାଇଥିଲା। ପୁଲିସ ଟିମ୍ ତାକୁ ଧରି ଓଡ଼ଗାଁ ଥାନାରେ ଅଟକ ରଖିଥିବା ବେଳେ ଏହି ଘଟଣାରେ ତାଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ । ଯଦି ହତ୍ୟାକାଣ୍ଡରେ ପ୍ରତାପର ସମ୍ପୃକ୍ତି ନ ଥିଲା, ତେବେ ସେ କାହିଁକି ଲଣ୍ଡା ହୋଇ ଲୁଚିଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହତ୍ୟା ଘଟଣାରେ ପୁଲିସ କିଛି ରହସ୍ୟକୁ ଆଜି ବି ଅନ୍ଧାରରେ ରଖିଥିବା ଆଲୋଚନା ହେଉଛି ।





ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରୋହିବାଙ୍କ ଗ୍ରାମର ଗୋକୁଳ ନାୟକଙ୍କ ପୁଅ ପ୍ରକାଶ ନାୟକ କୋମଣ୍ଡ ଗ୍ରାମ ବଡ଼ସାହିର ଲଡୁକିଶୋର ପ୍ରଧାନଙ୍କ ଝିଅ ଜ୍ୟୋତ୍ସ୍ନାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ପ୍ରାୟ ୧୩/୧୪ ବର୍ଷ ଧରି ପ୍ରକାଶ ନିଜ ଶ୍ୱଶୁର ଘରେ ରହୁଥିଲେ। ସେମାନଙ୍କର ଦୁଇଟି ସନ୍ତାନ ରହିଛନ୍ତି। ତେବେ ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଗତ ଜାନୁଆରୀ ୨୩ ତାରିଖରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଘଟିଥିବା କଳହ ସବୁ ସୀମାକୁ ପାର କରିଦେଲା। ଯେଉଁଥି ପାଇଁ ସ୍ୱାମୀକୁ ହେମଦସ୍ତାରେ ପିଟିପିଟି ଜ୍ୟୋତ୍ସ୍ନା ହତ୍ୟା କରି ଦେଇଥିଲା। ପୁଲିସ ତଦନ୍ତ ଅନୁସାରେ, ପ୍ରକାଶ ପ୍ରତ୍ୟହ ମଦ୍ୟପାନ କରି ପାଟିତୁଣ୍ଡ କରିବା ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ସ୍ତ୍ରୀକୁ ବାଧ୍ୟ କରୁଥିଲା। ସ୍ତ୍ରୀ ଜ୍ୟୋତ୍ସ୍ନା ବିରୋଧ କଲେ ନାନା ନିର୍ଯାତନା ଦେବା ସହିତ ମାରପିଟ୍ କରୁଥିଲେ। ଏଭଳି ବର୍ଷବର୍ଷ ଧରି ଚାଲିଥିବା ବେଳେ ସ୍ୱାମୀ ପ୍ରକାଶଙ୍କ ନିର୍ଯାତନା ଅସହ୍ୟ ହେବାରୁ ତାଙ୍କୁ ଶେଷ କରିଦେବାକୁ ଜ୍ୟୋତ୍ସ୍ନା ନିଷ୍ପତ୍ତି ନେଇଥିଲେ। ସେହିଦିନ ରାତିରେ ପ୍ରକାଶ ଘରେ ଶୋଇଥିବା ବେଳେ ଏକ ହେମଦସ୍ତା ପୁଆ ସାହାଯ୍ୟରେ ସ୍ତ୍ରୀ ଜ୍ୟୋତ୍ସ୍ନା ତାଙ୍କୁ ପିଟି ମାରି ଦେଇଥିଲା। ଘଟଣାକୁ ଲୁଚାଇ ଦେବାକୁ ଯାଇ ନିଜ ଘର ଭିତରେ ଗାତ ଖୋଳି ସେଥିରେ ମୃତଦେହକୁ ପୋତି ଦେଇଥିଲେ। ଏହାସହ ପ୍ରମାଣ ନଷ୍ଟ କରିବା ପାଇଁ ଘରେ ପଡ଼ିଥିବା ରକ୍ତକୁ କପଡ଼ାରେ ପୋଛି ସଫା କରିବା ସହିତ ରକ୍ତଭିଜା କପଡ଼ାକୁ ଘର ପଛ ପାଖରେ ପୋଡ଼ି ଦେଇଥିଲେ। ଏହି ହତ୍ୟାକାଣ୍ଡରେ ଜ୍ୟୋତ୍ସ୍ନାଙ୍କୁ ତାଙ୍କ ମାଆ ଅର୍ଥାତ ପ୍ରକାଶଙ୍କ ଶାଶୂ ଡମୁଣୀ ପ୍ରଧାନ ସହାୟତା କରିଥିଲେ।

ପ୍ରକାଶ ନିଖୋଜ ହେବା ଖବର ତାଙ୍କ ପରିବାର ପାଖରେ ପହଞ୍ଚିଥିଲା। ସ୍ତ୍ରୀ ଜ୍ୟୋତ୍ସ୍ନା ସ୍ୱାମୀକୁ ଖୋଜାଖୋଜି କରୁ ନ ଥିବା ନେଇ ପ୍ରକାଶଙ୍କ ବାପା ଗୋକୁଳ ଜାଣିବାକୁ ପାଇଥିଲେ। ଜ୍ୟୋତ୍ସ୍ନା ଥାନାରେ ମଧ୍ୟ କୌଣସି ଅଭିଯୋଗ କରି ନ ଥିବାରୁ ପ୍ରକାଶଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ ଘନୀଭୂତ ହୋଇଥିଲା। ଯାହାକୁ ନେଇ ଜାନୁୟାରୀ ୧୫ ତାରିଖରେ ପୁଅ ନିଖୋଜ ଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ ଗୋକୁଳ। ହେଲେ ସାଙ୍ଗରେ ପୁଅର ଆଧାରକାର୍ଡ ଆଣି ନ ଥିବାରୁ ପୁଲିସ ପରାମର୍ଶକ୍ରମେ ସେ ବଡ଼ସାହି ପୁଅ ଶ୍ୱଶୁର ଘରକୁ ଆଧାର କାର୍ଡ ଆଣିବାକୁ ଯାଇଥିଲେ। ଶ୍ୱଶୁର ଘରୁ ଆଧାରକାର୍ଡ ଆଣିଲା ବେଳେ ଘର ଭିତରେ ମାଟି ଖୋଳା ହୋଇଥବା ଦେଖି ମନରେ ତାଙ୍କର ସନ୍ଦେହ ଉପୁଜିଥିଲା। କାହାକୁ କିଛି ନ କହି, ସେ ଆଧାରକାର୍ଡ ନେଇ ଥାନାକୁ ଆସିଥିଲେ। ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିବା ସହ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ମାଟିଖୋଳ ସମ୍ପର୍କରେ ପୁଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ ପୁଲିସ ପ୍ରକାଶଙ୍କ ଶ୍ୱଶୁର ଘରକୁ ଯାଇ ଛାନ୍ଭିନ୍ ଆରମ୍ଭ କରିଥିଲା। ଏହି ସମୟରେ ପୁଲିସର ସନ୍ଦେହ ବଢ଼ିଥିଲା। ଯାହାକୁ ନେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରେ ଭିତର ମାଟି ଖୋଳି ଦେଖିବା ବେଳକୁ ପ୍ରକାଶଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହକୁ

ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିବା ସହ ପୁଲିସ ମଧ୍ୟ ଅଭିଯୁକ୍ତଙ୍କ ନେଇ ସିନ୍ ରିକ୍ରିଏସନ କରାଇଥିଲା। ପାରିବାରିକ କଳହଙ୍କ ପାଇଁ ପ୍ରକାଶଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସୂଚନା ଦେବା ସହ ହତ୍ୟାକାରୀ ସ୍ତ୍ରୀ ଜ୍ୟୋତ୍ସ୍ନା ନାୟକ ଏବଂ ତାଙ୍କ ମାଆ ଡମଣୀ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

---

ଗତ ମେ ମାସରେ ସମ୍ବଲପୁର ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡ଼ାରେ ଥିବା ଏକ ବନ୍ଦ କୋଠରି ଭିତରୁ ଜଣେ ମହିଳାଙ୍କ ସମେତ ତାଙ୍କ ଦୁଇପିଲାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଯାହାକୁ କେନ୍ଦ୍ରକରି ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ କହିଥିଲେ ମଧ୍ୟ ଦୀର୍ଘଦିନ ପରେ ମୁଖ୍ୟ ଅଭିଯୁକ୍ତର ସହଯୋଗୀଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଘଟଣାର ଦୀର୍ଘ ୧୦ମାସ ପରେ ମଧ୍ୟ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିପାରିନାହିଁ ପୁଲିସ।

**ସମ୍ବଲପୁରରୁ ଶୁଭାଶିଷ ପାଢ଼ୀ**

### ବନ୍ଦଘରୁ ମାଆ ଓ ପୁଅଝିଅଙ୍କ ମୃତଦେହ ଠାବ

# ରହସ୍ୟ ଘେରରେ ୧୦ ମାସ

ମର୍ଡର ମିଷ୍ଟ୍ରି





## ଘଟଣାର ଅନ୍ତରାଳେ

ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡ଼ାରେ ମେ ୧୩ ତାରିଖ ଶନିବାର ଏକ ଅଭାବନୀୟ ଘଟଣା ଘଟିଥିଲା। ଯାହାକି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଘର ଉପର ମହଲାର ଏକ ବନ୍ଦ କୋଠରୀରୁ ପୁଲିସ ମା' ସହ ପୁଅ ଓ ଝିଅଙ୍କ ମୃତଦେହ ଠାବ କରିଥିଲା। ମୃତକ ସାଳିଆ ପର୍ବିନ (୩୫) ଓ ତାଙ୍କ ପୁଅ ଅବଦୁର୍ ରହମାନ (୮) ଓ ଝିଅ ତୁମେୟା ତୟାଇନ (୬)ଙ୍କ ମୃତଦେହ ଉଦ୍ଧାର କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବନ୍ଦ କୋଠରିର ତାଲା ଭଙ୍ଗାଯାଇଥିଲା। ଶୋଇବା କୋଠରି ଖଟ ଉପରେ ବେଡ୍‌ସିଟ୍ ଘୋଡ଼ାଯାଇଥିବା ଅବସ୍ଥାରେ ମୃତଦେହ ଠାବ କରାଯାଇଥିଲା। ପର୍ବିନଙ୍କ ଭାଇ ମହମ୍ମଦ ଇନ୍ତିଆଜଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁକରି ଘର ଭିତରେ ଘୋଡ଼ାଇ ହୋଇ ପଡ଼ିରହିଥିବା ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନା ଅନୁସାରେ, ପର୍ବିନ ତାଙ୍କ ଦୁଇପିଲା ଓ ସ୍ୱାମୀ ଅବ୍ଦୁଲ ମଲ୍ଲିକଙ୍କ ସହ ପଡ଼ାରେ ରହୁଥିଲେ। ଅବ୍ଦୁଲ ଜଟିବୁଟି ଓ ଆୟୁର୍ବେଦିକ ଔଷଧ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଏପରିସ୍ଥଳେ ଗତ ୨ବର୍ଷ ତଳେ କୋଭିଡ୍‌ରେ ଅବ୍ଦୁଲ୍‌ଙ୍କ ମୃତ୍ୟୁ ହୋଇଥିଲା। ପିଲାମାନଙ୍କ ସହ ପର୍ବିନ ରହୁଥିବାବେଳେ କିଛିଦିନ ହେଲା ଉତ୍ତରପ୍ରଦେଶର ଦୁଇ ଜଣ ଯୁବକ ତାଙ୍କ ଘରେ ଭଡ଼ାରେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ୨ଜଣଙ୍କ ମଧ୍ୟରୁ ଜଣେ ଯୁବକଙ୍କ ସହ ପର୍ବିନଙ୍କ ନିୟମିତ ଝଗଡ଼ା ହେଉଥିଲା। ଅନ୍ୟପଟେ ପ୍ରାୟ ୫ଦିନ ହେଲା ଘରର ମୁଖ୍ୟ ଫାଟକରେ ବାହାରପଟୁ ତାଲା ପଡ଼ିଥିଲା ଓ ପରିବାରର କୌଣସି ସଦସ୍ୟ ବାହାରକୁ ଯିବାଆସିବା କରୁ ନ ଥିବା ଦେଖି ସ୍ଥାନୀୟ ଲୋକେ ଚକ୍ରଧରପୁରରେ ରହୁଥିବା ପର୍ବିନଙ୍କ ପରିବାର ଲୋକଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ। ଘର ବାହାରୁ ତାଲା ପଡ଼ିଥିବା ଓ ଦୁର୍ଗନ୍ଧ ବାହାରୁଥିବା ଦେଖି ପରିବାର ବର୍ଗ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ମାଜିଷ୍ଟ୍ରେଟ ପହଞ୍ଚି ଘରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ମୃତଦେହ ପଡ଼ି ରହିଥିବାବେଳେ ବିଭିନ୍ନ ସାମଗ୍ରୀ ବିଛାଡ଼ି ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ଯଦିବା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ସ୍ପଷ୍ଟ ହୋଇଥିଲା, କିନ୍ତୁ କିଏ କାହିଁକି ହତ୍ୟାକଲା ତାକୁ ବାହାର କରିବା ପାଇଁ ପୁଲିସ ଆରମ୍ଭ କରିଥିଲା ଛାନ୍ଭିନ୍। ପୁଲିସ ମୃତଦେହଗୁଡ଼ିକ ବ୍ୟବଚ୍ଛେଦ କରି ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସ୍ଥାନୀୟ ଲୋକଙ୍କୁ ପଚରାଉଚରା ପରେ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଭାବେ ସଲିମ୍ ଅହମ୍ମଦ ନାମକ ଯୁବକଙ୍କୁ ଚିହ୍ନଟ କରିଥିଲା। କିନ୍ତୁ ସେତେବେଳକୁ ସଲିମ୍ ଫେରାର୍ ହୋଇଯାଇଥିଲା। ଯଦିବା ଏହି ଘଟଣାରେ ପୁଲିସ ସଲିମ୍‌ଙ୍କ ସହଯୋଗୀ ନୁଲାହା ଖାନ୍‌କୁ ଗିରଫ କରିଛି ତେବେ ମୁଖ୍ୟ ଅଭିଯୁକ୍ତ ସଲିମ୍‌କୁ ଗିରଫ କରିପାରି ନାହିଁ ପୁଲିସ।

### ଏବେ ବି କାରଣ ଅସ୍ପଷ୍ଟ

ଅଭିଯୁକ୍ତ ଏଭଳି ଅମାନୁଷିକ ଭାବେ ଦୁଇପିଲା ସହିତ ୩ ଜଣଙ୍କୁ ସମାନ ଢଙ୍ଗରେ କାହିଁକି ହତ୍ୟା କଲା ସେ ନେଇ ଆଜିପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିଲା ନାହିଁ। ପୁଲିସ କହିବାନୁଯାୟୀ ପର୍ବିନଙ୍କ ସ୍ୱାମୀ ଚାଲିଯିବା ପରେ ସେ ଦୁଇ ପିଲାଙ୍କୁ ଧରି ଏକାଠି ରହୁଥିଲେ। ସେହିଘରେ ଉତ୍ତରପ୍ରଦେଶ ବଳରାମପୁର ମୂଳବାସିନ୍ଦା ସଲ୍‌ମନ ମଧ୍ୟ ଏକୁଟିଆ ଭଡ଼ାରେ ରହୁଥିଲେ। ତେବେ ସଲିମ୍‌ଙ୍କ ସହ ପର୍ବିନ୍‌ଙ୍କ କେଉଁଭଳି ସମ୍ପର୍କ ଥିଲା ଓ ହତ୍ୟାକାଣ୍ଡ ପରେ ସଲିମ୍ କାହିଁକି ଫେରାର୍ ଅଛନ୍ତି ତାକୁ ନେଇ ଏବେ ବି ସାଧାରଣରେ ରହସ୍ୟ ଲାଗି ରହିଛି। ହେଲେ ପାରିବାରିକ ଗଣ୍ଡଗୋଳ, ଅଭିଯୁକ୍ତ ପର୍ବିନଙ୍କୁ ବିବାହ କରିବା ପାଇଁ ବାଧ କରିବା, ସମ୍ପତ୍ତି ଲୋଭ ରହିଥାଏ ବୋଲି ସନ୍ଦେହ କରୁଛି ପୁଲିସ। ମୁଖ୍ୟ ଅଭିଯୁକ୍ତ ଗିରଫ ହେବା ପରେ ହତ୍ୟାକାଣ୍ଡ ଘଟଣାର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

### ୫ଦିନ ପରେ ଶବ ଉଦ୍ଧାର

ପର୍ବିନ ଓ ଦୁଇ ପିଲାଙ୍କୁ ସମାନ ଢଙ୍ଗରେ ବେକରେ କପଡ଼ା ଦେଇ ହତ୍ୟା କରାଯାଇଛି। ଦୁର୍ଗନ୍ଧ ହେବା ପରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇଁ ପୁଲିସ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟର ଅନୁସାରେ ବେକରେ କପଡ଼ା ଘୋଡ଼ାଇ ଛୁରିରେ ତଣ୍ଟିକୁ କାଟି ଦିଆଯାଇଥିଲା।

### ଦୁଇ ଅଭିଯୁକ୍ତ ଗୋଟିଏ ଗାଁର



ଦୁଇଜଣ ଅଭିଯୁକ୍ତ ସଲିମ୍ ଓ ନୁଲ୍‌ହା ଉଭୟ ଉତ୍ତର ପ୍ରଦେଶ ମୂଳବାସିନ୍ଦା। ସେମାନଙ୍କ ଘର ଗୋଟିଏ ଗ୍ରାମରେ ବୋଲି ଜଣାପଡ଼ିଛି। ସେମାନେ ପ୍ରଥମେ ଭବାନୀପାଟଣାରେ ଏକାଠି କାମ କରୁଥିବା ବେଳେ ପରବର୍ତ୍ତୀ ସମୟରେ ସମ୍ବଲପୁର ଆସିଥିଲେ। ପର୍ବିନଙ୍କ ଘରେ ଭଡ଼ାରେ ରହୁଥିଲେ। ସଲ୍‌ମନ ଓ ପର୍ବିନଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। ପରବିନଙ୍କୁ ବିବାହ କରିବା ପାଇଁ ସଲ୍‌ମନ ବାରମ୍ବାର ବାଧ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଉଭୟଙ୍କ ମଧ୍ୟରେ କେଉଁ କାରଣ ପାଇଁ ଝଗଡ଼ା ହେଉଥିଲା ତାହା ଏବେ ବି ଅସ୍ପଷ୍ଟ। ଅପରପେକ୍ଷ ଗିରଫ ନୁଲ୍‌ହା କହିବା ଅନୁଯାୟୀ ପ୍ରତିଦିନ ଭଳିଆ ପର୍ବିନ ଓ ସଲ୍‌ମନଙ୍କ ଭିତରେ ପାଟିତୁଣ୍ଡ ଚାଲିଥାଏ। କିଛି ସମୟ ପରେ ବନ୍ଦ ହୋଇଗଲା ଉଭୟଙ୍କ ଝଗଡ଼ା। କିନ୍ତୁ ପର୍ବିନ୍‌କୁ ସଲ୍‌ମନ୍ କେମିତି ମାରିଲା ଓ କାହିଁକି ମାରିଲା ସେ ନେଇ ନୁଲ୍‌ହା କିଛି ବି ଜାଣି ନ ଥିବା ପୁଲିସ ଆଗରେ କହିଛି।



ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଦୀୟମାନ ଅଭିନେତା ହେଉଛନ୍ତି ଶ୍ରେୟାନ । ଉପାନ୍ତ ଅଞ୍ଚଳରୁ ଯାଇ ମୁମ୍ବାଇ ଡିଜିଟାଲ୍ ଫିଲ୍ମ ଏକାଡେମୀ ଓ ଦିଲ୍ଲୀର ବିଡିଏଏରୁ ଅଭିନୟକଳା ଶିଖି ନିଜ ପ୍ରତିଭା ଫୁଟାଉଛନ୍ତି ଓଲିଉଡ୍‌ର ଏହି ହ୍ୟାଣ୍ଡସମ୍ ଅଭିନେତା । 'ସେଲ୍‌ଫିସ୍ ଦିଲ୍', 'ଚୁମ୍‌କି: ସେ ତ ପାଣିରେ ବୁଡ଼ି ନାହିଁକି', 'ଓୟେ ଅଞ୍ଜଳି' ଆଦି ସିନେମା ଓ ଟେଲି ଧାରାବାହିକ 'ତୁ କହିବୁ ନା ମୁଁ' ରେ ଦମ୍‌ଦାର ଅଭିନୟ କରି ଆଜି ସେ ଦର୍ଶକଙ୍କ ମନ ଜିଣି ପାରିଛନ୍ତି । ଏଇ ମାର୍ଚ୍ଚ ୮ ତାରିଖରେ ରିଲିଜ ହେବାକୁ ଯାଉଛି ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଅପରେସନ୍ ୧୨/୧୭', ଯାହା ତାଙ୍କ କ୍ୟାରିୟର ପାଇଁ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ଦେଶପ୍ରେମ ଉପରେ ଆଧାରିତ ଏହି ସିନେମାରେ ମୁଖ୍ୟ ଭୂମିକାରେ ସେ ଅଭିନୟ କରିଛନ୍ତି । ଏହି ଅବସରରେ ତାଙ୍କ ସହ ଆମର ଏଇ ଅଳ୍ପ ଆଳାପ ।







# "କ୍ରିକେଟ ପାଇଁ ପାଗଳ ଥିଲି, ଅଭିନେତା ହୋଇଗଲି"

## ଶ୍ରେୟାନ

**ମଞ୍ଚନାଟକରୁ ଓଲିଉଡ୍ ଅଭିନେତା, କେମିତି ଥିଲା ଏ ଯାତ୍ରା?**

- ଇଂଜିନିୟରିଂ ପଢୁଥିବା ସମୟରେ ମୁକ୍ତି ଥିଏଟରରେ ଏନ୍ଏସ୍‌ଡିଆନ୍ ସୂର୍ଯ୍ୟ ମହାନ୍ତି ସାର୍‌ଙ୍କ ତତ୍ତ୍ୱାବଧାନରେ ଅଭିନୟ ଆରମ୍ଭ କରିଥିଲି । ୨୦୧୩ ରୁ ୨୦୧୮ ମସିହା ଯାଏଁ ମୁଁ ଅଭିନୟରେ ନିଜକୁ ଶାଣିତ କରିବା ପାଇଁ ବହୁତ ସଂଘର୍ଷ କରିଛି ଓ ଶିଖିଛି । ଆଜି ବି ଏହି ଯାତ୍ରା ଜାରି ରହିଛି ।

**'ଅପରେସନ ୧୨/୧୭' କୁ ନେଇ କେତେ ଆଶାବାଦୀ ଅଛନ୍ତି, ଶ୍ରେୟାନ?**

- ନିଶ୍ଚିତ ଭାବରେ ଏହି ସିନେମା ସମସ୍ତଙ୍କୁ ପସନ୍ଦ ଆସିବ ବୋଲି ମୋର ଦୃଢ ଆଶା । ଏହାର ଟ୍ରେଲର୍ ମଧ୍ୟ ରିଲିଜ୍ ହେବା ପରେ ପ୍ରଶଂସା ସାଉଁଟୁଛି । ମୁଖ୍ୟ ଭୂମିକାରେ ଅଭିନୟ କରି ଜଣେ ସୈନିକର କାହାଣୀକୁ ମୁଁ ପରଦାରେ ଫୁଟାଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛି । ମୌଳିକ କାହଣୀ ଉପରେ ଆଧାରିତ ତଥା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଅପରେସନ ୧୨/୧୭'ରେ ମୁଁ ଦ୍ୱୈତ ଭୂମିକାରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରୁଛି । 'ଦି କେରଳା ଷ୍ଟୋରି'ର ଡିଓପିରେ କାମ କରିଥିବା ପ୍ରଶାନ୍ତନୁ ମହାପାତ୍ର ଏହି ସିନେମାରେ କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି । ନିର୍ଦ୍ଦେଶକ, ପ୍ରଯୋଜକ ତଥା ସମସ୍ତେ ମିଶି ଆମେ ଏହାକୁ ସଫଳ କରିବାର ପ୍ରୟାସ କରିଛୁ ।

**ଏଇ ଫିଲ୍ମର ସୁଟିଂ ସମୟର କିଛି ଅଭୂଲା ମୁହୂର୍ତ୍ତ?**

- 'ଅପରେସନ ୧୨/୧୭'ର ସୁଟିଂ ସମୟରେ ମୁଁ ପାଣିରେ ବୁଡ଼ି ଯାଇଥିଲି । ସାଲେପୁରରେ ଘଟିଥିବା ଏହି ଘଟଣା ସେହି ସମୟରେ ବେଶ ଚର୍ଚ୍ଚା ମଧ୍ୟ ସାଉଁଟି ଥିଲା । ଗୋଟିଏ ସିନ୍‌ରେ ମତେ ବ୍ରିଜରୁ ୩୦ ରୁ ୪୦ ଫୁଟ୍ ତଳକୁ ଡେଇଁବାର ଥିଲା । କୂଳ ପାଖରେ ମତେ ଡେଇଁବାକୁ କୁହାଯାଇଥିଲା । ମାତ୍ର କ୍ୟାମେରାର ଦିଗ ପରିବର୍ତ୍ତନ ହେବା ଦ୍ୱାରା ମୁଁ ଜାଣି ନ ପାରି ପାଣି ମଧ୍ୟକୁ ଡେଇଁ ପଡ଼ିଥିଲି । ବୁଡ଼ିଯାଇଥିଲି, ଜାଣି ପାରୁ ନ ଥିଲି, ମୁଁ ବଞ୍ଚିବି ନା ମରିବି । ଆମର ଦୁଇ ଜଣ ଟେକ୍ନିସିଆନ୍ ମତେ ବଞ୍ଚାଇ, ରଶି ସାହାଯ୍ୟରେ ଉପରକୁ ଆଣିଥିଲେ । ମୁଁ ନୂଆ ଜୀବନ ପାଇଲି ।

**ସିରିୟଲ ଓ ସିନେମା- କେଉଁଟିକୁ ଅଧିକ ଭଲ ପାଆନ୍ତି?**

- ଉଭୟରେ ଅଭିନୟ ଥାଏ, କେବଳ ନିର୍ମାଣ ଶୈଳୀ ଭିନ୍ନ । ମତେ ଅଭିନୟ କରିବାକୁ ଭଲଲାଗେ । ସିନେମାରେ ବିଳମ୍ବରେ ଲୋକପ୍ରିୟତା ମିଳେ, ମାତ୍ର ସିରିୟଲ ବା ଧାରାବାହିକରେ ଏହା ଶୀଘ୍ର ସମ୍ଭବ ହୋଇଥାଏ ।

**ଅଭିନେତା ହୋଇ ନ ଥିଲେ ଆପଣ କ'ଣ କରିଥାନ୍ତେ?**

- ଯଦି ଅଭିନେତା ହୋଇନଥାନ୍ତି, ତା'ହେଲେ ତ ମୁଁ ବାପାଙ୍କ ସହ ମିଶି ଆମ ବ୍ୟବସାୟ ସମ୍ଭାଳିଥାନ୍ତି ।

**ପ୍ରଥମ ସିନେମା 'ସେଲ୍‌ଫିସ୍ ଦିଲ୍' ଆପଣଙ୍କ ଦିଲ୍‌ରେ କେତେ ସତେଜ ଅଛି?**

- ମୋ ପ୍ରଥମ ସିନେମା 'ସେଲ୍‌ଫିସ୍ ଦିଲ୍' ମୋ ପାଇଁ ସ୍ୱତନ୍ତ୍ର ଥିଲା । ଏହି ସିନେମାରେ ଅଭିନୟ କରିଥିବା ବିଜୟ ମହାନ୍ତିଙ୍କ ଭଳି ବରିଷ୍ଠ କଳାକାର ଓ ଅନ୍ୟମାନଙ୍କଠୁ ମୁଁ ବହୁତ କିଛି ଶିଖିଛି, ଯାହା ଏବେ କାମରେ ଆସୁଛି ।

**ଦିନେ କ୍ରିକେଟ୍ ପାଇଁ ପାଗଳ ଥିବା ଶ୍ରେୟାନ ଆଜି ଅଭିନୟକୁ ପାଇଁ ଆପଣାଇଛନ୍ତି । କେମିତି ଲାଗେ?**

- ଷଷ୍ଠ ଶ୍ରେଣୀରୁ ମୁଁ କ୍ରିକେଟ ଖେଳିବା ଆରମ୍ଭ କରିଥିଲି । ରାୟଗଡ଼ା ଜିଲ୍ଲାରୁ ମୁଁ ୧୫, ୧୬ ଓ ୧୯ ବର୍ଷରୁ କମ୍ ବର୍ଗରେ ରାଜ୍ୟସ୍ତରୀୟ କ୍ରିକେଟ୍ ଖେଳିଛି । ରଣଜୀ ଖେଳି କ୍ରିକେଟ୍‌କୁ କ୍ୟାରିୟର କରିବାକୁ ଲକ୍ଷ୍ୟ ଥିଲା । ମାତ୍ର ଭଗବାନଙ୍କ ଆଶୀର୍ବାଦରୁ ଅଭିନେତା ପାଲଟିଯାଇଛି । ଯାହା କେବେ ବି ଭାବି ନ ଥିଲି । ଅବଶ୍ୟ, ମୁଁ ମଡେଲିଂ କରି କିଛି କରିବାକୁ ଚାହୁଁଥିଲି ।

**ଶ୍ରେୟାନ୍‌ଙ୍କ ଫିଟ୍‌ନେସ୍‌ର ରାଜ?**

- ତୈଳଯୁକ୍ତ ଖାଦ୍ୟ ଓ ଷ୍ଟ୍ରିଟ୍ ଫୁଡ୍‌ଠୁ ଦୂରେଇ ରୁହେ । ପ୍ରତିଦିନ ୱାର୍କଆଉଟ୍ କରେ । ମାର୍ଶଲ ଆର୍ଟ, ତାଇକୋଣ୍ଡୋ ସହ ଡ୍ୟାନ୍ସ ବି କରିଥାଏ । ସବୁବେଳେ ଖୁସି ରହି ସୁସ୍ଥ ରହିବାକୁ ଚେଷ୍ଟା କରେ ।

**ଆପଣ ସୂର୍ଯ୍ୟମୟୀ, ଉପାସନା, ଭୂମିକାଙ୍କ ସହ ଅଭିନୟ କରିଛନ୍ତି । ଏମାନଙ୍କ ମଧ୍ୟରୁ କାହା ସହ ଅଭିନୟ କରିବା ସହଜ ହୁଏ?**

- ସମସ୍ତେ ସୁନ୍ଦର ଅଭିନୟ କରନ୍ତି । ଭୂମିକା କମ୍ ବୟସରୁ ଦକ୍ଷ ଅଭିନେତ୍ରୀଙ୍କ ଭଳି ଅଭିନୟ କରିବାର କ୍ଷମତା ରଖିଛନ୍ତି । ଉପାସନା ଅପାଙ୍କଠୁ ବି ବହୁତ କିଛି ଶିଖିଛି । ସେ ଅଭିନୟ କଲେ ଜୀବନ୍ତ ଲାଗେ । ସୂର୍ଯ୍ୟମୟୀ ଆଣ୍ଟି କ୍ୟାରେକ୍ଟରରେ ସୁନ୍ଦର ଲାଗନ୍ତି ।

**ଅଭିନୟକୁ ନେଇ ଭବିଷ୍ୟତ ଯୋଜନା?**

- 'ଅପରେସନ ୧୨/୧୭' ରିଲିଜ୍ ପରେ ମୁଁ ଅପେକ୍ଷା କରିଛି ମତେ ଭିନ୍ନ କିଛି ଚରିତ୍ର ମିଳୁ । ବର୍ଷକୁ ମୁଁ ୪ ରୁ ୫ ଟା ସିନେମାରେ ଅଭିନୟ ନ କରି ବରଂ ଗୋଟିଏ ଭଲ ସିନେମାରେ ଅଭିନୟ କରିବାକୁ ଚାହିଁବି । ଦକ୍ଷିଣ ଭାରତୀୟ ସିନେମାରେ ଅଭିନୟ କରିବାରେ ମୋର ବହୁତ ଇଚ୍ଛା ରହିଛି । ସୁଯୋଗ ମିଳିଲେ ହାତଛଡା କରିବିନି ।

# 'ହରଣ'ରେ ଶୁଭାଶିଷ



ଓଡ଼ିଆ ସିନେମା 'ଶାନ୍ତି ଆପାର୍ଟମେଣ୍ଟ'ରେ ଲୋକପ୍ରିୟ ତଥା ଷ୍ଟାଇଲିସ୍ ଅଭିନେତା ଶୁଭାଶିଷ ଓରଫ୍ ମଣ୍ଟୁଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଗୋଟିଏ ପଟେ ସେ ଏହି ସିନେମାର ସଫଳତାକୁ ନେଇ ଖୁସି ଥିବାବେଳେ ପୁଣି ଥରେ ତାଙ୍କୁ ଏକ ନୂଆ ସିନେମାରେ ଦେଖିବାକୁ ମିଳିବ । ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ବିଶ୍ୱଜିତ୍ ମହାନ୍ତି ଫିଲ୍ମସ୍ ନିବେଦିତ ନୂଆ ଓଡ଼ିଆ ସିନେମା 'ହରଣ' । ଏଥିରେ ଶୁଭାଶିଷ 'ଦାସ' ଚରିତ୍ରରେ ନଜର ଆସିବେ । ଏହି ସିନେମାର ଫାଷ୍ଟ ଲୁକ୍ ମଧ୍ୟ ଜାରି ହୋଇଛି । ଯେଉଁଥିରେ ଶୁଭାଶିଷଙ୍କ ଦମ୍‌ଦାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି । ତେବେ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ବିଶ୍ୱଜିତ୍ ମହାନ୍ତି ଥିବା ବେଳେ ସଙ୍ଗୀତରେ ଅଛନ୍ତି ଅସଦ ନିଜାମ୍ । ଶୁଭାଶିଷଙ୍କ ସମେତ ଶୈଳେନ୍ଦ୍ର ସାମନ୍ତରାୟ, ପ୍ରତିଭା ପ୍ରମୁଖ ଅନ୍ୟାନ୍ୟ କଳାକାର ଏଥିରେ ନଜର ଆସିବେ ।

# କାହାଣୀରେ ନୂଆ ଟ୍ୱିଷ୍ଟ

ତରଙ୍ଗ ଚ୍ୟାନେଲରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ତୁ ମୋ ଆଖିର ତାରା'ର କାହାଣୀ ଏବେ ଭିନ୍ନ ଏକ ମୋଡ଼ରେ ପହଞ୍ଚିଛି । ଅଚାନକ ତାରାର ମୃତ୍ୟୁ ହିଁ ସିରିଏଲ୍ କାହାଣୀରେ ନୂଆ ଟ୍ୱିଷ୍ଟ ଆଣିଛି । ତାରାର ପରିବାର ଲୋକ ତା' ମୃତ୍ୟୁ ଖବରକୁ ଗ୍ରହଣ କରିପାରି ନାହାନ୍ତି । ବିଶେଷକରି ତରୁଣ ତାରାକୁ ହରାଇବାର ଦୁଃଖକୁ ସହିପାରି ନାହିଁ । ଏହାରି ଭିତରେ ତରୁଣ କୁନି ତାରିଣୀ ପାଇଁ ତାରାର ଦୁଃଖ ଭୁଲି ନୂଆ ଜୀବନ ଜିଇଁବା ଆରମ୍ଭ କରିଥିବା ବେଳେ ତାରିଣୀର ସ୍ୱାସ୍ଥ୍ୟଗତ ସମସ୍ୟା ଏବେ ତରୁଣ ପାଇଁ ପୁଣି ଏକ ନୂଆ ବିପଦ ସୃଷ୍ଟି କରିଛି । ଏପରିକି ତାରିଣୀର କିଛି ବି ହେଲେ ତରୁଣ ତା'କୁ ନେଇ ଅଧିକ ବ୍ୟସ୍ତ ହୋଇପଡୁଛି । ଏହାରି ଭିତରେ ତାରା ଫେରିବା ନେଇ ଚର୍ଚ୍ଚା ହେଉଛି । ତେବେ ତାରା ସେହି ତାରା ହୋଇ ଫେରିବ ନା ଅନ୍ୟ କେଉଁ ଚରିତ୍ରରେ ତରୁଣ ଓ କୁନି ତାରିଣୀ ଜୀବନକୁ ଫେରିବ, ସେକଥା ସ୍ପଷ୍ଟ ହୋଇ ନାହିଁ । ଅବଶ୍ୟ ଏକଥା ଧାରାବାହିକର କାହାଣୀ ଆଗକୁ ବଢ଼ିଲେ ଜଣାପଡ଼ିବ ।





## ନୂଆ ଓଡ଼ିଆ ସିନେମା

# ଭଗିଆ ଭାରିଯାକୁ ରିଲ୍ସ ନିଶା

ଭିନ୍ନ ଏକ କାହାଣୀକୁ ନେଇ ଆସୁଛି ହରିବୋଲ୍ ମିଡିଆ ଆଣ୍ଡ ଏଣ୍ଟରଟେମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ନୂଆ ଓଡ଼ିଆ ସିନେମା 'ଭଗିଆ ଭାରିଯା ।' ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ଡ.ଭୀଷ୍ମ ରଥ ଏବଂ ହାସ୍ୟ ଅଭିନେତା ହରିହର ମହାପାତ୍ର ଅଛନ୍ତି । କେବଳ ସେତିକି ନୁହେଁ, ଏହାର କାହାଣୀକୁ ମଧ୍ୟ ହରିହର ଲେଖିଛନ୍ତି । ନିପଟ ମଫସଲରେ ରହୁଥିବା ଭଗିଆ ଭାରିଯାକୁ ରିଲ୍ସ ନିଶା ଘାରିଛି । ସେହିପରି ସେ ରିଲ୍ କରି ନିଆର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି । ପାରିବାରିକ କାହାଣୀ ଉପରେ ଗତିଶୀଳ ଏହି ସିନେମା ମାଧ୍ୟମରେ ସାମାଜିକ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଛି । ମଳୟ ମିଶ୍ରଙ୍କ ମଧୁର ସଂଗୀତରେ ଗୀତଗୁଡ଼ିକୁ ଲେଖିଛନ୍ତି ଅରୁଣ ମନ୍ତ୍ରୀ । ଏଥିରେ ହରିହରଙ୍କ ବିପକ୍ଷରେ ଅଭିନେତ୍ରୀ ଦେବଯାନୀଙ୍କୁ ଦେଖିବାକୁ ମିଳିବ । ଏହାବାଦ୍ ପୁପିନ୍ଦର ଓ ବବି ମିଶ୍ର ମଧ୍ୟ ସିନେମାରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ । ସିନେମାଟି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି ।

# ଜମୁଛି ଯୋଡ଼ି ଡ୍ୟାନ୍ସ

ଜି-ସାର୍ଥକରେ ଜାନୁଆରୀ ୨୦ ତାରିଖରୁ ଆରମ୍ଭ ହୋଇଥିବା ଲୋକପ୍ରିୟ ଡ୍ୟାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଡବଲ୍ସ ଲିଗ୍'କୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି । ଏଥିରେ ଟେଲିଭିଜନର ଲୋକପ୍ରିୟ ୧୨ ଯୋଡ଼ିଙ୍କର ଦମ୍‌ଦାର୍ ଡ୍ୟାନ୍ସ ଦେଖିବାକୁ ମିଳୁଛି । ତେବେ ବିଭିନ୍ନ ଧାରାବାହିକରୁ ସଙ୍ଗୀତ-ରାଗିଣୀ, ଅରୁ-ଧ୍ରୁବ୍, ପ୍ରିୟା-ବିଷ୍ଣୁ, ସନ୍ଧ୍ୟା-ସନ୍ଦୀପ, ମଧୁ-ମାନସ, ନୀହାରିକା-ଶ୍ରୀ, ନେତ୍ରା- ଅଭିନବ, ମାନିନୀ-ଏଜେ, ସାରା-ଅମନ, ଅମ୍ବିକା- ଭବାନୀ, ରାଜଲକ୍ଷ୍ମୀ-ସରସ୍ୱତୀ, ଧାରା-ଅମ୍ବର ଏଥିରେ ସାମିଲ ହୋଇଛନ୍ତି । ତେବେ କମେଡି ଥିମ୍ ଉପରେ ଯୋଡ଼ିମାନଙ୍କ ଦମ୍‌ଦାର୍ ଡ୍ୟାନ୍ସ ବିଚାରକମାନେ ପସନ୍ଦ କରି ନାହାନ୍ତି, ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସିଛି । ଏହାସହ ଶୋ'ରେ ଡ୍ୟାନ୍ସ ସହିତ ମଜାଦାର ଗେମ୍ ଶୋ'କୁ ଅଧିକ ଆକର୍ଷଣୀୟ କରିପାରିଛି । ଏବେ ଏହି ଶୋ'ରେ ଦେବାଶିଷଙ୍କ ସହ ବିଚାରପତି ଭାବେ ନଜର ଆସିଛନ୍ତି ଲିପି । ଅବଶ୍ୟ ଏହାର ପ୍ରଥମ ସିଜନ୍‌ରେ ମଧ୍ୟ ଲିପିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ଶୋ'କୁ ସୁଜିତ୍ ଏବଂ ଚାନ୍ଦିନୀ ସଞ୍ଚାଳନ କରୁଥିବା ବେଳେ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯ ଟା ୩୦ରେ ପ୍ରସାରିତ ହେଉଛି ।



## ପ୍ରେକ୍ଷାଳୟରେ ଚଳିତ ସପ୍ତାହ (୨୩ ଫେବୃଆରୀ)

**ହିନ୍ଦୀ**



### ରାଖ୍

ନିର୍ଦ୍ଦେଶକ : ଆଦିତ୍ୟ ଭଟ୍ଟାଚାର୍ଯ୍ୟ
ପ୍ରଯୋଜନା : ଆଦିତ୍ୟ ଭଟ୍ଟାଚାର୍ଯ୍ୟ, ଅସିଫ୍ ନୁର୍, ସଙ୍ଗୀତ ଶିବନ
କଳାକାର : ଜନ ଆବ୍ରାହମ୍, ମନୋଜ ବାଜପେୟୀ



### ଆର୍ଟିକଲ ୩୭୦

ନିର୍ଦ୍ଦେଶକ: ଆଦିତ୍ୟ ସୁହାସ
ପ୍ରଯୋଜକ: ଆଦିତ୍ୟ ଧର
କଳାକାର: ଆମି ଗୌତମ, ପ୍ରିୟମଣି

■ ଶିଶୁର ସନ୍ଦେହଜନକ ମୃତ୍ୟୁ

# ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତନାଘନା

**କୋଷାଗୁମୁଡ଼ା,୨୧।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ଥାନା ଅନ୍ତର୍ଗତ କର୍ଚ୍ଚାମାଳ ଗାଁରେ ପିଲାମାନଙ୍କ ସହ ଖେଳୁଥିବାବେଳେ ଜଣେ ୫ ବର୍ଷର ନାବାଳକର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ହରିଜନ ସାହିର ରାଜୁ ହରିଜନଙ୍କ ପୁଅ ପ୍ରକାଶ (୫)। ଏନେଇ କୋଡ଼ିଙ୍ଗା ଥାନାରେ ଥାନାଧିକାରୀ ଯୁଗଳ ଶବର ଏକ ମାମଲା ରୁଜୁ କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଗାଁର ଛୋଟ ଛୋଟ ପିଲାମାନେ ନିକଟରେ ଥିବା ବାବାଜୀ ଆଶ୍ରମ ନିକଟରେ ଖେଳୁଥିଲେ। ସେହି ସମୟରେ ପ୍ରକାଶ ତଳେ ପଡ଼ିଯାଇଥିଲେ। ପ୍ରକାଶ ପଡ଼ିଯାଇଥିବା ନେଇ ସନୁ ହରିଜନ(୧୫) ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ପୁଅକୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ପ୍ରକାଶଙ୍କର ମୃତ୍ୟୁ ଘଟିସାରିଥିବା ଜାଣିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ବୁଧବାର ସଦଳବଳେ ଥାନାଧିକାରୀ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବୁଧବାର କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମୃତ ପ୍ରକାଶଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

# ଗଞ୍ଜେଇ ଜବତ ୪ ଗିରଫ



**ଗୁଣୁପୁର,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୩୨ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇ କେରଳ ଏବଂ ମହାରାଷ୍ଟ୍ର ଅଞ୍ଚଳକୁ ଚାଲାଣ କରାଯାଉଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାନୁଯାୟୀ, ଗୁଣୁପୁର, ଗୁମୁଡ଼ା, ରାମନାଗୁଡ଼ା ଏବଂ ବିଷମକଟକ ଅଞ୍ଚଳରେ ବ୍ୟାଗରେ ଗଞ୍ଜେଇ ଚାଲାଣ କରାଯାଉ ଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଯାଞ୍ଚ କରାଯିବାରୁ ସେମାନେ ଧରାପଡ଼ିଥିଲେ। ଜିଲ୍ଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିଶ୍ୱଜିତ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଏବଂ ଗୁଣୁପୁର ଅବକାରୀ ଇନ୍ସପେକ୍ଟର ପ୍ରୀତିଧାରା ନାୟକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଦିନେଶ ଯାଦବ ହୋଲେ, ଧନରାଜ ୱାକ, ସୋନି ସାଜି ଏବଂ ଶିବାଜୀ ଏନକେଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗୁଣପୁର ଅବକାରୀ ଓଆଇସି ବି ବିଶ୍ୱେଶ୍ୱର ରାଓ, ବିଷମକଟକ ଅବକାରି ଓଆଇସି ଛବିରାଜ ତାଣ୍ଡି ପ୍ରମୁଖ ଗୋଟିଏ ଲେଖାଏଁ ମାମଲା ରୁଜୁ କରିଥିବା ବେଳେ ଗୁଣୁପୁର ଅବକାରୀ ଇନ୍ସପେକ୍ଟର ପ୍ରୀତିଧାରା ନାୟକ ୨ଟି ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୁଣୁପୁର ଅବକାରୀ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଏଭଳି ଗଞ୍ଜେଇ ଚୋରା ଚାଲାଣ ନିୟମିତ ହେଉଥିବାବେଳେ ଚଢ଼ଉ ପ୍ରକ୍ରିୟାକୁ ଜୋରଦାର କରାଗଲେ ମାଫିଆମାନେ ସାବାଡ଼ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସାଇ ମନ୍ଦିରରୁ ତାଲାଭାଙ୍ଗି ଚୋରି ଉଦ୍ୟମ; କାଟି ନେଲେ ଦୁଇ ଚନ୍ଦନ ଗଛ

**ଲକ୍ଷ୍ମୀପୁର,୨୧।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ କୋଷାଗାର ନିକଟରେ ଥିବା ସାଇ ମନ୍ଦିରରେ କିଛି ଦୁର୍ବୃତ୍ତ କବାଟର ତାଲା ଭାଙ୍ଗି ଚୋରି ଉଦ୍ୟମ କରିଛନ୍ତି। ଦୁର୍ବୃତ୍ତମାନେ ଭିତରେ ପଶି ଠାକୁର ପିନ୍ଧିଥିବା ମୁକୁଟକୁ ବାହାରେ ଆଣି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିବାବେଳେ ମନ୍ଦିର ନିକଟରେ ଥିବା ଦୁଇ ଚନ୍ଦନ ଗଛକୁ କାଟି ନେଇଯାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ପୂଜକ ପୂଜା କରିବାକୁ ଯିବା ସମୟରେ କବାଟର ତାଲା ଭଙ୍ଗାଯାଇ ଜିନିଷ ପତ୍ର ଫିଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ମନ୍ଦିର କମିଟିକୁ ଅବଗତ କରିଥିଲେ। କମିଟିର ସଦସ୍ୟ ଏନେଇ ପୁଲିସକୁ ଜଣାଇଥିଲେ। ଲକ୍ଷ୍ମୀପୁର ପୁଲିସ୍ ମନ୍ଦିରରେ ପହଞ୍ଚି ସମସ୍ତ ବିଷୟ ଉପରେ ଅନୁଧ୍ୟାନ କରିଥିଲେ। କମିଟି ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ପୁଲିସ୍ ଏହାର ତଦନ୍ତ ଆରମ୍ଭ କରିଛି।

# ଚାକିରି ନାଁରେ ସାଢ଼େ ୪ ଲକ୍ଷ ଠକେଇ; ଅଭିଯୁକ୍ତ ଗିରଫ

**ଜୟପୁର,୨୧।୨(ସମିସ):** ଚାକିରି କରାଇଦେବା ନାଁରେ ସାଢ଼େ ୪ ଲକ୍ଷ ଟଙ୍କା ଠକେଇ କରିବା ନେଇ ଜୟପୁର ଟାଉନ ଥାନାରେ ଏକ ମାମଲା ଗତ ୧୮ ତାରିଖରେ ରୁଜୁ ହୋଇଥିଲା। ଏହାର ତଦନ୍ତ କରିବା ସହିତ ଅଭିଯୁକ୍ତ ଜୟପୁର ସହରର ନୂଆସାହି ୪ର୍ଥ ଲାଇନର ଦୁର୍ଗା ପ୍ରସାଦ ପଣ୍ଡା(୪୦)ଙ୍କୁ ଗିରଫ କରି ବୁଧବାର ଟାଉନ ଥାନା ପୁଲିସ କୋର୍ଟ ଚାଲାଣ କରିଛି। ସେ ଆଇଆରବିର କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଯେ, ୨୦୨୧ରେ କୋରାପୁଟ ବାସିନ୍ଦା ଅଭିଯୋଗକାରିଣୀ ମହିଳା ପୁଲିସ କର୍ମଚାରୀ ରୀନା ପାଠକଙ୍କ ସାନଭାଇଙ୍କୁ ଅବକାରୀ ବିଭାଗରେ ଚାକିରି କରାଇଦେବା ଆଳରେ ବିଭିନ୍ନ ପର୍ଯ୍ୟାୟରେ ସାଢ଼େ ୪ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଚାକିରି ମିଳି ନ ଥିବା ଯୋଗୁଁ ଅଭିଯୋଗକାରିଣୀ ଉକ୍ତ ଟଙ୍କା ଫେରାଇବାକୁ ଅଭିଯୁକ୍ତଙ୍କୁ ବାରମ୍ବାର କହିଥିଲେ। କିନ୍ତୁ ବିଭିନ୍ନ ଆଳ ଦେଖାଇ ଦୁର୍ଗା ଟଙ୍କା ନ ଫେରାଇ ଠକି ଆସୁଥିଲେ। ଶେଷରେ ମହିଳା ପୁଲିସ କର୍ମଚାରୀ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ପ୍ରକାଶ କରିଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସଞ୍ଜିବ କୁମାର ମହାନ୍ତି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସୂଚାଇଛନ୍ତି।

## ପଞ୍ଚାୟତ ସମିତି ବୈଠକ

# ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବା ଅଭିଯୋଗ କଲେ ବ୍ଲକ୍ ଅଧ୍ୟକ୍ଷା

**ବିଷମକଟକ,୨୧।୨(ସମିସ):**

ରାୟଗଡ଼ା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତିର ୧୧ ତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ପରିଚାଳନ କରିଥିଲେ। ବୈଠକରେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର କୁମାର ଦାଶ ଓ ଜିଲ୍ଲାପରିଷଦ ସଦସ୍ୟା ବିଜୟ ଶାନ୍ତି କୁମୁରିକା, ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର କୁଶୁଲିଆ, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁନନ୍ଦନ ନନ୍ଦ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରିଥିଲେ। ବୈଠକଟି ବିଳମ୍ବିତ ସମୟରେ ଆରମ୍ଭ ହୋଇଥିବାବେଳେ ସମୟ ଅଭାବରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନେ କମ୍ ସମୟ ମଧ୍ୟରେ ନିଜନିଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନା ଏବଂ ସୁବିଧା ସୁଯୋଗ ସଂକ୍ରାନ୍ତରେରେ ଜନପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ତେବେ ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକ ନିୟମିତ ଭାବେ ଶିକ୍ଷକ ଯାଉନଥିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ କରି ବିଦ୍ୟାଳୟ ବନ୍ଦ କରିଦେଉଥିବା ବ୍ଲକ ଅଧ୍ୟକ୍ଷା ଅଭିଯୋଗ ଆଣିବା ସହ ଗୋଇଲକଣା ଏବଂ ଜିଆଣିପଦରଠାରେ ରହିଥିବା ବିଦ୍ୟାଳୟଗୁଡ଼ିକ ନିୟମିତ ଭାବେ ଅପରାହ୍ନରେ ବନ୍ଦ ରହୁଥିବା ସେ ଦେଖିଥିବା ପ୍ରକାଶ କରିଛନ୍ତି। କେଉଁ



ପରିସ୍ଥିତରେ ବିଦ୍ୟାଳୟଗୁଡ଼ିକରେ ଏପରି ଅବ୍ୟବସ୍ଥା କାହିଁକି ଦେଖାଉଛି ବୋଲି ବ୍ଲକ ଶିକ୍ଷାଅଧିକାରୀଙ୍କୁ ପଚାରିଥିଲେ। ଏହା ବ୍ୟତିତ ଶିଶୁ ବିକାଶ ପ୍ରକଳ୍ପରେ ଚାଲିଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ କୌଣସି ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉନାହିଁ। ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଫାଳେ ଅଣ୍ଡା ଖାଇବାକୁ ଦିଆଯାଉଥିବା ଉପସ୍ଥିତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ କରିଛନ୍ତି। ଜଳ ଓ ପରିମଳ ବିଭାଗ ଦ୍ୱାରା କ୍ରୟ କରାଯାଇଥିବା ନଳକୂପ ପାଇପଗୁଡ଼ିକ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏଥିସହିତ ମାଳିଶୀରିପୁରରୁ ଘଣ୍ଟିଖାଲ ଓ ପରିଡ଼ାଗୁଡ଼ାରୁ ଶୁକ୍ରୁପଡ଼ା ଗ୍ରାମକୁ ପ୍ରଧାନମନ୍ତ୍ରୀ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଉକ୍ତ ପଞ୍ଚାୟତ ରାସ୍ତାକୁ ବୈଠକରେ ଆଲୋଚନା କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଥିବାବେଳେ ବ୍ଲକର ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଖରାପ ହୋଇଥିବା ନଳକୂପ ସବୁର ମରାମତି, ପାନୀୟଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ସଠିକ ପରିଚାଳନା କରି ନିୟମିତ ଜଳ ଯୋଗାଣ କରିବା ନିମନ୍ତେ ଜଳ ଓ ପରିମଳ ବିଭାଗୀୟ ଅଧିକାରୀଙ୍କୁ ବ୍ଲକ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ପାଇଁ ବିଷଦ ଆଲୋଚନା ହୋଇଥିଲା। କୃଷି ବିଭାଗ ଦ୍ୱାରା ଏହି ବ୍ଲକରେ କେତେ ପରିମାଣର ବିହନ ଚାଷୀଙ୍କୁ ଦିଆଯାଇଛି ସମସ୍ତ ତଥ୍ୟ ସପ୍ତାହ ମଧ୍ୟରେ ଦେବା ପାଇଁ ବ୍ଲକ ଉପାଧ୍ୟକ୍ଷ କହିଥିଲେ। ବୈଠକରେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ ଓ ବ୍ଲକର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ଉପସ୍ଥିତ ଲୋକ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଜେଡିରେ ପଟ୍ଟାଙ୍ଗି ବ୍ଲକ୍ କଂଗ୍ରେସ ଓବିସି ସେଲ୍ ସଭାପତିଙ୍କ ଯୋଗଦାନ



**ସେମିଳିଗୁଡ଼ା,୨୧।୨(ସମିସ)**

ସାଧାରଣ ନିର୍ବାଚନ ଆଉ କିଛି ଦିନରେ ହେବାକୁ ଥିବାବେଳେ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ୍‌ରେ କଂଗ୍ରେସକୁ ବଡ଼ ଝଟକା ଲାଗିଛି। ପଟ୍ଟାଙ୍ଗି ବ୍ଲକ୍ କଂଗ୍ରେସ ଓବିସି ସେଲ୍ ସଭାପତି ଲକ୍ଷ୍ମଣ କଣ୍ଟରି କଂଗ୍ରେସ ଛାଡ଼ି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ପେଟୁରୁ ପଞ୍ଚାୟତ ଅନ୍ତର୍ଗତ ତେଡ଼ା ଗ୍ରାମର ଲକ୍ଷ୍ମଣ ଦୀର୍ଘ ବର୍ଷ କଂଗ୍ରେସରେ କାମ କରି ବୁଧବାର ସକାଳେ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ିଙ୍କ ବାସଭବନଠାରେ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଥିଲେ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ, ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହାଇ ବିଜେଡିରେ ଯୋଗଦେଇଥିବା ସେ ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳରେ ନିଷ୍ଠାପର ଭାବରେ କାମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ପୀତମ ପାଢ଼ି ଲକ୍ଷ୍ମଣଙ୍କୁ ପୁଷ୍ପମାଳା ଦେଇ ଦଳକୁ ଆମନ୍ତ୍ରଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ଏସ୍‌ଡିସି ସଭ୍ୟ ଏସ୍ ଆପର୍ଣ୍ଣା, ଯୁବ ସାଧାରଣ ସମ୍ପାଦକ ଡି.ଖିଲୋ, ପଞ୍ଚାୟତ ସଭାପତି ପୂର୍ଣ୍ଣ ଗୁଣ୍ଟା, ନେତା ଭଗବାନ୍ ପେଟିଆ ଓ ସୁରେଶ ସ୍ୱାମୀ ଯୋଗଦେଇଥିଲେ। ଆଗାମୀ ଦିନରେ ଅନ୍ୟ ଦଳର ନେତା କର୍ମୀ ବହୁ ସଂଖ୍ୟାରେ ବିଜେଡିରେ ଯୋଗ ଦେବାକୁ ଯାଉଛନ୍ତି ବୋଲି ବିଧାୟକ ପୀତମ ପାଢ଼ି ସୂଚନା ଦେଇଛନ୍ତି।

# ଟ୍ରାଙ୍ଗୁଲାର ସିରିଜ ପାୱାର ଟିମ୍‌ରେ କୋରାପୁଟର ୩ ଦୃଷ୍ଟିହୀନ




**କୋରାପୁଟ,୨୧।୨(ସମିସ):** ଦୁବାଇଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ତଥା ଟ୍ରାଙ୍ଗୁଲାର ଦୃଷ୍ଟିହୀନ କ୍ରିକେଟ ସିରିଜରେ ଭାରତୀୟ ଦଳର ପାୱାର ଟିମରେ କୋରାପୁଟର ୩ ଦୃଷ୍ଟିହୀନ କ୍ରିକେଟର ସାମିଲ ହୋଇଛନ୍ତି। ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କାକୁ ନେଇ ଦୁବାଇରେ ଚଳିତ ମାସ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଦୃଷ୍ଟିହୀନ କ୍ରିକେଟ ମ୍ୟାଚରେ କୋରାପୁଟ ସୁକ୍ରିଗୁଡ଼ାର ସୁଖରାମ ମାଝୀ, ଲମତାପୁଟ ବ୍ଲକ ପିପଲପୁଟ ଗାଁର ନକୁଳ ବଡ଼ନାୟକ ଓ ଜୟପୁରର ଦେବରାଜ ବେହେରା ଟିମରେ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ ନାଗେସ ଟ୍ରଫିରେ ଉତ୍ତମ ପ୍ରଦର୍ଶନ କରିବା ସହ ୩ ଖେଳାଳି ସଫଳତା ପାଇଥିଲେ। ପରେ ସିଏବିଆଇ ବା କ୍ରିକେଟ ଆସୋସିଏସନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଏବଂ ସାମର୍ଥ୍ୟ ନାମ ଟ୍ରଷ୍ଟ ଦ୍ୱାରା ୧୫ ଦିନିଆ ପ୍ରାକ୍ଟିସ ଏବଂ ତାଲିମ ନେବା ପରେ ସେମାନେ ଦୁବାଇ ଗସ୍ତ କରିଛନ୍ତି। ୨୫ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳିବା ପରେ ୨୬ରେ ଭାରତ ଫେରିବେ ବୋଲି ନକୁଳ ବଡ଼ନାୟକ କହିଛନ୍ତି। ତେବେ ପାକିସ୍ତାନ ଓ ଶ୍ରୀଲଙ୍କାକୁ କଡ଼ା ଟକ୍କର ଦେବେ ଏବଂ ସିରିଜରେ ସଫଳତା ପାଇବେ ବୋଲି ସୁଖରାମ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଦୁବାଇଠାରେ ଅନୁଷ୍ଠିତ ଏହି ତ୍ରିରାଷ୍ଟ୍ରୀୟ ମ୍ୟାଚରେ କୋରାପୁଟର କୋଚ୍ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ସହ ଅନେକ କ୍ରୀଡ଼ାପ୍ରେମୀ ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ପ୍ରକାଶ କରିଛନ୍ତି।

● କାଜୁ ବାଡ଼କୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବାଞ୍ଜିଆମ୍ବ ଗ୍ରାମବାସୀଙ୍କ ଧାରଣା

**କୋରାପୁଟ,୨୧।୨(ସମିସ):** ମାଛକୁଣ୍ଡ ତହସିଲ ଅନ୍ତର୍ଗତ ବାଞ୍ଜିଆମ୍ବ ଗାଁଠାରେ ଏକ କାଜୁ ବଗିଚାକୁ ନେଇ ବାହିରିପଡ଼ା ଓ ଧୋବଣୀପୁଟ ଅଞ୍ଚଳର ଗ୍ରାମବାସୀଙ୍କ ଭିତରେ ବିବାଦ ଲାଗିରହିଛି। ଏହାର ସାମାଧାନ ଦାବି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୩ ଘଣ୍ଟା ଧରି ବାଞ୍ଜିଆମ୍ବ ଗ୍ରାମର ଗ୍ରାମବାସୀ ସପରିବାର ଆସି ବୁଧବାର ଧାରଣା ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନ୍ୟାୟ ନ ମିଳିବାରୁ ଗ୍ରାମର ଶତାଧିକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଗ୍ରାମର ୩ ଜଣିଆ ଟିମ୍ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଆସନ୍ତା ୨୮ ତାରିଖ ଦିନ ମାଛକୁଣ୍ଡ ତହସିଲଦାର, ଉପଜିଲ୍ଲାପାଳ ଏବଂ ଦୁଇ ଗ୍ରାମବାସୀଙ୍କୁ ନେଇ ଏକ ସମନ୍ୱୟ ବୈଠକ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଯଦିଚ ୬ ବର୍ଷ ଧରି ବିଭିନ୍ନ ସମୟରେ ସେମାନେ ବିଭିନ୍ନ ପ୍ଲାଟଫର୍ମରେ ଆବେଦନ କରିଥିଲେ ମଧ୍ୟ ଆଜିଯାଏଁ ସମାଧାନ ହୋଇପାରିନାହିଁ। ୨୮ ତାରିଖରେ ଯଦି ସମାଧାନ ନ ହୁଏ, ତେବେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମାଛକୁଣ୍ଡ ତହସିଲ ଅନ୍ତର୍ଗତ ବାଞ୍ଜିଆମ୍ବ ଗାଁଠାରେ ଏକ କାଜୁ ବଗିଚାକୁ ନେଇ ବାହିରିପଡ଼ା ଓ ଧୋବଣୀପୁଟ ଅଞ୍ଚଳର ଗ୍ରାମବାସୀଙ୍କ ଭିତରେ ବିବାଦ ଲାଗିରହିଛି। ପରେ ବାଞ୍ଜିଆମ୍ବ ଗାଁ ଲୋକେ କୋରାପୁଟ ସିଭିଲ ଜଜଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ୍ ବିଚାର କରି ଗାଁ ଲୋକଙ୍କ ସପକ୍ଷରେ ରାୟ ଦେଇଥିଲେ। କିନ୍ତୁ ତହସିଲ କର୍ତ୍ତୃପକ୍ଷ ଅଦାଲତର ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ନ ଥିବାରୁ ବୁଧବାର ବାଞ୍ଜିଆମ୍ବର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ।

# ନନ୍ଦପୁର ଓଏଭିରେ ସିବିଏସ୍‌ଇ ଦଶମ ପରୀକ୍ଷା

**ନନ୍ଦପୁର,୨୧।୨(ସମିସ):** ରାଜ୍ୟ ସରକାରଙ୍କ ସିବିଏସ୍‌ଇ ପାଠ୍ୟକ୍ରମର ଦଶମ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ନନ୍ଦପୁର ବ୍ଲକ୍ ଗଣିନାୟକପୁଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପ୍ରଥମ କରି ପରୀକ୍ଷା କେନ୍ଦ୍ରର ମାନ୍ୟତା ମିଳିଛି। ସିବିଏସ୍‌ଇ ପାଠ୍ୟକ୍ରମ ବିଶିଷ୍ଟ ଲମତାପୁଟ ବ୍ଲକର ମେଶୀଙ୍ଗପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଲମତାପୁଟ ଆନନ୍ଦ ନିକେତନର ସମୁଦାୟ ୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷାର ପ୍ରଥମ ଦିନରେ ହିନ୍ଦୀ ପରୀକ୍ଷା ଦେଇଛନ୍ତି। ସିବିଏସ୍‌ଇ ବୋର୍ଡ ତରଫରୁ ପରୀକ୍ଷା ପରିଚାଳନା ନିମନ୍ତେ କେନ୍ଦ୍ର ଅଧୀକ୍ଷକ ଭାବେ ସେମିଳିଗୁଡ଼ା ଦେଓମାଳି ପବ୍ଲିକ ସ୍କୁଲ ଅଧ୍ୟକ୍ଷ କରାମତ ଅଲ୍ଲିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଉପ ଅଧୀକ୍ଷକ ଭାବେ ନନ୍ଦପୁର ଓଏଭି ଅଧ୍ୟକ୍ଷ ଦେବୀ ପ୍ରତିମା ଜେନା ପରୀକ୍ଷା କେନ୍ଦ୍ର ପରିଚାଳନା କରିଥିଲେ। ଗୁରୁବାର ନନ୍ଦପୁର ଓଏଭିର ୬୫ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ୪୨ ଜଣ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ପୁଙ୍ଗାର ଇଏମ୍‌ଆର୍‌ଏସ୍ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ଜେନା ସୂଚନା ଦେଇଛନ୍ତି।

# ଆରଡିସିଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା



**କୋରାପୁଟ,୨୧।୨(ସମିସ):** ସ୍ଥାନୀୟ ସଦଭାବନା ସଭାଗୃହଠାରେ ଦକ୍ଷିଣାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ ପ୍ରଥମଥର କୋରାପୁଟ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ପ୍ରାକ୍ ନିର୍ବାଚନର ପ୍ରସ୍ତୁତି, ବୁଥ୍, ସମ୍ବେଦନଶୀଳ ବୁଥ୍, ସୀମା ସମସ୍ୟା ଏବଂ ଜିଲ୍ଲାରେ ଚାଲିଥିବା ସମସ୍ତ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ବର୍ତ୍ତମାନର ସ୍ଥିତି ଏବଂ ଜିଲ୍ଲାର ବିକାଶ ପାଇଁ ଅନୁମୋଦିତ ହୋଇଥିବା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସିଡିଓ ଦୟାମୟ ପାଢ଼ୀ, ଆଇଏଏସ ପ୍ରୋବେସନାରୀ ସୌମ୍ୟ ରଞ୍ଜନ ପ୍ରଧାନ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପ୍ରତ୍ୟେକ ବ୍ଲକର ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ପ୍ରସ୍ତୁତି ନିର୍ଦ୍ଧାରିତ ସମୟରେ ସାରିବା ନେଇ ଆରଡିସି ଶ୍ରୀ ଦାସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନରେ ଆଇନ ଶୃଙ୍ଖଳାକୁ ବିଶେଷ ଭାବେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ସେ ଆଲୋଚନା କରିଥିବାବେଳେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟଗୁଡ଼ିକ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜଙ୍ଗଲକୁ ନିଆଁ ଭୟ; ଗ୍ରାମବାସୀଙ୍କୁ ସଚେତନ କରୁଛି ବନ ବିଭାଗ

● ୨୨ ଜଣ ନିଆଁ ଲିଭାଳି ଦଳ ଓ ବନ କର୍ମଚାରୀଙ୍କ ସ୍କାନରରେ ରାୟଗଡ଼ା ବନାଞ୍ଚଳ

**ରାୟଗଡ଼ା,୨୧।୨(ସମିସ):** ଜଙ୍ଗଲ ବଞ୍ଚିଲେ ପରିବେଶ ବଞ୍ଚିବ ଏବଂ ପରିବେଶ ସୁସ୍ଥ ରହିଲେ ମାନବ ସମାଜ ସୁସ୍ଥ ରହିବ। ତେବେ ସଚେତନତା ଅଭାବରୁ ବିଭିନ୍ନ ସମୟରେ ଜଙ୍ଗଲ ଉପରେ ନିର୍ଭର କରି ରହୁଥିବା ଲୋକେ ଜାଣତରେ ହେଉ ଅବା ଅଜଣାତରେ ଜଙ୍ଗଲରେ ନିଆଁ ଲଗାଇ ଚାଲି ଆସୁଥିବାରୁ ସବୁଜ ବନାନୀରେ ଭରା ଜଙ୍ଗଲ କ୍ଷଣିକ ମଧ୍ୟରେ ପାଉଁଶ ଗଦାରେ ପରିଣତ ହୋଇଯାଉଛି। ଏହି ନିଆଁରେ ଅନେକ ଔଷଧୀୟ ଓ ମୂଲ୍ୟବାନ ବୃକ୍ଷଲତା ନଷ୍ଟ ହେବା ସହ ସନ୍ତୁଳିତ ପରିବେଶ ଅସନ୍ତୁଳିତ ହେବାରେ ଲାଗିଛି। ପ୍ରାକୃତିକ ଜଙ୍ଗଲର କ୍ଷତି ଭରିବାକୁ ସଚେତନତା ହିଁ ଏକମାତ୍ର ବିକଳ୍ପ। ଗ୍ରାମାଞ୍ଚଳରେ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ପାଇଁ ତଥା ପରିବେଶ ଓ ମାନବ ସମାଜ ସହ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତତ୍ପରତା ଦେଖାଇ ଆସୁଛି। ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ନିର୍ଦ୍ଦେଶ କ୍ରମେ ଜିଲ୍ଲାର ରାୟଗଡ଼ା, କାଶୀପୁର, ଟିକିରି, କଲ୍ୟାଣସିଂହପୁର, ମୁନିଗୁଡ଼ା, ଗୁଣୁପୁର ଓ ଗୁଡ଼ାରୀ ୭ଟି ବନାଞ୍ଚଳରେ ନିଆଁଲିଭାଳି ଦଳଙ୍କ ସମେତ ସ୍ଥାନୀୟ ରେଞ୍ଜର, ବନପାଳ, ବନରକ୍ଷୀମାନେ ଗ୍ରାମାଞ୍ଚଳର ପ୍ରତ୍ୟେକ ଗାଁଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି। ରାୟଗଡ଼ା ବନାଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ଉଦ୍ଦେଶ୍ୟରେ ବର୍ତ୍ତମାନ ସୁଦ୍ଧା ୩୬ଟି ଗ୍ରାମରେ



ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଥିବାବେଳେ ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ପ୍ରତି ପଞ୍ଚାୟତଗୁଡ଼ିକରେ ଅନୁଷ୍ଠିତ ହେଉଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ମଧ୍ୟରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରୁଛନ୍ତି। ଏହି ନିଆଁ ଲିଭାଳୀ ଦଳ ଓ ବନ କର୍ମଚାରୀମାନେ ସଂରକ୍ଷିତ ଜଙ୍ଗଲ ଓ ପ୍ରସ୍ତାବିତ ଜଙ୍ଗଲ ଅଧୀନସ୍ଥ ଗ୍ରାମାଞ୍ଚଳଗୁଡ଼ିକକୁ ଯାଇ ଗ୍ରାମବାସୀଙ୍କୁ ଦିନକୁ ଦିନ ବଢ଼ୁଥିବା ଜଙ୍ଗଲ ନିଆଁକୁ ପ୍ରତି ମହଲରେ କିପରି ନିବାରଣ କରାଯାଇପାରିବ ଏବଂ ଜଙ୍ଗଲ ଆମ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିପାଦନ କରୁଛି। ଜଙ୍ଗଲ ବିନା ମାନବ ସମାଜର ଅସ୍ତିତ୍ୱ ଅସମ୍ଭବ ବୋଲି ଅବଗତ କରାଇବା ସହ ଜଙ୍ଗଲକୁ ମହୁଲି ଫୁଲ ତୋଳିବାକୁ ଯିବା ସମୟରେ ହେଉ ଅଥବା କାଠ ସଂଗ୍ରହ କ୍ଷେତ୍ରରେ ହେଉ ଉକ୍ତ ସମୟରେ କେବେ ବି ଜଙ୍ଗଲରେ ନିଆଁ ନ ଲଗାଇବା ନାହିଁ ବୋଲି ସଚେତନତା ସୃଷ୍ଟି କରାଯାଉଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ପ୍ରବାହ ସ୍ୱାଭାବିକ ଗରମଠାରୁ ୨ ରୁ ୩ ଡିଗ୍ରୀ ତାପମାତ୍ରା ଅଧିକ ହେବାର ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସଚେତନତା ଅଭାବରୁ ସଂରକ୍ଷିତ ଓ ପ୍ରସ୍ତାବିତ ଜଙ୍ଗଲ ସହ ଗ୍ରାମ୍ୟ, ରାଜସ୍ୱ ଜଙ୍ଗଲରେ ମଧ୍ୟ ଅନେକ ସମୟରେ ନିଆଁ ଲାଗିଥିବା ଦେଖିବାକୁ ମିଳୁଛି। ଜଙ୍ଗଲରେ ନିଆଁ ଲାଗିବା ନେଇ ସିଧା ସାଟେଲାଇଟ୍ ଆପ୍ ମାଧ୍ୟମରେ ଆଲାର୍ମ ବାଜିବା ପରେ ବନ ବିଭାଗ ଅଧିକାରୀ ଜାଣିବାକୁ ପାଇବା କ୍ଷଣି ନିଆଁଲିଭାଳି ଦଳ ଓ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ କରିଥାନ୍ତି। ଏହି ସମୟରେ ସଚେତନ ଗ୍ରାମବାସୀ ମଧ୍ୟ ନିଆଁ ଲିଭାରେ ସାହାଯ୍ୟ କରୁଥିବା ଜଣାପଡ଼ିଛି। ରାୟଗଡ଼ା ବନାଞ୍ଚଳରେ ଫେବୃଆରୀ ୧୫ ତାରିଖରୁ ୨୨ ଜଣ ନିଆଁ ଲିଭାଳି ଦଳଙ୍କୁ ନିୟୋଜିତ କରାଯାଇଥିବା ବେଳେ ଗୋଟିଏ ଭ୍ରାମ୍ୟମାଣ ଗାଡ଼ି ପ୍ରଦାନ କରାଯାଇଛି। ଜଙ୍ଗଲରେ ନିଆଁ ନିବାରଣ ଉଦ୍ଦେଶ୍ୟରେ ନିକଟରେ ବନଖଣ୍ଡସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କର୍ମଶାଳା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବାବେଳେ ଗତବର୍ଷ ରାୟଗଡ଼ା ବନାଞ୍ଚଳର ୫୨ ଏକର ଜଙ୍ଗଲର ୫୨୨ଟି ସ୍ଥାନରେ ସାଟେଲାଇଟ୍ ମାଧ୍ୟମରେ ନିଆଁ ଲାଗିଥିବା ସୂଚନା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ମିଷ୍ଟର ଓଡ଼ିଶା ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

# ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଲେ ଶଶାଙ୍କ

**ନବରଙ୍ଗପୁର,୨୧।୨(ସମିସ):**

ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମିଷ୍ଟର ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ୭୦ କିଲୋ ବର୍ଗରେ ସ୍ୱର୍ଣ୍ଣ ପଦକ, ମୋଷ୍ଟ ଇମ୍ପ୍ରୁଭ୍ଡ୍ ବଡି ବିଲଡର ସମ୍ମାନ ସହ ପ୍ରଥମ ଉପ ବିଜେତା ପଦକ ଜିତିଛନ୍ତି ନବରଙ୍ଗପୁର ବଡି ବିଲଡର ସଂଘର ଶଶାଙ୍କ ଶେଖର ସାହୁ। ସେ ବିଗତ ଏକ ବର୍ଷ ଧରି କୋଚ୍ ଲଲାଟେନ୍ଦୁ ପାତ୍ର (ରୋମିଓ)ଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିଆସୁଥିଲେ। ଏହି ସ୍ୱର୍ଣ୍ଣ ପଦକ ସହ ସେ ଦ୍ୱିତୀୟ ଥର ପାଇଁ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇପାରିଛନ୍ତି। ପୂର୍ବରୁ ସିକିମର ଗାଙ୍ଗଟକଠାରେ ଆୟୋଜିତ ହୋଇଥିବା ଜାତୀୟସ୍ତରୀୟ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ଜିତି ସମଗ୍ର ଦେଶରେ ନବରଙ୍ଗପୁର ଜିଲ୍ଲାକୁ ଗୌରବାନ୍ୱିତ କରିଥିଲେ। ବୁଧବାର ସେ ନବରଙ୍ଗପୁର ଫେରିବା ପରେ ଜିଲ୍ଲା ପ୍ରଶାସନ ଏବଂ ନବରଙ୍ଗପୁର ବଡି ବିଲଡର୍ସ ଆସୋସିଏସନ ପକ୍ଷରୁ ଶଶାଙ୍କ ଏବଂ ତାଙ୍କ କୋଚ ଲଲାଟେନ୍ଦୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଗୌସିକ ଫିଟନେସ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶିବ ଶଙ୍କର ପାଢ଼ୀ ଏବଂ ଜିଲ୍ଲା କ୍ରୀଡ଼ା



ସଂଘର ସମ୍ପାଦକ ମନୋଜ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଆମେ ନବରଙ୍ଗପୁରିଆ ଗ୍ରୁପ୍ ଏବଂ ହୋଟେଲ ପୂଜାର ମୁଖ୍ୟ ବିଭୂତିଭୂଷଣ ଲେଙ୍କାଙ୍କ ଦ୍ୱାରା ଶ୍ରୀ ସାହୁଙ୍କୁ ଆଗାମୀ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ପ୍ରସ୍ତୁତି ପାଇଁ ୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପରିବର୍ତ୍ତନ ଫାଉଣ୍ଡେସନ ସଭାପତି ନିନିବାବୁ ତ୍ରିପାଠୀଙ୍କ ଦ୍ୱାରା ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଠିନ ପରିଶ୍ରମ କଲେ ଆମେ ନିଶ୍ଚିତ ଭାବରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ବୋଲି ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବଡି ବିଲଡର୍ସ ଆସୋସିଏସନ ଏବଂ ଗୌସିକ ଫିଟନେସ ପାର୍କର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ବିକ୍ରମ ଦାଶ ନିର୍ବାହ କରିଥିଲେ। ପରିଶେଷରେ ସମୀର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପରିବହନକୁ ନେଇ ଲରି ମାଲିକ ସଂଘ ଓ ମିଲର୍ସ ସଂଘ ମଧ୍ୟରେ ବିବାଦ

# ଲରି ମାଲିକଙ୍କ ଆକ୍ରମଣରେ ଦୁଇ ମିଲ୍ ମାଲିକ ଗୁରୁତର

**କୋରାପୁଟ/ବୋରିଗୁମ୍ମା, ୨୧।୨(ସମିସ):**

ଚାଉଳ ଓ ଧାନ ପରିବହନକୁ ନେଇ ଜୟପୁର ଲରି ସଂଘ ଓ ବୋରିଗୁମ୍ମା ମିଲର୍ସ ସଂଘ ମଧ୍ୟରେ ବିବାଦ ଦେଖାଦେଇ ଥିବାବେଳେ ଲରି ସଂଘ କର୍ମକର୍ତ୍ତାଙ୍କ ମରଣାନ୍ତକ ଆକ୍ରମଣରେ ଦୁଇ ଜଣ ମିଲ୍ ମାଲିକ ଗୁରୁତର ଆହତ ହୋଇଛନ୍ତି। ବୋରିଗୁମ୍ମା ମିଲ୍ ମାଲିକମାନେ ଚାଉଳ ଓ ଧାନ ପରିବହନ ନିମନ୍ତେ ଜୟପୁର ଲରି ସଂଘରୁ ଗାଡ଼ି ନ ନେଇ ନିଜ ଟ୍ରକରେ ନେଉଥିବା ଅଭିଯୋଗ କରି ମଙ୍ଗଳବାର ରାତିରେ ଜୟପୁର ଲରି ସଂଘ କର୍ମକର୍ତ୍ତା ଓ ଶତାଧିକ ସଦସ୍ୟ ବୋରିଗୁମ୍ମା ପହଞ୍ଚି କୁନ୍ଦ୍ରାଗୁଡ଼ାସ୍ଥିତ ସାଇ ଲକ୍ଷ୍ମୀ ନରସିଂହ ରାଇସ ମିଲ୍ ଓ ଶ୍ରୀ ବାଲାଜୀ ରାଇସ ମିଲରେ ଜୋର୍ ଜବରଦସ୍ତ ଭିତରକୁ ଯାଇ ମିଲ୍ ମାଲିକ ଓ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲେ। ଲରି ମାଲିକଙ୍କ ଆକ୍ରମଣରେ ସାଇ ଲକ୍ଷ୍ମୀ ନରସିଂହ ମିଲ୍ ମାଲିକ ନାରାୟଣ ରାଓ ଏବଂ ସାଇ ବାଲାଜୀ ମିଲ୍ ମାଲିକ ଶିବ କୁମାର ଗୁରୁତର ଆହତ ହୋଇଥିଲେ। ସେହିପରି ନାରାୟଣ ରାଓଙ୍କ ବେକରୁ ସୁନା ଚେନ୍ ଓ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଉଭୟ ମିଲ୍ ମାଲିକ ଜୟପୁର ଲରି ସଂଘ ବିରୁଦ୍ଧରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଯୁଗଳ କିଶୋର ସ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ବୋରିଗୁମ୍ମା ମିଲର୍ସ ସଂଘ ସଭାପତି ଫିରୋଜ ଶତପଥୀ ଓ ସମ୍ପାଦକ ବାବୁଜୀ ରାଓଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କୋରାପୁଟରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଲରି ସଂଘର ଅଭିଯୁକ୍ତଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ଆଗାମୀ ଦିନରେ ମିଲର୍ସ ଅସୋସିଏସନ ଆନ୍ଦୋଳନ କରିବ ବୋଲି ସଭାପତି ଫିରଜ ଶତପଥୀ ଚେତାବନୀ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସପି ଅଭିନବ ସୋନକାର ମିଲର୍ସ ସଂଘକୁ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ବାବୁଜୀ ରାଓ ସୂଚନା ଦେଇଛନ୍ତି।



### ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲା ମିଲ୍ ମାଲିକ ସଂଘ

### ବୋରିଗୁମ୍ମାରେ ମିଲ ମାଲିକଙ୍କୁ ଆକ୍ରମଣ ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି, ୩ ଅଭିଯୁକ୍ତ ଥାନାରେ ଅଟକ

**ଜୟପୁର,୨୧।୨(ସମିସ)**

କୋରାପୁଟ ଜିଲ୍ଲା ବୋରିଗୁମ୍ମାଠାରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ମିଲ୍ ଉପରେ ଜୟପୁର ଲରି ମାଲିକ ସଂଘର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଚଢ଼ଉ କରିବା ସହ ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନାଚେନ୍ ଏବଂ ଟଙ୍କା ଲୁଟ୍ କରିଥିବା ନେଇ ବୋରିଗୁମ୍ମା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏବେ ଲରି ମାଲିକ ସଂଘ ଓ ଜିଲ୍ଲା ମିଲ୍ ମାଲିକ ସଂଘର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଲରି ମାଲିକ ସଂଘର କର୍ମକର୍ତ୍ତା ଗୁଣ୍ଡାରାଜ କରୁଥିବା ନେଇ ମିଲ୍ ମାଲିକ ସଂଘ ଅଭିଯୋଗ କରିଥିବାବେଳେ ମିଲ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ବରୁଦ୍ଧରେ ଲରି ମାଲିକ ସଂଘ ଗାଡ଼ି ଭଙ୍ଗାରୁଜା କରିଥିବା ନେଇ ପାଲଟା ଅଭିଯୋଗ ଆଣିଛନ୍ତି। ଏଭଳି ସ୍ଥିତିରେ ମିଲର ଡ୍ରାଇଭର ଏବଂ ଖଲାସୀଙ୍କୁ ଆକ୍ରମଣର ପ୍ରତିବାଦ କରି ଉଭୟ ମିଲ୍ ଡ୍ରାଇଭର ଏବଂ ଖଲାସୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାଦ୍ୱାରା ସରକାରଙ୍କଠାରୁ ଗ୍ରହଣ କରାଯାଇଥିବା ଧାନ କଷ୍ଟମ ମିଲିଂରେ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ୩ ଅଭିଯୁକ୍ତଙ୍କୁ ପୁଲିସ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ବୋରିଗୁମ୍ମାଠାରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ମିଲ୍ ଉପରେ ଜୟପୁର ଲରି ମାଲିକ ସଂଘର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଚଢ଼ଉ କରିବା ସହ ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନାଚେନ୍ ଏବଂ ଟଙ୍କା ଲୁଟ୍ କରିଥିବା ନେଇ ବୋରିଗୁମ୍ମା ଥାନାରେ ଅଭିଯୋଗ ହୋଇଥିଲା। ତୁରନ୍ତ ଆକ୍ରମଣକାରୀ ଲରି ମାଲିକ ସଂଘର ଅଭିଯୁକ୍ତ କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ୩୦ରୁ ଊର୍ଦ୍ଧ୍ୱ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ମିଲ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଜୟପୁର ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ମିଲ୍ ମାଲିକ ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମିଲ୍ ମାଲିକ ପହଞ୍ଚି ଲରି ମାଲିକ ସଂଘର କର୍ମକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଧବାର ଦାବି କରିଛନ୍ତି। ଜୟପୁର ଲରି ମାଲିକ ସଂଘର ସମ୍ପାଦକ ତଥା ବର୍ତ୍ତମାନର ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବୋରିଗୁମ୍ମାର କୁନ୍ଦ୍ରାଗୁଡ଼ା ସ୍ଥିତ ସାଇ ଲକ୍ଷ୍ମୀ ନୃସିଂହ ରାଇସ ମିଲର ମାଲିକ ପି. ନାରାୟଣ ରାଓଙ୍କୁ ତାଙ୍କ ମିଲ୍ ପରିସରରେ ଆକ୍ରମଣ ହୋଇଥିବା ଏବଂ ନୂଆଗାଁ ସାଇ ବାବା ରାଇସ ମିଲ୍ ମାଲିକ ବି. ଶିବକୁମାରଙ୍କୁ ତାଙ୍କ ମିଲ୍ ସମ୍ମୁଖ ଫାଟକ ନିକଟରେ ମାଡ଼ ମାରିବା ସହିତ ସୁନାଚେନ୍ ଏବଂ ୫୦ ହଜାର ଟଙ୍କା ଲୁଟ୍ କରାଯାଇଥିବା ନେଇ ଜିଲ୍ଲା ମିଲ୍ ମାଲିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବୋରିଗୁମ୍ମା ଥାନାରେ ଦୁଇଟି ପୃଥକ ପୃଥକ ଅଭିଯୋଗ କ୍ରମେ ଆକ୍ରମଣକାରୀ ଜୟପୁର ଲରି ସଂଘର କର୍ମକର୍ତ୍ତା ସୁରିଆ ରାଓ, କେ.ଡାଲ ନାଇଡୁ ଏବଂ ଅନ୍ୟାନ୍ୟ ୫୦ ଜଣଙ୍କ ନାମରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଜୟପୁର ଲରି ମାଲିକ ସଂଘର ସମ୍ପାଦକ ନରେନ୍ଦ୍ର ମହାନ୍ତି ପାଲଟା ମିଲ୍ ମାଲିକମାନେ ସ୍ଥାନୀୟ ଗୁଣ୍ଡାଙ୍କୁ ନେଇ ସଂଘର ସଦସ୍ୟମାନଙ୍କ ଉପରେ ଆକ୍ରମଣ କରିଥିବା ଏବଂ ସେମାନଙ୍କ ଚାରିଚକିଆ ଯାନଗୁଡ଼ିକୁ ଭାଙ୍ଗିରୁଜି ଦେଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ଏବଂ ସିସିଟିଭି ଫୁଟେଜ ଅନୁଧ୍ୟାନ କରାଯାଇ ପ୍ରକୃତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।



## ଶ୍ରୀମିନାଝୋଲା ଶୈବପୀଠରେ ଭୋଜନାଳୟ ଗୃହ ସମର୍ପଣ



**ଚନ୍ଦ୍ରପୁର,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତ ଅଧୀନ ମିନାଝୋଲା ଶୈବପୀଠରେ ତଥା ମାଘ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଭକ୍ତ ତରୁଣୀକୁମାର ଚୌଧୁରୀଙ୍କ ସ୍ୱର୍ଗତଃ ପିତା କୋମଳଲୋଚନ ଚୌଧୁରୀ ଓ ମାତା ସ୍ୱର୍ଗତଃ କନକଲତା ଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନସାଧାରଣ ଓ ଭକ୍ତଙ୍କ ପାଇ ଭୋଜନାଳୟ ଗୃହ ଅର୍ପଣ କରିଛନ୍ତି। ଆଶ୍ରମର ମୁଖ୍ୟ ସ୍ୱାମୀ ଜନୋକାନନ୍ଦ ଗୀରି ଓ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ହୋମଯଜ୍ଞ ଆଦି ପୂଜା କାର୍ଯ୍ୟ କରାଯାଇ ପ୍ରାସାଦସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତାଭାବେ ତରଣୀ କୁମାର ଚୌଧୁରୀ ଓ ଅନିତା ଚୌଧୁରୀ ଏବଂ ମୁଖ୍ୟ ପୁରୋଧା, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରାୟ ଶତାଧିକ ଭକ୍ତ ଯୋଗଦେଇଥିଲେ। ଏହି ଭୋଜନାଳୟ କୋଠାଘର ଭକ୍ତଙ୍କ ପାଇଁ ଅର୍ପଣ କରିଥିବାରୁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ବେଣ୍ଟ ଶିକାର ବନ୍ଦ ଓ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ମାଥିଲି,୨୧।୨(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଟେମ୍ପୁରୁପାଲି ଗ୍ରାମ ପଞ୍ଚାୟତ (ତୁଳସୀ ପାହାଡ଼) ଠାରେ ଜଙ୍ଗଲ ଜୀବଜନ୍ତୁ, ପକ୍ଷୀ ସୁରକ୍ଷା ଓ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ମାଥିଲି ବନାଞ୍ଚଳ ସାଲିମି ସେକ୍ସନ ତରଫରୁ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ସଭାରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଟେମ୍ପୁରୁପାଲି ପଞ୍ଚାୟତର ସରପଞ୍ଚ ତୁମେଶ୍ୱର ସମରଥ ଓ ଡମ୍ବରୁଧର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନିଜ ଆଞ୍ଚଳିକ ହାଲଭି ଭାଷାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲରେ ନିଆଁ ନ ଲଗେଇବା ସହ ବେଣ୍ଟ ଶିକାର ନ କରିବା ପାଇଁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା କର୍ମଚାରୀମାନେ ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା ଓ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସେହିପରି ଦିବାକର ଜେନା, ସାଲିମି ବନପାଳ ମଞ୍ଚ ପରିଚାଳନା କରିଥିଲେ। ଟେମ୍ପୁରୁପାଲି ଗ୍ରାମ ପଞ୍ଚାୟତର ପୂଜାରୀଗୁଡ଼ା, ତୁଳସୀ କେରମେଟି, ସର୍ଗିଗୁଡ଼ା, କଟେପାଲି, ଜନ୍ଦ୍ରଗୁଡ଼ା, କାଇକିଗୁଡ଼ା, କଦମଗୁଡ଼ା, କଇଁସରିପୁଟ ଆଦି ଗ୍ରାମରୁ ପ୍ରାୟ ୫୦୦ ଗ୍ରାମବାସୀ ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ଶ୍ରୀ ନାୟକ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ବେଣ୍ଟ ଶିକାର ବନ୍ଦ ଓ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା ଅଭିଯାନ କରାଯିବ ବୋଲି ମତ ଦେଇଥିଲେ।



## ବାଲ୍ୟସାଇ ବିଶ୍ୱଶାନ୍ତି ନାମଯଜ୍ଞ ଆରମ୍ଭ



**ଚନ୍ଦ୍ରପୁର,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଅନ୍ତର୍ଗତ ଡାଙ୍ଗସରଡ଼ା ପଞ୍ଚାୟତ ଶିବମନ୍ଦିର ପରିସରରେ ପଣ୍ଡିତ ସୀତାରାମ ପାଣିଗ୍ରାହୀ ଓ ବାବା ଦିବ୍ୟ ଯୁବରାଜ ଗୀରିଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ନାମଯଜ୍ଞ ଆରମ୍ଭ ହୋଇଯାଇଛି। ବଂଶଧାରା ନଦୀରୁ ମହିଳାମାନେ ଜଳ ଆଣି ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। କର୍ତ୍ତାଭାବେ ବ୍ରଜମୋହନ ପାତ୍ର ଓ ରଶ୍ମିତା ପାତ୍ର ପୂଜା କର୍ମରେ ରହିଥିବାବେଳେ ପୁରୋହିତ ଭାବେ ସୀତାରାମ ପାଣିଗ୍ରାହୀ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ତୁଳସୀ ବରଣ, ଚୈତନ୍ୟ ପୂଜା ଓ ହରି ନାମ ସଙ୍କୀର୍ତ୍ତନ କରି ପୂଜା ଆରମ୍ଭ କରିଥିଲେ। ହରି ନାମ ସଙ୍କୀର୍ତ୍ତନରେ ୮ଟି ଦଳ ଭାଗ ନେଇଛନ୍ତି। ଡାଙ୍ଗସରଡ଼ା କୁଟ୍ରାଗଡ଼, ବାଲକାବାଜୁ, ଦୁର୍ଗାପଙ୍ଗା, ଡେଲାପଡ଼ା, ଲୁଣ୍ଡୁରୁବାଡ଼ି ଓ ହେମ୍ବୁରୁ ଗ୍ରାମର ସଙ୍କୀର୍ତ୍ତନ ଦଳ ନାମ ଯଜ୍ଞ କରିଥିବାବେଳେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ୨୪ ତାରିଖରେ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କରାଯାଇ ନାମଯଜ୍ଞ ସମାପନ କରାଯିବ ବୋଲି ପଣ୍ଡିତ ସୀତାରାମ ପାଣଗ୍ରାହୀ କହିଛନ୍ତି। ଏହି ବାଲ୍ୟସାଇ ବିଶ୍ୱଶାନ୍ତି ମହାଯଜ୍ଞରେ ଶ୍ରୀମିନାଝୋଲା ଜନକଲ୍ୟାଣ ଆଶ୍ରମର ବାବା ଯୋନକାନନ୍ଦ ଗିରୀ ଓ ଦିବ୍ୟ ଯୁବରାଜ ଗୀରି ଉପସ୍ଥିତ ରହି କଳସ ଯାତ୍ରା ଆରମ୍ଭ କରିଥିଲେ। ଦୟାନିଧି ପାତ୍ର, ବିଷ୍ଣୁ ପାତ୍ର, ରବୀନ୍ଦ୍ର କୁମାର ପ୍ରଧାନ, ପଙ୍କଜ ଦଣ୍ଡସେନା, ପ୍ରଭାକର ପାତ୍ର ରମେଶ ପଣ୍ଡା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୧୩୮୫୫ ହିତାଧିକାରୀଙ୍କୁ ପେନସନ୍ କାର୍ଡ ଓ ବର୍ଦ୍ଧିତ ଭତ୍ତା ପ୍ରଦାନ



**ବୋରିଗୁମ୍ମା,୨୧।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ମଧୁବାବୁ ପେନ୍‌ସନ୍ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଗତ ସମସ୍ତ ଭତ୍ତା ହିତାଧିକାରୀଙ୍କୁ ଫେବୃଆରୀର ବର୍ଦ୍ଧିତ ଭତ୍ତାରାଶି ବୁଧବାର ପ୍ରଦାନ କରାଯାଇଛି। ବୋରିଗୁମ୍ମା ପଞ୍ଚାୟତ ସମେତ ବୋଡିଗାଁ, ବି. ସିଂହପୁର, ଜୁଝାରୀ, ହୋରଦଳି, କାମତା, କୁମୁଲି, କାଠରଗଡ଼ା, ରଣସପୁର, ସେମଳାଗୁଡ଼ା, କଣାଗାଁ, ମାଲଦା, ସାନପୋରିଆ ଓ ଡେଙ୍ଗପଦର ପଞ୍ଚାୟତ କାର୍ଯ୍ୟାଳୟରେ ୧୩୮୫୫ ଜଣ ନୂତନ ହିତାଧିକାରୀଙ୍କୁ ଚୟନ କରାଯାଇ ପେନ୍‌ସନ୍ କାର୍ଡ ଓ ବର୍ଦ୍ଧିତ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷା ଦିପ୍ତିମୟୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କାନ୍ଧାକେଲ, କୋଟପାଡ଼ ବିଧାୟକ ପ୍ରତିନିଧି ନରେନ୍ଦ୍ର ବିଷୋୟୀ, ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ପ୍ରସାଦ ଚନ୍ଦ୍ର ବିଡ଼ିକା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏହି ବର୍ଦ୍ଧିତ ଭତ୍ତା ଓ ନୂତନ ଭାବେ ପାଇଥିବା ହିତାଧିକାରୀ ଭତ୍ତା ପାଇଁ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ‘ସାମାଜିକ ନ୍ୟାୟ ଦିବସ’

**ଉମରକୋଟ,୨୧।୨(ସମିସ):**

ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ମଙ୍ଗଳବାର ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଓକିଲ ଅଶୋକ କୁମାର ପାଢ଼ୀ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥାରେ ମହିଳା ଓ ଗରିବ ଲୋକଙ୍କ ପାଇଁ କ’ଣ ବ୍ୟବସ୍ଥା ରହିଛି ତାହା ବର୍ଣ୍ଣନା କରିଥିଲେ। ଏଥିସହ ସାଧାରଣ ଲୋକଟିଏ କିପରି ସରକାରଙ୍କ ସହାୟତାରେ ଓ ବିନା ଖର୍ଚ୍ଚରେ ନିଜ ପାଇଁ ଲଢ଼ିପାରିବ ସେ ସମ୍ପର୍କରେ ବୁଝାଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଓକିଲ ତଥା ସାମ୍ବାଦିକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଯୋଗଦେଇ ପରିବାରସ୍ତରରୁ ଏବଂ ସମାଜରେ କିଭଳି ନିଜ ଭିତରେ ସୁସମ୍ପର୍କ ବଜାୟ ରଖିଲେ ସମସ୍ତଙ୍କୁ ସାମାଜିକ ଅଧିକାର ଓ ସାମାଜିକ ନ୍ୟାୟ ମିଳିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ଯୋଗଦେଇ ସ୍ୱାଗତ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସହ ସମାଜ ଗଠନରେ ସେମାନଙ୍କ ଭୂମିକା କ’ଣ ରହିବ ସେ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ସଞ୍ଜୟ କୁମାର ପରିଡ଼ା ପିଲାମାନଙ୍କୁ ପାଠପଢ଼ା ସହ ସମାଜରେ ସମସ୍ତଙ୍କୁ କିପରି ସମାନ ନ୍ୟାୟ ମିଳିପାରିବ ସେ ବିଷୟରେ ଛାତ୍ରଛାତ୍ରୀ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଟ୍ରେନିଂ ଅଫିସର ପିକେ ବର୍ମନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମରେନ୍ଦ୍ର ପଣ୍ଡା, ଇପ୍ସିତା ସାମଲ, ସିଂରାଇ ମୁର୍ମୁ, ନୀଳକଣ୍ଠ ମିଶ୍ର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ପାଲ୍, ସଂଯୁକ୍ତା ଡାକୁଆ, ପ୍ରଦୋଷ ମହାପାତ୍ର ଓ ସୁରଜ ସାମନ୍ତ ସିଂହାର ସହଯୋଗ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଶୋକ କୁମାର ପାଢ଼ୀ ଓ କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ଅଗ୍ନିଶମ ବାହିନୀର କାର୍ଯ୍ୟବନ୍ଦ ଆନ୍ଦୋଳନ



**ବିଷମକଟକ,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ତରଫରୁ ଦୁଇ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଓ ଧର୍ମଘଟ ଡାକରା ଦିଆଯାଇଛି। ବିଷମକଟକ ଅଗ୍ନିଶମ ବାହିନୀର ଜାକ ଡିଗାଲ, ସଞ୍ଜୀବ କୁମାର ପ୍ରଧାନ, ପ୍ରଦୀପ କୁମାର ସ୍ୱାଇଁ, ପ୍ରମୋଦ କୁମାର ଶବର, ଭୂଜନ ମାଝୀ, ପଞ୍ଚାନନ ଗଡ଼ତିଆ, ଦାଶରଥି ପଡ଼ିହାରି, ଆଶୁତୋଷ ପ୍ରଧାନ ଓ ଦାଶରଥୀ ମାଝୀଙ୍କ ଉପସ୍ଥିତିରେ ଏହି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ଜାରି ରଖିଛନ୍ତି। ଜୀବନକୁ ବାଜି ଲଗାଇ ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ ଲୋକଙ୍କ ଧନଜୀବନ ସୁରକ୍ଷା ଦେଉଥିବା ଅଗ୍ନିଶମ ବାହିନୀର କର୍ମଚାରୀ ଏବେ ଧର୍ମଘଟରେ ବସିଛନ୍ତି। ପୂର୍ବରୁ ୨୦୧୮ରେ ଅଗ୍ନିଶମ ବାହିନୀ ପକ୍ଷରୁ ମଧ୍ୟ କାର୍ଯ୍ୟ ବନ୍ଦ କରାଯାଇଥିଲା। ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଡାକରା ଦେବା ସହ ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟସ୍ତ ଘଟେ ସେଥିରେ ଅଗ୍ନିଶମ ବାହିନୀ ଯୋଗଦେବେ ନାହିଁ ବୋଲି କହିଛନ୍ତି।

# ବଣ୍ଡା ସମ୍ପ୍ରଦାୟର ମା’ ଦାମଲଦେଈଙ୍କ ଯାତ୍ରା



**ମାଥିଲି,୨୧।୨(ସମିସ)**

ଆଦିବାସୀ ଆଦିଭୂମି ମାଲକାନଗିରିର ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ପବିତ୍ର ପାଟଖଣ୍ଡା ଯାତ୍ରା ଆରମ୍ଭ ହୋଇଛି। ଯାହାକୁ ନେଇ ଭଜନ କୀର୍ତ୍ତନରେ ଦୁଲିକିଛି ଖଇରପୁଟ। ସହର ପରିକ୍ରମାରେ ମା’ ଆସୁଥିବାରୁ ଘର ଦାଣ୍ଡ ଅଗଣାରେ ଫୁଲ ଦୀପ ଧରି ମା’ଙ୍କୁ ଦର୍ଶନ କରିଛନ୍ତି ହଜାର ହଜାର ଭକ୍ତ। ବର୍ଷ ବର୍ଷ ଧରି ଚାଲିଆସୁଥିବା ଏହି ଯାତ୍ରା ଆନୁକୂଲ୍ୟରେ ଖଇରପୁଟ ବ୍ଲକ୍ ତଥା ମାଲକାନଗିରି ମାଟିର ଆରାଧ୍ୟା ଦେବୀ ମା’ ଦାମଲଦେଈଙ୍କ ତିନି ଦିନ ବ୍ୟାପୀ ମହାଯାତ୍ରା ଅନୁଷ୍ଠିତ ହେଉଛି। ବଣ୍ଡା ପାହାଡ଼ର ପାଦଦେଶରେ, ଖଇରପୁଟ ସଦର ନିକଟସ୍ଥ ପବିତ୍ର ଆମାକୁଣ୍ଡ ଝରଣା କୂଳରେ ଦେବୀ ଦାମଲଦେଈ ମା’ଙ୍କ ଅବସ୍ଥାନ। ବିଧି ଅନୁସାରେ, ପୁରାଣ ବର୍ଣ୍ଣିତ ଏହି କିମ୍ବଦନ୍ତୀ ପୀଠରେ ପବିତ୍ର ଦାମଲଦେଈ ଯାତ୍ରା ପ୍ରତ୍ୟେକ ବର୍ଷ ମାଘ ପୂର୍ଣ୍ଣିମା ପୂର୍ବ ସୋମବାର ଆମାକୁଣ୍ଡ ନିକଟସ୍ଥ ମାଳିକାଟେଣୀ ନାମକ ସ୍ଥାନରୁ ଦେବୀ ଦାମଲଦେଈଙ୍କୁ ଶୋଭାଯାତ୍ରାରେ ବରଣ କରି ଖଇରପୁଟ ମନ୍ଦିରକୁ ଅଣାଯାଇଥାଏ। ଏହି ଐତିହାସିକ ମୁହୂର୍ତ୍ତରେ ଦେବୀଙ୍କ ଉଦ୍ଦେଶ୍ୟରେ ପଶୁ ବଳି ଓ ପକ୍ଷୀମାନଙ୍କୁ ଉତ୍ସର୍ଗ କରାଯାଏ। ପ୍ରବାଦ ରହିଛି ଭଗବାନ ରାମଚନ୍ଦ୍ରଙ୍କ ବନବାସ ସମୟରେ ପ୍ରଭୁ ରାମଚନ୍ଦ୍ର ମାତା ସୀତାଙ୍କ ସହ ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ଏହି ଦଣ୍ଡକାରଣ୍ୟ ଅଞ୍ଚଳରେ ଅବସ୍ଥାନ କାଳରେ ମା’ ଦାମଲଦେଈଙ୍କୁ ପୂଜାର୍ଚ୍ଚନା କରି ଆରାଧନା କରୁଥିଲେ। ଲୋକକଥା ଓ ଜନବିଶ୍ୱାସ ଅନୁସାରେ ଏହି ଅଗନାଅଗନି ଅରଣ୍ୟ ମଧ୍ୟରେ ହିଂସ୍ରଜନ୍ତୁ, ରୋଗ ବଇରାଗରୁ ରକ୍ଷା ପାଇବା ପାଇଁ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟ ଓ ଅନ୍ୟାନ୍ୟ ଆଦିବାସୀ ଜନଜାତି ମା’ ଦାମଲଦେଈଙ୍କ ଆଶୀର୍ବାଦ ପାଇବା ପାଇଁ ଏହି ଐତିହାସିକ ଯାତ୍ରା ଆୟୋଜନ କରନ୍ତି। ପାଟଖଣ୍ଡା ମହାପ୍ରଭୁଙ୍କ ଭଉଣୀ ଭାବରେ ପରିଚିତା ମା’ ଆଦ୍ୟାଶକ୍ତି ଦାମଲଦେଈଙ୍କ ଅଲୌକିକ ଶକ୍ତିର ପ୍ରଭାବରେ ଆମାକୁଣ୍ଡ ଝରଣାରୁ ସ୍ଥାନୀୟ ଆଦିବାସୀମାନେ ମାଛ ଧରନ୍ତି ନାହିଁ କି ଖାଆନ୍ତି ନାହିଁ। ଏଠାରେ ଦାମଲଦେଈଙ୍କ ସହ ବରୁଆଦେଈ, କନକଦେଈ, ପାତକଦେଈ, ସିକିଲୋରଦେଈଙ୍କ ସହ ମହାପ୍ରଭୁ ଜଳେଶ୍ୱର, ତ୍ରିନାଥ ଏବଂ ସପ୍ତର୍ଷିଙ୍କର ପୂଜା ମଧ୍ୟ କରାଯାଏ। ବଣ୍ଡା ଘାଟିର ସମତଳ ଶଯ୍ୟାରେ ପବିତ୍ର ଦାମଲଦେଈଙ୍କ ପୀଠରେ ତିନି ଦିନ ଧରି ମେଳା ଅନୁଷ୍ଠିତ ହୁଏ। ଏହି ଯାତ୍ରାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଦାମଲଦେଈ ପୂଜା କମିଟିର କର୍ମକର୍ତ୍ତା, ଖଇରପୁଟ ବ୍ଲକ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମାଲକାନଗିରି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖଇରପୁଟ ବ୍ଲକ୍ ଡ୍ରାଇଭର ସଙ୍ଘ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।



# ପୌରାଣିକ ଆଲୁରୁ ମୁଠା ମାଉଳୀ ମା’ଙ୍କ ଯାତ୍ରା

**ମାଲକାନଗିରି,୨୧।୨(ସମିସ):** ମାଲକାନଗିରି ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟରେ ଅନେକ ଯାତ୍ରା ଓ ପୂଜା ହୋଇଥାଏ। ଜିଲ୍ଲାଟି ଆଦିବାସୀ ବହୁଳ ହୋଇଥିବାବେଳେ ଏହି ରୀତିନୀତି ଅନୁଯାୟୀ ଜିଲ୍ଲାର ଚାଲାଣଗୁଡାଠାରେ ଆଲୁରୁ ମୁଠା ମାଉଳୀ ମା’ଙ୍କ ଯାତ୍ରା ମଧ୍ୟ ଆବାହନ କାଳରୁ ପାଳିତ ହୋଇ ଆସୁଥିବାବେଳେ ଚଳିତ ବର୍ଷ ମଧ୍ୟ ଏହି ଯାତ୍ରା ବହୁ ଆଡ଼ମ୍ବର ସହକାରେ ଆରମ୍ଭ ହୋଇଯାଇଛି। ମାଘ ମାସ ଶୁକ୍ଳ ଦଶମୀ ତିଥିରେ ମାଉଳୀ ମା’ଙ୍କୁ ନୂଆଗୁଡ଼ା ପୁରୋହିତ ଘରୁ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ବିମାନରେ ବିଜେ କରାଇ ଚାଲାଣଗୁଡା ଶକ୍ତି ପୀଠରେ ମା’ଙ୍କୁ ସ୍ଥାପନା କରିଥିଲେ। ହଜାର ହଜାର ଭକ୍ତଙ୍କ ଗହଳରେ ପାରମ୍ପରିକ ଆଦିବାସୀ ବାଦ୍ୟ, ତୁରୀ ଓ ମା’ଙ୍କ ଜୟଗାନ ନାଦରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଶିରୁଆ ତଥା ପୂଜକମାନେ ହାତରେ ମୟୂର ପୁଚ୍ଛ ଧରି ମା’ଙ୍କ ସମ୍ମୁଖରେ କାଳିସୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଯାତ୍ରାରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ମାଉଳୀ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରିଥିଲେ। ଏହି ଯାତ୍ରା ପାଇଁ ଆଲୁରୁ ମୁଠାର ୪୦ ଖଣ୍ଡ ଗ୍ରାମରୁ ଲାଠି ଦେବତା ଏବଂ ଗ୍ରାମଦେବୀଙ୍କ ମିଳନ ହୋଇଥାଏ। ମାରିୱାଡା ମୁଠାକୁ ଏହି ଯାତ୍ରା ଲାଗି ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇଥାଏ। ଏହି ଯାତ୍ରା ଏକ ବର୍ଷ ବ୍ୟବଧାନରେ ଚାଲାଣଗୁଡ଼ା ଶକ୍ତି ପୀଠରେ ଆଦିବାସୀ ପୂଜକମାନଙ୍କ ଦ୍ୱାରା ପାଳନ କରାଯାଇଥାଏ। ଏହି ଯାତ୍ରାକୁ ପରିଚାଳନା ଏବଂ ଶୃଙ୍ଖଳିତ କରିବା ପାଇଁ ଆଲୁରୁ ମୁଠା ମାଉଳୀ ମା’ ପୂଜା କମିଟି ଗଠନ କରାଯାଇଥିଲା। ପୂଜା କମିଟିର ସଭାପତି ଇର୍ମା ପଡିଆମୀ, ଚାଲାଣଗୁଡ଼ା ସରପଞ୍ଚ ତଥା ପୂଜା କମିଟି ସମ୍ପାଦକ ଅରକ୍ଷିତ ନାୟକ, ଉପସଭାପତି ସୀତାରାମ ଦୁରୁଆ, ପୂଜାରୀ ପ୍ରଦୀପ କୁମାର ଧାରୁଆ, ପ୍ରଫୁଲ୍ଲ କୁମାର ପଣ୍ଡା, ଇନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର ଜେନା ଓ ଅନ୍ୟମାନେ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦିଗରେ ପଦକ୍ଷେପ ନେଇଥିଲେ।

## ବର୍ଦ୍ଧିତ ପେନସନ୍ ପାଇ ଖୁସି ହେଲେ ବରିଷ୍ଠ ନାଗରିକ



**ପଟ୍ଟାଙ୍ଗି,୨୧।୧(ସମିସ):** ଓଡ଼ିଶା ସରକାର ଜାତୀୟ ସାମାଜିକ ସହାୟତା ଯୋଜନାରେ ସମସ୍ତ ଭତ୍ତା ହିତାଧିକାରୀଙ୍କୁ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ମଧୁବାବୁ ପେନସନ୍ ଯୋଜନାରେ ସମସ୍ତ ହିତାଧିକାରୀ ବର୍ଦ୍ଧିତ ୧୦୦୦, ୧୨୦୦ ଏବଂ ୧୪୦୦ ଟଙ୍କା ପାଇ ଖୁସି ହୋଇଛନ୍ତି। ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସାମାଜିକ ସହାୟତା ଯୋଜନାରେ ସମସ୍ତ ଭତ୍ତା ଏବଂ ମଧୁବାବୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଟ୍ଟାଙ୍ଗି ପଞ୍ଚାୟତ ସମିତିର ୧୪ଟି ପଞ୍ଚାୟତ ତଥା ପଟ୍ଟାଙ୍ଗି, ଗାଙ୍ଗରାଜପୁର, ମାଳିପୁଟ, ନୂଆଗାଁ, କୋଟିଆ, ଦେଓପଟ୍ଟାଙ୍ଗି, ପୁକାଲି, ଚନ୍ଦକା, ଗାଙ୍ଗରାଜପୁର, ସୁଙ୍କି, ସାମ୍ବାଇ, ତଳଗୋଲୁର୍, ଆମ୍ବାବିଲି, ରାଲେଗଡ଼ା ପଞ୍ଚାୟତରେ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିପିଓ ଦିବାକର ପୁରୋହିତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିବା ନେଇ ଜଣାପଡ଼ିଛି। ବରିଷ୍ଠ ନାଗରିକମାନେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇ ଖୁସି ହେଉଥିବା ନଜରକୁ ଆସିଥିଲା। ପ୍ରତ୍ୟେକ ସ୍ଥାନରେ ସୁରୁଖୁରୁରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ନେଇ ଜଣାପଡ଼ିଛି।

### ରେଳ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିରେ ବାଧକ ସାଜିଛି ଭୂ-ଅର୍ଜନ କର୍ମଚାରୀଙ୍କ ବଦଳି

# କାର୍ଯ୍ୟାଳୟ ପ୍ରତିଷ୍ଠାର ୭ ବର୍ଷରେ ବଦଳିଲେଣି ୯ ଅଧିକାରୀ

**ଜୟପୁର,୨୧।୨(ସମିସ)**

କୋରାପୁଟ ଜିଲ୍ଲା ଜୟପୁରଠାରେ ରହିଥିବା ସ୍ୱତନ୍ତ୍ର ଭୂ-ଅର୍ଜନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ବାରମ୍ବାର ବଦଳି ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିରେ ଏବେ ବାଧକ ସାଜିଛି। କର୍ମଚାରୀମାନଙ୍କ ବାରମ୍ବାର ବଦଳି ଯୋଗୁଁ ଏବେ ରେଳ ପ୍ରକଳ୍ପ କାର୍ଯ୍ୟ ଧିମେଇବା ସହ ରେଳ ଧାରଣା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ସମସ୍ୟା ସୃଷ୍ଟି ହୋଇଛି। ଯାହାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସୂଚନାପ୍ରକାରେ, ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ରେଳ ଧାରଣା ନିର୍ମାଣ କରିବାକୁ ଜମି ଅଧିଗ୍ରହଣ କରିବାକୁ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୨୦୧୭ରେ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା ଏବଂ ଜଣେ ଅବସରପ୍ରାପ୍ତ ବରିଷ୍ଠ ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାପରେ ରାଜ୍ୟ ପ୍ରଶାସନିକ ଅଧିକାରୀ ଭାବେ ଏହି ୭ ବର୍ଷ ମଧ୍ୟରେ ୭ ଜଣ ଅଧିକାରୀ ନିଯୁକ୍ତି ପାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଜୟପୁର-ନବରଙ୍ଗପୁର ମାତ୍ର ୪୦ରୁ ୪୫ କିଲୋମିଟର ରେଳଧାରଣା ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ଏଯାଏଁ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଜୟପୁର-ମାଲକାନଗିରି ୧୧୦ କିଲୋମିଟର ରେଳଧାରଣା ନିର୍ମାଣ ପାଇଁ କେବଳ ବୈପାରୀଗୁଡ଼ା ବ୍ଲକରେ ୪୦ଟି ଗ୍ରାମର ସର୍ଭେ କରାଯାଇ ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ରିପୋର୍ଟ ପ୍ରଦାନ କରାଯାଇଛି। କିନ୍ତୁ ମାଲାକାନଗିରି ଜିଲ୍ଲାରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନାହିଁ। କେବଳ ପୂର୍ବତନ ଜମି ଅଧିଗ୍ରହଣକାରୀ ଅଧିକାରୀ ସୂରଜ କୁମାର ପଟ୍ଟନାୟକଙ୍କ ୧୧ ମାସ କାର୍ଯ୍ୟକାଳ ମଧ୍ୟରେ ଜୟପୁର-ନବରଙ୍ଗପୁର ରେଳଧାରଣା ନିମନ୍ତେ ବହୁ ମାତ୍ରାରେ ଜନଶୁଣାଣି ଏବଂ ଜୟପୁର-ମାଲକାନଗିରି ରେଳଧାରଣା ପାଇଁ ବୈପାରୀଗୁଡ଼ା ବ୍ଲକରେ ଅଧିଗ୍ରହଣ ଜମି ଚିହ୍ନଟ ହୋଇପାରିଥିଲା। କିନ୍ତୁ ଅନ୍ୟାନ୍ୟ ଅଧିକାରୀମାନେ ନାମକୁ ମାତ୍ର ଅତିରିକ୍ତ ଦାୟିତ୍ୱରେ ରହିଥିବା ଯୋଗୁଁ ଏହି କାର୍ଯ୍ୟାଳୟର କାର୍ଯ୍ୟ ଅଧିଗ୍ରହଣ ଉପରେ ଅଧିକ ଧ୍ୟାନ ଦେଇ ନ ଥିଲେ। ଅନ୍ୟପକ୍ଷରେ ରେଳଧାରଣା ନିମନ୍ତେ ରେଳ ବଜେଟରେ ଟଙ୍କା ପ୍ରଦାନ ନେଇ ଘୋଷଣା କରାଯାଉଥିଲେ ସୁଦ୍ଧା ଅଧିଗ୍ରହଣ ଓ ଜନଶୁଣାଣିରେ ବିଳମ୍ବିତ ଯୋଗୁଁ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳଧାରଣା ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଏନେଇ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।




## ରାମନାଗୁଡ଼ାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ରାମନାଗୁଡ଼ା,୨୧।୨(ସମିସ):**



ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାମନାଗୁଡ଼ା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରଦ୍ୟୁମ୍ନ ମଣ୍ଡଳ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ଗୋପାଳ ଚନ୍ଦ୍ର ମିଶ୍ର, ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ଥାମସ କୁମାର ତାଣ୍ଡାସି, ପ୍ରୋଗ୍ରାମ ସହାୟକ, ଦିବ୍ୟଜିତ ଉଲାକା, ସନ୍ତୋଷ କୁମାର ରହ୍ମାଲୁ, ଗୋଷ୍ଠୀ ସଂଯୋଜକ, ଗ୍ରାମୀଣ ଗୃହ ଏବଂ ବ୍ଲକ କର୍ମଚାରୀ ରାମନାଗୁଡ଼ା ପଞ୍ଚାୟତ ସମିତି, ଭୀମ ଭୋଇ ସାମର୍ଥ୍ୟ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମନାଗୁଡ଼ା ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୨୦ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୧୦୭ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତଥା ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ୩ ଜଣଙ୍କ ଡିଆରଆଇ ଋଣ ଫର୍ମ, ୧୧୬ ଜଣଙ୍କ ବସ୍ ପାସ୍, ୬୬ ଜଣଙ୍କ ଭିନ୍ନକ୍ଷମ ଉପକରଣ ଫର୍ମ ସଂଗ୍ରହ କରାଯାଇଥିଲା। ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୀମାଞ୍ଚଳ ମହାପାତ୍ର, ଥାମସ କୁମାର ତାଣ୍ଡାସି, ପ୍ରୋଗ୍ରାମ ସହାୟକ, ଦିବ୍ୟଜିତ ଉଲ୍ଲାକା, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ, କୋଲନରା ବ୍ଲକ୍ ଭିନ୍ନକ୍ଷମ ମହାସଂଘର ସଭାପତି ପ୍ରମୁଖ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୪୩୬ ଛାତ୍ରଛାତ୍ରୀ




**ବନ୍ଧୁଗାଁ,୨୧।୨(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ହୋଇଥିବା ୨ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୧ଟି ସ୍କୁଲର ୪୩୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ରଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଚଳିତ ବର୍ଷ ୪୪୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ପଞ୍ଜିକୃତ ହୋଇଥିବା ୪୩୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି ଓ ୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ପରୀକ୍ଷା କେନ୍ଦ୍ରକୁ ଆସି ନ ଥିବା ଜାଣିବାକୁ ମିଳିଛି। ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କାତୁଲପେଟାରୁ ୧୧, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କାନାଗାଁରୁ ୧୨, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏ ଜାଗୁଗୁଡ଼ାରୁ ୫, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମହାଗୁଡ଼ାରୁ ୫, ସରକାରୀ ଉଚ୍ଚ ବିଦ୍ୟାଳୟ କେ. ଜାଗୁଗୁଡ଼ାରୁ ୩୦, ଆଲମଣ୍ଡା ଉଚ୍ଚ ବିଦ୍ୟାଳୟ ଆଲମଣ୍ଡାରୁ ୩୪, ସରକାରୀ ଏସ୍ଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ନିଲାବାଡ଼ିରୁ ୪୯ ଓ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁମ୍ଭାରିପୁଟରୁ ୪୬ ଜଣଙ୍କୁ ମିଶାଇ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ଦୁଇ ଜଣ ଅନୁପସ୍ଥିତ ରହିଛନ୍ତି। ନିଲାବାଡ଼ି ସରକାରୀ ଏସ୍ଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବନ୍ଧୁଗାଁରୁ ୨୦୪, ବିଭୂତି ଶେଖର ବିଦ୍ୟାପୀଠ ଡୁମାଡଙ୍ଗରରୁ ୩୧ ଜଣ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କମ୍ବୁଗଣ୍ଡାର ୧୮ ଜଣଙ୍କୁ ମିଶାଇ ମୋଟ ୨୪୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି ଓ ୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇନାହାନ୍ତି। ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ଅଧୀକ୍ଷକ ଦାୟିତ୍ୱରେ ଦୁର୍ଗା ପ୍ରସାଦ ଚୌଧୁରୀ, ଉପଅଧୀକ୍ଷକ ଦାୟିତ୍ୱରେ ମଧୁସୂଦନ ବଡନାୟକ ରହିଥିବାବେଳେ ନିଲାବାଡ଼ି ସରକାରୀ ଏସ୍ଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଅଧୀକ୍ଷକ ଭାବେ ଜଗନ୍ନାଥ ପଟ୍ଟନାୟକ ଦାୟିତ୍ୱରେ ରହିଥିଲେ। ପର୍ଯ୍ୟବେକ୍ଷକ ଭାବେ ତହସିଲଦାର ସୋନାଲି ପାତ୍ର, ବିଇଓ ପ୍ରଫୁଲ୍ଲ କୁମାର ମିଶ୍ର ରହିଥିବାବେଳେ ବୋର୍ଡ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଏବିଇଓ ଈଶ୍ୱର ଚନ୍ଦ୍ର ମୁଦୁଲି ଓ ସିଡିପିଓ ଗୀତାଞ୍ଜଳି ମହାରଣା ଉପସ୍ଥିତ ରହି ପର୍ଯ୍ୟବେକ୍ଷଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ସୁନାବେଡ଼ା,୨୧।୨(ସମିସ):** ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଗତ ୭ ତାରିଖରେ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଶିବିରକୁ ପ୍ରାଚୀ ପରାଜିତ ପଣ୍ଡା ଏବଂ ଇତିଶ୍ରୀ ମହାରଣା ପରିଚାଳନା କରିଥିଲେ। ଆଠ ଦିନ ଧରି ଚାଲିଥିବା ଏହି ଶିବିରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ଓ ବିଜ୍ଞାନର ୨୩୫ ଛାତ୍ରୀ ତଥା ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀ ଯୋଗଦେଇ ତାଲିମ ହାସଲ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଛାତ୍ରୀମାନଙ୍କର ଆଧ୍ୟାତ୍ମିକ ବିକାଶ ଏବଂ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ପ୍ରାଚୀ ପରାଜିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଇତିଶ୍ରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ମମତା ଚୌଧୁରୀ, ଯଶୋଦା ମାଝୀ, ଦୀପ୍ତିରାଣୀ ବଡ଼ନାୟକ, ସୁରଞ୍ଜିତା ଜାନୀ ଏବଂ ରୀନା ଜାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ତାଲିମ ଗ୍ରହଣ କରିଥିଲେ। ଶେଷରେ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକଅଧ୍ୟାପିକା, ପ୍ରଶାନ୍ତ ସାମଲ, ଦେବଦତ୍ତ ମହାନ୍ତି, ମଧୁସ୍ମିତା କର, ରଜେଶ୍ୱର ପାଣିଗ୍ରାହୀ, ରଶ୍ମିତା ରାଉତ, ମହି ହନ୍ତାଳ ପ୍ରମୁଖ ସହଯୋଗ କରିଥିଲେ।

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପରିବାରକୁ ୧୦୦୦ ଜୀବିକା ସହାୟତା ରାଶି ପ୍ରଦାନ

**ନବରଙ୍ଗପୁର,୨୧।୨(ସମିସ):** ମଙ୍ଗଳବାର ନବରଙ୍ଗପୁର ଜିଲ୍ଲାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ପରିବାର ପିଛା ୧ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇ ହିତାଧିକରୀଙ୍କୁ ୧ ହଜାର ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଯେଉଁ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ଏହାଦ୍ୱାରା ସାରା



ଓଡ଼ିଶାବାସୀଙ୍କର ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସେ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ମଙ୍ଗଳବାରଠାରୁ ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଦୁଇଟି ପୌର ପରିଷଦର ୨୧୨ଟି ଏଫପିଏସ ସେଣ୍ଟରଠାରେ ବଣ୍ଟନ କରାଯିବ ଜୀବିକା ସହାୟତା ରାଶି। ଜିଲ୍ଲାର ମୋଟ ୩ ଲକ୍ଷ ୧୬ହଜାର ୬୦୩ ଜଣ ହିତାଧିକାରୀଙ୍କ ପରିବାରକୁ ୧ ହଜାର ଟଙ୍କା ଲେଖାଏଁ ମୋଟ ୩୧ କୋଟି ୬୬ ଲକ୍ଷ ୩ ହଜାର ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ପୌର ପରିଷଦର ୧୫ ନମ୍ବର ୱାର୍ଡ କାଉନସିଲର ନଗେନ୍ଦ୍ର କୁମାର ପଟ୍ଟନାୟକ, ମିଳନ ମାଝୀ, ବିଷ୍ଣୁ ପ୍ରସାଦ ରାଉତ ପ୍ରମୁଖଙ୍କ ସମେତ ପୌର ପରିଷଦର ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ସହାୟକ ଉପକରଣ ବିତରଣ



**କୋରାପୁଟ,୨୧।୨(ସମିସ):** କୋରାପୁଟ ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ୪୦ ଜଣ ଦିବ୍ୟାଙ୍ଗଙ୍କୁ ଏଆଇଡିପି ଯୋଜନା ସହାୟତାରେ ଭିନ୍ନକ୍ଷମ ସହାୟକ ଉପକରଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁମାର କଅଁର, କନିଷ୍ଠ ସହାୟିକା ପିଙ୍କି ଅତାରୀ ଏବଂ ସୁଶାନ୍ତ କୁମାର ବିରଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**କୋରାପୁଟ,୨୧।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଙ୍ଗଳବାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ନିମନ୍ତେ ୧୨୯ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ଥାୟୀ ପ୍ରଶାସନିକ ଭବନ ରହିଛି। ସୁନାବେଡ଼ା ସ୍ଥିତ ମୁଖ୍ୟ କ୍ୟାମ୍ପସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ସାଂସଦ ବସନ୍ତ କୁମାର ପଣ୍ଡା ଓ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅମୃତ କାଳ ସମୟରେ ବିଶ୍ୱବିଦ୍ୟାଳୟ ଭବିଷ୍ୟତରେ ଅଧିକ ସଫଳତା ହାସଲ କରିବ ବୋଲି ସେ କହିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ଭାରତ ସରକାରଙ୍କ ଏହି ଅନୁଦାନ ପାଇଁ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟର ପ୍ରଗତିରେ ନିରନ୍ତର ଉଦ୍ୟମ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ। ଦୁଇଟି ଏକାଡେମିକ ବ୍ଲକ, ଗୋଟିଏ ପ୍ରଶାସନିକ ଭବନ, ଗୋଟିଏ ପାଠାଗାର ଓ ଦୁଇଟି ହଷ୍ଟେଲ (ଛାତ୍ର ଓ ଛାତ୍ରୀ)ଙ୍କ ସମେତ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରି ମିଳିଛି। ଭବିଷ୍ୟତରେ ଚରଖା କେନ୍ଦ୍ର ପ୍ରତିଷ୍ଠା ସମେତ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି ବୋଲି ସେ କହିଛନ୍ତି। ସ୍ଥାନୀୟ ବେକାର ଲୋକଙ୍କୁ ଚରକା ମାଧ୍ୟମରେ ପୋଷାକ ପ୍ରସ୍ତୁତିରେ ନିୟୋଜିତ କରାଯିବ ଏବଂ ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଭବିଷ୍ୟତର ବିକାଶ ପାଇଁ କୃଷି, ଜଙ୍ଗଲ ପରିଚାଳନା, ପଶୁପାଳନ ଓ ଦୁଗ୍ଧ ଚାଷ ଏବଂ ଲଜିଷ୍ଟିକ୍ ଓ ଯୋଗାଣ ଶୃଙ୍ଖଳା ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶେଷରେ ପ୍ରଫେସର ଏନ୍.ସି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ନିର୍ଝରିଣୀ ତ୍ରିପାଠୀ ପରିଚାଳନା କରିଥିବାବେଳେ ଡିଏସଡବ୍ଲ୍ୟୁ ଆଇସି ଡ. ରମେନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍.ସି ପଣ୍ଡା, ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଏସ.କେ. ପଳିତା, ଶିକ୍ଷା ଅଧ୍ୟାପକ ପ୍ରଫେସର ବିକେ ପଣ୍ଡାଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




## ପିଡିଏସ୍ ହିତାଧିକାରୀଙ୍କ ମନ ମୋହୁଛି ଝୋଟ ବ୍ୟାଗ୍

**କୋଷାଗୁମୁଡ଼ା,୨୧।୨(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ପିଡିଏସ୍ ପ୍ରଦାନ କରାଯାଉଥିବା ଝୋଟ ବ୍ୟାଗ୍ ଏବେ ସେମାନଙ୍କର ମନ ମୋହୁଛି। ଏହି ବ୍ୟାଗ୍ ପାଇଁ ଏବେ କୋଷାଗୁମୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ସରପଞ୍ଚ ଡାଲିମ୍ବ ମାଝୀ ଝୋଟ ବ୍ୟାଗର ବିତରଣ ଆରମ୍ଭ କରିଥିଲେ। ଦୁର୍ଗମ ଓ ଗ୍ରାମାଞ୍ଚଳର ହିତାଧିକାରୀଙ୍କ ମଧ୍ୟରେ ଖୁସି ଦ୍ୱିଗୁଣିତ ହୋଇଛି। ପ୍ରତି କାର୍ଡଧାରୀଙ୍କୁ ଦୁଇଟି ବ୍ୟାଗ୍ ପ୍ରଦାନ କରାଯାଉଥିବାବେଳେ ଗୋଟିକରେ ଚାଉଳ ଓ ମାଣ୍ଡିଆ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ବ୍ୟାଗ୍ ପ୍ରଦାନ ଖୁସି ଆଣିଛି।



# ଦୁର୍ଗା ମନ୍ଦିର ଉନ୍ନତିକରଣ ପାଇଁ ଭୂମିପୂଜନ



**ସେମିଳିଗୁଡ଼ା,୨୧।୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରର ପୁରାତନ ଦୁର୍ଗା ମନ୍ଦିର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ଇତିମଧ୍ୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଦୁର୍ଗା ମନ୍ଦିର କମିଟି ଦ୍ୱାରା ମନ୍ଦିର ଉନ୍ନତିକରଣ ପାଇଁ କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ିଙ୍କ ପ୍ରୟାସରେ ସରକାରଙ୍କ ଦ୍ୱାରା ମନ୍ଦିର ଉନ୍ନତି ପାଇଁ ୧୦ ଲକ୍ଷ ମଞ୍ଜୁର ହୋଇଛି। ଦୁର୍ଗା ମନ୍ଦିର ଉନ୍ନତିକରଣ ପାଇଁ ଭୂମି ପୂଜନ ବୁଧବାର ସକାଳେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଓ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ମନ୍ଦିରର ପୂଜାରୀ ପ୍ରକାଶ ଚାନ୍ଦ୍ରପତି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟି ସଭାପତି ପ୍ରଦୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିବା ବାଙ୍ଗାରି, କମିଟି ସଭ୍ୟ ରାମ କୃଷ୍ଣ, ଭି.କିଶୋର, ବି. ସନ୍ତୋଷ, ଜି. ନାଗା ରାଜୁ, ବିଜେଡି ନେତା ଭଗବାନ ପେଟିଆ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍, ଦୁଇ ବିଧାୟକଙ୍କୁ ମନ୍ଦିର କମିଟି ଓ ସହରବାସୀ କୃତଜ୍ଞତା ଜଣାଇଛନ୍ତି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# 'ଏଏନ୍ଏମ୍ ନିଯୁକ୍ତି ଓ ଚାକିରି ନିୟମିତ ପାଇଁ ଆଦାୟ ହେଉଛି ଅର୍ଥ'

**ନବରଙ୍ଗପୁର,୨୧।୨(ସମିସ)**




ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି(ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଜିଲ୍ଲାପାଳ କମଳ ଲୋଚନ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ପଟ୍ଟନାୟକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଏହି ବୈଠକରେ ୧୭ଟି ବିଭାଗ ଉପରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ତେବେ ମୁଖ୍ୟତଃ ୪ଟି ବିଭାଗ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପରେ ଅଧ୍ୟକ୍ଷ ଓ ସଭ୍ୟମାନେ ବିଗିଡ଼ି ଥିଲେ। ବୈଠକରେ ଶ୍ରୀ ପାଢ଼ୀ ଗତ ଆଲୋଚନାର ମୁଖ୍ୟ ତଥ୍ୟଗୁଡ଼ିକ ଦିଆଯାଇ ନ ଥିବାରୁ କାଗଜ ଚିରି ଫୋପାଡ଼ି ଦେଇଥିଲେ । ଏଏନ୍ଏମ୍ ନିଯୁକ୍ତି, ଚାକିରି ନିୟମିତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ୩୦ରୁ ୪୦ ହଜାର ଟଙ୍କା ଲେଖାଏଁ ନେଉଥିବା ଅଭିଯୋଗ କରିଥିଲେ। ନବରଙ୍ଗପୁର ସାଂସଦ ଶ୍ରୀ ମାଝୀ ମଧ୍ୟ ଏହିଭଳି ଅଭିଯୋଗ ମୋ ନିକଟରେ ମଧ୍ୟ ରହିଛି ବୋଲି କହିଥିଲେ। ସେହିପରି ଡେପୁଟେସନ କରିବା ଓ ୫ ଦିନ ମଧ୍ୟରେ ତାହା ରଦ୍ଦ କରି ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ବଦଳି କରାଇବା ନେଇ ଭୟଭୀତ କରାଉଥିବା ବୈଠକରେ ଅଭିଯୋଗ ହୋଇଥିଲା। ଜିଲ୍ଲାରେ ୨୬୯ ଡାକ୍ତର ପଦ ମଧ୍ୟରୁ ୧୦୦ ପଦ ଖାଲି ପଡ଼ିଛି। ନିକଟରେ ୭୦ ଜଣ ଡାକ୍ତର ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରା କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପରେ ଆଣିଥିବା ଅଭିଯୋଗ ଲିଖିତ ଭାବେ ପ୍ରଦାନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଡ. ମିଶ୍ର କହିଥିଲେ। ପରେ ଜିଲ୍ଲା ଯୋଗାଣ ଓ ଖାଉଟି କଲ୍ୟାଣକୁ ନେଇ ପଡ଼ିକାର୍ଡ ହିତାଧିକାରୀମାନେ ୩ରୁ ୪ ମାସରେ ଥରେ ଚାଉଳ ପାଉଛନ୍ତି। ତାହାମଧ୍ୟ ଅତି ନିମ୍ନମାନର। ଭିଟାମିନ ଯୁକ୍ତ ଚାଉଳ ମିଶ୍ରଣ ନ ଥାଇ ବିତରଣ ହେଉଛି। ବେହେଡା ଚାଉଳ ବିତରଣ କେନ୍ଦ୍ରରେ ଅତି ନିମ୍ନମାନର ଚାଉଳ ପ୍ରଦାନ କରାଯାଇଥିବା ନମୁନା ଆଣି ଉପଦେଷ୍ଟା ପ୍ରମୋଦ ପାଢ଼ୀ ବୈଠରେ ଦେଖାଇଥିଲେ। ଏନେଇ ଉଦବେଗ ପ୍ରକାଶ ପାଇଥିଲା। ଏନେଇ ଜିଲ୍ଲାପାଳ ଟ୍ରାକିଂ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତରେ ନିମ୍ନମାନର ଚାଉଳ ଯୋଗାଣ ହେଉଛି। ଖାଉଟିଙ୍କୁ ପ୍ରତି କିଲୋରେ ୩ ଶହ ଗ୍ରାମ୍ କମ୍ ଚାଉଳ ପାଉଛନ୍ତି। ଏଥିପ୍ରତି ଯାଞ୍ଚ ହେଉନାହିଁ ବୋଲି ଡାବୁଗାଁ ବିଧାୟକ ଶ୍ରୀ ରନ୍ଧାରୀ କହିଥିଲେ। ଏନେଇ ଉପଜିଲ୍ଲାପାଳ ଏହାର ତଦନ୍ତ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଡେଙ୍ଗାଗୁଡ଼ା, ନୂଆଗୁଡ଼ା, ତୁରଞ୍ଜିଆଗୁଡ଼ା, ଡେଙ୍ଗାତୋଟାଗୁଡ଼ା, ସରୁଗୁଡ଼ା ରାସ୍ତା ପିଚୁ ପଡ଼ିବା ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ଉଠିଯାଇଛି। ସେହିଭଳି ଡାବୁଗାଁ କେଲିଆ ରାସ୍ତା ନିମ୍ନମାନର କାମ ହେଉଛି ବୋଲି ଡାବୁଗାଁ ବିଧାୟକ ଶ୍ରୀ ରନ୍ଧାରୀ ଅଭିଯୋଗ କରିଥିଲେ। ଡାଇଭର୍ସନ ପାଇଁ ବ୍ୟୟ ଅଟକଳ ରହିଥିଲେ ମଧ୍ୟ କାହିଁକି କରାଯାଉନାହିଁ ବୋଲି ବିଧାୟକ ଶ୍ରୀ ରନ୍ଧାରୀ ଓ ଡାବୁଗାଁ ବ୍ଲକ୍ ଅଧ୍ୟକ୍ଷା ଅଭିଯୋଗ କରିଥିଲେ। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ କହିଥିଲେ ଯେ ରାସ୍ତା କାମ ସମ୍ପୂର୍ଣ୍ଣ ହେଲେ ମଧ୍ୟ ପୋଲ କାମ ନ କରି ଠିକାଦାର ଚୁପ୍ କାହିଁକି ରହିଛନ୍ତି। ଡାଇଭର୍ସନ ସଠିକ୍ ଭାବେ କରୁ ନ ଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ କାହିଁକି ଠିକାଦାର ଏହିଭଳି କାମ କରିଛନ୍ତି ତାହାର ବୈଷୟିକ ରିପୋର୍ଟ ଜଣାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ପାପଡ଼ାହାଣ୍ଡି ବ୍ଲକର ୮ଟି କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ




**ପାପଡ଼ାହାଣ୍ଡି,୨୧।୨(ସମିସ):** ମଙ୍ଗଳବାର ପାପଡ଼ାହାଣ୍ଡି ବ୍ଲକର ୮ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପାପଡ଼ାହାଣ୍ଡି ନୋଡାଲ ଅଧିକାରୀ ଭାରତୀ ବିଷୋୟୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଆରମ୍ଭ ହୋଇଥିଲା। ପାପଡ଼ାହାଣ୍ଡି ବ୍ଲକର ପାପଡ଼ାହାଣ୍ଡି ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ , ଏସଏସଡି ଉଚ୍ଚ ବିଦ୍ୟାଳୟ ଦଳେଇଗୁଡ଼ା, ତୁମ୍ବାର୍ଲା ଉଚ୍ଚ ବିଦ୍ୟାଳୟ , ମୈଦଲପୁର ଉଚ୍ଚ ବିଦ୍ୟାଳୟ , ଶିରିସୀ ଉଚ୍ଚ ବିଦ୍ୟାଳୟ , ଟିକରାପଡ଼ା ଉଚ୍ଚ ବିଦ୍ୟାଳୟ, ମାନିଗା ଉଚ୍ଚ ବିଦ୍ୟାଳୟ, ଏବଂ କନ୍ୟାଶ୍ରମଠାରେ ମୋଟ ୧୮୮୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୪୧ ଜଣ ପରୀକ୍ଷା ଦେଇଛନ୍ତି। ପାପଡ଼ାହାଣ୍ଡି ବ୍ଲକରୁ ମୋଟ ୪୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି। ପାପଡ଼ାହାଣ୍ଡି ନୋଡାଲ ଅଧିକାରୀଙ୍କ ଅଧୀନରେ ମୋଟ ୬ଟି କେନ୍ଦ୍ର ଥିବାବେଳେ ଡାବୁଗାଁ ନୋଡାଲ ଅଧିକାରୀଙ୍କ ଅଧୀନରେ ୨ଟି କେନ୍ଦ୍ର ରହିଛି।

# ଦଶମ ବୋର୍ଡ ପରୀକ୍ଷା ଦେଲେ ୧୦୪୧



**କଲ୍ୟାଣସିଂହପୁର,୨୧।୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନୋଡାଲ ସେଣ୍ଟର ଅଧୀନରେ ୫ଟି ସେଣ୍ଟରରେ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେଉଛି। କଲ୍ୟାଣସିଂହପୁର ସେଣ୍ଟରରେ ୧୯୨ରୁ ୧୯୦ ଜଣ ପରୀକ୍ଷା ଦେଇଥିବାବେଳେ ୨ ଜଣ ଅନୁପସ୍ଥିତ ଥିଲେ। ଜଗନ୍ନାଥପୁର ସେଣ୍ଟରରେ ୧୫୭ରୁ ୧୫୬ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ଶିକରପାଇ ସେଣ୍ଟରରେ ୨୭୪ରୁ ୨୬୨ ଜଣ ପରୀକ୍ଷା ଦେଇଥିଲେ ଏବଂ ୧୨ ଜଣ ଅନୁପସ୍ଥିତ ଥିଲେ। ବୁଢ଼ାଗୁଡ଼ା ସେଣ୍ଟରରେ ୨୭୪ରୁ ୨୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୦ ଜଣ ଅନୁପସ୍ଥିତ ଥିଲେ। ସେହିପରି କଲୋନରା ବ୍ଲକର ରିଭଲକୋଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧ରୁ ୧୬୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦଳେଇ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ରହିଥିବାବେଳେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଉମାଶଙ୍କର ଖରା ନୋଡାଲ ଓ ପରୀକ୍ଷା କେନ୍ଦ୍ର ପରିଚାଳକ ଭାବରେ ରହିଛନ୍ତି। ଜଗନ୍ନାଥପୁର ବିଦ୍ୟାଳୟରେ କଳ୍ପନା ସୁନାନୀ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦୀପା ସାହୁକାର, ବୁଢ଼ାଗୁଡ଼ାରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀନିବାସ ଦାସ, ଶିକରପାଇରେ ରଞ୍ଜିତ କୁମାର ଗିରି ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ତାପସ କୁମାର ଦଳେଇ ଓ ରିଭଲକଣା ରହିଥିଲେ। ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବା ଆଣିବା ପାଇଁ ମନୋଜ କୁମାର ସାହୁକର, ଉପେନ୍ଦ୍ର କୁମାର ରାଉତରାୟ ରହିଥିଲେ।

# କୋଷାଗୁମୁଡ଼ା ବ୍ଲକରେ ୧୯୯୯ ଜଣ ଦେଲେ ମାଟ୍ରିକ ପରୀକ୍ଷା

**କୋଷାଗୁମୁଡ଼ା,୨୧।୨(ସମିସ):** ମଙ୍ଗଳବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୨୦୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ଦିନରେ କେବଳ ୧୯୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦେବା ପାଇଁ ଆସିଥିବାବେଳେ ୭୨ ଜଣ ଅନୁପସ୍ଥିତ ଥିଲେ। ପ୍ରଥମ ଦିନରେ ୧୦ଟି କେନ୍ଦ୍ର ମଧ୍ୟରୁ ସରକାରୀ ସେକେଣ୍ଡାରୀ ସ୍କୁଲ, ବାଙ୍କୁଲୀ ଏବଂ ସରକାରୀ ୟୁ.ଜି. ହାଇସ୍କୁଲ ବାମୁଣି କେନ୍ଦ୍ରରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଆଉ ୮ଟି କେନ୍ଦ୍ରରେ ୭୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି ବୋଲି କୋଷାଗୁମୁଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ହଲଦାର ସୂଚନା ଦେଇଛନ୍ତି।

# ଆରଆଇଙ୍କ ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ

**ବୋରିଗୁମ୍ମା,୨୧।୨(ସମିସ):** ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ସୋମବାରଠାରୁ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକମାନେ ନିଜ ନିଜର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବୁଧବାର ସକାଳେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ତଥା ଆବାହକ ଶଶିଭୂଷଣ ଦାଶ ଧାରଣାସ୍ଥଳରେ ପହଞ୍ଚି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିବା ପ୍ରକାଶ କରିବା ସହ ତୁରନ୍ତ ସମସ୍ତ ଦାବି ପୂରଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେ ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ସମର୍ଥନ ଜଣାଇଥିଲେ। ରାଜସ୍ୱ ନିରୀକ୍ଷକ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ଅଙ୍ଗ। ସରକାର ଯଦି ସେମାନଙ୍କ ଦାବି ପୂରଣ ନ କରନ୍ତି ତାହେଲେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ମଧ୍ୟ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ଜୟପୁରରେ ଧାରଣା ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବାକୁ ରାଜସ୍ୱ ନିରୀକ୍ଷକ ମହାସଂଘ ଉପଦେଷ୍ଟା ହରିହର ଶତପଥୀ ମତ ଦେଇଥିବାବେଳେ ବୋରିଗୁମ୍ମାରେ ଶାନ୍ତିଶୃଙ୍ଖଳାର ସହ ଧାରଣା ଜାରି ରହିଥିବା ରାଜସ୍ୱ କ୍ଷେତ୍ର ପରିଦର୍ଶନ ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



**କୋରାପୁଟ,୨୧।୨(ସମିସ):** ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିବା ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବା ଏବଂ ଅନ୍ୟାନ୍ୟ ବର୍ଗର ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ବର୍ଦ୍ଧିତ ରାଶି ମିଶାଇ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଏହା ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଥିବାବେଳେ କୋରାପୁଟ ଜିଲ୍ଲାର ସମସ୍ତ ୨୪୦ ଟି ଗ୍ରାମ ପଞ୍ଚାୟତ ଓ ୪ଟି ସହରାଞ୍ଚଳରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ମଙ୍ଗଳବାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ଏହାଦ୍ୱାରା ଜିଲ୍ଲାର ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ ବୋଲି ଜଣାପଡ଼ିଛି। ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରଥମ ଦିନରେ ୪୦୭ ଜଣ ହିତାଧିକାରୀ ହଜାରେ ଟଙ୍କା ଲେଖାଏଁ ଭତ୍ତା ପାଇ ବେଶ୍ ଖୁସି ଅନୁଭବ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗ, ଜିଆର୍ଏସ୍ ଗୌରୀ ନାୟକ, ଯୋଗାଣ ସହାୟକ କୃଷ୍ଣ ସିଂ, ଶେଖର ମହାନ୍ତି ପ୍ରମୁଖ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ସେମିଳିଗୁଡ଼ା,୨୧।୨(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ମହାସମାରୋହରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ପତ୍ର ଯୋଗଦେଇ ମାତୃଭାଷା ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ବେହେରା ମାତୃଭାଷା ବ୍ୟବହାର କରିବା ପାଇଁ ନିବେଦନ କରିଛନ୍ତି। ପରେ ପରେ ସୁନ୍ଦର ହସ୍ତାକ୍ଷର, ଗୀତ, ମହାପୁରୁଷଙ୍କ ଫଟୋଚିତ୍ର ପ୍ରଦର୍ଶନ ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ମାତୃଭାଷା ବାଧ୍ୟତାମୂଳକ ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହି ଶୋଭାଯାତ୍ରା ଶିଶୁ ବିଦ୍ୟାମନ୍ଦିରରୁ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିଲା।




## ● ବିଚ୍ଛିନ୍ନାଞ୍ଚଳ ଗ୍ରାମବାସୀଙ୍କୁ ଭେଟିଲେ ସମାଜସେବୀ ଡମ୍ବରୁ ନାୟକ

# ସମସ୍ୟାର ସମାଧାନ ପାଇଁ ଦେଲେ ଦୃଢ଼ ପ୍ରତିଶ୍ରୁତି

**କୋରାପୁଟ,୨୧।୨(ସମିସ):** ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା କୋରାପୁଟ ଜିଲ୍ଲାର ଅନେକ ଗାଁକୁ ଆଜି ଯାଏଁ ପକ୍କା ରାସ୍ତା ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବରିଷ୍ଠ ସମାଜସେବୀ ଡମ୍ବରୁ ନାୟକ ପ୍ରତିକ୍ରିୟା ଦେବା ସହ ଏହି ଗ୍ରାମଗୁଡ଼ିକୁ ଯଥାଶୀଘ୍ର ରାସ୍ତା ସଂଯୋଗ କରିବାକୁ ସେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି କହିଛନ୍ତି।



ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ଯୋଗୁଁ ଦୀର୍ଘ ବର୍ଷରୁ ଜିଲ୍ଲାର ଲମତାପୁଟ ବ୍ଲକ ଅଧୀନ କୁମ୍ଭାରଗଞ୍ଜେଇ, ଉମେଲ, ବନମାଳୀପୁଟ, କୋରାପୁଟ ବ୍ଲକ ଅଧୀନ ବଡ଼ସୁକୁ ପଞ୍ଚାୟତର ଶତାଧିକ ଗ୍ରାମର ଲୋକେ ନାନା ସମସ୍ୟା ଭିତରେ ଜୀବନ ବିତାଉଛନ୍ତି। ଜଳ ଭଣ୍ଡାର ଓ ରାସ୍ତା ସମସ୍ୟା ଯୋଗୁଁ ବ୍ଲକ ଅଫିସକୁ ଯିବାକୁ ଗ୍ରାମବାସୀଙ୍କୁ ମାତ୍ର ୧୦-୧୫ କିଲୋମିଟର ବଦଳରେ ୭୦-୮୦ କିଲୋମିଟର ଯିବାକୁ ପଡୁଛି। ପାଲିବାଠାରୁ ସାପ୍ତାହିକ ହାଟ, ପରଜା ଖୁଡୁବିଠାରୁ ଖମାରୀ ରାସ୍ତା ମଧ୍ୟ ଶୋଚନୀୟ ଅବସ୍ଥାରେ ରହିଛି। ତେଣୁ ରୋଗୀ ଓ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ସେବା ମଧ୍ୟ ଠିକ୍ ମିଳିପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଅନେକ ଗାଁରେ ପାନୀୟଜଳ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି ବୋଲି ଶ୍ରୀ ନାୟକ ସୂଚନା ଦେବା ସହ ଏ ସମ୍ପର୍କରେ ସେ ଜିଲ୍ଲା ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସିନ୍ଧିପୁଟ ଘାଟରେ ବ୍ରିଜ୍ ନିର୍ମାଣ ହେଲେ ଅଞ୍ଚଳର ବଡ଼ ସମସ୍ୟା ଦୂର ହେବ ଓ ଲୋକେ ଲମତାପୁଟ ବ୍ଲକ ଅଫିସ ଯାତାୟାତ ସୁବିଧାଜନକ ହେବ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିବା ସହ ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ପୂରଣ କରାଇବା ଦିଗରେ ସେ ନିଜକୁ ସାମିଲ କରିବେ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଚୋରଙ୍କ କବ୍ଜାରେ ଜୟପୁର ସହର

# ଘରେ ତାଲା ପଡ଼ିଲେ ବଢୁଛି ଚୋରି ଭୟ

**ଜୟପୁର,୨୧।୨(ସମିସ)**

ଅବିଭକ୍ତ କୋରାପୁଟ ଜିଲ୍ଲାର ବଡ଼ ଏବଂ ମୁଖ୍ୟ ସହର ଜୟପୁର ଏବେ ଚୋର ଓ ଲୁଟେରାମାନଙ୍କ କବଜାରେ ରହିଛି। ଗୃହରେ ତାଲା ପଡ଼ିଲେ ଚୋରି ଭୟ ଅଧିକ ରହୁଥିବାରୁ ସହରବାସୀ ଘରେ ତାଲା ପକାଇବାକୁ ଭୟ କରୁଥିବା ଜଣାପଡ଼ିଛି। ଗୃହରେ ତାଲା ପଡ଼ିଥିଲେ ଭିତରେ କିଏ ନ ଥିବା ସୁଯୋଗ ନେଇ ଚୋରି ହେଉଥିବା ଘଟଣା ବାରମ୍ବାର ସହରରେ ନଜରକୁ ଆସୁଥିବାରୁ ଏବେ ସହରବାସୀ ଘରେ ତାଲା ପକାଇ କେଉଁ ଆଡ଼େ ଯିବାକୁ ଭୟ କରୁଥିବା ଶୁଣିବାକୁ ମିଳୁଛି।

ଗତ ୧୭ ତାରିଖରେ ମେଘମାଳ ତୋଟାର ବାସିନ୍ଦା ଅଭିଯୋଗକାରିଣୀ ରଶ୍ମିତା ରଥ କୌଣସି କାରଣ ପାଇଁ ଗୃହରେ ତାଲା ପକାଇ ବାହାରକୁ ଯାଇଥିଲେ। ଉକ୍ତ ଦିନ ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଆଲମାରୀ ଭାଙ୍ଗି ୨ ଲକ୍ଷ ଟଙ୍କା ଏବଂ ୩ ତୋଳା ଓଜନର ସୁନା ଅଳଙ୍କାର ଲୁଟି ନେଇଥିଲେ। ପରିବାର ସଦସ୍ୟ ୧୮ ତାରିଖରେ ଘରକୁ ଫେରିବା ପରେ ଘରର ବାହାରପଟ ତାଲା ଭଙ୍ଗା ଯାଇଥିବା ଏବଂ ଆଲମାରି ଖୋଲା ରହିଥିବା ଦେଖିବା ସହ ସେଥିରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ ପୁଲିସ ଏଯାଏଁ କେବଳ ଅନ୍ଧାରରେ ବାଡ଼ି ବୁଲାଉଥିବାବେଳେ ଚୋରଙ୍କୁ ଗିରଫ କରିବା ଓ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ଏକ ପ୍ରକାର ବିଫଳ ହୋଇଛି। ସେହିପରି ଗତ ୩ ତାରିଖ ବିଳମ୍ବିତ ରାତିରେ ସହର ମଧ୍ୟସ୍ଥଳୀରେ ରହିଥିବା ଜନଗହଳିପୂର୍ଣ୍ଣ ମହାରାଣିପେଟା ସ୍ଥିତ କନକପରମେଶ୍ୱରୀ ମନ୍ଦିରର ତାଲାଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିର ଦେବୀ ଓ ଠାକୁରମାନଙ୍କ ସୁନା ଅଳଙ୍କାର, କାର୍ଯ୍ୟାଳୟର ଲୁହା ଟ୍ରେଜେରୀ ଭାଙ୍ଗି ଟଙ୍କା ଓ ସୁନା ଲୁଟିନେଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ସୁନା, ରୁପା ଅଳଙ୍କାର ଲୁଟି ନେଇଥିବାବେଳେ ଗଲାବେଳେ ସିସି କ୍ୟାମେରାର ରେକର୍ଡିଂ ହେଉଥିବା ଡିଭିଆର ବାକ୍ସ ମଧ୍ୟ ନେଇଯାଇଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗତ ୪ ତାରିଖରେ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। କିନ୍ତୁ ଦୀର୍ଘ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମନ୍ଦିର ଚୋରି ସାମଗ୍ରୀ ଉଦ୍ଧାର ହୋଇ ନ ଥିବାବେଳେ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାରେ ମଧ୍ୟ ଟାଉନ ଥାନା ପୁଲିସ ବିଫଳ ହୋଇଛି। ଏନେଇ ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କୁ ପଚାରିବାରେ ସେ ତଦନ୍ତ ଚାଲିଥିବା କହିବା ସହ ଖୁବଶିଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ଚୋରି ସାମଗ୍ରୀ ଉଦ୍ଧାର କରାଯିବ ବୋଲି କହିଛନ୍ତି। ଚୋରି ଘଟଣା ପରଠାରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି ବୋଲି ମଧ୍ୟ କହିଛନ୍ତି।

# କାଳିମେଳା ମାର୍କେଟ୍ କମିଟି ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାନିଟାରୀ ସାମଗ୍ରୀ ପ୍ରଦାନ

**କାଳିମେଳା,୨୧।୨(ସମିସ):** ମାଲକାନଗିରି ଜିଲ୍ଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାଳିମେଳା ମାର୍କେଟ କମିଟି ପକ୍ଷରୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା ହ୍ୟାଣ୍ଡ ୱାସ୍, କଦାଳ, ମାସ୍କ,ଫିନାଇଲ ବୋତଲ ଇତ୍ୟାଦି। ମା' ଭୈରବୀ ମାର୍କେଟ କମିଟି ସଦସ୍ୟମାନେ ଭାରପ୍ରାପ୍ତ ଅଧିକାରୀ ଡ. ମୁକ୍ତିକାନ୍ତ ମଲିକଙ୍କୁ ଭେଟି ଉକ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ମାର୍କେଟ କମିଟି ସଭାପତି ବିଜୟ ପାତ୍ରଙ୍କ ସମେତ ଟି.ସମେଷ୍ଟୁ ସୁବୁଦ୍ଧି, ସନ୍ତୋଷ ସାହୁ, କେ.ସଞ୍ଜିବ, କେ.ଭେଙ୍କେଟ ରାଓ, ସଞ୍ଜୟ ମସିଦ, ପ୍ରଦୀପ ମଣ୍ଡଳ ପ୍ରମୁଖ ଏହି ସାମଗ୍ରୀ ପ୍ରଦାନ କରିବା ସହ ଉପସ୍ଥିତ ଥିଲେ। ବିଗତ ୬ ବର୍ଷ ଧରି କାଳିମେଳା ବ୍ଲକରେ ମାର୍କେଟ କମିଟି ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟ ଅନୁଷ୍ଠିତ କରୁଛି। ଏହା ଆଗକୁ ମଧ୍ୟ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ସାନିଟାରୀ ସାମଗ୍ରୀ ପ୍ରଦାନ କରିଥିବା ଜଣାପଡ଼ିଛି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୩୧-ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍‌ଙ୍କ ଜନ୍ମ।
- ୧୯୫୮- ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ଦେହାନ୍ତ।
- ୧୯୬୪- ଘାନାରେ ଏକଦଳୀୟ ଶାସନ ବ୍ୟବସ୍ଥା ଲାଗୁ ହେଲା।
- ୧୯୯୭- କ୍ଲୋନିଂ ଉପାୟରେ ଡଲି ନାମକ ମେଣ୍ଢା ଛୁଆ ଜନ୍ମନେଲା।
- ୨୦୧୫- ବାଂଲାଦେଶର ପଦ୍ମା ନଦୀରେ ନୌକାବୁଡ଼ି କାରଣରୁ ୭୦ ଜଣଙ୍କ ମୃତ୍ୟୁ।



# 'ଶକ୍ତିମାନ୍' ହେବେ ରଣବୀର!

ବଲିଉଡ୍ ଅଭିନେତା ରଣବୀର ସିଂହ ଶେଷ ଥର ପାଇଁ କରନ୍ ଜୋହର୍‌ଙ୍କ ଫିଲ୍ମ 'ରକି ଔର୍ ରାନୀ କୀ ପ୍ରେମ୍ କହାନି'ରେ ଦେଖାଯାଇଥିଲେ। ଏଥିରେ ତାଙ୍କ ବିପକ୍ଷରେ ଆଲିଆ ଭଟ୍ଟ ଅଭିନୟ କରିଥିଲେ। ରଣବୀର ଏବେ 'ଡନ୍-୩' ଓ 'ସିଂଘମ୍ ଏଗେନ୍'ର ସୁଟିଂରେ ବ୍ୟସ୍ତ। ରଣବୀରଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି। ଫିଲ୍ମର ଟାଇଟଲ୍ ରହିଛି 'ଶକ୍ତିମାନ୍'। ବସିଲ୍ ଜୋସେଫ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। 'ଡନ୍-୩'ର ସୁଟିଂ ସାରିବା ପରେ ରଣବୀର 'ଶକ୍ତିମାନ୍'ର ସୁଟିଂ ଆରମ୍ଭ କରିବେ ବୋଲି କୁହାଯାଉଛି। ବିଗତ ତିନିବର୍ଷ ହେଲାଣି ଏହାର କାହାଣୀ ଉପରେ କାମ କରାଯାଉଥିଲା। ଶେଷରେ ଏହାର କାହାଣୀ ଫାଇନାଲ୍ ହୋଇଛି। ସୋନି ପିକଚର୍ସ ଓ ସାଜିଦ୍ ନାଡିୟାଡୱାଲା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। 'ଶକ୍ତିମାନ୍' ୨୦୨୬ରେ ପରଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ତେବେ ଏଯାବତ୍ ଫିଲ୍ମର ନିର୍ମାତା କିମ୍ବା ରଣବୀର ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଦେଇ ନାହାନ୍ତି।

ଏଠାରେ ପ୍ରକାଶ ଥାଉ କି, ଟେଲିଭିଜନ ଜଗତର ଏକ ଚର୍ଚ୍ଚିତ ଶୋ' ଥିଲା 'ଶକ୍ତିମାନ୍'। ଏଥିରେ ମୁକେଶ ଖାନ୍ନା, ଶକ୍ତିମାନ୍ ଭୂମିକାରେ ଅଭିନୟ କରି ଖୁବ୍ ପ୍ରଶଂସା ସାଉଁଟିଥିଲେ।

# ଚାକିରି ଆଶାୟୀଙ୍କ ଅଜବ ସର୍ତ୍ତ

ଚାକିରି କରିବା ସମୟରେ ଲୋକେ ଭଲ ଦରମା ସାଙ୍ଗକୁ ଏଥିରେ ମିଳିବାକୁ ଥିବା ତମାମ ସୁବିଧାସୁଯୋଗକୁ ବି ଗୁରୁତ୍ୱ ଦେଇଥାନ୍ତି। ଏହି କ୍ରମରେ ଏବେ ଜଣେ ଯୁବକ ଚାକିରିକୁ ନେଇ ଏକ ଅଜବ ସର୍ତ୍ତ ରଖିଛନ୍ତି। ସମ୍ପୃକ୍ତ ଯୁବକ ଜଣକ ଦରମା କଥା ଚିନ୍ତା କରୁ ନାହାନ୍ତି, ବରଂ ଖାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହି ଯୁବକଙ୍କ ଦରମା ବାର୍ଷିକ ୪୩.୫ ଲକ୍ଷ ଟଙ୍କା। ଏହା ସତ୍ତ୍ୱେ ବି ସେ କମ୍ପାନି ସାମ୍ନାରେ ଖାଇବାକୁ ନେଇ ଯେଉଁଭଳି ଭାବେ ସର୍ତ୍ତ ରଖିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ତାଙ୍କ ମତରେ ତାଙ୍କର ଦରମା ଠିକ୍‌ଠାକ୍ ଅଛି, କିନ୍ତୁ ସେ ଏଭଳି ଏକ କମ୍ପାନିରେ ଚାକିରି କରିବାକୁ ଚାହୁଁଛନ୍ତି, ଯେଉଁଠି ତାଙ୍କୁ ଚାରି ଥର ଖାଦ୍ୟ ମାଗଣାରେ ମିଳିପାରୁଥିବ। ତାହା ପୁଣି ପ୍ରୋଟିନ୍‌ଯୁକ୍ତ। ଏହାସହ ସେ ଗୁଗଲ୍‌ରେ ସାକ୍ଷାତକାର ପାଇଁ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି। ସେହିପରି ତାଙ୍କର ଏହି ଆବଶ୍ୟକତା ପୂରଣ କରିପାରୁଥିବା ଅନ୍ୟ କିଛି କମ୍ପାନି ଅଛି କି ନାହିଁ, ସେକଥା ମଧ୍ୟ ସେ ଅନ୍ୟମାନଙ୍କୁ ପଚାରିଛନ୍ତି। ତେବେ ତାଙ୍କର ଏହି ଅଜବ ସର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି କମ୍ୟୁନିକେସନ କମ୍ପାନି 'ଗ୍ରେପ୍‌ଭାଇନ୍'ର ପ୍ରତିଷ୍ଠାତା ସୌମିଲ ତ୍ରିପାଠୀ। ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ଚାଉଳରେ ମାଂସର ସ୍ୱାଦ



ଭାତର ସ୍ୱାଦ ଅଲଗା। ଏଣିକି କିନ୍ତୁ ଭାତରେ ମିଳିବ ମାଂସର ସ୍ୱାଦ। ବୈଜ୍ଞାନିକମାନେ ଏଭଳି ଏକ ଚାଉଳ ତିଆରି କରିଛନ୍ତି, ଯେଉଁଥିରୁ ମାଂସର ସ୍ୱାଦ ମିଳିପାରିବ। ଏହାକୁ ବିରିଆନୀ ଭାବେ ଖାଇହେବ। ଏଥିପାଇଁ ଅଲଗା ଭାବେ ଚାଉଳ ଓ ମାଂସକୁ ରାନ୍ଧିବାର ଆବଶ୍ୟକତା ନାହିଁ। ବୈଜ୍ଞାନିକମାନେ ଏହି ଚାଉଳର ନାଁ ରଖିଛନ୍ତି 'ମିଟି ରାଇସ୍।' ଦକ୍ଷିଣ କୋରିଆର ୟୋନସେଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଗବେଷଣାଗାରରେ ଏହି ହାଇବ୍ରିଡ୍ ଚାଉଳ ତିଆରି କରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ମାଂସକୁ ମିଶା ଯାଇଛି। ଯେଉଁଥିରୁ ମାଂସର ସ୍ୱାଦ ମିଳିବ। କେବଳ ସେତିକି ନୁହେଁ, ଏହି ଚାଉଳରୁ ମାଛର ସ୍ୱାଦ ମଧ୍ୟ ମିଳିପାରିବ। ସେପଟେ ଏହି ଚାଉଳ ଦେଖିବାକୁ ସାଧାରଣ ଚାଉଳ ସଦୃଶ। ଏହି ଚାଉଳରେ ମାଂସ ଅପେକ୍ଷା ୮ ପ୍ରତିଶତ ଅଧିକ ପ୍ରୋଟିନ୍ ଏବଂ ୭ ପ୍ରତିଶତ ଅଧିକ ଫ୍ୟାଟ୍ ରହିଛି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଏହା ରନ୍ଧାହେବାର ୧୧ ଦିନ ପର୍ଯ୍ୟନ୍ତ ଖରାପ ହୋଇ ନ ଥାଏ। ଏପରିକି ଏହାକୁ ସାଧାରଣ ତାପମାତ୍ରାରେ ରଖିବା ମଧ୍ୟ ସମ୍ଭବ। ଏହି ଚାଉଳ ମାଂସପେଶୀକୁ ଜରୁରି ପୋଷକ ତତ୍ତ୍ୱ ପ୍ରଦାନ କରେ। ତେବେ ଏହା କୁପୋଷଣ ଦୂର କରିବାରେ ସାହାଯ୍ୟ କରିବ। ଅନ୍ୟପଟେ ଏହାର ଉତ୍ପାଦନ ସହଜ ହୋଇଥିବାରୁ ଏଥିପାଇଁ ପଶୁପାଳନ ଓ ଚାଷର ମଧ୍ୟ ଆବଶ୍ୟକ ପଡ଼ିବ ନାହିଁ।

ଆଜି ବାହୁଡ଼ିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଉତ୍କଳମାଟିର ଅନ୍ୟତମ ବରପୁତ୍ର। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ତାଙ୍କର ଯୋଗଦାନ ଅତୁଳନୀୟ। ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କଟକ ବଡ଼ ମେଡିକାଲ ଓ କଲେଜ ତାଙ୍କ ନାମରେ ନାମିତ ହୋଇଛି। ୧୭ ଡିସେମ୍ବର ୧୮୭୦ରେ ମୟୂରଭଞ୍ଜରର ରାଜପରିବାରରେ ଶ୍ରୀରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଥିଲେ କୃଷ୍ଣଚନ୍ଦ୍ର ଭଞ୍ଜ। ମୟୂରଭଞ୍ଜରୁ ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ରାଜ୍ୟ ଶାସନଭାର ଗ୍ରହଣ କରିବାକୁ ପଡ଼ିବାରୁ ସେ ପାଠପଢ଼ା ଛାଡ଼ି ଦେଇଥିଲେ। ପରେ ସେ କଟକ ଯାଇ ବ୍ରେଟାମ୍ କିଡେଲ୍ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବିଏ ପଢୁଥିବା ସମୟରେ ଶ୍ରୀରାମଚନ୍ଦ୍ର ରାଜଗାଦିରେ ବସିବାରୁ ବି.ଏ ପରୀକ୍ଷା ଦେଇନଥିଲେ। ୧୮୯୨ରେ ତାଙ୍କ ଶାସନ କାଳରେ ମୟୂରଭଞ୍ଜ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ଭାବେ ପରିଣତ ହୋଇଥିଲା। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ରାଜା ହୋଇ ମଧ୍ୟ ସେ ସରଳ ଜୀବନଯାପନ କରୁଥିଲେ। ୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ କଟକ ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସମସ୍ତଙ୍କ ସହ ତଳେ ବସି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ରାଜକୋଷର ଅର୍ଥକୁ ସେ ପ୍ରଜାଙ୍କର ବୋଲି ଭାବୁ ଥିଲେ। ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନ ଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ରାଜ୍ୟର ଶାସନ ପରିଚାଳନା ପାଇଁ ସେ ଷ୍ଟେଟ୍ କାଉନ୍ସିଲ୍ ଗଠନ କରିଥିଲେ। ସେ ନିଜେ ଏହାର ସଭାପତି ଥିଲେ। ଏହି କାଉନସିଲ୍‌ରେ ଉଭୟ ସରକାରୀ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କୁ ନିଆଯାଇଥିଲା। ଏହି କାଉନ୍ସିଲ୍ ରାଜ୍ୟ ପାଇଁ ଆଇନ୍ ପ୍ରଣୟନ କରୁଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ରାଜନୈତିକ ପରାମର୍ଶଦାତା। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କ ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ରେଭେନ୍ସା କଲେଜ ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅନେକ ଅବଦାନ ରହିଛି। ସେ ଏହି କଲେଜର ବିଜ୍ଞାନ ବିଭାଗ ଖୋଲିବାରେ ସାହାଯ୍ୟ କରିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ପରବର୍ତ୍ତୀ କାଳରେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। ୧୯୧୨ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା।

# 'ଫିସ୍ ପେଡିକିୟୋର୍'ରେ ପାଦ ହୁଏ ସୁନ୍ଦର



ଫଟା ଗୋଇଠି, ପାଦ ନଖକୁ ସୁନ୍ଦର ତଥା ଏହାର ତ୍ୱଚାକୁ କୋମଳ ରଖିବା ପାଇଁ ମହିଳାମାନେ ପେଡିକିୟୋର୍‌କୁ ଗୁରୁତ୍ୱ ଦେଉଛନ୍ତି। ତେବେ ଏଥିରେ ଯୋଡ଼ି ହୋଇଛି 'ଫିସ୍ ପେଡିକିୟୋର୍'। ଯାହାର ଲୋକପ୍ରିୟତା ଏବେ ଖୁବ୍ ବେଶି। ଏପରିକି ଆଜିକାଲି ଅନେକ ସ୍ପା ସେଣ୍ଟର, ପାର୍ଲର ଓ ମଲ୍‌ରେ ଫିସ୍ ପେଡିକିୟୋର୍‌ର ସୁବିଧା ପ୍ରଦାନ କରାଯାଉଛି। ତେବେ ଏ ଫିସ୍ ପେଡିକିୟୋର୍ କ'ଣ ଓ ଏହା କେତେ ଉପକାରୀ, ଜାଣିବା ସେ ସମ୍ପର୍କରେ।

**ଏହା କ'ଣ:** ୱାଟର ଟ୍ୟାଙ୍କ ଭିତରେ ଛୋଟ ଛୋଟ ଜୀବନ୍ତ ମାଛକୁ ଛଡ଼ାଯାଏ। ଏହି ମାଛ 'ଗାରା ରୁଫା' ବା 'ଡକ୍ଟର ମାଛ' ଭାବେ ପରିଚିତ। ତା'ପରେ ଏହା ଭିତରେ ଦୁଇ ପାଦକୁ ବୁଡ଼ାଇ କିଛି ସମୟ ରଖାଯାଏ। ପାଣି ଭିତରେ ଥିବା ମାଛ ପାଦ ସଂସ୍ପର୍ଶରେ ଆସିବା ଦ୍ୱାରା ପାଦର ଗୋଇଠି, ତ୍ୱଚା ତଥା ମୃତ କୋଷିକାକୁ ନଷ୍ଟ କରି ପାଦକୁ ସଫା, ସୁନ୍ଦର ଓ କୋମଳ କରନ୍ତି।

**ପାଦ ଦେଖାଯାଏ ସୁନ୍ଦର:** ପେଡିକିୟୋର୍‌ରେ ମାଛକୁ ସାମିଲ କରାଯାଉଥିଲେ ହେଁ ଏହା ଦ୍ୱାରା କୌଣସି ଯନ୍ତ୍ରଣା ହୋଇ ନ ଥାଏ। ତା'ସହ ପାଦର ଥକ୍କାପଣ ଦୂର ହୁଏ ଓ ଆରାମ ଲାଗେ। ସେଥିପାଇଁ ଏହାର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି।

# ଟ୍ରେଣ୍ଡରେ ପର୍ଲ ଫେଶନ





ସମୟାନୁଯାୟୀ ମହିଳାଙ୍କ ପୋଷାକ ପରିପାଟୀରେ ପରିବର୍ତ୍ତନ ହେଉଛି। ଯେମିତି ଆଜିର ଟ୍ରେଣ୍ଡରେ ରହିଛି ଅର୍ଗାଞ୍ଜା ଓ ସିକ୍ୱିନ୍ ଫ୍ୟାବ୍ରିକ୍‌ର ଆଉଟଫିଟ୍। ବିଶେଷକରି ଏହାର ଶାଢ଼ି ଓ ସୁଟ୍‌ର ବେଶୀ ଚାହିଦା ରହିଛି। ତେବେ ସବୁବେଳେ ଏକପ୍ରକାର ଆଉଟଫିଟ୍ ପରିଧାନ କରିବା ଦ୍ୱାରା ବିରକ୍ତ ଲାଗିଥାଏ। ଏପରି ସ୍ଥଳେ ପର୍ଲ ଫେଶନକୁ ଆପଣାଇ ଷ୍ଟାଇଲିସ୍ ଲୁକ୍ ପାଇପାରିବେ।

- ବର୍ତ୍ତମାନ ସମୟରେ ପର୍ଲ ଫେଶନ ଟ୍ରେଣ୍ଡର ଆଗରେ ରହିଛି। ଏହି ମୋତିକୁ ଉଭୟ ଡ୍ରେସ୍ ତଥା ଅଳଙ୍କାର ଭାବେ ପରିଧାନ କରିପାରିବେ। ତେଣୁ କୌଣସି ହାଲୁକା ରଙ୍ଗର ଶାଢ଼ି, ସୁଟ୍ କିମ୍ବା ଗାଉନ୍ ପିନ୍ଧୁଥିଲେ, ଏହା ସହିତ ପର୍ଲ ନେକ୍‌ଲେସ୍ ପିନ୍ଧିପାରିବେ। ଏହା ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ।
- ଅଧିକାଂଶ ମହିଳା ପାର୍ଟି, ଫଙ୍କସନ୍‌ରେ ନିଜକୁ ଏକ ଆକର୍ଷଣୀୟ ତଥା ନିଆରା ଲୁକ୍ ଦେବାକୁ ଚାହାନ୍ତି। ତେଣୁ ନିଜର ପୁରୁଣା ପୋଷାକରେ ମୋତି ଲଗାଇ ଏହାକୁ ଏକ ନୂଆ ରୂପ ଦେଇପାରିବେ।
- ସେହିପରି ପୁରୁଣା ଲେହେଙ୍ଗାକୁ ନୂଆ ଲୁକ୍ ଦେବାପାଇଁ ଚାହୁଁଥିଲେ, ଲେହେଙ୍ଗା ବ୍ଲାଉଜ୍‌ରେ ମୋତି ଲଗାଇପାରିବେ।

## ସୁଶ୍ରୀ



# କୁଇଲିଙ୍ଗ୍ ଆର୍ଟ ଦେଇଛି ପରିଚୟ

**ପିଲାବେଳୁ ତାଙ୍କର ଚିତ୍ରକଳା ପ୍ରତି ଥିଲା ଅହେତୁକ ଦୁର୍ବଳତା। ତେଣୁ ସେ ଇଞ୍ଜିନିୟରିଂ ପେସାକୁ ଛାଡ଼ି କଳାକାରିଗରୀକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ସେ ବିଭିନ୍ନ ରଙ୍ଗିନ୍ କାଗଜକୁ ବ୍ୟବହାର କରି ଖୁବ୍ ଚମତ୍କାର ଚିତ୍ର ଆଙ୍କନ୍ତି। ଯଦିଓ ଏ ନେଇ କୌଣସି ପ୍ରଶିକ୍ଷଣ ସେ ନେଇ ନାହାନ୍ତି, ତଥାପି ଏଥିରେ ସେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି ନିଜର ଏକ ନୂଆ ପରିଚୟ ଗଢ଼ିବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ହିଁ ତାଙ୍କୁ ଏ କ୍ଷେତ୍ରରେ ସଫଳତା ପ୍ରଦାନ କରିଛି। ସେମିତି ଜଣେ ପ୍ରତିଭାବାନ୍ କଳାକାର ହେଲେ କୋରାପୁଟର ଦିତି ପ୍ରଭା ପରିଡ଼ା।**

### କଳାକୁ କଲେ ଆପଣାର

୩୦ ବର୍ଷୀୟା ଦିତି ଭୁବନେଶ୍ୱର ସ୍ଥିତ ସେଞ୍ଚୁରିୟାନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରୁ ଇଞ୍ଜିନିୟରିଂ ପଢ଼ା ଶେଷ କରିଛନ୍ତି। କର୍ପୋରେଟ୍ ସେକ୍ଟରରେ ଚାକିରି କରିବା ପାଇଁ ତାଙ୍କ ମନରେ କୌଣସି ଆଗ୍ରହ ନଥିଲା। ଧରାବନ୍ଧା ଜୀବନଶୈଳୀ ପ୍ରତି ତାଙ୍କର ଧୀରେ ଧୀରେ ଆଗ୍ରହ କମିବାକୁ ଲାଗିଲା। ଅନ୍ୟପକ୍ଷରେ ଜୀବନର ମାନେ କେବଳ ଅର୍ଥୋପାର୍ଜନ ନୁହେଁ, ସେକଥା ସେ ହୃଦୟଙ୍ଗମ କଲେ। ତେଣୁ କିଛି ନୂଆ କରିବାର ଇଚ୍ଛା ଓ ଆଗ୍ରହକୁ ନେଇ ସେ ବୃତ୍ତିଗତ ଜୀବନରୁ ଅବ୍ୟାହତି ନେଲେ। ଆଉ ହସ୍ତଶିଳ୍ପରେ ପରିଚୟ ଗଢ଼ିବାକୁ ଚାହିଁଲେ। ସେଇଠୁ ସେ ୨୦୧୯ରେ ଇନ୍‌ଷ୍ଟାଗ୍ରାମରେ 'ଦିତି କ୍ରାଫ୍ଟସ୍ ଫଟୋ ଫ୍ରେମ୍' ବ୍ୟବସାୟ ଆରମ୍ଭ କଲେ।

### କୁଇଲିଙ୍ଗ୍ ଓ କ୍ରିପି ଫଟୋଚିତ୍ର

ସେ ପିଲାବେଳୁ ସ୍ୱତଃପ୍ରବୃତ୍ତ ଭାବେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରନ୍ତି। କିନ୍ତୁ ଏ ଲାଗି ସେ ବିଧିବଦ୍ଧ ଭାବେ କାହା ପାଖରୁ କିଛି ପ୍ରଶିକ୍ଷଣ ନେଇ ନାହାନ୍ତି। ଅବଶ୍ୟ ତାଙ୍କ ମନରେ ସବୁବେଳେ ଇଚ୍ଛା ଥିଲା କିଛି ନୂଆ କରିବାର। ତେଣୁ ସେ ଫାଙ୍କା ସମୟରେ କିଛି ନା କିଛି ଚିତ୍ର କରିଥାନ୍ତି। କିନ୍ତୁ, ପେପର୍‌ରେ ହେଉଥିବା କୁଇଲିଙ୍ଗ୍ କଳାକୃତି ବାବଦରେ ସେ ପ୍ରଥମେ ୟୁ-ଟ୍ୟୁବ୍‌ରୁ ଦେଖିଥିଲେ। ଯାହା ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା। ଫଳରେ ସେ ନିଜେ ଏହି କୁଇଲିଙ୍ଗ୍ ଆର୍ଟକୁ ନେଇ କିଛି ନୂଆ କରିବା କଥା ଚିନ୍ତା କଲେ। ଏହାପରେ କୁଇଲିଙ୍ଗ ପେପର କଟା ମେସିନ୍‌ରେ ଆର୍ଟ କରିବା ଆରମ୍ଭ କଲେ। ପ୍ରଥମେ ପେଟା ଫଟୋରୁ ସେ କୁଇଲିଙ୍ଗ୍ ଆର୍ଟର ଯାତ୍ରା ଆରମ୍ଭ କଲେ। ପରେ ସେ ମଣିଷଙ୍କ ଫଟୋରେ ଏହି ଆର୍ଟ କଲେ। ତେବେ ଏହି ଆର୍ଟକୁ ସେ ଅଧିକ ସୁନ୍ଦର କରିବା ପାଇଁ ବିଭିନ୍ନ ରଙ୍ଗିନ ପେପର ସହ ଷ୍ଟୋନ୍, ମାଳି, କାଚ, ଜିଲ୍ କ୍ ପେନ୍ ଆଦି ବ୍ୟବହାର କରନ୍ତି। ଚିତ୍ରରେ ଏହି ସବୁ ଜିନିଷ ଫଟୋକୁ ଜୀବନ୍ତ ରୂପ ଦେଇଥାଏ। ସେହିପରି କୁଇଲିଙ୍ଗ୍ ଆର୍ଟ କରିବା ପରେ ଏହାକୁ ଫାଇବର୍ ଫ୍ରେମରେ ବନ୍ଧେଇ କରନ୍ତି।







### ବ୍ୟବସାୟରୁ ସଫଳତା

ବଦଳୁଥିବା ଟ୍ରେଣ୍ଡକୁ ଦୃଷ୍ଟିରେ ରଖି କିଛି ନୂଆ କରିବା ପାଇଁ ଏହି କୁଇଲିଙ୍ଗ୍ ଚିତ୍ର ବ୍ୟବସାୟ ଆରମ୍ଭ କରିଥିବା ସେ କହିଛନ୍ତି। ଯଦିଓ ଆରମ୍ଭରୁ ଏତେଟା ସଫଳତା ମିଳି ନ ଥିଲା, କିନ୍ତୁ ପରେ ବ୍ୟବସାୟ ବୃଦ୍ଧି ପାଇଲା। ଏହି ଚିତ୍ର ପାଇଁ ତାଙ୍କୁ ପ୍ରଥମେ ୨-୩ଦିନ ସମୟ ଲାଗୁଥିବାବେଳେ ଏବେ ସେ ଦିନକୁ ଦୁଇଟି ଆର୍ଟ କରିପାରୁଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏଥିପାଇଁ ଲୋକେ ବରାଦ ଦେଉଥିବା ବେଳେ ଭାରତ ବାହାରୁ ବି ଏନେଇ ତାଙ୍କୁ ଅର୍ଡର ମିଳୁଛି। ସେ ଏହି ବ୍ୟବସାୟରୁ ମାସକୁ ୭୦-୮୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି।

### ପାରିବାରିକ ସହଯୋଗ

ଦିତିଙ୍କୁ ପ୍ରଥମରୁ ଏତେଟା ସମର୍ଥନ ମିଳି ନଥିଲା। ପରିବାର ବର୍ଗ, ସାଙ୍ଗସାଥୀ ସମସ୍ତେ ଚାହୁଁଥିଲେ ସେ ଚାକିରି କରନ୍ତୁ। କିନ୍ତୁ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ କିଛି ନୂଆ କରିବାର ଉଦ୍ଦେଶ୍ୟ ନେଇ ସେ ଆଗକୁ ଆଗେଇ ଥିଲେ।

### ଆଗାମୀ ଲକ୍ଷ୍ୟ

ସେ ତାଙ୍କର ଏହି ବ୍ୟବସାୟକୁ ଜାତୀୟ ସ୍ତରରେ ପରିଚିତ କରିବାର ଲକ୍ଷ୍ୟ ରଖିଛନ୍ତି। ତା'ସହ ଅନାଥାଶ୍ରମର ପିଲାଙ୍କୁ ଏହି କୁଇଲିଙ୍ଗ୍ ଆର୍ଟ ଶିକ୍ଷା ଦେଇ ରୋଜଗାରକ୍ଷମ କରିବା ପାଇଁ ଦିତି ଆଶାବାଦୀ ଅଛନ୍ତି।

## ମଟ୍‌କା ଚିକେନ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଚିକେନ୍-୫୦୦ ଗ୍ରାମ୍, କଟା ପିଆଜ - ଏକ କପ୍, ଅଦା ରସୁଣ ପେଷ୍ଟ- ୨ ଚାମଚ, କଟା ଧନିଆ ପତ୍ର-ଅଳ୍ପ, ହଳଦି ଗୁଣ୍ଡ- ଅଧା ଚାମଚ, ଲଙ୍କାଗୁଣ୍ଡ-ଅଧା ଚାମଚ, ଧନିଆ ଗୁଣ୍ଡ- ଅଧା ଚାମଚ, ଗରମ ମସଲା- ଅଧା ଚାମଚ, ଜିରା ଗୁଣ୍ଡ- ଅଧା ଚାମଚ, ଗରମ ମସଲା- ଅଧା ଚାମଚ, ଚିକେନ୍ ମସଲା- ଅଧା ଚାମଚ, ତେଜପତ୍ର – ୧ଟି, ଗୋଟା ଗରମ ମସଲା-ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ- ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ରଖନ୍ତୁ। ସେଥିରେ କିଛି କଟା ପିଆଜ, ଅଦା ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା, ଚିକେନ୍ ମସଲା, ଲୁଣ ଏବଂ ସୋରିଷ ତେଲ ପକାଇ ଗୋଳାଇ ନିଅନ୍ତୁ। ଏହା ପରେ ଚୁଲାରେ ମାଟି ହାଣ୍ଡି ବସାଇ ସେଥିରେ ଅଳ୍ପ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ଜିରା, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଗୋଲମରିଚ, ଗୁଜୁରାତି, ଗୋଟା ଗରମମସଲା ପକାନ୍ତୁ। ଏହାପରେ ଚିକେନ୍ ପକାନ୍ତୁ। କିଛି ସମୟ କଷି ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। ଚିକେନ୍ ସିଝିଗଲା ପରେ ଢାଙ୍କୁଣୀ ଖୋଲି ସେଥିରେ କିଛି କଟା ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା 'ମଟ୍‌କା ଚିକେନ୍'।




କଟକର ଐତିହାସିକ ବାରବାଟୀ ଷ୍ଟାଡିୟମର ନବକଳେବର ସମ୍ପର୍କରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବୁଝାଉଛନ୍ତି ଓଡ଼ିଶା କ୍ରିକେଟ ସଂଘ ସଭାପତି ପ୍ରଣବପ୍ରକାଶ ଦାସ।



ନବକଳେବରର ନକ୍ସା


ଓସିଏ କର୍ମକର୍ତ୍ତା ଓ ପ୍ରଶିକ୍ଷକମାନଙ୍କ ସହ ୫-ଟି ଅଧ୍ୟକ୍ଷ

● ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ

## ଭାରତୀୟ ଦଳରେ ୪ ଓଡ଼ିଆ

**କଟକ,୨୧।୨(ସମିସ):** ୟୁଏଇରେ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ଏଥିନିମନ୍ତେ ଗଠିତ ଭାରତୀୟ ଦଳ ଆଜି ୟୁଏଇରେ ପହଞ୍ଚିଛି। ଦଳରେ ୪ ଓଡ଼ିଆ ଖେଳାଳି ରହିଛନ୍ତି। ଏମାନେ ହେଲେ ସୁଖରାମ ମାଝୀ, ନକୁଳ ବଡ଼ନାୟକ, ପଙ୍କଜ ଭୁଏ ଏବଂ ଦେବରାଜ ବେହେରା। ଦେବରାଜ ପ୍ରଥମ ଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ଜାତୀୟ ଦୃଷ୍ଟିହୀନ କ୍ରିକେଟ ଦଳରେ ସ୍ଥାନ ପାଇବା କ୍ଷେତ୍ରରେ ସେ ହେଉଛନ୍ତି ୧୧ତମ ଓଡ଼ିଆ ଖେଳାଳି। ଅନ୍ୟପକ୍ଷରେ ସୁଖରାମ ୭ବର୍ଷ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତ, ଶ୍ରୀଲଙ୍କା ଏବଂ ପାକିସ୍ତାନ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗୁରୁବାର ପ୍ରଥମ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ଭେଟିବ।



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ୫ମ ପଦକ ଜିତିଲେ ପ୍ରତ୍ୟାଶା

**ଭୁବନେଶ୍ୱର, ୨୧।୨ (ସମିସ)**

ଓଡ଼ିଆ ସନ୍ତରଣ ତାରକା ପ୍ରତ୍ୟାଶା ରାୟ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣରେ ତାଙ୍କ ପଦକ ବିଜୟ ଧାରା ଜାରି ରଖିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ଏହିକ୍ରମରେ ବୁଧବାର ୫ମ ପଦକ ଜିତିଛନ୍ତି। ଆସାମର ଡ. ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ଚାଲିଥିବା ସନ୍ତରଣ ପ୍ରତିଯୋଗିତାର ମହିଳା ୨୦୦ ମିଟର ଫ୍ରି-ଷ୍ଟାଇଲ୍ ଇଭେଣ୍ଟରେ ସେ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଦୂରତାକୁ ସେ ୨ ମିନିଟ୍ ୧୫.୧୫ ସେକେଣ୍ଡରେ ଫିନିଶ୍ କରିଥିଲେ। ଏହି ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେ ୨ ମିନିଟ୍ ୧୪.୨୭ ସେକେଣ୍ଡରେ ଦୂରତାକୁ ଅତିକ୍ରମ କରି ପ୍ରଥମ ସ୍ଥାନରେ ରହିଥିଲେ।

ପ୍ରତ୍ୟାଶା ପୂର୍ବରୁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ଦିବସରେ ୪୦୦ ମିଟର ଫ୍ରିଷ୍ଟାଇଲ୍, ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ମଙ୍ଗଳବାର ଅନୁଷ୍ଠିତ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେ ୨ ମିନିଟ୍ ୩୦.୯୫ ସେକେଣ୍ଡ ସହ ନିଜର ୩ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ୪ ଗୁଣା ୧୦୦ ମିଟର ମେଡଲେ ଇଭେଣ୍ଟରେ କାଂସ୍ୟ ବିଜୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ସେ ସଦସ୍ୟା ଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା-ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି।



## ରଣଜୀ ଟ୍ରଫି ଜିତିଲେ ବିଏମ୍‌ଡବ୍ଲ୍ୟୁ କାର୍ ଓ କୋଟିଏ ଟଙ୍କା

**ହାଇଦରାବାଦ୍, ୨୧।୨ (ଏଜେନ୍ସି):** ମେଘାଳୟକୁ ୫ ୱିକେଟ୍‌ରେ ପରାସ୍ତ କରି ହାଇଦ୍ରାବାଦ୍ କ୍ରିକେଟ୍ ଦଳ ଚଳିତ ରଣଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ଲେଟ୍ ଲିଗ୍‌ରେ ଚାମ୍ପିଅନ ହୋଇଛି। ଏଥିସହ ପ୍ଲେଟ୍ ଲିଗ୍ ପର୍ଯ୍ୟାୟର ଦୁଇ ଫାଇନାଲିଷ୍ଟ ଦଳ ହାଇଦ୍ରାବାଦ୍ ଓ ମେଘାଳୟ ଆଗାମୀ ରଣଜୀ ଟ୍ରଫି ସିଜନରେ ଏଲିଟ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅବସରରେ ହାଇଦ୍ରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ) ଏହାର ଖେଳାଳିଙ୍କ ଲାଗି ଏକ ବଡ଼ ଘୋଷଣା କରିଛି। ରଣଜୀ ଟ୍ରଫିର ଆଗାମୀ ୩ ବର୍ଷ ମଧ୍ୟରେ ଯଦି ହାଇଦ୍ରାବାଦ୍ ଦଳ ରଣଜୀ ଟ୍ରଫିରେ ଚାମ୍ପିଅନ ହୁଏ ତେବେ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ଏକ କୋଟି ଟଙ୍କା ସମେତ ଗୋଟିଏ ଲେଖାଏ ବିଏମ୍‌ଡବ୍ଲ୍ୟୁ କାର୍ ଉପହାର ଆକାରରେ ପ୍ରଦାନ କରାଯିବ। ଏଚ୍‌ସିଏ ସଭାପତି ଜଗନ ମୋହନ ରାଓ ବୁଧବାର ଏକ ପୁରସ୍କାର ବିତରଣୀ ଉତ୍ସବରେ ଏହା ଘୋଷଣା କରିଛନ୍ତି। ଏହି ଅବସରରେ ପ୍ଲେଟ୍ ଚାମ୍ପିଅନ ହୋଇଥିବା ତିଲକ ବର୍ମାଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ୍ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ସଂଘ ପକ୍ଷରୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି।

● ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍

## କିଟ୍ ଚାମ୍ପିଅନ, ସମ୍ବଲପୁର ରନର୍ସଅପ୍

**ଭୁବନେଶ୍ୱର, ୨୧।୨ (ସମିସ)**

ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଏବଂ କିଟ୍ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ସେହିଭଳି ମଗଧ ବିଶ୍ୱବିଦ୍ୟାଳୟ ଓ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ଏଥିସହ ଚାମ୍ପିଅନ କିଟ୍ ଓ ରନର୍ସଅପ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଗାମୀ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଏହି ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରୁ ଆଗାମୀ ବିସିସିଆଇ ଭିଜି ଟ୍ରଫି ଲାଗି ମଧ୍ୟ ପୂର୍ବାଞ୍ଚଳ ଦଳ ଚୟନ କରାଯିବ ବୋଲି ଜଣାପଡ଼ିଛି।

ବୁଧବାର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ଶରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଲଲାଟେନ୍ଦୁ ମିଶ୍ର, ଏସ୍‌ସିବି ମେଡିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ଅତିଥି ଭାବେ ଉପସ୍ଥିତ ରହି କୃତି ଦଳକୁ ପୁରସ୍କୃତ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଚାମ୍ପିଅନ ଦଳର ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରଥମ ଟି-୨୦

## ଶେଷ ବଲ୍‌ରେ ଅଷ୍ଟ୍ରେଲିଆର ରୋମାଞ୍ଚକ ବିଜୟ



**ୱେଲିଂଟନ, ୨୧।୨ (ଏଜେନ୍ସି)**

ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାର ଏଠାରେ ଅନୁଷ୍ଠିତ ହାଇସ୍କୋରିଂ ବିଶିଷ୍ଟ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ରୋମାଞ୍ଚକ ଭାବେ ୬ ୱିକେଟ୍‌ରେ ବିଜୟ ଲାଭ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୧୬ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ବିଜୟ ହାସଲ କରିଥିଲା। ଟିମ୍ ଡେଭିଡ୍ ୨୦ତମ ଓଭରର ଶେଷ ବଲ୍‌କୁ ଚୌକା ମାରି ଦଳକୁ ଏହି ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ତିନି ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ସ୍ଥାନୀୟ ସ୍କାଏ ଷ୍ଟାଡିୟମରେ ଖେଳାଯାଇଥିବା ଏହି ପ୍ରଥମ ଟି-୨୦ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଆଗ ଧାଡ଼ିର ବ୍ୟାଟର୍‌ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୨୦ ଓଭରରେ ୩ ୱିକେଟ୍ ହରାଇ ୨୧୫ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ରଚିନ ରବୀନ୍ଦ୍ର ସର୍ବାଧିକ ୬୮ (୩୫ ବଲ୍), ଡେଭନ କନୱେ ୬୩ (୪୬ ବଲ୍) ଓ ଫିନ୍ ଆଲେନ ୩୨ (୧୭ ବଲ୍) ରନର ଦ୍ରୁତ ପାଳି ଖେଳିଥିଲେ। ଦ୍ୱିତୀୟ ୱିକେଟ୍ ଭାଗୀଦାରିରେ ରଚିନ ଓ କନୱେ ୧୧୩ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜବାବରେ ୨୧୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ପ୍ରାରମ୍ଭରୁ ଦୁଇ ଓପନର୍ ଟ୍ରାଭିସ ହେଡ (୨୪ ରନ) ଓ ଡେଭିଡ୍ ୱାର୍ଣ୍ଣର (୩୨ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ମିଚେଲ ମାର୍ଶ ଗୋଟିଏ ପାଶ୍ୱର୍ରୁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ସେ ଅସମାପ୍ତ ୫ମ ୱିକେଟ୍‌ରେ ଟିମ୍ ଡେଭିଡ୍‌ଙ୍କ ସହ ମିଶି ୧୯ ବଲରୁ ୪୪ ରନ ସଂଗ୍ରହ କରି ନ୍ୟୁଜିଲାଣ୍ଡ ହାତରୁ ବିଜୟ ଛଡ଼ାଇ ଆଣିଥିଲେ। ଶେଷ ଦୁଇ ଓଭରରେ ବିଜୟ ଲାଗି ଅଷ୍ଟ୍ରେଲିଆକୁ ୩୪ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭର ବୋଲିଂ କରିଥିବା ଆଦାମ ମିଲନେ ୧୯ ରନ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଏହାପରେ ଶେଷ ଓଭରରେ ୧୫ ଓ ଶେଷ ବଲରେ ୪ ରନ ଦରକାର ହେଉଥିବାବେଳେ ଟିମ୍ ଡେଭିଡ୍ ପ୍ରତିପକ୍ଷ ଅଭିଜ୍ଞ ବୋଲର ଟିମ୍ ସୌଦୀଙ୍କୁ ଚୌକା ମାରି ଦଳକୁ ଜିତାଇଥିଲେ। ଅଧିନାୟକ ମାର୍ଶ ୪୪ ବଲରୁ ୭ ଛକା ଓ ୨ ଚୌକା ସହ ୭୨ ଏବଂ ଡେଭିଡ୍ ୧୦ ବଲରୁ ୩୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ ମ୍ୟାକ୍ସୱେଲ ୨୫ ଓ ଜୋଶ୍ ଇଂଲିଶ ୨୦ ରନ କରିଥିଲେ। ମାର୍ଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୨୧୫/୩, ୨୦ ଓଭର (ରବୀନ୍ଦ୍ର- ୬୮, କନୱେ- ୬୩, ଆଲେନ- ୩୨, ମିଚେଲ ମାର୍ଶ- ୧/୨୧)।

**ଅଷ୍ଟ୍ରେଲିଆ:** ୨୧୬/୪, ୨୦ ଓଭର (ମାର୍ଶ- ୭୨*, ଡେଭିଡ୍- ୩୧*, ୱାର୍ଣ୍ଣର- ୩୨, ମ୍ୟାକ୍ସୱେଲ- ୨୫, ମିଚେଲ ସାଣ୍ଟନର- ୨/୪୨)।

ଏକସଙ୍ଗେ ୫ ତାରକା ଖେଳାଳିଙ୍କ ଅବସର

## ଘରୋଇ କ୍ରିକେଟରେ ଗୋଟିଏ ଯୁଗର ଅନ୍ତ

**ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି)**


ମନୋଜ ତିୱାରୀ


ସୌରଭ ତିୱାରୀ


ବରୁଣ ଆରୋନ


ଫୈଜ ଫଜଲ


ଧାୱଲ କୁଲକର୍ଣ୍ଣି

ଚଳିତ ରଣଜୀ ଟ୍ରଫିର ଲିଗ୍ ପର୍ଯ୍ୟାୟ ଶେଷ ହେବା ସହ ଘରୋଇ କ୍ରିକେଟ୍‌ରେ ବେଶ୍ ସକ୍ରିୟ ଥିବା ୫ଜଣ ତାରକା ଖେଳାଳି ଅବସର ନେଇଛନ୍ତି। ସେମାନେ ହେଲେ ବେଙ୍ଗଲର ମନୋଜ ତିୱାରୀ, ମୁମ୍ବଇର ଧାୱଲ କୁଲକର୍ଣ୍ଣି, ବିଦର୍ଭର ରଣଜୀ ଟ୍ରଫି ବିଜୟୀ ଅଧିନାୟକ ଫୈଜ ଫଜଲ ଏବଂ ଝାଡ଼ଖଣ୍ଡର ଦୁଇ ଭେଟେରାନ ଖେଳାଳି ସୌରଭ ତିୱାରୀ ଓ ବରୁଣ ଆରୋନ। ଏହି ୫ କ୍ରିକେଟର୍‌ଙ୍କ ଅବସର ସହ ଘରୋଇ କ୍ରିକେଟ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଆଇପିଏଲ୍‌ରେ କୌଣସି ଫ୍ରାଞ୍ଚାଇଜଙ୍କୁ ଆକୃଷ୍ଟ କରି ନପାରିବା ହେଉ କି ଜାତୀୟ ଦଳରୁ ଅଣଦେଖାର ଶିକାର ହେବା, ଅଥବା ନିଜ ରାଜନୈତିକ କ୍ୟାରିୟରକୁ ଆଗକୁ ନେବା ଲକ୍ଷ୍ୟରେ ଅବସର ନେଇଥିବା ଏହି ଖେଳାଳିଙ୍କ ଉପରେ ସଂକ୍ଷେପରେ ଆଲୋଚନା କରିବା।

### ■ ମନୋଜ ତିୱାରୀ

ବେଙ୍ଗଲର ୩୪ ବର୍ଷୀୟ ମନୋଜ ତିୱାରୀ ଘରୋଇ କ୍ରିକେଟ୍‌ରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ଭାବେ ବିବେଚିତ ହୁଅନ୍ତି। ବିହାର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ପ୍ରତିଦ୍ୱନ୍ଦ୍ୱିତାମୂଳକ ଲଢ଼େଇଥିଲା। ୨୦୦୬ରେ ରଣଜୀ ଟ୍ରଫି ପଦାର୍ପଣ କରିଥିବା ମନୋଜ ଦୁଇ ବର୍ଷ ପରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଭାରତୀୟ ଦଳ ପାଇଁ ମାତ୍ର ୧୨ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିପାରିଥିଲେ। ମନୋଜ ୧୪୮ ପ୍ରଥମ ଶ୍ରେଣୀ ଓ ୧୬୯ ଲିଷ୍ଟ-ଏ ମ୍ୟାଚ୍ ଖେଳି ପାଖାପାଖି ୧୫୮୦୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୩୬ ଶତକ ଓ ୯୫ ଅର୍ଦ୍ଧଶତକ ରହିଛି। ବର୍ତ୍ତମାନ ସେ ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି।

### ■ ସୌରଭ ତିୱାରୀ

ଅନ୍ୟତମ ଝାଡ଼ଖଣ୍ଡ କ୍ରିକେଟର୍ ୩୪ ବର୍ଷୀୟ ସୌରଭ ତିୱାରୀ ଘରୋଇ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ପାଇଁ ମାତ୍ର ୩ଟି ଦିନିକିଆ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ତେବେ ସୌରଭ ୧୧୬ଟି ଲେଖାଏ ପ୍ରଥମ ଶ୍ରେଣୀ ଓ ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୮୦୭୬ ଓ ୪୦୫୦ ରନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହା ମଧ୍ୟରେ ୨୮ ଶତକ ରହିଛି।

### ■ ବରୁଣ ଆରୋନ

ଦେଶର ଅନ୍ୟତମ ଦ୍ରୁତଗାମୀ ବୋଲର ଆଖ୍ୟା ପାଇଥିବା ଝାଡ଼ଖଣ୍ଡର ବରୁଣ ଆରୋନ ବାରମ୍ବାର ଆଘାତଜନିତ ସମସ୍ୟା ପାଇଁ ନିଜର ଶତ ପ୍ରତିଶତ ଦେଇପାରି ନ ଥିଲେ। ଭାରତୀୟ ଦଳ ପକ୍ଷରୁ ସେ ୯ଟି ଲେଖାଏ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୧୮ ଓ ୧୧ ୱିକେଟ୍ ନେଇଛନ୍ତି। ଏହାବାଦ୍ ୬୬ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୧୭୬ ୱିକେଟ୍ ଏବଂ ୮୪ ଲିଷ୍ଟ-ଏ ମ୍ୟାଚରୁ ୧୩୮ ୱିକେଟ୍ ହାସଲ କରିଛନ୍ତି।

### ■ ଫୈଜ ଫଜଲ

ବିଦର୍ଭ ପାଇଁ ୨୧ ବର୍ଷ ଧରି ଖେଳିବା ପରେ ରଣଜୀ ଟ୍ରଫି ବିଜେତା ଅଧିନାୟକ ଫୈଜ ଫଜଲ ମଧ୍ୟ ସମସ୍ତ ପ୍ରକାର କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ୩୮ ବର୍ଷୀୟ ବାମହାତୀ ବ୍ୟାଟର୍ ଫଜଲ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୪ ଶତକ ସହ ୯୧୮୩ ରନ ଓ ଲିଷ୍ଟ-ଏ'ରେ ୫ ଶତକ ସହ ୩୬୪୧ ରନ କରିଛନ୍ତି। ଏହାସତ୍ତ୍ୱେ ସେ ଭାରତୀୟ ଦଳ ପକ୍ଷରୁ ମାତ୍ର ଗୋଟିଏ ଦିନିକିଆ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଜିମ୍ବାୱେ ବିପକ୍ଷ ଏହି ମ୍ୟାଚରେ ସେ ଅପରାଜିତ ୫୫ ରନ କରିଥିଲେ ମଧ୍ୟ ପରେ ତାଙ୍କୁ ଆଉ ସୁଯୋଗ ମିଳିପାରି ନ ଥିଲା।

### ■ ଧାୱଲ କୁଲକର୍ଣ୍ଣି

ସୁଇଂ ବୋଲିଂ ଲାଗି ଘରୋଇ କ୍ରିକେଟ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୁମ୍ବଇର ଭେଟେରାନ ଦ୍ରୁତ ବୋଲର ଧାୱଲ କୁଲକର୍ଣ୍ଣି ମଧ୍ୟ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଅବଶ୍ୟ ଚଳିତ ରଣଜୀ ଟ୍ରଫି ସିଜନ ପରେ ହିଁ ସେ ୧୭ ବର୍ଷର କ୍ୟାରିୟରରେ ପୂର୍ଣ୍ଣଛେଦ ଟାଣିବେ ବୋଲି ଜଣାପଡ଼ିଛି। ୩୫ ବର୍ଷୀୟ କୁଲକର୍ଣ୍ଣୀ ୯୫ ପ୍ରଥମ ଶ୍ରେଣୀ ମ୍ୟାଚରୁ ୨୮୧ ୱିକେଟ୍ ନେଇଛନ୍ତି। ସେ ଭାରତ ପାଇଁ ମାତ୍ର ୧୨ଟି ଦିନିକିଆ ଓ ୨ଟି ଟି-୨୦ ମ୍ୟାଚ୍ ଖେଳିପାରିଛନ୍ତି। ସେ ଦୀର୍ଘଦିନ ଧରି ମୁମ୍ବଇ ଦଳର ପ୍ରମୁଖ ବୋଲର ଭୂମିକା ତୁଲାଇଥିଲେ।

## ଭାରତର ଐତିହାସିକ ବିଜୟ

**ଅଲାନ୍ୟା (ତୁର୍କୀ),୨୧।୨ (ଏଜେନ୍ସି):** ତୁର୍କୀ ଗସ୍ତରେ ଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏକ ଐତିହାସିକ ବିଜୟ ହାସଲ କରିଛି। ବୁଧବାର ସ୍ଥାନୀୟ ଗୋଲ୍ଡ ସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ତୁର୍କିସ ଓମେନ୍ସ କପ୍‌ରେ ଭାରତ ୪-୩ ଗୋଲରେ ୟୁରୋପୀୟ ଦଳ ଇସ୍ତୋନିଆକୁ ହରାଇଦେଇଛି। ଏଥିସହ ଫିଫା ମାନ୍ୟତାର ୬୫ତମ ସ୍ଥାନରେ ଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏହାର ଇତିହାସରେ ପ୍ରଥମଥର ଲାଗି ଏକ ଅଫିସିଆଲି ମ୍ୟାଚରେ ୟୁରୋପୀୟ ଦଳକୁ ପରାସ୍ତ କରି ଐତିହାସିକ ବିଜୟ ସ୍ୱାଦ ଚାଖିଛି। ଭାରତ ଏଥିପୂର୍ବରୁ ୟୁରୋପୀୟ ଦେଶ ବେଲାରୁଷ, ୟୁକ୍ରେନ ଓ ରୋମାନିଆ ବିପକ୍ଷରେ ଖେଳିଥିଲେ ମଧ୍ୟ ସମସ୍ତ ୩ଟି ଯାକ ମ୍ୟାଚରେ ହାରିଥିଲା। ଚତୁଃରାଷ୍ଟ୍ରୀୟ ତୁର୍କିସ ଓମେନ୍ସ କପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ବୁଧବାର ୯୮ତମ ମାନ୍ୟତା ଇସ୍ତୋନିଆକୁ ଭେଟିଥିଲା। ମାନ୍ୟତା ଅନୁସାରେ ଭାରତ ୪-୩ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମନୀଷା କଲ୍ୟାଣ ୧୭ତମ ଓ ୮୧ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଇନ୍ଦୁମତୀ କାଥିରେସାନ ଓ ଓଡ଼ିଆ ତାରକା ପ୍ୟାରୀ ଖାଖା ଗୋଟିଏ ଲେଖାଏ ସ୍କୋର କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଶନିବାର ହଂକଂକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।


ତୁର୍କିସ୍ ଓମେନ୍ସ କପ୍‌ରେ ଭାରତ-ଇସ୍ତୋନିଆ ମୁକାବିଲା

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ସୁଟ୍ ଆଉଟ୍‌ରେ ଜିତିଲା ନେଦରଲାଣ୍ଡସ



**ରାଉରକେଲା/ଭୁବନେଶ୍ୱର, ୨୧।୨ (ସମିସ)**

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ନେଦରଲାଣ୍ଡସ ସୁଟ୍ ଆଉଟ୍‌ରେ ୪-୨ (୧-୧) ଗୋଲରେ ଘରୋଇ ଭାରତୀୟ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶେଷରେ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ନେଦରଲାଣ୍ଡସ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ମାତ୍ର ୨ଥର ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇପାରିଥିଲା। ଏହି ବିଜୟ ସହ ନେଦରଲାଣ୍ଡସ କଳିଙ୍ଗ ଷ୍ଟାଡିୟମରେ ଭାରତ ନିକଟରୁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଚଳିତ ମାସ ୧୧ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚରେ ଭାରତ ସମାନ ସୁଟ୍ ଆଉଟ୍‌ରେ ୪-୨ (୨-୨) ଗୋଲରେ ବିଜୟୀ ହୋଇଥିଲା।

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ନେଦରଲାଣ୍ଡସ ବୁଧବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚର ଆରମ୍ଭରୁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ଫ୍ଲୋରିସ ମିଡେନଡ୍ରପ୍‌ଙ୍କ ଫିଲ୍ଡ ଗୋଲ୍ ବଳରେ ନେଦରଲାଣ୍ଡସ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଏହି ଗୋଲଟି ଶୁଝିବାରେ ସଫଳ ହୋଇଥିଲା। ୩୮ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ହାର୍ଦ୍ଦିକ ସିଂହ ଏହାକୁ ଗୋଲରେ ରୂପାନ୍ତରିତ କରି ୧-୧ର ବରାବର୍ ସ୍ଥିତିକୁ ଆଣିଥିଲେ। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ କୌଣସି ଗୋଲ୍ ନ ହେବାରୁ ମ୍ୟାଚ ୧-୧ରେ ଅମୀମାଂସିତ ରହିଥିଲା। ଏହାପରେ ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ ନେଦରଲାଣ୍ଡସ ୫ଟି ପ୍ରୟାସରୁ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ଏହାର ପ୍ରଥମ ୪ଟି ପ୍ରୟାସରୁ ମାତ୍ର ୨ଟି ସ୍କୋର କରି ପରାଜୟବରଣ କରିଥିଲା।

ନେଦରଲାଣ୍ଡସ ଏଥିସହ ୧୦ମ ମ୍ୟାଚରୁ ୫ ବିଜୟ, ୨ ପରାଜୟ, ୩ ଡ୍ର ଓ ୨ ବୋନସ ପଏଣ୍ଟ ସହ ୨୦ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ରହିଛି। ଅପରପକ୍ଷରେ ଭାରତ ୬ଷ୍ଠ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ବୋନସ ପଏଣ୍ଟ ଏବଂ ୩ ପରଜାୟ ଓ ଗୋଟିଏ ଡ୍ର ସହ ୧୧ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଶନିବାର ଅଷ୍ଟ୍ରେଲିଆକୁ ଭେଟିବ।

### ■ ଅଷ୍ଟ୍ରେଲିଆର ୫ରୁ ୫ ବିଜୟ

ବୁଧବାର ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୪-୧ ଗୋଲରେ ସ୍ପେନକୁ ପରାସ୍ତ କରିଛି। ମ୍ୟାଚର ୨ୟ ମିନିଟ୍‌ରେ ପେରେ ଅମାତ୍‌ଙ୍କ ଗୋଲ୍ ବଳରେ ସ୍ପେନ ଖାତା ଖୋଲିଥିଲା। ଏହାପରେ କିନ୍ତୁ ଅଷ୍ଟ୍ରେଲିଆ ୪ଟି ଗୋଲ୍ ଦେଇ ମ୍ୟାଚକୁ ହାତେଇନେଇଥିଲା। ୫ମ ମ୍ୟାଚରୁ ୫ମ ବିଜୟ ସହ ଅଷ୍ଟ୍ରେଲିଆ ୧୫ ପଏଣ୍ଟ ପାଇ ଟେବଲ୍‌ର ୨ୟ ସ୍ଥାନକୁ ଉଠିଛି।



● ଭାରତୀୟ କ୍ରିକେଟ ଅଧିନାୟକ ପ୍ରସଙ୍ଗ

# ରୋହିତଙ୍କ ସ୍ଥାନରେ ବୁମ୍‌ରା ଉପଯୁକ୍ତ

**ନୂଆଦିଲ୍ଲୀ, ୨୧।୨(ଏଜେନ୍ସି)**

ଫାଷ୍ଟ ବୋଲରଙ୍କୁ ଦଳର ନେତୃତ୍ୱ ପ୍ରଦାନ କଲେ ସେମାନେ ତାହାକୁ ଠିକ୍‌ଭାବେ ପାଳନ କରିପାରିବେ। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ତଥା ଅଧିନାୟକ ପ୍ୟାଟ କମିନ୍ସ ଏହାର ଜ୍ୱଳନ୍ତ ଉଦାହରଣ। ଏବେ ଭାରତୀୟ ଦଳର ନେତୃତ୍ୱ ନେଉଥିବା ୩୬ ବର୍ଷିୟ ରୋହିତ ଶର୍ମା ଏବେ ତାଙ୍କ କ୍ରିକେଟ ଜୀବନର ସାୟାହ୍ନରେ ଉପନୀତ। ତାଙ୍କ ସ୍ଥାନରେ ଦଳର ନେତୃତ୍ୱ କିଏ ନେବେ ତାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା। ଏଭଳି ସ୍ଥିତିରେ ୩୦ ବର୍ଷିୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଉପଯୁକ୍ତ ବ୍ୟକ୍ତି ବୋଲି କୁହାଯାଉଛି। ବୁମ୍‌ରା ଯେପରି ଦକ୍ଷ, ସେପରି ବୁଦ୍ଧିମାନ। ଏଣୁ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବାରେ ବୁମ୍‌ରା ବର୍ତ୍ତମାନର ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ଉପଯୁକ୍ତ ବୋଲି ଜୋର ଦେଇ କୁହାଯାଇପାରେ।

ଯଦି ଆମେ ଜଣେ ଫାଷ୍ଟ ବୋଲର ଦଳର ନେତୃତ୍ୱ ନେବା କଥା ଅଲୋଚନା କରିବା, ତେବେ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ କାହାରିକୁ ନିରାଶ କରିନାହାନ୍ତି। ସେ ଦଳର ନେତୃତ୍ୱ ନେଇ ଯେପରି ସଫଳତା ପାଇଛନ୍ତି, ଠିକ୍ ବ୍ୟକ୍ତିଗତ ପ୍ରଦର୍ଶନ କରି ସଫଳ ହୋଇଛନ୍ତି। କମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଆଇସିସି ଟେଷ୍ଟ ଚାମ୍ପିଅନ୍ସ ଟ୍ରଫି ଓ ଆଇସିସି ଦିନିକିଆ ବିଶ୍ୱକପ୍ ଟାଇଟଲ ବିଜୟୀ ହୋଇଛି। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୪୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛି। ଏହି ମ୍ୟାଚ୍ ଗୁଡ଼ିକ୍‌ରେ କମିନ୍ସ ୮୭୯.୫ ଓଭର ବୋଲିଂ କରି ୧୭୧ଟି ୱିକେଟ ନେଇଛନ୍ତି। ଏଣୁ ବୁମ୍‌ରାଙ୍କ ପରି ଜଣେ



ବୁଦ୍ଧିମାନ ଖେଳାଳିଙ୍କୁ ଅଧିନାୟକ ଦାୟିତ୍ୱ ଦିଆଗଲେ ସେ ସୂଚାରୁ ରୂପେ ନେତୃତ୍ୱ ସହ ବ୍ୟକ୍ତିଗତ ପ୍ରଦର୍ଶନ ଦେବାରେ ସମର୍ଥ ହୋଇପାରିବେ। ବୁମ୍‌ରା ଯେତେଥର ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି, ସେ ଠିକ୍ ଭାବେ ଉଭୟ ବିଭାଗରେ ସଫଳତା ପାଇଛନ୍ତି। ଦଳକୁ ସେ ୩ଟି ଯାକ ମ୍ୟାଚ୍ ଜିତାଇବା ସହ ବ୍ୟକ୍ତିଗତ ଭାବେ ୯ଟି ୱିକେଟ ଅକ୍ତିଆର କରିଛନ୍ତି।

ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ଡେଲ ଷ୍ଟେଇନ୍‌ଙ୍କ ମତରେ ଜଣେ ଫାଷ୍ଟ ବୋଲର ଖେଳ ସମ୍ପର୍କରେ ଭଲ ଚିନ୍ତା କରିଥାନ୍ତି। ସେମାନଙ୍କୁ ଦଳର ନେତୃତ୍ୱ ଦେଲେ ସେଥିରେ ନିଶ୍ଚିତ ସଫଳ ହେବେ। ଏପରିକି କେଉଁ ସମୟରେ ବୋଲିଂ ପରିବର୍ତ୍ତନ କରିବା ଆବଶ୍ୟକ ତାହା ଜଣେ ଫାଷ୍ଟ ବୋଲର ଭଲ ଭାବେ ଜାଣନ୍ତି।

● ହୁସିନାରା ନିଲୋଫର୍ କପ୍

# କୁମାରବସ୍ତର ବଡ଼ ବିଜୟ



**ଭୁବନେଶ୍ୱର, ୨୧।୨ (ସମିସ):** ତମାଣ୍ଡୋ କ୍ରିକେଟ୍ ପଡ଼ିଆରେ ଚାଲିଥିବା ହୁସିନାରା ନିଲୋଫର୍ କପ୍‌ରେ ରାଇଜିଂ ଷ୍ଟାର୍ (କୁମାରବସ୍ତ) ଦଳ ବଡ଼ ବିଜୟ ଲାଭ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚରେ କୁମାରବସ୍ତ ୯ ୱିକେଟ୍‌ରେ ବାଙ୍କୁଆଳ ଦଳକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବାଙ୍କୁଆଳ ଦଳ ଦିଲୀପ ମହାରଣାଙ୍କ ୬୪ ରନ ବଳରେ ୧୮ ଓଭରରେ ୧୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା କୁମାରବସ୍ତର ଦିଲୀପ ରାଉତ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଦୀପ ରାଉତ (୭୮ ରନ) ଓ ଅଭିଷେକ ପଟ୍ଟନାୟକ (୫୪)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ କୁମାରବସ୍ତ ଗୋଟିଏ ୱିକେଟ୍ ହରାଇ ସଜହରେ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚକୁ ଅଜୟ ନାୟକ ଓ ରିୟାଜତ୍ ଅଲ୍ଲୀ ପରିଚାଳନା କରିଥିଲେ।

# ଦିନକୁ ନେଟ୍ସରେ ୫୦୦ ବଲ ଖେଳନ୍ତି ସର୍ଫରାଜ

**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):** ରାଜକୋଟ୍‌ରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ସର୍ଫରାଜ ଖାନ୍ ପଦାର୍ପଣ କରି ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିସହ ଚୟନକର୍ତ୍ତାଙ୍କ ଭରସାକୁ ସେ ଯଥାର୍ଥ ସାବ୍ୟସ୍ତ କରିଛନ୍ତି। ଖାସ୍ କରି ସ୍ପିନରମାନଙ୍କୁ ସେ ଅତି ସୁନ୍ଦରଭାବେ ସାମ୍ନା କରିଥିଲେ। ପିତା ନୌଶାଦଙ୍କ ସହ ସର୍ଫରାଜ ଦୀର୍ଘ ୧୫ ବର୍ଷଧରି କଠିନ ପରିଶ୍ରମ କରିବା ପରେ ଏହି ସଫଳତା ହାସଲ କରିଛନ୍ତି। ପିତାଙ୍କ ତତ୍ତ୍ୱାବଧାନରେ ସେ ପ୍ରତିଦିନ ୫୦୦ଟି ବଲ୍ ଖେଳିଆସିଛନ୍ତି ବୋଲି ତାଙ୍କୁ ନିକଟରେ ଦେଖିଥିବା ଜଣେ ପ୍ରଶିକ୍ଷକ କହିଛନ୍ତି। ପିତାଙ୍କ ସମେତ ଏକାଧିକ ପ୍ରଶିକ୍ଷକଙ୍କ ସହ ଅଭ୍ୟାସ କରିଛନ୍ତି। ଭୁବନେଶ୍ୱର କୁମାରଙ୍କ ପ୍ରଶିକ୍ଷକ ସଞ୍ଜୟ ରସ୍ତୋଗୀ, ମହମ୍ମଦ ସାମିଙ୍କ କୋଚ୍ ବଦରୁଦ୍ଦିନ ଶେଖ, କୁଲଦୀପ ଯାଦବଙ୍କ କୋଚ୍ କପିଳ ଦେବ ପାଣ୍ଡେ, ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷକ ସଞ୍ଜୟ ଭରଦ୍ୱାଜ ଓ ଅଭିମନ୍ୟୁ ଈଶ୍ୱରନଙ୍କ ପିତା ଆରପି ଈଶ୍ୱରନଙ୍କ ତତ୍ତ୍ୱାବଧାନରେ କଠିନ ପରିଶ୍ରମ କରିବା ସହ ଅଭ୍ୟାସ କରିଛନ୍ତି। ମୁମ୍ବାଇର ଆଜାଦ ମୈଦାନ ଓ ଅନ୍ୟ ଭେନ୍ୟୁରେ ସେ ଅଫ୍, ଲେଗ ଓ ବାମହାତୀ ସ୍ପିନରଙ୍କର ୫୦୦ ବଲ ପ୍ରତିଦିନ ଖେଳିଛନ୍ତି।

# ଲାଲାଚାନ୍ଦ ରାଜପୁତ ୟୁଏଇର ମୁଖ୍ୟ ପ୍ରଶିକ୍ଷକ

**ମୁମ୍ବଇ, ୨୧।୨(ଏଜେନ୍ସି)**

ଭାରତର ପୂର୍ବତନ ଓପନର ଲାଲାଚାନ୍ଦ ରାଜପୁତ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆସନ୍ତା ୩ ବର୍ଷ ଲାଗି ନିଯୁକ୍ ହୋଇଥିବା ରାଜପୁର ଚଳିତ ସପ୍ତାହରେ ତାଙ୍କ ପଦ ସମ୍ଭାଳିବେ। ତ୍ରିରାଷ୍ଟ୍ରୀୟ ଆଇସିସି ଦିନିକିଆ ୱାର୍ଲ୍ଡ କ୍ରିକେଟ କପ୍ ଲିଗ୍ ରାଜପୁତଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ଆସନ୍ତା ବୁଧବାର ବା ଫେବୃଆରୀ ୨୮ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ୟୁଏଇ ସହ କାନାଡା ଓ ସ୍କଟଲାଣ୍ଡ ଅଂଶଗ୍ରହଣ କରିବେ। ଏହା ପରେ ସ୍କଟଲାଣ୍ଡ ସହ ୟୁଏଇ ମଧ୍ୟ ୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ୨୦୦୭ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ରାଜପୁତ ଏହି ଦଳର ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ଏହା ପରେ ଏହି ୬୨ ବର୍ଷୀୟ ପ୍ରଶିକ୍ଷକ ଆଫଗାନିସ୍ତାନ ଜାତୀୟ ଦଳର ପ୍ରଶିକ୍ଷକ ରହି ଦଳକୁ ଟେଷ୍ଟ ମାନ୍ୟତା ଦେବାରେ ସହାୟତା କରିଥିଲେ। ୨୦୧୮ରୁ ୨୦୨୨ ମଧ୍ୟରେ ସେ ଜିମ୍ବାୱେ ଜାତୀୟ ଦଳର ପ୍ରଶିକ୍ଷକ ରହିଥିଲେ। ଘରୋଇ କ୍ରିକେଟରେ ଆସାମ ଓ ମୁମ୍ବଇ କ୍ରିକେଟ ଦଳର ପ୍ରଶିକ୍ଷକ ରହିଥିଲେ।

# ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟରେ ଓଡ଼ିଶାକୁ ୨ ପଦକ

**ଭୁବନେଶ୍ୱର, ୨୧।୨ (ସମିସ):** କେରଳରେ ଅନୁଷ୍ଠିତ ୫୮ତମ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ'ରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଓଡ଼ିଶାରୁ ପୁରୁଷ ଓ ମହିଳା ବିଭାଗରେ ୪ଜଣ ଭାଗନେଇଥିଲେ। ପୁରୁଷ ବିଭାଗରେ ସତ୍ୟଜିତ୍ ପ୍ରତିହାରୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ଫିଟ୍‌ନେସ ବର୍ଗରେ ପିଙ୍କି ବେହେରା କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ପିଙ୍କି ବିକିନ ଫିଟ୍‌ନେସରେ ୪ର୍ଥ ସ୍ଥାନରେ ରହିଥିଲେ। ଏହି ସଫଳତା ଲାଗି ଉଭୟ ପ୍ରତିଯୋଗୀଙ୍କୁ ଅଲ୍ ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏସନର ସଭାପତି ଦାଶରଥୀ ଗରାବଡ୍ଡୁ, ସାଧାରଣ ସମ୍ପାଦକ ଗୌରୀଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।



● ଆଇସିସି ଟେଷ୍ଟ ମାନ୍ୟତା

# ଶୀର୍ଷ ୨୦ରେ ଜୟସ୍ୱାଲ୍

**ଦୁବାଇ, ୨୧।୨(ଏଜେନ୍ସି)**

ଭାରତୀୟ କ୍ରିକେଟ ଦଳର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଆଇସିସି ଟେଷ୍ଟ ମାନ୍ୟତାରେ ଯଥେଷ୍ଟ ଉନ୍ନତି ହୋଇଛି। ନିକଟରେ ପ୍ରକାଶିତ ମାନ୍ୟତାରେ ଜୟସ୍ୱାଲଙ୍କର ୧୪ଟି ସ୍ଥାନରେ ଉନ୍ନତି ଘଟିଛି। ଏବେ ସେ ୧୫ତମ ସ୍ଥାନରେ ଅଛନ୍ତି। ସେ ମଧ୍ୟ ପ୍ରଥମଥର ବ୍ୟାଟିଂ ମାନ୍ୟତାରେ ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହା କେବଳ ସମ୍ଭବ ହୋଇଛି ଭାରତରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ତାଙ୍କର ଚମତ୍କାର ପ୍ରଦର୍ଶନ ଲାଗି। ଇଂଲଣ୍ଡ ବିପକ୍ଷ ପ୍ରଥମ ୩ଟି ଟେଷ୍ଟରେ ଏହି ୨୨ ବର୍ଷୀୟ ବାମହାତି ଓପନର ସଂଗ୍ରହ କରିଛନ୍ତି ୫୪୫ ରନ୍। ଏହା ମଧ୍ୟରେ ରହିଛି ଦୁଇଟି ଦ୍ୱିଶତକ। ବିଶାଖାପାଟଣାରେ ସେ ୨୦୯ ଓ ରାଜକୋଟରେ ଅପରାଜିତ ୨୧୪ ରନ୍ କରିଥିଲେ। ଏଭଳି ସଫଳତା ପାଇବାରେ ବିନୋଦ କାମ୍ବଲି ଓ ବିରାଟ କୋହଲିଙ୍କ ପରେ ତୃତୀୟ ଖେଳାଳି। ଜୟସ୍ୱାଲଙ୍କ ଏହି ସଫଳତା ବଳରେ ଭାରତ ୪୩୪ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ସର୍ବବୃହତ୍ ଟେଷ୍ଟ ବିଜୟ ହାସଲ କରିଥିଲା। ଭାରତ ମଧ୍ୟ ୨-୧ରେ ଟେଷ୍ଟ ସିରିଜ୍‌ରେ ଆଗୁଆ ରହିଥିଲା।



ବୋଲିଂରେ ଯଶପ୍ରୀତ ବୁମ୍‌ରା ପୂର୍ବପରି ପ୍ରଥମସ୍ଥାନରେ ରହିଛନ୍ତି। ରାଜକୋଟ ଟେଷ୍ଟରେ ଟେଷ୍ଟ ଜୀବନର ୫୦୦ତମ ୱିକେଟ ନେଇଥିବା ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଘରୋଇ ମାଟିରେ ଶତକ ହାସଲ କରିବା ସହ ୭ଟି ୱିକେଟ ନେଇଥିବା ରବିନ୍ଦ୍ର ଜାଡେଜା ଓ ଅଶ୍ୱିନ ଟେଷ୍ଟ ଅଲରାଉଣ୍ଡର ମାନ୍ୟତାରେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

# ରାଞ୍ଚିରେ ଟର୍ଣ୍ଣିଂ ୱିକେଟ କରାଯାଉ: ପୋପ୍

**ରାଞ୍ଚି, ୨୧।୨(ଏଜେନ୍ସି)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଆସନ୍ତା ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ଜୋରସୋରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଏବେ ସୁଦ୍ଧା ୩ଟି ଟେଷ୍ଟ ଶେଷ ହୋଇଛି। ଏଥିରେ ଭାରତ ୨-୧ରେ ଆଗୁଆ ରହିଛି। ଏଣୁ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଚତୁର୍ଥ ଟେଷ୍ଟ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏଥିରେ ଯଦି ଭାରତ ବିଜୟୀ ହୁଏ, ତେବେ ଗୋଟିଏ ମ୍ୟାଚ୍ ପୂର୍ବରୁ ଏହି ସିରିଜ୍ କବ୍‌ଜା କରିବ। ଅନ୍ୟପକ୍ଷରେ ଇଂଲଣ୍ଡ ଯଦି ବିଜୟୀ ହୁଏ ତେବେ ସିରିଜ୍‌କୁ ୨-୨ରେ ବରାବର କରିବା ସହ ପରାଜୟକୁ ଏଡ଼ାଇଯିବ। ଏଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତିବାକୁ ଜୋରଦାର ପ୍ରସ୍ତୁତି ଚଳାଇଥିବାରୁ ଏହାର ଗୁରୁତ୍ୱ ବଢ଼ିବା ସ୍ୱାଭାବିକ୍।

ଏଭଳି ସମୟରେ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ପିଚ୍ ଆରମ୍ଭରୁ ସ୍ପିନରଙ୍କୁ ସହାୟତା ଦେଲା ଭଳି କରିବାକୁ ଇଂଲଣ୍ଡର ପ୍ରମୁଖ ବ୍ୟାଟର ଓଲି ପୋପ୍ ଆହ୍ୱାନ ଦେଇ କହିଛନ୍ତି। ଭାରତ ନିକଟରେ ଭଲ ସ୍ପିନର ଅଛନ୍ତି। ଇଂଲଣ୍ଡର ଯୁବ ସ୍ପିନରମାନେ ଭାରତରେ ଭଲ ପ୍ରଦର୍ଶନ କରୁଛନ୍ତି। ଏଣୁ ଯଦି ପ୍ରଥମ ବଲ ବୋଲିଂ ହେଲାବେଳକୁ ପିଚ୍ ସ୍ପିନରଙ୍କୁ ସହାୟତା ଦିଏ, ତେବେ ଟସ୍‌ର କୌଣସି ଭୂମିକା ରହିବ ନାହିଁ। ଆରମ୍ଭରୁ ଉଭୟ ଦଳ ସ୍ପିନରଙ୍କୁ ଆରମ୍ଭରୁ ମୁକାବିଲା କରିବେ ଓ ଏହା ଉଭୟ ଦଳକୁ ସମାନ ସୁଯୋଗ ଦେବ। ମ୍ୟାଚ୍‌ଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ଯଦି ଏହା ନ ହୁଏ, ତେବେ



ପ୍ରଥମେ ବ୍ୟାଟିଂ କରିଥିବା ଦଳ ଭଲ ସ୍ଥିତିରେ ରହୁଛି ଓ ପ୍ରତିଦ୍ୱନ୍ଦ୍ୱିତା ଏକତରଫା ହୋଇଯାଉଛି। ପ୍ରଥମ ଓ ତୃତୀୟ ଟେଷ୍ଟରେ ଏଭଳି ପ୍ରଦର୍ଶନ ଦେଖିବାକୁ ମିଳିଛି। ଏଣୁ ରାଞ୍ଚି ସମେତ ବାକିଥିବା ଦୁଇଟି ଟେଷ୍ଟରେ ଯଦି ସ୍ପିନରଙ୍କୁ ସହାୟତା ଦିଆଯାଉଥିବା ପିଚ୍‌ରେ ଖେଳିବାକୁ ଦିଆଯାଏ, ତେବେ ଏହା ସମାନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପାରିବ। ଏକତରଫା ଟେଷ୍ଟ ମୁକାବିଲା ଦର୍ଶକ କିମ୍ବା ଖେଳାଳିଙ୍କୁ ମ୍ୟାଚ୍ ଉପଭୋଗ କରିବାକୁ ସୁଯୋଗ ଦେଉନାହିଁ।

ରାଞ୍ଚିରେ ଖେଳାଯିବାକୁ ଥିବା ଟେଷ୍ଟର ପିଚ୍ ସମ୍ପର୍କରେ ପୋପ୍ କହନ୍ତି, ଏହା ପୂରା ଫ୍ଲାଟ। ପିଚ୍‌ରେ ଫାଟ ରହିଛି। ଏହି ଫାଟ କେତେ ସମୟ ତିଷ୍ଠିବ ତାହାର ଭବିଷ୍ୟବାଣୀ କରାଯାଇପାରିବ ନାହିଁ। ଏହାକୁ ଚମତ୍କାର ପିଚ୍ କହିହେବ ନାହିଁ। ଏଭଳି ସ୍ଥିତିରେ ଇଂଲଣ୍ଡ ୪ ଜଣ ସ୍ପିନରଙ୍କୁ ନେଇ ଖେଳିବ କି ବୋଲି ପ୍ରଶ୍ନର ଉତ୍ତରରେ ପୋପ୍ କହନ୍ତି, ଭାରତର ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ଟେଷ୍ଟ ଖେଳୁ ନାହାନ୍ତି। ତାଙ୍କ ସ୍ଥାନ ପୂରଣ କରିବାକୁ ଭାରତ ନିକଟରେ ଅକ୍ଷର ପଟେଲଙ୍କ ରୂପରେ ଜଣେ କ୍ୱାଲିଟି ସ୍ପିନର ଅଛନ୍ତି। ଭାରତ ହୁଏତ ଅକ୍ଷରଙ୍କୁ ସାମିଲ କରି ୪ ଜଣ ସ୍ପିନର ଖେଳାଇପାରେ। ଏବେ ଅଧିନାୟକ ବେନ୍ ଷ୍ଟୋକ୍ସ ଜୋରଦାର ବୋଲିଂ ଅଭ୍ୟାସ କରୁଛନ୍ତି। ସେ ହୁଏତ ଚତୁର୍ଥ ଟେଷ୍ଟରେ ବୋଲିଂ କରିପାରନ୍ତି, କିନ୍ତୁ ଏ ସମ୍ପର୍କରେ କେବଳ ସେ ନିଷ୍ପତ୍ତି ନେବେ। ଏହା ଯଦି ସମ୍ଭବ ହୁଏ, ତେବେ ଇଂଲଣ୍ଡ ୪ଜଣ ସ୍ପିନରଙ୍କୁ ନେଇ ଖେଳିବାକୁ ଉତ୍ସାହିତ ହେବ ବୋଲି ପୋପ୍ କହିଛନ୍ତି।

### ଜୋ- ଜନି ଖେଳିବେ

ଭାରତ ନିକଟରୁ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ଲାଗି ଦୁଇଟି କାରଣ ଦର୍ଶାଯାଉଛି। ଗୋଟିଏ ହେଉଛି ଦଳର ଦୁଇ ପ୍ରମୁଖ ବ୍ୟାଟର ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ବ୍ୟାଟିଂ ବିଫଳତା। ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ବାଜ୍‌ବଲ ଶୈଳୀରେ ଖେଳ। ଦ୍ୱିତୀୟ କାରଣକୁ ଇଂଲଣ୍ଡ ଦଳ ଏତେ ସହଜରେ ଛାଡ଼ିବ ବୋଲି ଆଶା କରାଯାଉନାହିଁ। କିନ୍ତୁ ଏହି ଦୁଇ ବ୍ୟାଟରଙ୍କୁ ପରିବର୍ତ୍ତନ କରିବାକୁ ଦଳ ଉପରେ ବାହ୍ୟ ଚାପ ପଡୁଛି। ଏହାର କାରଣ ହେଲା ଭାରତ ବିପକ୍ଷରେ ଏମାନେ ଖେଳିଥିବା ୬ଟି ଲେଖାଏଁ ପାଳିରେ ରୁଟ ମାତ୍ର ୭୭ ଓ ବେୟାରଷ୍ଟୋ ୧୦୨ ରନ୍ କରିଛନ୍ତି। ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଲାଗି ଉଭୟ ଖେଳାଳି ଦାୟୀ। ଏଣୁ ସେମାନଙ୍କୁ ବାଦ୍ ଦିଆଯାଇ ଅନ୍ୟମାନଙ୍କୁ ସୁଯୋଗ ଦେବାକୁ ହେଉଥିବା ଦାବିକୁ ପୋପ୍ ଅଗ୍ରାହ୍ୟ କରିଦେଇଛନ୍ତି। ଉଭୟ ଖେଳାଳି ସେମାନଙ୍କ ଭୂମିକା ସମ୍ପର୍କରେ ଭଲ ଭାବେ ଜାଣିଛନ୍ତି ଓ ଟିମ୍ ମ୍ୟାନେଜ୍‌ମେଣ୍ଟ ଉଭୟଙ୍କୁ ସମର୍ଥନ କରୁଛନ୍ତି। ମୋ ମତରେ ରାଞ୍ଚିରେ ଉଭୟ କିମ୍ବା ଜଣେ ବଡ଼ ଇନିଂସ ଖେଳିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର